ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୧/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 11/2022 Page 16 ₹ 7.00 ★★★★★★
୪୮ଶ ଭାଗ ୨୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 287 ମୂଲ୍ୟ ₹୭/-

# ଲଘୁଚାପ ଘନୀଭୂତ

- ୧୨ ଜିଲ୍ଲାରେ ପ୍ରବଳ ବର୍ଷା
- ୧୭ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶନିବାର ଲଘୁଚାପରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହୋଇ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ଉପକୂଳ ଅତିକ୍ରମ କରିବ। ଏହାର ପ୍ରଭାବରେ ଗଜପତି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, କୋରାପୁଟ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ମଧ୍ୟ ଅଧିକ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏ ନେଇ ☞ପୃଷ୍ଠା-୨




# କଟକ ନକଲି ଔଷଧ: ଦୁଇ ଷ୍ଟକିଷ୍ଟଙ୍କ ନାଁରେ ମାମଲା

- ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍‌ର ବିକ୍ରି ଉପରେ ନିଷେଧାଦେଶ
- ନାମୀ କମ୍ପାନୀ ନାମରେ ଲାଗିଥିଲା ନକଲି କ୍ୟୁଆର୍ କୋଡ୍

**କଟକ ଅଫିସ,୧୦।୯**

ରାଜ୍ୟରେ ନକଲି ଔଷଧ କାରବାର ଏବେ ଚିନ୍ତାର କାରଣ ପାଲଟିଛି। ବିଶେଷକରି କଟକରୁ ନକଲି ଔଷଧ ରାଜ୍ୟ ତଥା ରାଜ୍ୟ ବାହାରକୁ ଯୋଗାଣ ହେଉଥିବା ଅଭିଯୋଗ ହେବା ପରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସ୍ଥାନୀୟ ୨ଟି ମେଡିସିନ ଷ୍ଟକିଷ୍ଟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକକାଳୀନ ୨ଟି ମାମଲା ଓ ପୁରୀ ଘାଟ ଥାନାରେ ୨ ମାମଲା ଦାୟର କରାଯାଇଛି। ଅଭିଯୁକ୍ତ ଷ୍ଟକିଷ୍ଟଦ୍ୱୟ ହେଲେ ଜାଉଁଳିଆପଟିର ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାରର ଭି. ଆର୍. ଡ୍ରଗ ଏଜେନ୍ସି। ନକଲ ହୋଇଥିବା ଟେଲ୍‌ମା-୪୦ ଏବଂ ଟେଲ୍‌ମା-ଏଏମ୍‌କୁ ବିକ୍ରି ବନ୍ଦ ପାଇଁ ବିଭାଗ ପକ୍ଷରୁ ନିଷେଦ୍ଧାଦେଶ ଜାରି କରାଯାଇଛି।

ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ଧର୍ମଦେବ ପୁହାଣଙ୍କ ସୂଚନା ଅନୁସାରେ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ପାଇଁ ବ୍ୟବହୃତ ହେଉଥିବା ଟେଲ୍‌ମା-୪୦ ଓ ଟେଲ୍‌ମା- ଏଏମ୍ ଟାବ୍‌ଲେଟକୁ ନକଲି କରି ବିକ୍ରି କରାଯାଉଥିଲା। ଏନେଇ ଜଣେ ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ଗତ ୭ତାରିଖରେ ଉଭୟ ଷ୍ଟକିଷ୍ଟଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରି ମେଡିସିନର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଗୋଟିଏ ମେଡିସିନର ଲୋଗୋକୁ ସମ୍ପୂର୍ଣ୍ଣ ନକଲି କରାଯାଇଥିବାବେଳେ କ୍ୟୁଆର୍ କୋଡ୍ ସ୍କାନ କରିବା ପରେ ତାହା ନକଲି ବୋଲି ପ୍ରାଥମିକ ଅବସ୍ଥାରେ ଜଣାପଡ଼ିଥିଲା। ପରେ ସେଥିରେ ବ୍ୟବହାର କରାଯାଇଥିବା ଏକ ନାମୀ କମ୍ପାନୀ ସମ୍ପର୍କରେ ଜାଣିବାକୁ ବିଭାଗ ପକ୍ଷରୁ ଚିଠି କରାଯାଇଥିଲା। ହେଲେ ଉକ୍ତ ମେଡିସିନ୍‌ଦ୍ୱୟ ସମ୍ପୃକ୍ତ କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଇ ନ ଥିବା ଚିଠିର ଉତ୍ତର ମିଳିବା ପରେ ବିଭାଗ ପକ୍ଷରୁ ଶୁକ୍ରବାର ମାମଲା ରୁଜୁ କରାଯାଇଛି। ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଷ୍ଟକିଷ୍ଟଙ୍କ ନାମରେ ୨ଟି ମାମଲା ରୁଜୁ ହୋଇଛି। ସେହିପରି ନକଲି ମେଡିସିନ ବିକ୍ରି କରି ଲୋକଙ୍କ ଜୀବନ ସହ ଖେଳାଯାଉଥିବା ଏବଂ ଏହାଦ୍ୱାରା ରୋଗୀଙ୍କ ଜୀବନ ଚାଲିଯିବାର ନିଶ୍ଚିତତା ରହିଥିବାରୁ ଏହାକୁ ସଙ୍ଗିନ ଅପରାଧ ଭାବେ ବିବେଚନା କରାଯାଇ ୨ଟି ଫୌଜଦାରି ମାମଲା ପୁରୀଘାଟ ଥାନାରେ ଦାୟର କରାଯାଇଛି। ପୂଜା ଏଣ୍ଟରପ୍ରାଇଜର୍ସ ନାମରେ କେସ୍ ନଂ. ୨୨୨/୨୦୨୨ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ପ୍ରତିବାଦ ଅଧିକାର










ରାଜାଭିଷେକ କାର୍ଯ୍ୟକ୍ରମରେ ସ୍ତ୍ରୀ କାମିଲାଙ୍କ ସହ କିଙ୍ଗ୍ ଚାର୍ଲ୍ସ ତୃତୀୟ।

ରାଜା ହେଲେ ଚାର୍ଲ୍ସ ୩ୟ

# କର୍ତ୍ତବ୍ୟ ପ୍ରତି ସମ୍ପୂର୍ଣ୍ଣ ସଚେତନ

ଲଣ୍ଡନ, ୧୦।୯

ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ପରଲୋକ ପରେ ତାଙ୍କ ବଡ଼ ପୁଅ ଚାର୍ଲ୍ସଙ୍କ ଶନିବାର ରାଜାଭିଷେକ ହୋଇଛି। ଫଳରେ କିଙ୍ଗ୍ ଚାର୍ଲ୍ସ ତୃତୀୟ ବିଧିବଦ୍ଧ ଭାବେ ବ୍ରିଟେନ ରାଜା ହୋଇଛନ୍ତି। ଲଣ୍ଡନର ସେଣ୍ଟ ଜେମ୍ସ ପ୍ରାସାଦରେ ଆୟୋଜିତ ଆସେଶନ୍ କାଉନସିଲ୍‌ର ଏହି ଐତିହାସିକ ମୁହୂର୍ତ୍ତ ପ୍ରଥମ ଥର ପାଇଁ ଟେଲିଭିଜନରେ ସିଧା ପ୍ରସାରଣ ହୋଇଥିଲା। ରାଜା ଭାବେ ଦେଶକୁ ପ୍ରଥମ ଥର ସମ୍ବୋଧନ ବେଳେ ୭୩ ବର୍ଷୀୟ କିଙ୍ଗ୍ ଚାର୍ଲ୍ସ କହିଥିଲେ, କର୍ତ୍ତବ୍ୟ ପ୍ରତି ସେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି। ପ୍ରିୟ ମା' (ଏଲିଜାବେଥ୍)ଙ୍କ ଆଦର୍ଶକୁ ଅନୁକରଣ କରି ସାରା ଜୀବନ ସେବା କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ମଧ୍ୟ ଉପସ୍ଥିତ ଥିଲେ।

ସମାରୋହରେ ଉପସ୍ଥିତ ଲୋକେ 'ଗଡ୍ ସେଭ୍ ଦ କିଙ୍ଗ୍' ଉଚ୍ଚାରଣ କରିଥିଲେ। ପରେ କିଙ୍ଗ୍ ଚାର୍ଲ୍ସ ତୃତୀୟ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଦେହାନ୍ତ ଘୋଷଣା କରିବା ସବୁଠୁ ଦୁଃଖଦାୟକ ଓ କଷ୍ଟକର। ଜୀବନବ୍ୟାପୀ ପ୍ରେମ ଏବଂ ନିଃସ୍ୱାର୍ଥପର କର୍ତ୍ତବ୍ୟ ପାଳନର ସେ ଏକ ଉଦାହରଣ। ମା'ଙ୍କ ଶାସନରେ ଅତୁଳନୀୟ ସମର୍ପଣ ଏବଂ ଶ୍ରଦ୍ଧା ରହିଥିଲା। ଶୋକବେଳେ ମଧ୍ୟ ଏହି ବିଶ୍ୱସ୍ତଜୀବନ ପାଇଁ ଧନ୍ୟବାଦ ଦେଉଛୁ। ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଜ କାନ୍ଧକୁ ନେଇ ମା'ଙ୍କ ଆଦର୍ଶ ସର୍ବଦା ସ୍ମରଣ ରହିବ। ସାମ୍ବିଧାନିକ ସରକାରକୁ ଆଗକୁ ନେବା ଏବଂ ୟୁନାଇଟେଡ୍ କିଙ୍ଗଡମ୍ ସମେତ କମନ୍‌ୱେଲ୍‌ଥ କ୍ଷେତ୍ରରେ ଶାନ୍ତି ଓ ସଦ୍‌ଭାବ ବଜାୟ କାମନା କରୁଥିବା ସେ ଏହି ଅବସରରେ କହିଥିଲେ। କିଙ୍ଗ୍ ଚାର୍ଲ୍‌ସ ତୃତୀୟଙ୍କ ସହ ତାଙ୍କ ସ୍ତ୍ରୀ ତଥା ମହାରାଣୀ କାମିଲା, ପୁଅ ତଥା ପ୍ରିନ୍ସ ଅଫ୍ ୱେଲ୍ସ ୱିଲିୟମ ନୂଆ ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ। ରାଜା ହେବା ପରେ କିଙ୍ଗ୍ ଚାର୍ଲ୍ସଙ୍କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଦଲାଇ ଲାମାଙ୍କ ସମେତ ବିଶ୍ୱନେତାମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଉପାଧି ଫେରିପାଇବେ କି ହ୍ୟାରି, ମେଘାନ



ଏଲିଜାବେଥ୍ ଦ୍ୱିତୀୟଙ୍କ ପରେ ତାଙ୍କ ବଡ଼ ପୁଅ ଚାର୍ଲ୍ସ ବ୍ରିଟେନ୍ ରାଜା ହୋଇଥିବାବେଳେ ଏବେ ପ୍ରିନ୍ସ ହ୍ୟାରି ଏବଂ ସ୍ତ୍ରୀ ମେଘାନ ମର୍କେଲଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଆଈ ମା' ଏଲିଜାବେଥ୍ ମହାରାଣୀ ଥିବାରୁ କିଙ୍ଗ୍ ଚାର୍ଲ୍ସଙ୍କ ପୁଅ ହ୍ୟାରିଙ୍କୁ ବ୍ରିଟେନ୍ ରାଜତନ୍ତ୍ର ଉପାଧି ମିଳି ନ ଥିଲା। ହେଲେ ଏବେ ବାପା ନୂଆ କିଙ୍ଗ୍ ହେବା ପରେ ହ୍ୟାରି ରୟାଲ ଟାଇଟଲ ପାଇପାରିବେ ବୋଲି କୁହାଯାଉଛି। ଚାର୍ଲ୍ସ ତାଙ୍କ ବଡ଼ ପୁଅ ତଥା ଡ୍ୟୁକ୍ ଅଫ୍ କେମ୍ବ୍ରିଜ୍ ୱିଲିୟମଙ୍କୁ ପ୍ରିନ୍ସ ୱେଲ୍ସ ଘୋଷଣା କରିଛନ୍ତି। ଏହି କ୍ରମରେ ପ୍ରିନ୍ସ ୱିଲିୟମଙ୍କ ସ୍ତ୍ରୀ କେଟ୍ ମିଡିଲ୍‌ଟନ ୱେଲ୍ସର ପ୍ରିନ୍ସେସ୍ ହୋଇଛନ୍ତି। ୨୦୧୮ରେ ଚାର୍ଲ୍ସଙ୍କ ସାନପୁଅ ହ୍ୟାରି ଆମେରିକୀୟ ଅଭିନେତ୍ରୀ ତଥା ମଡେଲ ମେଘାନ୍ ମର୍କେଲଙ୍କୁ ବିବାହ କରିଥିଲେ। ହ୍ୟାରି ଡ୍ୟୁକ୍ ଅଫ୍ ସସେକ୍ସ ହୋଇଥିବାବେଳେ ମର୍କେଲଙ୍କୁ ଡଚେସ୍ ଅଫ୍ ସସେକ୍ସ ମାନ୍ୟତା ମିଳିଥିଲା। ୨୦୨୦ରେ ଅଧିକ ଆର୍ଥିକ ସ୍ୱାଧୀନତା ପାଇଁ ଉଭୟେ ରାଜପରିବାର ଓ ରାଜକାର୍ଯ୍ୟ ଛାଡ଼ିଥିଲେ। ଉଭୟେ ଆମେରିକାର କାଲିଫର୍ନିଆରେ ରହୁଛନ୍ତି। ଏଲିଜାବେଥ୍‌ଙ୍କ ମୃତ୍ୟୁ ପରେ ତାଙ୍କ ଶେଷଦର୍ଶନ ପାଇଁ ମେଘାନ୍ ଆସି ନ ଥିଲେ। ଏହାକୁ ନେଇ କିଙ୍ଗ୍ ଚାର୍ଲ୍ସ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ରିଟେନର ଶାସନ କ୍ଷମତା ଚାର୍ଲ୍ସଙ୍କ ହାତକୁ ଆସିବା ପରେ ହ୍ୟାରି ଓ ମେଘାନ ପୁନର୍ବାର ରାଜ ପରିବାରକୁ ଫେରିପାରନ୍ତି ବୋଲି କୁହାଯାଉଛି। ହ୍ୟାରି ଓ ମେଘାନ ନ ଫେରିଲେ ବି ତାଙ୍କ ସନ୍ତାନ ରାଜ ଉପାଧି ପାଇପାରିବେ।

# ୧୫ ପ୍ରଧାନମନ୍ତ୍ରୀ ଦେଖିଛନ୍ତି ଚାର୍ଲ୍ସ

ବ୍ରିଟେନ ରାଜତନ୍ତ୍ରରେ ସର୍ବାଧିକକାଳ ଯୁବରାଜ ରହିଥିବା ଚାର୍ଲ୍ସ ଔପଚାରିକ ଭାବେ ଶନିବାର ରାଜା ଉପାଧି ପାଇଛନ୍ତି। ୭୩ ବର୍ଷ ବୟସରେ ରାଜା ହେବାରେ କିଙ୍ଗ୍ ଚାର୍ଲ୍ସ ତୃତୀୟ ହେଉଛନ୍ତି ବୟୋଜ୍ୟେଷ୍ଠ। ମା' ଏଲିଜାବେଥ୍ ଦ୍ୱିତୀୟଙ୍କ ଶାସନ କାଳରେ ସେ ବିଶ୍ୱ ନେତାଙ୍କ ଏକାଧିକ ପିଢି କାର୍ଯ୍ୟକାଳର ସାକ୍ଷୀ। ଯୁବରାଜ ରହିବା ସମୟରେ କିଙ୍ଗ୍ ଚାର୍ଲ୍ସ ତୃତୀୟ ବ୍ରିଟେନର ୧୫ ପ୍ରଧାନମନ୍ତ୍ରୀ ଏବଂ ଆମେରିକାର ୧୪ ରାଷ୍ଟ୍ରପତିଙ୍କ ଶାସନ ଦେଖିଆସିଛନ୍ତି। ଏଲିଜାବେଥ୍‌ଙ୍କ ପରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ଶାସନ କିପରି ହେବ ଏବଂ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ତାଙ୍କ ଆଭିମୁଖ୍ୟ କ'ଣ ରହିବ ତା' ଉପରେ ସମସ୍ତଙ୍କ ନଜର ରହିଛି। ବିଭିନ୍ନ ପ୍ରସଙ୍ଗରେ ଚାର୍ଲ୍‌ସଙ୍କ ନିଜସ୍ୱ ମତ ରହିଥାଏ। ଦ୍ରୁତ ଫ୍ୟାଶନ, ପାର୍କିଂ ଗ୍ୟାରେଜ, ଜୈବିକ କୃଷି ଆଦି ଉପରେ ତାଙ୍କର ଗଭୀର ଚିନ୍ତାଧାରା ରହିଛି। ବିଶ୍ୱ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକର ସାମଗ୍ରିକ ସମାଧାନ ପାଇଁ ସେ ଥିଙ୍କ୍ ଟ୍ୟାଙ୍କ୍ ଏବଂ ଅନେକ ସଙ୍ଗଠନ, ଟ୍ରଷ୍ଟ ଆଦି ଗଠନ କରିଛନ୍ତି। ଜଣେ ଗଭୀର ଚିନ୍ତନଶୀଳ, ପରିବେଶ ପ୍ରେମୀ ଏବଂ ସମ୍ବେଦନଶୀଳ ବ୍ୟକ୍ତି ଭାବେ ମଧ୍ୟ ଚାର୍ଲ୍ସ ଜଣା। ଗତ ବର୍ଷ ଗ୍ଲାସ୍‌ଗୋରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍୨୬ରେ ଯୋଗଦେଇ ଚାର୍ଲ୍ସ ପରିବେଶ ସୁରକ୍ଷା ଦିଗରେ ବିଶ୍ୱନେତାଙ୍କ କାର୍ଯ୍ୟ ପର୍ଯ୍ୟାପ୍ତ ନୁହେଁ ବୋଲି ମତ ରଖିଥିଲେ।

# ଏଲିଜାବେଥ୍‌ଙ୍କ ପରେ ମାର୍ଗାରେଟ୍

**ୟୁରୋପର ସର୍ବାଧିକ କାଳ ଶାସନରେ ଥିବା ସମ୍ରାଜ୍ଞୀ**

କୋପେନ୍‌ହାଗେନ, ୧୦।୯

ଏଲିଜାବେଥ୍ ଦ୍ୱିତୀୟଙ୍କ ପରଲୋକ ପରେ ଏବେ ଡେନ୍‌ମାର୍କର କୁଇନ୍ ମାର୍ଗାରେଟ୍ ଦ୍ୱିତୀୟ ୟୁରୋପର ସର୍ବାଧିକ କାଳ ଶାସନରେ ଥିବା ମହାରାଣୀ ହୋଇଛନ୍ତି। ବାପା ଫ୍ରେଡ୍ରିକ୍ ନବମଙ୍କ ମୃତ୍ୟୁ ପରେ ୧୯୭୨ରେ ମାର୍ଗାରେଟ୍ ୩୧ ବର୍ଷ ବୟସରେ ମହାରାଣୀ ହୋଇଥିଲେ। ମାର୍ଗାରେଟ୍ (୮୨) ୫୦ ବର୍ଷ ହେଲା ଡେନ୍‌ମାର୍କ କୁଇନ୍ ରହିଛନ୍ତି। କିଛି ଦିନ ମଧ୍ୟରେ ଡେନ୍‌ମାର୍କ ମହାରାଣୀଙ୍କ ପାଇଁ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯୋଜନା କରିଥିଲେ ହେଁ ଏଲିଜାବେଥ୍ ଦ୍ୱିତୀୟଙ୍କ ଦେହାନ୍ତ ପରେ ତାହାକୁ ସ୍ଥଗିତ ରଖାଯାଇଛି।



## ଶେଷକୃତ୍ୟରେ ସାମିଲ ହେବେ ବାଇଡେନ୍

ୱାଶିଂଟନ୍, ୧୦।୯

ବ୍ରିଟେନ ମହାରାଣୀ ଏଲିଜାବେଥ୍‌ଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯୋଗଦେବେ ବୋଲି କହିଛନ୍ତି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ସହ ଏ ଯାଏ କଥା ହୋଇ ନ ଥିବା ବାଇଡେନ୍ କହିଛନ୍ତି। କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ବିବରଣୀ ଜଣା ନାହିଁ। ତେବେ ମହାରାଣୀଙ୍କ ସତ୍କାରରେ ସେ ଯୋଗଦେବେ ବୋଲି ପ୍ରକାଶ କରିଛନ୍ତି। ଆସନ୍ତା ୧୯ ତାରିଖରେ ୱେଷ୍ଟମିନ୍‌ଷ୍ଟର ଆବେରେ ମହାରାଣୀଙ୍କ ଶେଷକୃତ୍ୟ ଅନୁଷ୍ଠିତ ହେବ ବୋଲି ବକିଂହାମ୍ ପ୍ୟାଲେସ ପକ୍ଷରୁ ଶନିବାର କୁହାଯାଉଛି। ଏହି ଚର୍ଚ୍ଚରେ ଏଲିଜାବେଥ୍ ଦ୍ୱିତୀୟ ବ୍ରିଟେନ ମହାରାଣୀ ମୁକୁଟ ପିନ୍ଧିଥିଲେ।

# ଚାର୍ଲ୍ସଙ୍କ ସହ ଓଡ଼ିଶା ଜଡ଼ିତ

ପିପିଲି/ନିମାପଡ଼ା,୧୦।୯(ଡି.ଏନ୍.ଏ.)

ବ୍ରିଟେନ ରାଣୀ ଦ୍ୱିତୀୟ ଏଲିଜାବେଥଙ୍କ ମୃତ୍ୟୁ ହେବା ପରେ ତାଙ୍କ ଉତ୍ତରାଧିକାରୀ ବଡ଼ ପୁଅ ପ୍ରିନ୍ସ ଚାର୍ଲ୍ସ ତୃତୀୟ ରାଜଗାଦି ସମ୍ଭାଳିଛନ୍ତି। ପ୍ରିନ୍ସ ଚାର୍ଲ୍ସ ଶନିବାର ରାଜାଭିଷେକ ହୋଇ ରାଜା ଦାୟିତ୍ୱ ନେଇଥିବାବେଳେ ବିଶ୍ୱ ସମେତ ଓଡ଼ିଶାରେ ମଧ୍ୟ ଖୁସିର ଲହରି ଖେଳିଯାଇଛି। ବିଶେଷ କରି ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତଥା ପିପିଲି ସୀମାନ୍ତରେ ଥିବା ହରିପୁର ଗ୍ରାମର ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଛନ୍ତି। କାରଣ ଏହି ଗ୍ରାମକୁ ବ୍ରିଟେନ୍ ରାଜା ପ୍ରିନ୍ସ ଚାର୍ଲ୍ସ ଆସିଥିଲେ। ଏଠାରେ କିଛି ସମୟ ବିତାଇ ଲୋକଙ୍କ ସହ ଭାବବିନିମୟ କରିଥିଲେ।

ସୂଚନାଥାଉ କି, ୧୯୭୮ ମସିହାରେ ଓଡ଼ିଶା ସରକାର ହରିପୁର ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ରୂପେ ଘୋଷଣା କରିଥିଲେ। ତେବେ ଏହାର ଠିକ୍ ଦୁଇ ବର୍ଷ ପରେ ୧୯୮୦ ଡିସେମ୍ବର ୪ରେ ଯୁବରାଜ ପ୍ରିନ୍ସ ଚାର୍ଲ୍ସ ଓଡ଼ିଶା ଗସ୍ତରେ ଆସି ଏକ ଗ୍ରାମର କଳା, ସଂସ୍କୃତି ଓ ଚାଲିଚଳଣ ଦେଖିବା ପାଇଁ ଓଡ଼ିଶା ସରକାରଙ୍କୁ ଜଣାଇଥିଲେ। ସେହି ଅନୁସାରେ ହରିପୁର ଆଦର୍ଶ ପଞ୍ଚାୟତ ହୋଇଥିବାରୁ ହରିପୁର ଗ୍ରାମକୁ ପରିଭ୍ରମଣରେ ଆସିଥିଲେ। ହରିପୁରକୁ ଯିବା ପୂର୍ବରୁ ଚାର୍ଲ୍ସଙ୍କୁ ପ୍ରଥମେ ପିପିଲି ନିକଟରେ ଏକ ଭବ୍ୟ ସ୍ୱାଗତ କରାଯାଇଥିଲା। ଚାର୍ଲସଙ୍କୁ ଏକ ସୁସଜ୍ଜିତ ଚାନ୍ଦୁଆ ପାଲିଙ୍କି ଥିବା ହାତୀରେ ବସାଯାଇ କିଛିବାଟ ପର୍ଯ୍ୟନ୍ତ ନିଆଯାଇଥିଲା। ସେ ସମୟରେ ତତ୍କାଳୀନ ପୁରୀ ଜିଲାପାଳ ଅଶୋକ ଦାସ ଯୁବରାଜ ଚାର୍ଲ୍ସଙ୍କୁ ଗ୍ରାମର ବିଭିନ୍ନ ସ୍ଥାନକୁ ବୁଲି ଦେଖାଇଥିଲେ। ବୁଲିବା ବେଳେ ନଡ଼ିଆ ଗଛ ଚଢ଼ିବା, ଧାନ ଅମଳ କରିବା, ଖୋଟି ଦେବା, ଶଗଡ଼, ଢିଙ୍କି କୁଟିବା, ଟୋକେଇ ବୁଣା ସମେତ ଗାଁର ଚାଲିଚଳଣ ପ୍ରିନ୍ସ ଚାର୍ଲ୍ସ ଦେଖିଥିଲେ। ଏଥିସହ ଗ୍ରାମରେ ପୂଜା ପାଉଥିବା ଶ୍ରୀ ଶ୍ରୀ ଗୋପୀନାଥଙ୍କ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଏପରିକି ଗ୍ରାମବାସୀଙ୍କ ସହ ବିଶେଷ କିଛି ଆଲୋଚନା କରିବା ସହିତ ପଇଡ଼ ମଧ୍ୟ ପିଇଥିଲେ। ପ୍ରିନ୍ସ ଚାର୍ଲ୍ସଙ୍କ ହରିପୁରକୁ ଆସିବାର ଏହିସବୁ ସ୍ମୃତିକୁ ଗ୍ରାମର ସାମାଜିକ କର୍ମୀ ସୋମନାଥ ଦାଶ ବିବରଣୀ ପ୍ରଦାନ କରିବା ସହ ଖୁସିବ୍ୟକ୍ତ କରିଥିଲେ। ବର୍ତ୍ତମାନ ଚାର୍ଲସ ରାଜା ହେବାର ଶୁଣି ପ୍ରାୟ ୪୨ ବର୍ଷର ପୁରୁଣା ସ୍ମୃତିକୁ ଗ୍ରାମବାସୀ ମନେପକାଇ ଖୁସି ହୋଇଥିଲେ। ଏପରିକି ସାମାଜିକ କର୍ମୀ ଦାଶଙ୍କ ନେତୃତ୍ୱରେ ଗ୍ରାମବାସୀ ଗୋପୀନାଥଙ୍କ ନିକଟରେ ଦୀପଦାନ କରି ରାଜାଙ୍କ ମାଆ ଏଲିଜାବେଥଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପ୍ରିନ୍ସ ଚାର୍ଲ୍ସଙ୍କ ଦୀର୍ଘାୟୁ କାମନା କରିଛନ୍ତି। ରାଜା ହେବା ପରେ ଚାର୍ଲ୍ସ ପୁଣିଥରେ ଗ୍ରାମକୁ ଆସିବା ନେଇ ଗ୍ରାମବାସୀ ଆଶାବାଦୀ ରହିଛନ୍ତି। ସେହିଭଳି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ସେହି ସମୟରେ ମୁଁ କଲେଜରେ ପଢୁଥାଏ। ପ୍ରିନ୍ସ ଚାର୍ଲ୍ସ ହରିପୁର ଗ୍ରାମକୁ ଆସିଥିବା ଖବରପାଇ ଆମେ ଶତାଧିକ ସାଙ୍ଗ ସାଇକେଲରେ ହରିପୁର ଯାଇ ତାଙ୍କୁ ଦେଖିଥିଲୁ। ସେହି ସମୟରେ ସ୍ମୃତି ଏବେ ଚାର୍ଲ୍ସଙ୍କ ରାଜା ହେବା ପରେ ମନେ ପଡ଼ିଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

**୧୯୮୦ରେ ହରିପୁର ଆସିଥିଲେ**





ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।
ରଶ୍ମିବାଳା ବେହେରା
ସରପଞ୍ଚ, ଗୋବିନ୍ଦପୁର ଗ୍ରାମପଞ୍ଚାୟତ, ଖଇରା ବ୍ଲକ୍

'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ସମସ୍ତ ସଭ୍ୟସଭ୍ୟା, ଋଣ ଗ୍ରହୀତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଅଭିମନ୍ୟୁ ସ୍ୱାଇଁ
ସଭାପତି, ଶ୍ରୀଜଗନ୍ନାଥ ସେବା ସମବାୟ ସମିତି
ଭଗବାନପୁର, ଧାମନଗର, ଭଦ୍ରକ

ଦୈନିକ ଓଡ଼ିଆ ନିରପେକ୍ଷ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା, ଶୁଭେଚ୍ଛୁ ଓ ଧାମନଗର ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ବନମାଳୀ ବାରିକ
ଆଇଆଇସି, ଧାମନଗର, ଭଦ୍ରକ

ଦୈନିକ ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ଶୁଭ ମନାସିବା ସହ ଦୋବଲ ନଂ. ୧୧ ଜୋନର ସମସ୍ତ ଜନସାଧାରଣ ଓ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଉର୍ମିଳା ବିଶ୍ୱାଳ
ଜିଲ୍ଲା ପରିଷଦ ସଦସ୍ୟା
ଦୋବଲ ଜୋନ୍ ନଂ. ୧୧
ଧାମନଗର, ଭଦ୍ରକ

'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ସେବା ସମବାୟ ସମିତିର ସମସ୍ତ ସଭ୍ୟସଭ୍ୟା ଓ ଚାଷୀ ଭାଇମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଦେବାଶିଷ ମହାନ୍ତି
ସଭାପତି, ଧାମନଗର ସେବା ସମବାୟ ସମିତି
ଧାମନଗର, ଭଦ୍ରକ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଧାମନଗର ବ୍ଲକ୍‌ର ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା । ଈଶ୍ୱରଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଶେଖ ସାମସୁଦ୍ଦିନ
ସିଆର୍‌ସିସି, ଖଡ଼ିପଦା ଓ ଧାମନଗର ଫିଡର କ୍ଲଷ୍ଟର

ଓଡ଼ିଶାର ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ସମସ୍ତ ଜନସାଧାରଣ ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଅଶୋକ କୁମାର ପଣ୍ଡା
ସରପଞ୍ଚ, ଦୋବଲ ଗ୍ରାମପଞ୍ଚାୟତ
ଧାମନଗର, ଭଦ୍ରକ

ନିରପେକ୍ଷ ଦୈନିକ 'ଧରିତ୍ରୀ' ଖବରକାଗଜର ବାର୍ଷିକ ଉତ୍ସବ ଅବସରରେ ଦୋବଲ ସେବା ସମବାୟ ସମିତିର ସମସ୍ତ ଋଣ ଗ୍ରହୀତା, ଚାଷୀ ଓ ସମିତି ସଦସ୍ୟମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ବଟକୃଷ୍ଣ ନାୟକ
ସଭାପତି, ଦୋବଲ ସେବା ସମବାୟ ସମିତି
ଦୋବଲ, ଧାମନଗର, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଆନନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ।

ମୀନା ମାଝୀ
ସରପଞ୍ଚ, ଆନନ୍ଦପୁର ଗ୍ରାମପଞ୍ଚାୟତ
ଧାମନଗର

ଓଡ଼ିଶାର ଘରେ ଘରେ ପରିଚିତ ଦୈନିକ ଓଡ଼ିଆ ଲୋକପ୍ରିୟ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ଜିଲା ପରିଷଦ ଜୋନ୍‌ର ବୁଦ୍ଧିଜୀବୀ, ସଚେତନ ଜନସାଧାରଣ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଟୁନିବାଳା ବିଶ୍ୱାଳ
ଜିଲ୍ଲା ପରିଷଦ ଉପାଧ୍ୟକ୍ଷା
ଭଦ୍ରକ, ଧାମନଗର

ଓଡ଼ିଶାର ଘରେ ଘରେ ଲୋକପ୍ରିୟ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଦୋବଲ ଗ୍ରାମପଞ୍ଚାୟତର ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଟୁନିଲତା ସାହୁ
ସମିତି ସଭ୍ୟା, ଦୋବଲ ଗ୍ରାମପଞ୍ଚାୟତ
ଦୋବଲ, ଧାମନଗର, ଭଦ୍ରକ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୧/୨୦୨୨ | Bhubaneswar, Sunday, September 11/2022 | ପୃଷ୍ଠା-୧


# ଆୟୋଜକ ସହର ଲୋଗୋ ଉନ୍ମୋଚିତ




କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଆୟୋଜକ ସହର ଲୋଗୋ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

**ଭୁବନେଶ୍ୱର,୧୦।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତରେ ପ୍ରଥମଥର ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ପାଇଁ ଓଡ଼ିଶା ଗୋଟିଏ ପାଦ ଆଗକୁ ବଢ଼ିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆୟୋଜକ ସହର(ହୋଷ୍ଟ ସିଟି)ର ଲୋଗୋ ଉନ୍ମୋଚନ କରିଛନ୍ତି। ଏହି ମେଗା ପ୍ରତିଯୋଗିତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଗୋଆ, ମହାରାଷ୍ଟ୍ର ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବ। ଓଡ଼ିଶା କ୍ରୀଡ଼ା ଜଗତରେ ଏକ ଶକ୍ତିଶାଳୀ ବ୍ରାଣ୍ଡ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ମହିଳା ବିଶ୍ୱକପ୍ ଆୟୋଜନ ସୁଯୋଗ ରାଜ୍ୟ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ଲୋଗୋ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଆୟୋଜକ ସହରର ଲୋଗୋ ଉନ୍ମୋଚନ ରାଜ୍ୟ ପାଇଁ ଏକ ମାଇଲଖୁଣ୍ଟ। ଏହା ମହିଳା ଫୁଟ୍‌ବଲରେ ଆମର ପ୍ରଗତିକୁ ଦର୍ଶାଉଛି। ସମଗ୍ର ବିଶ୍ୱର ପ୍ରତିଭାବାନ୍ ଯୁବ ଖେଳାଳି ମାନେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଥିବାରୁ ଏହା ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି। ଭାରତୀୟ ଦଳ ଏହାର ସମସ୍ତ ଲିଗ୍ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଭାରତୀୟ ମହିଳା ଖେଳାଳିମାନେ ପ୍ରଥମଥର କୌଣସି ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବାରୁ ଦର୍ଶକମାନେ ବିପୁଳ ସଂଖ୍ୟାରେ ଯୋଗଦେଇ ଫୁଟ୍‌ବଲରମାନଙ୍କୁ ଉତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍ ୨୦୨୨ର ଅଫିସିଆଲ ଲୋଗୋ ସହ ଆୟୋଜକ ସହର ଲୋଗୋକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଲୋଗୋରେ ରାଜ୍ୟର କଳା, ଭାସ୍କର୍ଯ୍ୟ, ଦୃଢ଼ କ୍ରୀଡ଼ା ଇତିହାସ ଏବଂ ପ୍ରାକୃତିକ ସୁନ୍ଦରତାକୁ ସ୍ଥାନ ଦିଆଯାଇଛି।

ଏହି ଅବସରରେ ସ୍କୁଲ ଛାତ୍ରୀମାନଙ୍କ ପାଇଁ ଏକ ଫୁଟ୍‌ବଲ ସମାରୋହର ଆୟୋଜନ କରାଯାଇଥିଲା। ବିଭିନ୍ନ ସ୍କୁଲର ଛାତ୍ରୀମାନଙ୍କୁ ଓଡ଼ିଶା ଫୁଟ୍‌ବଲ ସଂଘର ☞ପୃଷ୍ଠା-୨

> “ କ୍ରୀଡ଼ା ଜଗତରେ ଶକ୍ତିଶାଳୀ ବ୍ରାଣ୍ଡ ଭାବରେ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।
> **-ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

# କ୍ଷୁଦ୍ର ଚଳଚ୍ଚିତ୍ରରେ ଜଗନ୍ନାଥଙ୍କୁ ଅସମ୍ମାନ

## ନିର୍ଦ୍ଦେଶିକାଙ୍କ ନାମରେ ଥାନାରେ ଏତଲା

**ଯାଜପୁର ଅଫିସ,୧୦।୯**

ଓଟିଟି ପ୍ଲାଟ୍‌ଫର୍ମ ଡିଜ୍‌ନି ପ୍ଲସ୍ ହଟ୍ ଷ୍ଟାରରେ ପ୍ରସାରିତ ହିନ୍ଦୀ ଶଟ ଫିଲ୍ମ 'ମିଆଁ ବିବି ଔର ବାନାନା'ରେ ଜଗତର ନାଥ ଜଗନ୍ନାଥଙ୍କୁ ଅସମ୍ମାନିତ କରାଯାଇଛି। ଏହି ମର୍ମରେ ବ୍ୟାସନଗର ଭୋକେଶନାଲ କଲେଜର ଅଧ୍ୟାପକ ଦେବୀ ପ୍ରସାଦ ଦାସ ଯାଜପୁର ରୋଡ୍ ଥାନାର ସିଟିଜେନ ପୋର୍ଟାଲରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ୨୦ ମିନିଟ ଅବଧି ବିଶିଷ୍ଟ 'ମିଆଁ ବିବି ଔର ବାନାନା' କମେଡି ଫିଲ୍ମ ୨୦୧୯ରେ ରିଲିଜ୍ ହୋଇଥିଲା। ନୀନା ଶ୍ରୀବାସ୍ତବ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଥିବାବେଳେ ଫିଲ୍ମଟି ସାନିଟାରୀ ନାପ୍‌କିନ ଉପରେ ଆଧାରିତ




ହୋଇଛି। ଏହି ଫିଲ୍ମରେ ଏକ ମଶାର ନାମ ଜଗନ୍ନାଥ ରହିଛି। ଏପରି କି ଷ୍ଟୋରୀକୁ ବର୍ଣ୍ଣନା କରୁଥିବା ଜଣେ ମହିଳା ନିଜକୁ ଜଗନ୍ନାଥଙ୍କ ବିଧବା ନାରାୟଣୀ ଭାବେ ପରିଚୟ ଦେଉଛନ୍ତି। ଏହି ଷ୍ଟୋରୀରେ ଯେଉଁସବୁ ସଂଳାପ ରହିଛି ସେଗୁଡ଼ିକ ଅତ୍ୟନ୍ତ ଅସହ୍ୟନିୟ। ଜଗନ୍ନାଥ ହେଉଛନ୍ତି ଆମର ଆରାଧ୍ୟ ଦେବତା। ଏଭଳି ଉଚ୍ଚାରଣ ସାରା ଓଡ଼ିଶା ଏବଂ ବିଶ୍ୱବାସୀଙ୍କୁ ଆଘାତ ଦେଇଛି। ଆମ୍ଭର ଭଗବାନଙ୍କୁ ଏପରି ଭାବେ ଅସମ୍ମାନ ଦେବା କାହାରି ଅଧିକାର ନାହିଁ ବୋଲି ଦାସ ନିଜର ଅଭିଯୋଗରେ ଦର୍ଶାଇବା ସହ ସମ୍ପୃକ୍ତ ଫିଲ୍ମର ନିର୍ଦ୍ଦେଶିକା ଶ୍ରୀବାସ୍ତଵଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଯଦି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଫିଲ୍ମ ନିର୍ମାତାଙ୍କ ବିରୋଧରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ସେଭଳି ଅଭିଯୋଗ ଉପରେ କୌଣସି ମାମଲା କିମ୍ବା ଡାଏରୀ ହୋଇପାରେ ନାହିଁ ବୋଲି କହିଛନ୍ତି।

# ଅଜଣା ରୋଗ: ଆଉ ଜଣଙ୍କର ମୃତ୍ୟୁ

## ହଳଦୀକୁଣ୍ଡ ଗ୍ରାମରେ ଆତଙ୍କ

- ୧୨ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା
- ରକ୍ତ, ମଦ ଏବଂ ଜଳନମୁନା ସଂଗ୍ରହ

**ମାଲକାନଗିରି/ମାଥିଲି, ୧୦।୯ (ଡି.ଏନ.ଏ.)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ହଳଦୀକୁଣ୍ଡ ଗ୍ରାମରେ ଦେଖାଦେଇଥିବା ଅଜଣା ରୋଗରେ ଶନିବାର ଜଣକର ମୃତ୍ୟୁ ହୋଇଛି। ଫଳରେ ମୃତ୍ୟୁସଂଖ୍ୟା ୧୨ ରେ ପହଞ୍ଚିଛି। ମୃତକ ହେଲେ ହଳଦୀକୁଣ୍ଡ ଗ୍ରାମର ଆଇତା ମାଡକାମୀ। କିଛି ଦିନ ତଳେ ଆଇତାଙ୍କ ଗୋଡ ହାତ ଫୁଲିବା ସହ ତାଙ୍କୁ ଜ୍ୱର ହୋଇଥିଲା। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଆଇତା ଚିକିତ୍ସା ପାଇଁ ଡାକ୍ତରଖାନା ଯାଇ ନ ଥିଲେ। ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଡାକ୍ତରୀ ଟିମ୍ ଆକ୍ରାନ୍ତଙ୍କଠାରୁ ରକ୍ତନମୁନା ସଂଗ୍ରହ କରିଛି। ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ମଧ୍ୟ ଆକ୍ରାନ୍ତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପରାମର୍ଶ ଦେଇଛନ୍ତି। ଆଇତାଙ୍କ ମୃତ୍ୟୁ ପରେ ଅଜଣା ରୋଗରେ ମୃତ୍ୟୁ ସଂଖ୍ୟା ୧୨ରେ ପହଞ୍ଚିଛି। କିନ୍ତୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। କେବଳ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଖବର ପ୍ରକାଶ ପରେ ମାଥିଲି ସବଡିଭିଜନ ମେଡିକାଲ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ମେଡିକାଲ ଅଧିକାରୀ ଡାକ୍ତର ଅମୀୟ ସ୍ୱାଇଁଙ୍କ ନେତୃତ୍ୱରେ ଆକ୍ରାନ୍ତ ☞ପୃଷ୍ଠା-୨



ଧରିତ୍ରୀର
'ଅତୁଟ ବନ୍ଧନ ରାଖୀ ବାର୍ତ୍ତା ପ୍ରତିଯୋଗିତା-୨୦୨୨'ର
ଭାଗ୍ୟଶାଳୀ ବିଜେତାମାନଙ୍କ ତାଲିକା
☞ପୃଷ୍ଠା-୩







Where stories come alive of
**happy bonds** and **beautiful homes**

Raymond Home

bed sheets | towels | bathrobes | pillows | dohars | carpets | curtains | cushions | blankets | quilts | shawls

**The Raymond Shop:** Angul • Balasore • Bargarh • Baripada • Berhampur • Bhadrak • Bhubaneswar • Cuttack • Jajpur Road • Jatni • Jharsuguda • Paralakhemundi • Rourkela • Sambalpur

**Find Us At: The Raymond Shop And All Leading Furnishing Stores**

**Angul:** Aavaran • Navyam Retails • Nupur • SNK Royale • Shiv Supply Agency • Sajawat • **Balanda :** Garg Handloom & Textiles • **Balangir** • Dindayal & Co. • **Balasore** • Hariyana Handloom • Haryana Handloom Interiors & Decors • Rajasthani Handlooms • Sri Mandir Garments • Hariyana Handloom • Haryana Handloom Interiors & Decors • Rajasthani Handlooms • Sri Mandir Garments • Hariyana Handloom •haryana Handloom Interiors & Decors • Rajasthani Handlooms • Sri Mandir Garments **Balichandrapur** • Shankarlal Mahavir Prasad • **Bargarh** • Bombay Cut Piece Centre • M.G. Fashion • Prakash Store **Baripada** Bombay Store • Hariyana Handloom • Navyam Retails • Radhika **Berhampur** • Nageswar Textile • New Haryana Handloom • Queens Collection Nx • Himalaya Handloom • **Bhadrak** Jagdamba Garments • Lokpriya • Maa Tarini • Jaga Kalia TextilesSuvadra Textiles • Haryana Handlooms **Bhanjanagar** • Panchanana Saree House & Sagar DressesTripathy Fabrics • **Bhawanipatna** • Jain Cloth EmporiumPooja Cloth • Sajawat • **Bhuban** Sri Krishna • Rajhans **Bhubaneswar** Bichhona Ct •Chinmaya Traders • Choudhury Enterprises Furnishing House • Handloom House • Hariyana Home Furnishing • Opulent Décor • Haryana Handlooms Emporium • Jhilimili Textile Pvt. Ltd. • Kalamandir Patia • Kalamandir Royale(BNB) • Kara Retail • Khadi Mandir • Maa Tarini Bastralaya • Narula Sarees & Readymade • New Haryana Handloom • Pearl Furnishings • Prusty Fashion • V.B. & Sons • Urban Furnishers •Amber • **Chhatia** • Ashoka Garments • **Cuttack** • Anshika •Balmukund Hargovind • Bhagabat Enterprises • Bhartia Distributors Private Ltd. • BRM Furnishing World • Care Point • Gaurav•Genx•Himalaya Handloom House•Home Decor Supply Mart • Mohini • Queens Collections Nx • Raghav Textile • Renu Store • **Daspalla** • Chandini • **Deogarh** • Rajhans Textiles **Dhenkanal** • HaryanaHandloom House • Sagar Saree Centre • **Jagatsinghpur** • Khuntia & Khuntia • Khuntia Enterprises • Suryamandir Fashion Bazar • **Jarka** • Shreeman Shreemati • Shyam Sundar Fancy Store • Shreeman Shreemati • Shyam Sundar Fancy Store • **Jatni** • Shree Mandir • **Jeypore** • Sangeeta • **Jharsuguda** • Fashion Clothing • Punjab Cloth Store • Grihalaxmi • Mundra Vastralaya • The Bharat Super Market • Fashion Clothing • Punjab Cloth Store • Grihalaxmi •Mundra Vastralaya • The Bharat Super Market• Geeta Fabrics • Fashion Clothing • Punjab Cloth Store • Grihalaxmi • Mundra Vastralaya • The Bharat Super Market • Geeta Fabrics • **Junagarh** • Poonams Cloth Store • **Kantabanjhi** • S.K Kishanlal & Co. • **Karanjia** •Mangilal Gouri Shankar • **Kendrapara** • Fashion Mayur Saree • Fashion Mayuri Nx • Jayashree Saree Center • Mayuri Decor • **Keonjhar** • Anita Textiles • Haryana Handloom & Co. • Paradise Textiles • Haryana Handloom & Co. • Paradise Textiles Radhika • **Khelar** • Managovinda • **Koraput** • Mayuri Silk House • **Madhuban** • Chandan Cloth Store • **Nabarangpur** • Parasnath Emporium • **Nayagarh** • Ashoka • Guru Fashion • **Nichintakoili** • Kanha Agency • **Nimapara** • Sardar Fancy Cloth House • **Paradeep** • Khuntia & Khuntia • **Paralakhemundi** • Baratam Shopping Mall • **Phulbani** • Ashok Cloth Store • Shree Mandir Cloth Store • **Puri** • City Fashion • **Rahama** • Gajalaxmi Enterprises • **Rayagada** • krishna Mohan Enterprises • **Rayagadarayagada** • L. N. Sahoo & Co. • **Rourkela** • Ghar Sansar Mart • **Salepur** • Mayuri • **Salipur** • Shibani Saree Emporium • **Sambalpur** • Manjit Cloth Store • Silkocot • **Singhpur** • Dhal Brothers • **Soro** • Mangaldeep • **Talcher** • My Style

# ଖୁବ୍‌ଶୀଘ୍ର ଆର୍‌ଭିଏସ୍‌ଏଫ୍‌ ନୀତି



- ରାସ୍ତାରୁ ହଟିବ ପୁରୁଣା ଯାନବାହନ
- ରୋଡ୍ ଟ୍ୟାକ୍ସ ଉପରେ ମିଳିବ ରିହାତି
- ନୂଆ ଗାଡ଼ି କିଣିଲେ ୫ ପ୍ରତିଶତ ଛାଡ଼
- କମ୍ପାନୀକୁ ଫାଇଦା, ଗରିବଙ୍କୁ ବୋଝ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ସଡ଼କ ସୁରକ୍ଷା ଏବଂ ପରିବେଶ ସୁଧାରିବା ପାଇଁ ୧୫ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଯାନବାହନ ଚଳାଚଳ ବନ୍ଦ ହେବ। ପର୍ଯ୍ୟାୟକ୍ରମେ ପୁରୁଣା ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଯିବ। ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ସାନ୍ତ୍ୱନା ଦେବା ପାଇଁ ରାଜ୍ୟ ସରକାର ସ୍ୱଳ୍ପ ଟଙ୍କା ପ୍ରଦାନ କରିବେ। କେନ୍ଦ୍ର ସରକାରଙ୍କ ନୀତି ଆଧାରରେ ପୁରୁଣା ଗାଡ଼ିଗୁଡ଼ିକୁ ହଟାଇବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ରେଜିଷ୍ଟର୍ଡ ଭେହିକଲ ସ୍କ୍ରାପିଂ ଫାସିଲିଟି (ଆର୍‌ଭିଏସ୍‌ଏଫ୍) ନୀତି ଆଣିବାକୁ ଯାଉଛନ୍ତି। ଏ ନେଇ ଶିଳ୍ପ ବିଭାଗ ପକ୍ଷରୁ ଏକ ଚିଠା ନୀତି ପ୍ରସ୍ତୁତ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ନୂତନ ନୀତି ଦ୍ୱାରା ଯାନ ମାଲିକ ଓ ଆର୍‌ଭିଏସ୍‌ଏଫ୍ ସ୍ଥାପନ ପାଇଁ ଆଗ୍ରହୀ ସଂସ୍ଥାକୁ ରାଜ୍ୟ ସରକାର ରିହାତି ପ୍ରଦାନ କରିବେ। ଯେଉଁ ମାଲିକ ପୁରୁଣା ଗାଡ଼ି ସ୍କ୍ରାପ୍ କରିବାକୁ ଚାହିଁବେ ଅଣପରିବହନ ଗାଡ଼ି ପାଇଁ ରୋଡ୍ ଟ୍ୟାକ୍ସରେ ୨୫% ଏବଂ ପରିବହନ ଯାନଗୁଡ଼ିକ ପାଇଁ ୮ ବର୍ଷ ସକାଶେ ୧୫% ଟିକସ ଛାଡ଼ କରାଯିବ। ଏହାଛଡ଼ା ଗାଡ଼ି ମାଲିକଙ୍କୁ ସ୍କ୍ରାପ୍ ମୂଲ୍ୟର ୬ ପ୍ରତିଶତ ନୂଆ ଗାଡ଼ିର ଏକ୍ସ ଶୋ'ରୁମ୍ ପ୍ରାଇସ୍‌ରେ ରିହାତି ମିଳିବ। ଏଥିସହିତ ନୂଆ ଗାଡ଼ି କିଣିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍କ୍ରାପିଂ ସାର୍ଟିଫିକେଟ ଉପରେ ଯାନ ନିର୍ମାତାମାନେ ୫ ପ୍ରତିଶତ ରିହାତି ପ୍ରଦାନ କରିବାକୁ ଏହି ନୀତିରେ ପରାମର୍ଶ ଦେବା ବ୍ୟବସ୍ଥା ହୋଇଛି। ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଅନୁଯାୟୀ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ନିଜର ଗାଡ଼ିକୁ ସ୍କ୍ରାପିଂ ପାଇଁ ଦେବେ ସେମାନଙ୍କର ଟିକସ ବକେୟା ଉପରେ ୯୦% ପର୍ଯ୍ୟନ୍ତ ଛାଡ଼ କରାଯିବ। ଏହି ନୀତିରେ ରାଜ୍ୟ ସରକାର ଆର୍‌ଭିଏସ୍‌ଏଫ୍ ୟୁନିଟ ସ୍ଥାପନ ପାଇଁ ଯେଉଁ ପୁଞ୍ଜି ନିବେଶକାରୀ ସଂସ୍ଥା ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଦେବେ। ପୁଞ୍ଜି ନିବେଶକାରୀ ଆର୍‌ଭିଏସ୍‌ଏଫ୍ ପାଇଁ ୭ ବର୍ଷ ଲାଗି ଏସ୍‌ଜିଏସ୍‌ଟିରେ ୨୫ ପ୍ରତିଶତ ଛାଡ଼ କରାଯିବା ସହିତ ଭିତ୍ତିଭୂମି ପାଇଁ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ସବ୍‌ସିଡି (ସିଆଇଏସ୍) ଉପରେ ୧୦% ସର୍ବାଧିକ ୧ କୋଟି ପର୍ଯ୍ୟନ୍ତ ରିହାତି ଦେବାର ବ୍ୟବସ୍ଥା ରହିଛି। ଯାନବାହନ ସ୍କ୍ରାପ୍ ୟୁନିଟ୍‌କୁ ୫ ବର୍ଷ ପାଇଁ ବିଦ୍ୟୁତ୍ ବିଲ୍ ଉପରେ ୫୦ ପ୍ରତିଶତ ଶୁଳ୍କ ଛାଡ଼ କରାଯିବ। ଆର୍‌ଭିଏସ୍‌ଏଫ୍ ୟୁନିଟଗୁଡ଼ିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯିବ। ଏଥିପାଇଁ ଶିଳ୍ପାଞ୍ଚଳ ଭିତ୍ତିଭୂମି ଉନ୍ନୟନ କର୍ତ୍ତୃପକ୍ଷ (ଇଡ୍‌କୋ) ୧୦ ଏକର ଯାଏ ଜମି ଯୋଗାଇ ଦେବ। ଶିଳ୍ପ ନୀତି ଅନୁଯାୟୀ ଜମି ଉପରେ ଷ୍ଟାମ୍ପ ଡ୍ୟୁଟି ଛାଡ଼ ହେବ। ଏହି ଚିଠା ନୀତିକୁ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯିବ। ଆସନ୍ତା ନଭେମ୍ବରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ପୂର୍ବରୁ ଏହି ନୀତିକୁ ଚୂଡ଼ାନ୍ତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କନ୍‌କ୍ଲେଭ ସମୟରେ ବିଭିନ୍ନ ସଂସ୍ଥା ସହ ଏମ୍‌ଓୟୁ କରିବାକୁ ସରକାର ଯୋଜନା କରିଛନ୍ତି।

ଅନ୍ୟପଟେ କେନ୍ଦ୍ର ସରକାର ପୁରୁଣା ଗାଡ଼ି ହଟାଇବା ପାଇଁ ଯେଉଁ ଆର୍‌ଭିଏସ୍‌ଏଫ୍ କାର୍ଯ୍ୟକାରୀ କରିଛନ୍ତି, ସେହି ଆଧାରରେ ଓଡ଼ିଶା ସରକାର ଆର୍‌ଭିଏସ୍‌ଏଫ୍ ନୀତି କାର୍ଯ୍ୟକାରୀ କରିବେ। ତେବେ ପୁରୁଣା ଗାଡ଼ି ହଟାଇବା ଯୋଜନା ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ବୋଝ ହେବ। ପ୍ରାୟ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଗାଡ଼ି ମାଲିକଙ୍କ ପକ୍ଷେ ପୁରୁଣା ଗାଡ଼ି ବିକି ନୂଆ କିଣିବା ସହଜ ହେବ ନାହିଁ। ଦୁଇଚକିଆ ନୂଆ ଗାଡ଼ି କିଣିବାକୁ ହେଲେ ପାଖାପାଖି ୧ ଲକ୍ଷ କିମ୍ବା ଏହାଠାରୁ ଅଧିକ ଟଙ୍କା ଯୋଗାଡ଼ କରିବାକୁ ହେବ। ଦୁଇଚକିଆ ଯାନରେ ଦୀର୍ଘ ୧୫ ବର୍ଷ ଧରି ପରିବା ବ୍ୟବସାୟ କରୁଥିବା ମନୋଜ ସାହୁ କହିଛନ୍ତି, ନିଜର ପରିବାର ପ୍ରତିପୋଷଣ କରିବାକୁ ଅକ୍ଷମ ହେଉଥିବା ବ୍ୟକ୍ତି କିପରି ନୂଆ ଗାଡ଼ି କିଣିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ନୀତି ନିମ୍ନ ଆୟ ବର୍ଗଙ୍କ ଲୋକଙ୍କ ଉପରେ ବୋଝ ହେବ। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଯାନବାହନ ନିର୍ମାଣକାରୀ କମ୍ପାନୀକୁ ଫାଇଦା ଦେବା ସକାଶେ କେନ୍ଦ୍ର ସରକାରଙ୍କ ଏହା ଏକ ଚାଲ୍।

# ଡିଏସ୍‌ପି ଡାଲୁଆଙ୍କ ଅମାପ ସମ୍ପତ୍ତି

## ୨ ଦିନିଆ ରିମାଣ୍ଡରୁ ମିଳିଲା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ

- ୧୪ ପ୍ଲଟ୍, ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ
- ଭିଜିଲାନ୍ସ ନଜରରେ ସମ୍ପର୍କୀୟଙ୍କ ନାମରେ ଥିବା ଜାଗା

**ଢେଙ୍କାନାଳ ଅଫିସ, ୧୦।୯**



ଅଭିନବ ଡାଲୁଆ

ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଥିବା ଢେଙ୍କାନାଳ ସଦର ଥାନାର ପୂର୍ବତନ ଅଧିକାରୀ ତଥା ଡିଏସ୍‌ପି ଅଭିନବ ଡାଲୁଆଙ୍କ ୨ଦିନିଆ ରିମାଣ୍ଡ ଶନିବାର ଶେଷ ହୋଇଛି। ଭିଜିଲାନ୍ସ ଟିମର ତନାଘନା, ପଚରାଉଚରାରୁ ଥାନାବାବୁ ଅଚଳାଚଳ ସମ୍ପତ୍ତିର ମାଲିକ ବୋଲି ସ୍ପଷ୍ଟ ହୋଇଛି। ତାଙ୍କଠାରୁ ଅଦ୍ୟାବଧି ୧୪ଟି ପ୍ଲଟ, କୋଠା ସମେତ ମୋଟ୍ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ସମ୍ପର୍କୀୟଙ୍କ ନାମରେ ବହୁ ଜାଗା ଥିବାବେଳେ ଏଥିରେ ଡାଲୁଆଙ୍କ ଟଙ୍କା ଲାଗିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ସେହିପରି ଅନ୍ୟ କେଉଁ ସ୍ଥାନରେ ସମ୍ପତ୍ତି, ବ୍ୟାଙ୍କ ଜମା ଅଛି କି ନାହିଁ, ସେ ଅର୍ଥ ଲଗାଣକାରୀ ସଂସ୍ଥା କିମ୍ବା ଶେୟାର ମାର୍କେଟରେ ଟଙ୍କା ଲଗାଇଛନ୍ତି କି ନାହିଁ ସେ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଶନିବାର ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଏହାପରେ ପୁନର୍ବାର ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଜଟଣୀ ଥାନା ରାମଚନ୍ଦ୍ରପୁରଠାରେ ଡାଲୁଆଙ୍କ ନାମରେ ଥିବା ଗୋଟିଏ ପ୍ଲଟରେ ଦୁଇ ମହଲା ଘର ନିର୍ମାଣ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲା ବେଣାପଞ୍ଜରୀ, ମଙ୍ଗରାଜପୁର, ଅଗଲପଡ଼ା ଏବଂ ଯାଜପୁର ଜିଲା କୋଗାଁରେ ତାଙ୍କ ସ୍ତ୍ରୀ ତଥା ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଡିଏସ୍‌ପି ଭାବେ କାର୍ଯ୍ୟରତ ସସ୍ମିତା ବାରିକଙ୍କ ନାମରେ ୫ଟି ପ୍ଲଟ୍ ରହିଛି। ସେହିପରି ଶାଶୁଙ୍କ ନାମରେ ଢେଙ୍କାନାଳ ସହର ଉପକଣ୍ଠ ବନମାଳୀପ୍ରସାଦରେ ୨ଟି ବେନାମୀ ପ୍ଲଟ୍ ରହିଥିବା ସନ୍ଦେହ କରାଯାଉଛି। ତାଙ୍କ ଶାଳକଙ୍କ ନାମରେ କେନ୍ଦୁଝର ଜିଲା ଝାରବେଡ଼ାଠାରେ ୪ଟି ବେନାମୀ ପ୍ଲଟ୍ ରହିଥିବା ଜଣାପଡ଼ିଛି। କେନ୍ଦୁଝର ଜିଲା ବେବର୍ତ୍ତାପଶିଠାରେ ୨୦୧୮ରୁ ୨୦୨୦ ମଧ୍ୟରେ କିଣାଯାଇଥିବା ୨ଟି ପ୍ଲଟ୍ ମଧ୍ୟ ଭିଜିଲାନ୍ସ ଠାବ କରିଛି। ବେନାମୀ ସମ୍ପତ୍ତି ବିଷୟରେ ଜାଣିବାକୁ ଭିଜିଲାନ୍ସ ଅଧିକ ତଦନ୍ତ ଜାରିରଖିଛି। କୋର୍ଟଙ୍କ ଅନୁମତି ଅନୁଯାୟୀ ପଚରାଉଚରା ସମୟରେ ଡାଲୁଆଙ୍କ ପକ୍ଷରୁ ଜଣେ ଓକିଲ ଉପସ୍ଥିତ ଥିଲେ। ଅପରପକ୍ଷେ ଜେଲରେ ଡାଲୁଆଙ୍କୁ ତାଙ୍କର କେତେଜଣ ସମର୍ଥକ ଦେଖା କରିବାକୁ ଯାଉଥିବା ଏବଂ ଘରୁ ଖାଦ୍ୟ ଯୋଗାଣ ହେଉଥିବା ସମ୍ପର୍କରେ ଅଭିଯୋଗ ଆସିବା ପରେ ଏସବୁକୁ ବନ୍ଦ କରାଯାଇଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

ଗତ ଅଗଷ୍ଟ ୩୦ରେ ସଦର ଥାନା ପ୍ରକୋଷ୍ଠରେ ଜଣେ କୋଇଲା ପରିବହନକାରୀଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଥାନାଧିକାରୀ ତଥା ସଦ୍ୟ ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇଥିବା ଡାଲୁଆ। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଅଧିକ ପଚରାଉଚରା ପାଇଁ ୮ ତାରିଖରୁ ଦୁଇଦିନ ପାଇଁ ରିମାଣ୍ଡରେ ନିଆଯାଇଥିଲା। ୯ ତାରିଖରେ ତାଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଥିବାବେଳେ ଭିଜିଲାନ୍ସ ପକ୍ଷରୁ ସିଡୀ ଦାଖଲ କରାଯାଇପାରି ନ ଥିଲା। ଏଥି ପାଇଁ କୋର୍ଟଙ୍କୁ ଅଧିକ ୪ଦିନ ସମୟ ମଗାଯାଇଥିବାବେଳେ ୧୪ ତାରିଖରେ ଜାମିନ ଆବେଦନ ଉପରେ ଶୁଣାଣି ହେବ ବୋଲି ଦିନଧାର୍ଯ୍ୟ ହୋଇଛି।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/22-23/E-Tender/76,ତା.06.09.2022ରିଖ

(1) ଟେଣ୍ଡର ସଂ.etender-HQ-KUR-212-2022,ତା.25.08.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ସ୍ଥିତ ଟ୍ରାଫିକ୍ କଲୋନୀ ଠାରେ ବର୍ତ୍ତମାନ ଥିବା କ୍ୱାର୍ଟରଗୁଡ଼ିକରେ 2 ୟୁନିଟ୍ ଟାଇପ୍-V କ୍ୱାର୍ଟରଗୁଡ଼ିକର ପ୍ରସ୍ତାବିତ ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 87.36 ଲକ୍ଷ, EMD (ଟଙ୍କାରେ) : 1,74,700/-।

(2) ଟେଣ୍ଡର ସଂ.etender-HQ-KUR-213-2022,ତା.25.08.2022ରିଖ

ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ, ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର/P.Way/USFD ଏବଂ ସିନିୟର ସେକ୍ସନ ଇଂଜିନିୟର/P.Way/ଖୋର୍ଦ୍ଧା ରୋଡ଼ର କାର୍ଯ୍ୟାଳୟ ଭବନର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99.37 ଲକ୍ଷ, EMD (ଟଙ୍କାରେ) : 1,98,700/-।

(3) ଟେଣ୍ଡର ସଂ.etender-HQ-KUR-214-2022,ତା.25.08.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ମୁଖ୍ୟାଳୟ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (Ex)-ମହିପୁର ସେକ୍ସନରେ ବାଉଣ୍ଡାରୀ ପୋଷ୍ଟର ବିବିଧ ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 38.38 ଲକ୍ଷ, EMD (ଟଙ୍କାରେ) : 76,800/-।

ଶେଷ ହେବା ଅବଧି : 08(ଆଠ) ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 04(ଚାରି) ମାସ (କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.16.09.2022 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-480/N/22-23


# ଏନ୍‌ଇଇଟିରେ କୃତକାର୍ଯ୍ୟ ହେଲେ ଚା' ଦୋକାନୀଙ୍କ ପୁଅ

**ଫୁଲବାଣୀ ଅଫିସ, ୧୦।୯**



ଚା' ଦୋକାନରେ ବାପାଙ୍କୁ ସାହାଯ୍ୟ କରୁଛନ୍ତି ସୂରଜ।

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି (ୟୁଜି)ରେ ଫୁଲବାଣୀ ମାଷ୍ଟରପଡ଼ାର ସୂରଜ ବେହେରା କୃତିତ୍ୱ ହାସଲ କରିଛନ୍ତି। ମାଷ୍ଟରପଡା ନିବାସୀ ତଥା ମେଡିକାଲ ଛକରେ ଚା' ଦୋକାନ କରିଥିବା ଶିବଶଙ୍କର ବେହେରାଙ୍କ ପୁଅ ସୂରଜ ୭୨୦ ମାର୍କରୁ ୬୩୫ ରଖି ଉତ୍ତୀର୍ଣ୍ଣ ହେବା ସହ ୮୦୫୬ ର୍ୟାଙ୍କରେ ରହିଛନ୍ତି। ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ସେ ବାପାଙ୍କ ସ୍ୱପ୍ନକୁ ସାକାର କରିଛନ୍ତି। ଶିବଶଙ୍କରଙ୍କ ୩ ପୁଅଙ୍କ ଭିତରେ ସୂରଜ ହେଲେ ଦ୍ୱିତୀୟ। ମେଧାବୀ ଛାତ୍ର ସୂରଜ ସ୍ଥାନୀୟ ଏଜେଓ ଉଚ୍ଚ ବିଦ୍ୟାଳୟରୁ ୯୦ ପ୍ରତିଶତ ମାର୍କ ରଖି ମାଟ୍ରିକ ପାସ କରିବା ପରେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପଢିଥିଲେ। ସେ ବର୍ତ୍ତମାନ ସେହି ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଛାତ୍ର। ସୂରଜ ପାଠ ପଢିବା ସହିତ ଅନେକ ସମୟରେ ଚା'ଦୋକାନରେ ବାପାଙ୍କୁ ମଧ୍ୟ ସାହାଯ୍ୟ କରିଥାନ୍ତି। ସେ ଗତବର୍ଷ ଏନ୍‌ଇଇଟି ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇ ପାରି ନ ଥିଲେ। ସେଥିରେ ଭାଙ୍ଗି ନ ପଡି ଚଳିତଥର ଅଧିକ ଉଦ୍ୟମ ଓ ନିଷ୍ଠାର ସହ ପାଠପଢ଼ି ସଫଳତା ପାଇଛନ୍ତି। ବିନା ବେସରକାରୀ କୋଚିଂ କିମ୍ବା ସହାୟତାରେ, ନିଜ ପ୍ରଚେଷ୍ଟାରେ ଜଣେ ଚା' ଦୋକାନୀଙ୍କ ପୁଅ ଏଭଳି ଏକ ସର୍ବଭାରତୀୟ ପରୀକ୍ଷାରେ କୃତକାର୍ଯ୍ୟ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।

# ଦନ୍ତାହାତୀର ମୃତଦେହ ଠାବ

**ଲହୁଣିପଡ଼ା, ୧୦।୯(ଡି.ଏନ୍.ଏ.)**



ଦନ୍ତାହାତୀର ମୃତଦେହ ନିକଟରେ ବନ କର୍ମଚାରୀ ତଦନ୍ତ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ବାଙ୍କୀ ବନ ରେଞ୍ଜ୍ ଅନ୍ତର୍ଗତ ଟୁଙ୍ଗୁରି ଜଙ୍ଗଲ ନାଳ ନିକଟରେ ଶନିବାର ସକାଳେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। କେଉଁ କାରଣରୁ ହାତୀର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ହାତୀ କାନ୍ଧ ପାଖରେ ଏକ କ୍ଷତ ହୋଇଥିଲା। ସେଠାରୁ ପ୍ରବଳ ରକ୍ତସ୍ରାବ ହେବାରୁ ହାତୀଟି ଚାଲି ନ ପାରି ନାଳ କଡ଼ରେ ପଡ଼ି ମୃତ୍ୟୁବରଣ କରିଛି ବୋଲି ଅନୁମାନ କରାଯାଉଛି। ମୃତ ହାତୀକୁ ଦେଖି ସ୍ଥାନୀୟ ଲୋକମାନେ ଫୁଲ ଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ।

ଖବରପାଇ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ(ଆର୍‌ସିସିଏଫ୍) ଅରୁଣ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଯଶୋବନ୍ତ ସେଠୀ, ଅତିରିକ୍ତ ବନ ସଂରକ୍ଷକ (ଏସିଏଫ୍) ସଲବିନ୍ଦର ସିଂ, ରେଞ୍ଜର ଅଜୟ କୁମାର ଖେସ, ଚାନ୍ଦିପୋଷ ଥାନା ଅଧିକାରୀ ତ୍ରିନାଥ ସେଠୀ ଓ ରାଉରକେଲା ଫୋରେନ୍‌ସିକ ଦଳ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପ୍ରାଣୀ ଚିକିତ୍ସକ ଡା. ସୁଧାକର ବେହେରା ବ୍ୟବଚ୍ଛେଦ କରିବା ପରେ ସେହି ନିକଟରେ ଗାତ ଖୋଳି ହାତୀକୁ ପୋତି ଦିଆଯାଇଛି। ପ୍ରାଣୀ ଚିକିତ୍ସକ ଡା. ବେହେରା କହିଛନ୍ତି, ହାତୀର ବୟସ ଆନୁମାନିକ ୧୩-୧୪ ବର୍ଷ ହେବ। ହାତୀର କାନ୍ଧ ପାଖରେ ପ୍ରାୟ ୧୫ ଇଞ୍ଚର ଏକ ଗଭୀର କ୍ଷତ ହୋଇଛି। ସେଠାରୁ ପ୍ରବଳ ମାତ୍ରାରେ ରକ୍ତସ୍ରାବ ମଧ୍ୟ ହେଉଛି। ଏହା ବର୍ଚ୍ଛା କିମ୍ବା ତେଣ୍ଟା ଦ୍ୱାରା ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ଏଣୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ। ହାତୀର ଦାନ୍ତ ଦୁଇଟି କାଟି ବନ ବିଭାଗ କର୍ମଚାରୀ ସୁରକ୍ଷିତ ସ୍ଥାନରେ ରଖିଥିଲେ ମଧ୍ୟ ତାହାର ଓଜନ ଜଣାପଡ଼ି ନାହିଁ।






# ୩୦ ପର୍ଯ୍ୟନ୍ତ ଚାଲିବ ଓପିଏସ୍‌ସି ସାକ୍ଷାତ୍‌କାର

**କଟକ ଅଫିସ, ୧୦।୯**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ହେଉଥିବା ସାକ୍ଷାତ୍‌କାର ପରୀକ୍ଷା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଯେଉଁମାନେ କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ମେନ୍ ପରୀକ୍ଷା ଦେଉଛନ୍ତି, ସେମାନଙ୍କର ଅସୁବିଧା ହେଲେ ସାକ୍ଷାତ୍‌କାର ତାରିଖ ବଦଳାଇପାରିବେ। ଏଥିପାଇଁ ଆଡ୍‌ମିଟ୍ କାର୍ଡର କପି ସହିତ ବିଧିବଦ୍ଧ ଭାବେ ଆବେଦନ କରିବାକୁ ପଡ଼ିବ ବୋଲି ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଶନିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ସାକ୍ଷାତ୍‌କାର ତାରିଖ ସ୍ଥିର ହେବା ପରେ ଯଦି ପ୍ରାର୍ଥୀଙ୍କର ୟୁପିଏସ୍‌ସି ମେନ୍ ପରୀକ୍ଷା ଦେବାରେ ସମସ୍ୟା ହୁଏ ତେବେ ତାରିଖ ବଦଳାଇବା ପାଇଁ ପ୍ରାର୍ଥୀ ଆବେଦନ କରିପାରିବେ। ଏହାପରେ ଆବେଦନ ଅନୁସାରେ ତାରିଖ ବଦଳାଯିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

ଧରିତ୍ରୀ DHARITRI

Powered by: KHIMJI Jewellers since 1936

Main Sponsor: GUPTA DISTRIBUTORS

Co-Sponsors: RUCHI FOODLINE Since 1976 Karlo dosti sehat se | durashine TATA BLUESCOPE STEEL | CHANDI BHANDAR | PANDA TRAVEL MART | GREEN CHILLYZ Outdoor Catering

## ଅତୁଟ ବନ୍ଧନ ରାଖୀ ବାର୍ତ୍ତା ପ୍ରତିଯୋଗିତା – ୨୦୨୨

ରାଖୀ ପୂର୍ଣ୍ଣିମା ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ **'ଅତୁଟ ବନ୍ଧନ'** ରାଖୀ ବାର୍ତ୍ତା ପ୍ରତିଯୋଗିତାରେ ନିମ୍ନ ଲିଖିତ ପାଠିକାପାଠକମାନେ ସୁନ୍ଦର ବାର୍ତ୍ତା ପଠାଇ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୧୮ ତାରିଖ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବିତରଣ ଉତ୍ସବର ସ୍ଥାନ ଓ ସମୟ ଭାଗ୍ୟଶାଳୀ ବିଜେତାମାନଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯିବ।

| SL. NO. | NAME | ADDRESS |
|---|---|---|
| 1 | PUSPALATA MOHANTY | BHUBANESWAR |
| 2 | MITHUN KUMAR NAYAK | BHUBANESWAR |
| 3 | SOUMYANSHU TRIPATHY | BHUBANESWAR |
| 4 | SURYA SIDHANT RATH | NAYAGARH |
| 5 | BISWABHUSAN ROUTRAY | PURI |
| 6 | SWARNA PRAVA BEHERA | BHUBANESWAR |
| 7 | JYOTI RANI MAHARANA | CUTTACK |
| 8 | SUNANDA MOHANTY | BHUBANESWAR |
| 9 | MANOJ KUMAR BEHERA | RAYAGADA |
| 10 | SANTANU KUMAR BEHERA | BHUBANESWAR |
| 11 | BARSHA PRADHAN | BARAGADA |
| 12 | SONALI BEHERA | BHUBANESWAR |
| 13 | DIPTI REKHA DASH | JAGATSINGHPUR |
| 14 | JHUNA MISHRA | BHUBANESWAR |
| 15 | RAJASHREE MANASA MOHANTY | BHUBANESWAR |
| 16 | SAROJ KUMAR JENA | JAJPUR |
| 17 | DEBASRI SWAIN | PURI |
| 18 | SANGHAMITRA NAYAK | BHUBANESWAR |
| 19 | DEEPIKA SUBUDHI RAY | CHOUDWAR |
| 20 | SOUBHAGYALAXMI SETHI | BHUBANESWAR |
| 21 | JYOTSNA RANI PANDA | BERHAMPUR |
| 22 | APARNA SINGH | MAYURBHANJ |
| 23 | PUNYASLOK BISI | JUNAGARH |
| 24 | PRANATI SAHOO | KHORDHA |
| 25 | JYOTSNA ROUTRAY | BARGARH |
| 26 | SUVENDU KUMAR MOHAPATRA | BHUBANESWAR |
| 27 | RAJESH KUMAR PATRA | KEONJHAR |
| 28 | SASMITA PATTNAIK | BHUBANESWAR |
| 29 | SUBASINI NAYAK | BHUBANESWAR |
| 30 | UPENDRA KUMAR MOHAPATRA | PURI |
| 31 | ANSHUMAN DASH | ANGUL |
| 32 | LAXMIPRIYA PRIYADARSHINI | PURI |
| 33 | ADYASHA PRADHAN | PURI |
| 34 | JYOTSNA RANI ADAK | BHUBANESWAR |
| 35 | SITAKANT SOUMYA RANJAN MOHANTY | BHUBANESWAR |
| 36 | SATYABRATA BARIK | BHUBANESWAR |
| 37 | DEBRAJ PATRA | BHUBANESWAR |
| 38 | SABITA DASH | KHORDHA |
| 39 | GITANJALI PANI | CUTTACK |
| 40 | RADHAMANI PATRA | BALASORE |
| 41 | DR. BHUBANANANDA ROUT | CUTTACK |
| 42 | MADHUCHHANDA MOHANTY | PURI |
| 43 | TITA RAMANANDA BRAHMACHARI | BALASORE |
| 44 | SATYANARAYAN PRASAD NAYAK | BHUBANESWAR |
| 45 | SUSHREE SANGITA JENA | PURI |
| 46 | BIDYUT RANJAN BEHERA | BHUBANESWAR |
| 47 | SMITANJALI PADHI | PURI |
| 48 | MAMATA SAHOO | BHUBANESWAR |
| 49 | DIPTI RANJAN MISHRA | CUTTACK |
| 50 | SANGITA PANDA | BARGARH |
| 51 | MINATI TRIPATHY | BHUBANESWAR |
| 52 | ADYASHA SAMANTRAY | PURI |
| 53 | SUDHANSHU SEKHAR NAYAK | CUTTACK |
| 54 | TAPASWINI MOHANTY | JAGATSINGHPUR |
| 55 | RASHMI REKHA NAYAK | JAJPUR |
| 56 | PRABHAT RANJAN BEHERA | BHUBANESWAR |
| 57 | RADHA MOHAN SAHOO | PURI |
| 58 | NIHAR RANJAN NAYAK | CUTTACK |
| 59 | ANNAPURNA MOHAPATRA | PURI |
| 60 | MINATI PRADHAN | BHUBANESWAR |

ବି.ଦ୍ର.: ଏହି ସ୍ତମ୍ଭରେ ସ୍ଥାନିତ ହୋଇଥିବା ନାମଗୁଡ଼ିକ କ୍ରମାନୁଯ ଭାବେ ସ୍ଥାନିତ ହୋଇନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ସେପ୍ଟେମ୍ବର, ୨୦୨୨

କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ପ୍ରତିବାଦ ଅଧିକାର



ଆକାର ପଟେଲ

ଭାରତର ଉଚ୍ଚତମ ନ୍ୟାୟାଳୟ(ସୁପ୍ରିମକୋର୍ଟ)ଉଦାରତାପୂର୍ବକ ନାଗରିକମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାର ଅଧିକାର ପ୍ରଦାନ କରିଛନ୍ତି। ଶାହିନବାଗରେ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ଜାତୀୟ ନାଗରିକ ପଞ୍ଜୀକରଣ ବିରୋଧୀ ପ୍ରତିବାଦକୁ ନିନ୍ଦା କରିବା ସହ କୋର୍ଟ ତାଙ୍କ ରାୟରେ ଏହା ପ୍ରକାଶ କରିଥିଲେ। କହିଥିଲେ ଯେ, ମତଭେଦ ଓ ଗଣତନ୍ତ୍ର ପରସ୍ପର ସହ ନିବିଡ଼ ଭାବେ ସମ୍ବନ୍ଧିତ, କିନ୍ତୁ ପ୍ରତିବାଦ ନିର୍ଦ୍ଦିଷ୍ଟ ଜାଗାରେ ହେବା ଦରକାର ଏବଂ ଶାହିନବାଗରେ ଯେଉଁଭଳି ପ୍ରତିବାଦ ଆରମ୍ଭ କରାଗଲା ତାହା ଯାତ୍ରୀମାନଙ୍କୁ ଅସୁବିଧାରେ ପକାଇବା ଦେଖାଗଲା। ନିର୍ଦ୍ଦିଷ୍ଟ ସ୍ଥାନ କ'ଣ ଅନେକେ ଅବଗତ ନ ଥିବେ। ତେବେ ଏହାର ଅର୍ଥ ହେଉଛି କୌଣସି ସହରରେ ପ୍ରତିବାଦ ଲାଗି ନିର୍ଦ୍ଧାରିତ ଜାଗା ; ଯଥା ଦିଲ୍ଲୀର ଯନ୍ତରମନ୍ତର ଏବଂ ବେଙ୍ଗାଲୁରୁର ଫ୍ରିଡମ୍ ପାର୍କ। ଏହି ଜାଗା ଲାଗି ନାଗରିକମାନେ ପୋଲିସ ଓ ସରକାରଙ୍କଠାରୁ ଅନୁମତି ପାଇବାକୁ ଦରଖାସ୍ତ କରିବା ଦରକାର। କିନ୍ତୁ ୟୁରୋପ ଓ ଆମେରିକାରେ କିଭଳି କର୍ମସ୍ଥଳୀ ଏବଂ କର୍ପୋରେଟ ଅଫିସ ସାମ୍ନାରେ ସବୁବେଳେ ଧାରଣାରେ ବସି ଲୋକେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଛନ୍ତି ତାହା ଦେଖିଥିବେ। ହେଲେ ଭାରତରେ ଏହା ବେଆଇନ। ସମ୍ବିଧାନର ଅନୁଚ୍ଛେଦ ୧୯ କହେ, ବିନା ମାରଣାସ୍ତ୍ରରେ ଶାନ୍ତିପୂର୍ଣ୍ଣ ଭାବେ ସମାବେଶ ହେବାର ଅଧିକାର ନାଗରିକମାନଙ୍କର ରହିଛି। ସମ୍ବିଧାନ ଅନୁଯାୟୀ, ଶାନ୍ତିପୂର୍ଣ୍ଣ ସମାବେଶ ମଧ୍ୟ ଏକ ମୌଳିକ ଅଧିକାର। କିନ୍ତୁ ଆମର ଏଭଳି ଅଧିକାର ନାହିଁ। ଦେଖିବାକୁ ଗଲେ,ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସମାବେଶ ହେବା ପାଇଁ ପୋଲିସକୁ ଦରଖାସ୍ତ କରିବାର ମୌଳିକ ଅଧିକାର ରହିଛି। ଦରଖାସ୍ତକୁ ସ୍ୱୀକୃତି ଦେବା, ଖାରଜ କରିବା କିମ୍ବା ଆଦୌ ନ ଶୁଣିବାର ଅଧିକାର ରହିଛି ପୋଲିସର। ଏଠାରେ ଶେଷ ବିକଳ୍ପଟି ବହୁ ସମୟରେ କାର୍ଯ୍ୟକାରୀ ହୋଇଥାଏ। ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ବେଆଇନ ଭାବେ ଅଟକ କଶ୍ମୀରୀମାନଙ୍କ ଆବେଦନକୁ ଲଗାତର ଅସ୍ୱୀକାର ଏବଂ ଅଣଦେଖା କରି ନାଗରିକମାନଙ୍କ ଜୀବନ ଓ ସ୍ୱାଧୀନତା ନିଶ୍ଚିତ କରୁଥିବା ଅନୁଚ୍ଛେଦ ୨୧କୁ ଆମ ନ୍ୟାୟପାଳିକା ସ୍ପଷ୍ଟତଃ ବଦଳେଇଦେଇଛି। ମୀରୱେଜ ଉମର ଫାରୁକଙ୍କୁ ଅଟକ ରଖାଯାଇ ନ ଥିଲା ବୋଲି କିଛିଦିନ ପୂର୍ବେ କଶ୍ମୀର ରାଜ୍ୟପାଳ ଦେଇଥିବା ମନ୍ତବ୍ୟକୁ ବିବିସି ସାମ୍ନାକୁ ଆଣିଛି। ସେ ଅଟକଥିବାର ପ୍ରମାଣ ରହିଥିଲେ ମଧ୍ୟ ରାଜ୍ୟପାଳ ଏଭଳି କହିଥିଲେ। ଅବଶ୍ୟ କଶ୍ମୀରୀମାନଙ୍କର ପ୍ରତିବାଦ କରିବାର କୌଣସି ଅଧିକାର ନାହିଁ।

କଶ୍ମୀରକୁ ବାଦ୍ ଦେଲେ ଭାରତର ଅନ୍ୟ ଅଞ୍ଚଳରେ ପ୍ରତିବାଦର ନିର୍ଦ୍ଦିଷ୍ଟ ସ୍ଥାନସବୁକୁ ସରକାର ଚୟନ କରିଥାନ୍ତି, କାରଣ ସରକାର ସେଗୁଡ଼ିକୁ ସହଜରେ ଉପେକ୍ଷା କରିପାରିବେ। ଦିଲ୍ଲୀର ମଧ୍ୟଭାଗରେ ଥିବା ଯନ୍ତରମନ୍ତରକୁ ଯଦି କେବେ ବୁଲିବାକୁ ଯାଆନ୍ତି, ତେବେ ସେଠାରେ ବହୁ ସଂଖ୍ୟାରେ ପ୍ରତିବାଦ ସ୍ଥଳୀ ଦେଖିବେ। କେତେକରେ ବର୍ଷ ବର୍ଷ ଧରି ପ୍ରତିବାଦ ଚାଲିଛି। ସେଠାରେ ଲୋକେ କାହିଁକି ପ୍ରତିବାଦ କରୁଛନ୍ତି ତା'ପ୍ରତି ସରକାରଙ୍କର ଖାତିର ନ ଥାଏ। ସରକାର ପ୍ରତିବାଦ ଏବଂ ମୌଳିକ ଅଧିକାରକୁ ଏକ ବାଧା ଭାବେ ଦେଖନ୍ତି। ଏହା କାଗଜ ପତ୍ରରେ ରହୁ ଓ ସରକାରଙ୍କ ବିରୋଧରେ କାର୍ଯ୍ୟକାରୀ ନ ହେବା ଦରକାର ବୋଲି ଚାହାନ୍ତି। ଏମିତି କି ସବୁଠୁ ଶାନ୍ତିପୂର୍ଣ୍ଣ ଗାନ୍ଧିବାଦୀ ପ୍ରତିବାଦକୁ ଭାରତରେ ସହ୍ୟ କରାଯାଉ ନାହିଁ। ଗାନ୍ଧିଜୀ ଆମରଣ ଅନଶନରେ ଯାହା କରିଥିଲେ ତାହାକୁ ବିଚାର କଲେ ଏହାଠାରୁ ମାନବ ଜାତି ଲାଗି ଅଧିକ ଆଉ କିଛି ଭଲ ନାହିଁ। ନ୍ୟାୟ ଲାଗି ମଣିପୁରରେ ଇରମ ଶର୍ମିଳା ସେଭଳି ପ୍ରତିବାଦ କରିବାକୁ ପସନ୍ଦ କଲେ ବି ସରକାର ତାଙ୍କୁ ଶିକୁଳି ପକାଇ ୧୦ ବର୍ଷ ବଳପୂର୍ବକ ନାକବାଟେ ଖାଇବାକୁ ଦେଲେ। ଇଂରେଜମାନେ ଗାନ୍ଧିଜୀଙ୍କୁ ପ୍ରତିବାଦର ଯେଉଁ ଅଧିକାର ଦେଇଥିଲେ ତାହା ତାଙ୍କୁ ସରକାର ପ୍ରଦାନ କଲେ ନାହିଁ।

ଶାହିନ୍‌ବାଗ ଘଟଣାରେ ସୁପ୍ରିମ୍‌କୋର୍ଟ ଯାହା ଅନୁଧ୍ୟାନ କରିଛନ୍ତି ଓ ନିର୍ଦ୍ଦେଶ ଦେଇଛନ୍ତି ତାହା ରାଜନୈତିକ ଦଳ ଏବଂ କୃଷକ ସଂଘ ଭଳି ସଂଗଠିତ ଶକ୍ତି ଏବଂ ଜାତି ବର୍ଗ ଲାଗି କାର୍ଯ୍ୟକାରୀ ନୁହେଁ। ନିର୍ଦ୍ଧାରିତ ସ୍ଥାନ ବାହାରେ ସେମାନେ ବନ୍ଦ ଓ ହରତାଳ ଡାକରା ଦେଉଛନ୍ତି। ରେଲରୋକୋ ଓ ଚକାଜାମ ଆଦି କରୁଛନ୍ତି। ଏହାକୁ ରୋକିବାରେ ସରକାରଙ୍କ କ୍ଷମତା ନ ଥିବାରୁ ଏହାକୁ ଏଡ଼ାଇ ଯାଉଛନ୍ତି। ସୁପ୍ରିମିକୋର୍ଟ ମଧ୍ୟ ଏହା ଉପରୁ ନଜର ହଟାଇ ନେଇଛନ୍ତି। ସୁପ୍ରିମ୍ କ୍ଷମତା ଚାହାନ୍ତି ଯେ, ଏକ କ୍ଷୁଦ୍ର ଗୋଷ୍ଠୀର ମହିଳାମାନେ ସେମାନଙ୍କ ବିରୋଧ ପ୍ରକାଶ ନ କରନ୍ତୁ, ଆଇନକୁ ଅବଜ୍ଞା ନ କରନ୍ତୁ, କାରଣ ଏହା ଆଇନର ଶାସନ ପାଇଁ ସେମାନଙ୍କ ସମ୍ବେଦନଶୀଳତା ଓ ଭାବନାକୁ କ୍ଷତି କରେ। ସେମାନଙ୍କ ପ୍ରତିବାଦ କେନ୍ଦ୍ରରେ କ'ଣ ଏଭଳି ଅବଜ୍ଞା ପରିଲକ୍ଷିତ ହୋଇଛି। ସରକାର ଯେତେବେଳେ ନିଜ ଆଇନକୁ ଅନୁସରଣ କରନ୍ତି ନାହିଁ, ସେତେବେଳେ ପ୍ରତିବାଦ ଆରମ୍ଭ ହୁଏ। ପ୍ରତିବାଦ ଏକ ବାଧା ଏବଂ ଏକ ଅଭିଯୋଗ ; ନ ଶୁଣିଲେ ଏହା ଚାଲୁରହେ। ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ ଚାଲିଲେ ବି ସରକାର ଶୁଣୁ ନାହାନ୍ତି। ବେଆଇନ ଅଟକକୁ ଯଦି ସୁପ୍ରିମକୋର୍ଟ ଅଣଦେଖା କରିବେ, ଯଦି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲକ୍ଷାଧିକ ଲୋକଙ୍କୁ ଅଟକ ରଖିବାକୁ ଘୋଷଣା କରିବେ ଏବଂ ସେମାନଙ୍କୁ ନାଗରିକତ୍ୱ ଦେବାକୁ ମନା କରିବେ, ସରକାର ଏହା ଉପରେ ଯଦି ନାଗରିକମାନଙ୍କୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ କହିବେ, ତେବେ ପ୍ରତିବାଦ ହେବ ନାହିଁ ବୋଲି ସରଳରେ ବୁଝିବାକୁ ହେବ। ଯଦି ବି ହେବ, ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ହେବ।

ପ୍ରତିବାଦ ସରକାରଙ୍କୁ ଚିନ୍ତାରେ ପକାଇବା ଦରକାର। ଏହା ନ ହେଲେ ସରକାର ପ୍ରତିବାଦକାରୀଙ୍କ ଦାବି ପୂରଣ କରିବାରେ କୌଣସି ଆନ୍ତରିକତା ଦେଖାଇବେ ନାହିଁ। ସରକାରଙ୍କ ନାଗରିକ ଅଧିକାରରେ ହସ୍ତକ୍ଷେପ ଏବଂ ନିର୍ଯ୍ୟାତନା ବିରୋଧରେ ସ୍ୱର ଉଠାଉଥିବା ନାଗରିକମାନଙ୍କ ସପକ୍ଷରେ ନ୍ୟାୟପାଳିକା ରହିବାର ରେକର୍ଡ ମଧ୍ୟ ପୂରା ଦୁର୍ବଳ। ସାରା ବିଶ୍ୱରେ ଶାହିନବାଗକୁ ଭିନ୍ନ ଦୃଷ୍ଟିରେ ଦେଖାଯାଇଛି। ସରକାରଙ୍କୁ ବିରୋଧ କରିବାକୁ ଏକ ଗୋଷ୍ଠୀର ମହିଳାମାନେ ପସନ୍ଦ କରିଥିବାରୁ ଏହା ଅନେକଙ୍କ ପାଇଁ ପ୍ରେରଣାଦାୟକ। ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ଶାହିନବାଗରେ ମହିଳାମାନଙ୍କ ପ୍ରତିବାଦ ପ୍ରଭାବୀ ରହିଥିଲା ; ଯେଉଁଥିପାଇଁ ଏହା ଉପରେ କୋର୍ଟ ରାୟ ଦେବାକୁ ଚାହିଁଥିଲେ।

Email:aakar.patel@gmail.com

# ସମୟ କିଛି କରେନା



ବ୍ରଜମୋହନ ମିଶ୍ର

ଅନେକ ବ୍ୟଥାପ୍ରଦ ଭାବନା ମଧ୍ୟରେ ଏବର ପିଢ଼ିର ଆଚରଣରୁ ବେଶ୍ ବାରି ହୋଇ ପଡୁଥିବା ସେମାନଙ୍କ ମାନସିକ ଧ୍ୱଜଭଙ୍ଗ ଖୁବ୍ ଆଚ୍ଛନ୍ନ କରୁଛି। ଏ ପିଢ଼ିର ବୟସ ହୁଏତ ଆଦ୍ୟ କୈଶୋରରୁ ଆରମ୍ଭ ହୋଇ ଅସ୍ତ ଯୌବନଯାଏ ହୋଇପାରେ। ଆଦ୍ୟ କୈଶୋର, ଯୌବନ କାଳର ଅସ୍ଥିରତା, ଆବେଗପ୍ରବଣତା, ଫୁଲାଫାଙ୍କିଆ ଜୀବନଧାରଣ, ପୂଜ୍ୟପୂଜା ପ୍ରତି ଅବଜ୍ଞା, ସ୍ୱାର୍ଥପରତା, ଦେଶ ପ୍ରତି ସାମାନ୍ୟତମ ଅନୁରକ୍ତିହୀନତା, ଦୁର୍ନୀତି ପ୍ରୀତି ଏବଂ ଆହୁରି ଅନେକ ପ୍ରକାର ଘୃଣ୍ୟ ଅବଗୁଣ ଇତ୍ୟାଦିର ଜାଲରେ ବନ୍ଦୀ ହୋଇ ଜୀବନଯାପନ କରିଚାଲିଥିବା ଏଇ ପିଢ଼ିଠାରୁ ସମାଜ କ'ଣ ଆଶା କରିବ? ସାଂଘାତିକ ଭାବେ ମଦୁଆ ଓ ମତଲବୀ ଓ ମସ୍‌ରୀ ଏଇ ମାର୍ଜାର ସୁଲଭ ମନୁଷ୍ୟରୂପୀ ବାମନ ସତ୍ତାମାନେ ବିବର୍ତ୍ତନ ପାଇଁ ଏକ ପ୍ରତିବନ୍ଧକ କି ବୋଲି ମନରେ ସହସ୍ରବାର ପ୍ରଶ୍ନବାଚୀ ଜାଗି ଉଠେ। ବେଶ୍ ସୁସ୍ୱାଦୁଯୁକ୍ତ ଖାଦ୍ୟ ଖାଇବା, ସବୁ ସୁଖକର ଭୋଗଦ୍ରବ୍ୟ ପ୍ରତି ଆସକ୍ତ ରହୁଥିବା ଏଇ ସତ୍ତାମାନେ କେତେ ସାଂଘାତିକ! ସଂପ୍ରତି ଗଞ୍ଜାମର ଜଣେ ଉଚ୍ଚ ଶିକ୍ଷିତ ପୁତ୍ର (ଇଂଜିନିୟର) ତା'ର ଅବସରପ୍ରାପ୍ତ ବୃଦ୍ଧ ପିତାଙ୍କୁ ହତ୍ୟା କରିଥିବାର ଦୁଃସମ୍ବାଦ କେତେ ଶିହରଣ ସୃଷ୍ଟିକାରୀ! ସାମ୍ପ୍ରତିକ ଯୁବଜୀବନର ଏ ତ ଏକ ନିନ୍ଦନୀୟ ଝଲକ ମାତ୍ର। ଏହିପରି ଶହ ଶହ କୁତ୍ସିତ ତଥା ବର୍ବରକାଣ୍ଡ ଘଟୁଛି। କେଉଁଟି ହୁଏତ ନଜରକୁ ଆସୁଛି, ଆଉ କେଉଁଟି ନୁହେଁ। ଅବଶ୍ୟ ଏହା ଏ ପିଢ଼ିର ସାମଗ୍ରିକ ପରିଚୟ ନୁହେଁ। କାରଣ ଦେଖାଯାଉଛି ଏପରି କିଶୋର ଓ ଯୁବକ ମଧ୍ୟ ଏବେ ବି ବିଦ୍ୟମାନ; ଯେଉଁମାନେ କେତେ ପରିପକ୍ୱ, ପ୍ରାଜ୍ଞ ଏବଂ ସ୍ଥିତପ୍ରଜ୍ଞ! ସେମାନଙ୍କୁ ଭଲ କରି ଅଧ୍ୟୟନ କଲେ ସେମାନଙ୍କ ନୈତିକ ଉତ୍କର୍ଷ ନିକଟରେ ମୁଣ୍ଡ ଆପେ ଆପେ ନଇଁଯାଏ।

କିନ୍ତୁ ସେମାନଙ୍କ ସ୍ଥିତି ସ୍ୱଳ୍ପ ଓ ସ୍ୱର କ୍ଷୀଣ। ତେଣୁ ସେମାନଙ୍କୁ ଏ ପିଢ଼ିର ପ୍ରତିନିଧି ରୂପେ ଗ୍ରହଣ କରାଯାଇପାରିବ ନାହିଁ। ସେଥିପାଇଁ ଏହି ବହୁସଂଖ୍ୟକ ଭ୍ରଷ୍ଟ ଓ ଭ୍ରାନ୍ତଙ୍କ ବ୍ୟବଚ୍ଛେଦ କରିବା କଥା, କାରଣ ସେଇମାନେ ହିଁ ପିଢ଼ିକୁ ଅକ୍ତିଆର କରିଛନ୍ତି। ଏମାନେ ଏପରି ସଇତାନ ହେଲେ କାହିଁକି? ଏହାର ଉତ୍ତରରେ କୁହାଯାଇପାରେ ଯେ (ଯେମିତି ଅନେକ କହନ୍ତି) ସମୟ (ସାମାଜିକ ପରିସ୍ଥିତି) ସେମାନଙ୍କୁ ଏପରି ଉଦ୍ଦଣ୍ଡ ଓ ଅବିବେକୀ କରିଦେଇଛି। ହେଲେ ଏହା ଏକ ଅନୁର୍ବର ଏବଂ ଅଗଭୀର ଉତ୍ତର। ସମୟ ଆଦୌ ବଳବାନ୍ ନୁହଁ। ସମୟ ମଣିଷକୃତ, ଏହି ଧାରଣା, ଯାହା ମଣିଷ ଦ୍ୱାରା ପରିଚାଳିତ ହେବାକୁ ବାଧ୍ୟ। ତେଣୁ ସମୟ ମଣିଷର ନିୟାମକ ନୁହଁ, ବରଂ ମଣିଷ ସମୟର ନିୟାମକ। ସେଇ ଦୃଷ୍ଟିରୁ ମଣିଷ ସମୟର ସ୍ରଷ୍ଟା। ମଣିଷ ଯେଉଁ ବିଚାର ବା ଦୃଷ୍ଟିକୋଣଟି ନେଇ ବଞ୍ଚିବାକୁ ଚାହିଁବ, ସେ ଅବଶ୍ୟ ସେଥିରେ ବହୁମାତ୍ରାରେ ସଫଳକାମ ହୋଇପାରିବ। ଭାରି ସହଜରେ କୁହାଯାଉଛି ସମୟ ଏପରି ହୋଇଛି ଯେ, ଜଣେ ସାଧୁ ହୋଇ ବଞ୍ଚିପାରିବ ନାହିଁ। ଅର୍ଥାତ୍ ସମୟର ଅଲଂଘନୀୟ ପ୍ରଭାବରୁ ମଣିଷ ନିଜକୁ ରକ୍ଷା କରିପାରିବ ନାହିଁ। ତେଣୁ ସମୟ ଯେପରି ଚାହୁଁଛି ମଣିଷ ସେପରି କରିବାକୁ ବାଧ୍ୟ। ଏଥିରେ ତା'ର ଅନ୍ୟ କିଛି କରିବାର ସ୍ୱାଧୀନତା ନାହିଁ। ଏ ପ୍ରକାର ଅମେରୁଦଣ୍ଡୀ ତତ୍ତ୍ୱ ହାସ୍ୟାସ୍ପଦ।



ସମୟ ଏକ ନିରପେକ୍ଷ ସତ୍ତା! ମଣିଷର କରଣି ସହ ଏହାର ଭାବମୂର୍ତ୍ତି ଅବଶ୍ୟ ସଂଶ୍ଲିଷ୍ଟ। ଯଦି କୌଣସି ଯୁଗ ସୁବର୍ଣ୍ଣ ଯୁଗ ବୋଲି ନାମିତ ହୋଇଛି, ତାହାହେଲେ ତତ୍କାଳୀନ ମଣିଷର ସୁକୃତି ସକାଶେ ତାହା ସମ୍ଭବ ହୋଇପାରିଛି। ଏହାର ବିପରୀତ ମଧ୍ୟ ସେହିପରି। କାଳ ଆକବର କି ଆଉରଙ୍ଗଜେବ କି କୃଷ୍ଣ ଓ କଂସ ତିଆରି କରିନାହିଁ। ପକ୍ଷାନ୍ତରେ ଏଇ ଚରିତ୍ରମାନଙ୍କ ଚିନ୍ତା ଚେତନା (ଅବା ନିଶ୍ଚେତନା) ସେଇ କାଳଖଣ୍ଡକୁ ବିଶେଷଣ ଯୁକ୍ତ କରିଛି। ପୁଣି ଏଇ ଚରିତ୍ରମାନେ ସେମାନଙ୍କ ଅନ୍ତର୍ଗତ ବିଶ୍ୱାସବୋଧ ଦ୍ୱାରା ପରିଚାଳିତ ହୋଇ କର୍ମ କି ଦୁଷ୍କର୍ମ ସୃଷ୍ଟି କରିଛନ୍ତି। କେହି ଯଦି ବିଶ୍ୱାସ କରିଛି ସଂସାର ମଙ୍ଗଳ ପାଇଁ ତାକୁ ବାରବାର ଅବତାର ଗ୍ରହଣ କରିବାକୁ ପଡ଼ିବ, ଆଉ କେହି ବିଶ୍ୱାସ କରିଛି ସେ ବିଶ୍ୱାସ କରୁଥିବା ଧର୍ମମତ ହିଁ କେବଳ ଠିକ୍। ଗୋଟିଏ ବିଚାର, ବିବେକ ପ୍ରସୂତ ହୋଇଥିବା ବେଳେ ଅନ୍ୟଟି ଅଜ୍ଞାନ ସୃଷ୍ଟ। ପ୍ରଥମଟି ସମଗ୍ର ପାଇଁ ମଳୟ ପବନ ହୋଇଥିବା ବେଳେ ଦ୍ୱିତୀୟଟି ମହାମାରୀର ବିକଟ ନର୍ତ୍ତନ ପାଲଟିଛି। ସେମାନଙ୍କର ଏପରି ଦୃଷ୍ଟିକୋଣ କଦାଚ ସମୟ ଦ୍ୱାରା ପ୍ରଭାବିତ ନୁହଁ। ବରଂ ପ୍ରଭାବିତ ସ୍ୱସ୍ୱଜ୍ଞାନ ଓ ଅଜ୍ଞାନଦ୍ୱାରା। ତେଣୁ ସେଥିପାଇଁ କୁହାଯାଏ (ଏବଂ ଯାହାକି ବହୁମାତ୍ରାରେ ସତ) ମହାନ୍ ନାଟ୍ୟକାର ସେକ୍ସପିଅରଙ୍କ ବିୟୋଗାନ୍ତକ ନାଟକର ମୁଖ୍ୟ ଚରିତ୍ରର (ସବୁ ଚରିତ୍ର ବି) ଦୁର୍ଭାଗ୍ୟ ବା ବିପାକ ତା'ର ଭାଗ୍ୟଜନିତ ନୁହଁ, କର୍ମଜନିତ। ସତରେ ''କ୍ୟାରେକ୍ଟର ଇଜ୍ ଡେଷ୍ଟିନି''। ଯଦି ଜଗତ ନାମକ ଏକ ମହାନ୍ ନାଟକର ଜୀବନ ନାମକ ଏକ ଗୌରବାବହ ଅଙ୍କକୁ ବ୍ୟକ୍ତି ବୁଝିବ ନାହିଁ କିମ୍ବା ବୁଝିବାକୁ ତିଳେ ମାତ୍ର ଚେଷ୍ଟା କରିବ ବି ନାହିଁ, ତାହାହେଲେ ସେ ନିଜ ବଞ୍ଚିବା ପ୍ରଣାଳୀଟିକୁ ଆବିଳ କରିଦେବ ହିଁ କରିଦେବ। ଯଦି ସେ ଦୃଢ଼ ଭାବରେ ଧରିନେବ ଜୀବନ ମାତ୍ର ଏକ ମଉଜ, ତାହାହେଲେ ସେ ତା'ଠାରୁ ଯଥେଷ୍ଟ କିଛି ଆଶା କରୁଥିବା ଜୀବନର ହତ୍ୟାକାରୀ ପାଲଟିଯିବ। ସେଇ ଦୃଷ୍ଟିରୁ ସେ ମୋଟେ ନିଜେ ବଞ୍ଚିପାରିବ ନାହିଁ କି କାହାକୁ ଯଥାର୍ଥ ବଞ୍ଚିବାରେ ସହାୟତା ଦେଇପାରିବ ନାହିଁ। ଏଥିସକାଶେ 'ପୌରୁଷ'ର ଯଥାର୍ଥତା ଉପରେ ଗୁରୁତ୍ୱ ଦିଆଯାଇଛି। ମୋଟ ଉପରେ ସମୟ ଆଦୌ ବ୍ୟକ୍ତିର ସ୍ୱଧର୍ମ ଓ ସ୍ୱଭାବ ସୃଷ୍ଟି କରିପାରେ ନାହିଁ। ଏହା ସୃଷ୍ଟିହୁଏ ବ୍ୟକ୍ତିର ଅନ୍ତର୍ଗତ ଜୀବନ ସମ୍ପର୍କୀୟ ସୁସ୍ଥ ଧାରଣା ଦ୍ୱାରା, ଯାହା ଆନୁଷ୍ଠାନିକ ଶିକ୍ଷା ବିନା ବେଶ୍ ପୁଷ୍କଳ ହୋଇପାରେ। ତେଣୁ କାଳ ନିରବଧି ହେଲେ ବି ନିୟନ୍ତ୍ରକ ନୁହଁ। ଯେଉଁମାନେ ସମୟର ଦ୍ୱାହି ଦେଇ ସକଳ ବିପାକକୁ ମାର୍ଜନା କରନ୍ତି, ସେମାନଙ୍କୁ ଅକ୍ଳେଶରେ ଆମେ ଦୁର୍ବଳଚିତ୍ତ ବୋଲି ଚିହ୍ନିତ କରିପାରିବା।

ଏଇ ସୂତ୍ରରେ ଯଦି ଆମେ ଏବର ପିଢ଼ିର ଅନୁଶୋଚନୀୟ ଆନମନା ଭାବକୁ ସମୀକ୍ଷା କରିବା, ତାହାହେଲେ ନିର୍ଭୁଲ ଭାବରେ କହିପାରିବା ସେଇମାନେ ହିଁ ସେମାନଙ୍କ କ୍ଷୀଣତା (ରବୀନ୍ଦ୍ର ନାଥ), ଅଯୋଗ୍ୟତା ତଥା ଅମଣିଷ ହେବାର ଅକ୍ଷମଣୀୟ ଅହଂକାରଗ୍ରସ୍ତତା ପାଇଁ ବହୁ ପରିମାଣରେ ଦାୟୀ, କାରଣ ସେଇମାନଙ୍କ ଭିତରୁ ତ ଏବେ ଏପରି ସମୁଜ୍ଜ୍ୱଳ ପୁଙ୍ଗବ ବାହାରୁଛନ୍ତି, ଯେଉଁମାନେ କାଳର କଜ୍ଜଳ ପାଲଟୁଛନ୍ତି ଏବଂ ଭୀମ ଭୋଇଙ୍କ ଭାଷା ବ୍ୟବହାର କରି କହିଲେ ଆଗାମୀର 'ବିହନ' ହୋଇଯାଉଛନ୍ତି। ଚାରିପଟର ଘନ ଘୋର ତମସା ସତ୍ତ୍ୱେ ସେମାନେ ତଥାପି ହସି ହସି ସନ୍ତୁଷ୍ଟ ହୋଇ ବାହାରି ପଡୁଛନ୍ତି। ସବୁଆଡ଼େ ସବୁ ଭାଙ୍ଗିଯିବାର ଉଦ୍‌ଭଟ ନାଟକ ସତ୍ତ୍ୱେ ସେମାନେ ସୃଜନର ମହାନାଟକ ପାଲଟି ପାରୁଛନ୍ତି। ଏହା ସେମାନେ ଭାଗ୍ୟ ଯୋଗୁ କରୁନାହାନ୍ତି କି ସମୟ ଦ୍ୱାରା ପ୍ରଭାବିତ ହେଉନାହାନ୍ତି। ଗଭୀର ଏବଂ ଅଟଳ ସମ୍ୟକ୍ ଦୃଷ୍ଟି ସେମାନଙ୍କୁ ସମ୍ୟକ୍ ମାର୍ଗରେ ବ୍ରତଚାରୀ, ତେଣୁ ପଥଚାରୀ କରାଇ ସେମାନଙ୍କୁ ସଦାଚାରୀ କରାଇପାରୁଛି। ଏବର ପିଢି ଏଇ ଦାର୍ଢ୍ୟତାଭକ୍ତିରୁ ବିଚ୍ୟୁତ। ତେଣୁ ତାହା ଅନ୍ତରରେ ଯେପରି 'ହଲୋମ୍ୟାନ୍' ବାହାରେ ସେପରି ''ହେଲୋ, ହାଏ, ହାଏ, ବାଏ ବାଏ''ରେ ମ୍ଳାନ। ସମାଜ, ପ୍ରତି ପିଢ଼ିଠାରୁ ଅବଶ୍ୟ କିଛିଟା ସୃଜନୀ ଆଶାକରେ। ଯେଉଁ ପିଢ଼ି ଯାବତ୍ ଜୀବେତ୍ ସୁଖଂ ଜୀବେତର 'ଶୃଙ୍ଗାର ଶତକ'କୁ ଜପାମାଳି କରେ, ସେ ଦିବ୍ୟ ଜୀବନର ଅବଶ୍ୟ ବାଧକ ହୁଏ। ତେଣୁ ଏ ପିଢ଼ି ଏବେ ବି ବୁଝନ୍ତୁ ଯେ ଜୀବନ ଏକ ଚମତ୍କାର ଆନ୍ତରୀଣ ଆଧ୍ୟାତ୍ମିକ 'ନେଟୱର୍କ', ଯାହାର ଅନବବୋଧ ଓ ଅବମାନନା ଆତ୍ମହତ୍ୟା ସହ ସମାନ ଏବଂ ଏପରି ଆତ୍ମହତ୍ୟା କରିବାକୁ କାହାରିକୁ ସଂସାରକୁ ପଠାଯାଇ ନାହିଁ। ଆହୁରି ମଧ୍ୟ ଭଲ କରି ବୁଝନ୍ତୁ ସେମାନେ ଚାହିଁଲେ (ସମୟ ଆସିଲେ ନୁହେଁ) ଅବଶ୍ୟ କଂସରୁ କୃଷ୍ଣ ହୋଇପାରିବେ। ଏଥିରୁ ସେମାନଙ୍କୁ କେହି ଅଟକାଇ ପାରିବେ ନାହିଁ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ପୁରୁଷୋତ୍ତମ ବିହାର, ଭଦ୍ରକ
ମୋ: ୮୦୧୮୦୮୭୮୩୧

# ବ୍ରିଟେନ ସମ୍ରାଟ

ବ୍ୟକ୍ତିତ୍ୱ



ଚାର୍ଲ୍ସ ୩ୟ

ବିଶ୍ୱବ୍ୟାପୀ ଯେତେଆଡ଼େ ରାଜତନ୍ତ୍ର ଥିଲା ବା ରହିଛି, ସେଥିମଧ୍ୟରୁ ବ୍ରିଟିଶ ସାମ୍ରାଜ୍ୟ ଓ ରାଜ ପରିବାରର କାହାଣୀ ବିଷୟରେ ଅଧିକ ଚର୍ଚ୍ଚା ହୋଇଥାଏ। ଏକଦା ସର୍ବାଧିକ ଦେଶକୁ ଶାସନ କରିଥିବା ବ୍ରିଟେନ ପାଇଁ ଏକ ବାକ୍ୟାଂଶ ବହୁଳ ପ୍ରଚଳିତ ହୋଇଆସିଛି– 'ଏକ ସାମ୍ରାଜ୍ୟ ଯେଉଁଠି କଦାପି ସୂର୍ଯ୍ୟାସ୍ତ ହୁଏନି'। ଅର୍ଥାତ୍ ଏହାର ବ୍ୟାପକତା ଏତେ ଅଧିକ ଥିଲା ଯେ, ତା' ଭୂଭାଗର କୌଣସି ନା କୌଣସି ଅଞ୍ଚଳ ଦିବାଲୋକରେ ପ୍ରତିଭାତ ହେଉଥିଲା। ଏଭଳି ପ୍ରତୀକାତ୍ମକ ବର୍ଣ୍ଣନା ବ୍ରିଟିଶ ଶାସକଙ୍କ କ୍ଷମତାକୁ ସୂଚାଇଦେଇଥାଏ। ଏକବିଂଶ ଶତାବ୍ଦୀରେ ରାଜତନ୍ତ୍ର ଅପେକ୍ଷା ଗଣତନ୍ତ୍ରର ଆଦୃତି ବଢ଼ିଥିଲେ ମଧ୍ୟ ରାଜା, ରାଣୀ, ରାଜକୁମାର ଓ ରାଜକୁମାରୀଙ୍କ ଜୀବନଚର୍ଯ୍ୟା, ପ୍ରେମ, ବିବାହ, ବିରହ, ସିଂହାସନ ଆରୋହଣ, ବିତାଡ଼ନ, ଷଡ଼ଯନ୍ତ୍ର, ଶିକାର ଆଦି ଯାବତୀୟ ଘଟଣା ଲୋକଙ୍କୁ ଆକର୍ଷିତ କରିଥାଏ। ଏଇ ଯେମିତି ଏଲିଜାବେଥ–୨ୟ ମହାରାଣୀ ହୋଇପାରିଥିଲେ ହେଁ ତାଙ୍କ ସ୍ୱାମୀ ରାଜା ନ ଥିଲେ। ସେ ଥିଲେ ପ୍ରିନ୍ସ ଫିଲିପ୍। ଡ୍ୟୁକ୍ ଅଫ୍ ଏଡିନବର୍ଗ ଭାବେ ସେ ପରିଚିତ ଥିଲେ। ୬ ଫେବୃୟାରୀ ୧୯୫୨ରେ ଏଲିଜାବେଥ୍–୨ୟ ସିଂହାସନରେ ବସିବା ପରେ ଫିଲିପ୍ ବ୍ରିଟିଶ ମୋନାର୍କର କନସର୍ଟ ଭାବେ ଜୀବନର ଶେଷ ୨୦୨୧ ଯାଏ ସେବା ଯୋଗାଇ ଆସିଥିଲେ। ଅନୁରୂପ ଭାବେ ଚାର୍ଲ୍ସ ରାଜା ହୋଇଥିବା ବେଳେ ତାଙ୍କ ପତ୍ନୀ କାମିଲା ପାର୍କର ବ୍ରିଟେନର କୁଇନ୍ କନସର୍ଟ ହୋଇଛନ୍ତି। ରାଜାଙ୍କ ପତ୍ନୀ ଭାବେ ସେ ରାଣୀ ରୂପେ ଗଣା ହେଲେ ମଧ୍ୟ ତାଙ୍କ ନିକଟରେ ସାର୍ବଭୌମତ୍ୱ କ୍ଷମତା ରହିବ ନାହିଁ। ତେବେ ୧୦ ସେପ୍ଟେମ୍ବର ୨୦୨୨ରେ ୭୩ ବର୍ଷରେ ସମ୍ରାଟ ହେବାରେ ଚାର୍ଲ୍ସ ବିଶ୍ୱର ବୟସ୍କ ରାଜକୁମାର ହୋଇଥିବାରୁ ତାଙ୍କ ଜୀବନଯାତ୍ରା ଉପରେ ଏଠାରେ ଆଲୋକପାତ କରିବାର ଅବକାଶ ସୃଷ୍ଟି ହୋଇଛି।

ଚାର୍ଲ୍ସ ଲଣ୍ଡନର ବକିଂହାମ ରାଜପ୍ରାସାଦରେ ୧୪ ନଭେମ୍ବର ୧୯୪୮ରେ ଭୂମିଷ୍ଠ ହୋଇଥିଲେ। ସେହିଠାରେ ସେ ଘରୋଇ ଭାବେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ। ୧୯୬୭ରେ ସେ କ୍ୟାମ୍ବ୍ରିଜ୍‌ର ଟ୍ରିନିଟି କଲେଜରେ ନାମ ଲେଖାଇଥିଲେ। ୧୯୭୧ରେ ସେଠାରେ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ରାଜପରିବାର ଦାୟାଦ ଭାବେ ଚାର୍ଲ୍ସ ପ୍ରଥମେ ଏଭଳି ସମ୍ମାନର ଅଧିକାରୀ ହୋଇଥିଲେ। ଏଥିସହିତ ୧ ଜୁଲାଇ ୧୯୬୯ରେ ୱେଲ୍ସର ପ୍ରିନ୍ସ ଭାବେ ଅଭିଷେକ ହେବା ପୂର୍ବରୁ ସେ ୱେଲ୍‌ସ ଭାଷା ଶିଖିବା ସକାଶେ ୟୁନିଭର୍ସିଟି କଲେଜ ଅଫ୍ ୱେଲ୍ସରେ କିଛି ସମୟ ପଢ଼ିଥିଲେ। ପରେ ସେ ରୟାଲ ଏୟାରଫୋର୍ସ କଲେଜରେ ପ୍ରଶିକ୍ଷଣ ନେଇଥିଲେ। ପୁଣି ଡାର୍ଟମାଉଥସ୍ଥିତ ରୟାଲ ନାଭାଲ କଲେଜରେ ଯୋଗ ଦେଇ ସେ ପରବର୍ତ୍ତୀ ସମୟରେ ୧୯୭୧ରୁ ୧୯୭୬ ଯାଏ ରୟାଲ ନାଭିରେ କାର୍ଯ୍ୟ କରିବାକୁ ଯାଇ ଭ୍ରମଣ କରିଥିଲେ। ରାଜକୁମାରଙ୍କ ସଉକ ବଦଳିଲା ଭଳି ସେ ପରେ ଆଧୁନିକ ସ୍ଥାପତ୍ୟ କଳାର ଜଣେ ସ୍ପଷ୍ଟବାଦୀ ସମାଲୋଚକ ପାଲଟି ଯାଇଥିଲେ। ଏ ସଂକ୍ରାନ୍ତରେ ସେ 'ଭିଜନ୍ ଅଫ୍ ବ୍ରିଟେନ୍'ରେ ତାଙ୍କ ମତ ରଖିଥିଲେ। ୧୯୯୨ରେ ସେ ପ୍ରିନ୍ସ ଅଫ୍ ୱେଲ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଚର ପ୍ରତିଷ୍ଠା କରିଥିଲେ। ତାହା ପରେ ବିଆର୍‌ଇ ଟ୍ରଷ୍ଟ ଭାବେ ପରିଚିତି ଲାଭ କରି ସହରାଞ୍ଚଳ ପୁନର୍ଜୀବନ ଓ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟରେ ବ୍ରତୀ ହୋଇଥିଲା।

ଚାର୍ଲ୍ସ ୨୯ ଜୁଲାଇ ୧୯୮୧ରେ ଲେଡି ଡାଏନାଙ୍କୁ ବିବାହ କରିଥିଲେ। ସେତେବେଳେ ଏହି ରାଜକୀୟ ବିବାହ ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା ଓ ଟେଲିଭିଜନ୍‌ରେ ଏହାର ସିଧାସଳଖ ପ୍ରସାରଣ କରାଯାଇଥିଲା। ରାଜଦମ୍ପତିଙ୍କ ପ୍ରଥମ ସନ୍ତାନ ଭାବେ ୨୧ ଜୁନ୍ ୧୯୮୨ରେ ଆସିଥିଲେ ପ୍ରିନ୍ସ ୱିଲିୟମ, ଯିଏକି ପରବର୍ତ୍ତୀ ରାଜା ହେବା ପାଇଁ ଯୋଗ୍ୟ ଅଛନ୍ତି। ୧୫ ସେପ୍ଟେମ୍ବର ୧୯୮୪ରେ ଜନ୍ମ ନେଇଥିଲେ ଦ୍ୱିତୀୟ ପୁତ୍ର ପ୍ରିନ୍ସ ହେନେରୀ ଚାର୍ଲ୍ସ ଆଲବର୍ଟ ଡେଭିଡ୍ (ପ୍ରିନ୍ସ ହାରି ନାମରେ ପରିଚିତ)। କିନ୍ତୁ ଏହା ପରେ ଚାର୍ଲ୍ସ ଓ ଡାଏନାଙ୍କ ମଧ୍ୟରେ ବିଶ୍ୱାସର ସଙ୍କଟ ଦେଖାଦେଇଥିଲା। ଉଭୟଙ୍କ ସମ୍ପର୍କରେ ଫାଟ ହୋଇଥିବା ନେଇ ଗଣମାଧ୍ୟମରେ ଅନେକ ବିଷୟ ପ୍ରକାଶ ପାଇଲା। ସେଥିମଧ୍ୟରୁ ପରକୀୟା ପ୍ରୀତି ସର୍ବୋଚ୍ଚକୁ ଚାଲିଯାଇଥିଲା। ୯ ଡିସେମ୍ବର ୧୯୯୨ରେ ଉଭୟ ଅଲଗା ହୋଇଯିବେ ବୋଲି ଘୋଷଣା ହୋଇଥିଲା। ଶେଷରେ ୨୮ ଅଗଷ୍ଟ ୧୯୯୬ରେ ସେମାନଙ୍କ ବିବାହ ବିଚ୍ଛେଦ ହୋଇଥିଲା। କିନ୍ତୁ ପିଲାମାନଙ୍କ ଭବିଷ୍ୟତ ନେଇ ଥିବା ଦାୟିତ୍ୱ ସମ୍ପନ୍ନ କରିବା ଲାଗି ଉଭୟ ରାଜି ହୋଇଥିଲେ। କିନ୍ତୁ ଏହାର ବର୍ଷକ ପରେ ଡାଏନା ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହା ପରେ ଚାର୍ଲ୍ସ ୯ ଏପ୍ରିଲ ୨୦୦୫ରେ ତାଙ୍କ ପ୍ରେମିକା କାମିଲା ପାର୍କର ବାଓଲେସ୍‌ଙ୍କୁ ବିବାହ କରିଥିଲେ।

ଚାର୍ଲ୍ସଙ୍କ ବ୍ୟକ୍ତିଗତ ଜୀବନ କିଛି ବର୍ଷ ପାଇଁ ବିବାଦ ଭିତର ଦେଇ ଗତି କରିଥିଲେ ମଧ୍ୟ ସେ ଜଣେ ଜନପ୍ରିୟ ରାଜକୁମାର ଭାବେ ଲୋକଙ୍କ ହୃଦୟରେ ରହିଆସିଛନ୍ତି। ଏଥିସହିତ ସେ ପରିବେଶ ପ୍ରତି ନିଜ ଦାୟିତ୍ୱ ଥିବା ଅନୁଭବ କରିବା ପରେ ପ୍ଲାଷ୍ଟିକ୍ ବ୍ୟବହାର ନିରୋଧୀ ଅଭିଯାନରେ ନିଜକୁ ସାମିଲ କରି ଆସିଛନ୍ତି। ତେବେ କିଛି ବର୍ଷ ହେବ ସାନ ପୁଅ ହ୍ୟାରି ଓ ତାଙ୍କ ପତ୍ନୀ ମେଘାନ ମର୍କେଲଙ୍କର ରାଜ ପରିବାର ସହ ସମ୍ପର୍କକୁ ନେଇ ଉପୁଜିଥିବା ବିବାଦ ଯୋଗୁ ମର୍ମାହତ ହୋଇଥିଲେ। ଏବେ ରାଜା ହୋଇଯାଇଥିବାରୁ ଚାର୍ଲ୍ସ କିଛି ନୂଆ ପଦକ୍ଷେପ ନେଇ ରାଜପରିବାରକୁ ଯୋଡ଼ିବାରେ ପ୍ରୟାସ କରିବେ ବୋଲି କୁହାଯାଉଛି।

ଭାରତ ସହ ତାଙ୍କ ସମ୍ପର୍କ ଭଲ ରହିଆସିଥିବାରୁ ଭବିଷ୍ୟତରେ ଏହା ଆହୁରି ଦୃଢ଼ୀଭୂତ ହେବ ବୋଲି ଆଶା କରାଯାଉଛି। ସେ ଭାରତ ଭ୍ରମଣ ବେଳେ ଓଡ଼ିଶା ମଧ୍ୟ ଆସିଥିଲେ। ସମ୍ରାଟ ଘୋଷିତ ହେବା ପରେ ସେ ଯେଭଳି ନିଜ ରାଜ୍ୟର ସାଧାରଣ ଲୋକଙ୍କ ସହ ହାତ ମିଳାଉଥିବାର ଚିତ୍ର ଗଣମାଧ୍ୟମରୁ ଦେଖିବାକୁ ମିଳିଛି, ସେଥିରୁ ଅନୁମାନ କରାଯାଉଛି ସେ ବ୍ରିଟେନ୍, କମନ୍‌ୱେଲ୍ଥ ଦେଶ ସହ ସମଗ୍ର ବିଶ୍ୱରେ ଏକ ଉତ୍ତମ ଶାସନର ମାର୍ଗ ଦେଖାଇବେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭୋପାଳରେ ଦେଶର ପ୍ରଥମ ଛାଡ଼ପତ୍ର ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ୧୮ ଜଣ ପୁରୁଷ ଏବଂ ସେମାନଙ୍କ ପରିବାର ଅନ୍ତର୍ଭୁକ୍ତ ହେବେ, ଯେଉଁମାନେ ଛାଡ଼ପତ୍ର ଆଦେଶ ପାଇଛନ୍ତି। ଭୋପାଳ ଭାଇ ୱେଲଫେୟାର ସୋସାଇଟି ୧୮ ସେପ୍ଟେମ୍ବରରେ ଏହି ଉତ୍ସବ ଆୟୋଜନ କରୁଛି। ୫ ରୁ ୧୦ ବର୍ଷର ଦୀର୍ଘ ସଂଘର୍ଷରେ ମିଳିଥିବା ଛାଡ଼ପତ୍ର ପରେ ଉତ୍ସବ ପାଳନ କରିବାକୁ ଅତିଥିମାନଙ୍କୁ ପ୍ରିଣ୍ଟିଂ କାର୍ଡ ଦ୍ୱାରା ନିମନ୍ତ୍ରଣ କରାଯାଇଛି। ଏହାର କାର୍ଡ ଭାଇରାଲ ହୋଇଛି। ଭାଇ ୱେଲଫେୟାର ସୋସାଇଟିର ସଭାପତି ଜାକି ଅହମ୍ମଦ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ପୁରୁଣା ଜୀବନରୁ ବାହାର କରି ନୂତନ ଜୀବନରେ ଆଗକୁ ବଢ଼ାଇବା। ଜଣେ ବ୍ୟକ୍ତି ତାଙ୍କ ବିବାହକୁ ୨ ହଜାର ଲୋକଙ୍କୁ ନିମନ୍ତ୍ରଣ କରନ୍ତି। ବିବାହ ପରି ଛାଡ଼ପତ୍ର ଉତ୍ସବରେ ମଧ୍ୟ ଭିନ୍ନ ରୀତିନୀତି ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଛାଡ଼ପତ୍ର ଆଦେଶ ବଣ୍ଟନ କରାଯିବ। ମିଠା ସହିତ ଏଠାରେ ଖାଦ୍ୟରେ ମସୁର ଡାଲି ଏବଂ ବାଫଲ ସହିତ ଅନ୍ୟାନ୍ୟ ଖାଦ୍ୟ ରହିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୨୦୦ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି। ଜାକି ଅହମ୍ମଦ କହିଛନ୍ତି ଯେ ମାନସିକ, ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଛାଡ଼ପତ୍ର ମାମଲାରେ ଭାଙ୍ଗିଯାଇଥିବା ଲୋକଙ୍କ ସହ ତାଙ୍କ ସୋସାଇଟି ଛିଡ଼ାହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୯୭

- ଶ୍ରୀଲଙ୍କାରେ ଏଲ୍.ଟି.ଟି.ଇ. ଗେରିଲା ଓ ସରକାରୀ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୧୨ ଗେରିଲା ଓ ୯ ଜଣ ସୈନ୍ୟ ନିହତ।
- ଅରୁଣାଚଳ ପ୍ରଦେଶର କାମେଙ୍ଗ ଜିଲ୍ଲାର ସେପ୍ପା ନିକଟରେ ସି.ଆର୍.ପି.ଏଫ୍.ର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୫୦୦ ଫୁଟ ତଳକୁ ଖସିପଡ଼ିବା ଫଳରେ ୧୨ ମୃତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | 1 | | 5 | | | | |
| 8 | | | 4 | | | | | 6 |
| | | 4 | 2 | 1 | | | | |
| | | 2 | 9 | | | 3 | | 1 |
| 4 | | 9 | | | 8 | | | |
| | | | | | | | 7 | 9 |
| | | 6 | | 3 | | | 2 | |
| 1 | 3 | | | 2 | | | | |
| | | | | | | | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 6 | 9 | 1 | 4 | 2 | 7 | 5 |
| 1 | 9 | 5 | 8 | 2 | 7 | 6 | 4 | 3 |
| 7 | 4 | 2 | 6 | 3 | 5 | 8 | 9 | 1 |
| 4 | 5 | 1 | 3 | 7 | 6 | 9 | 8 | 2 |
| 2 | 6 | 9 | 4 | 5 | 8 | 3 | 1 | 7 |
| 8 | 3 | 7 | 1 | 9 | 2 | 5 | 6 | 4 |
| 9 | 7 | 8 | 5 | 4 | 3 | 1 | 2 | 6 |
| 5 | 1 | 4 | 2 | 6 | 9 | 7 | 3 | 8 |
| 6 | 2 | 3 | 7 | 8 | 1 | 4 | 5 | 9 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଏକଚ୍ଛତ୍ରବାଦ ଶାସନର ନିଶା

ମହାଶୟ,

ଭାଜପା ବେଳକୁବେଳ ଜନ ବିରୋଧୀ କାର୍ଯ୍ୟ କରିଚାଲିଛି। ଦରଦାମ ଏବେ ଆକାଶଛୁଆଁ। ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଉକ୍ତ ଦଳ ଅକ୍ଷମ ହୋଇଛି। କେନ୍ଦ୍ରମନ୍ତ୍ରୀମାନେ ଅନ୍ୟ ଦଳର ନେତାମାନଙ୍କୁ ଦଳ ଛାଡ଼ି ଭାଜପାରେ ସାମିଲ ହେବା ପାଇଁ ଆହ୍ୱାନ କରୁଛନ୍ତି। ଅନେକ ରାଜ୍ୟରେ ସରକାର ଭାଙ୍ଗି ନିଜ ଅଧୀନକୁ ଆଣିବାରେ ଭାଜପା ଲାଗିପଡ଼ିଛି। ମୁଖ୍ୟମନ୍ତ୍ରୀ ଜଣେ ଭାରତବର୍ଷର ଏକ ନମ୍ବର ମାନ୍ୟତା ପାଇଥିବା ବେଳେ ତାଙ୍କୁ ଏନଡିଏରେ ମିଶିବାକୁ ଆହ୍ୱାନ କରିବା ଓ ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ମନ୍ତ୍ରୀ ହେବାର ଲୋଭ ଦେଖାଇ ଆପ୍ ତ୍ୟାଗକଲେ ମାମଲା ପ୍ରତ୍ୟାହାର କରାଯିବ କହି ଉକ୍ତ ଦଳ ତା'କୁଚିନ୍ତାକୁ ପଦାରେ ପକାଉଛି। ସଂଖ୍ୟାଗରିଷ୍ଠତା ଅଛି ବୋଲି ସବୁ ଦଳକୁ ଭାଙ୍ଗି ଭାଜପା ଏକଚ୍ଛତ୍ରବାଦ ଶାସନ କରିବାକୁ ଚାହୁଁଛି। ହେଲେ ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଅସମ୍ଭବ।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଚିରନ୍ତନୀ

ଅତୀତର ଯେତେ କ୍ଷଣ
ନୀରବିଲା ଅକାରଣ
ବିତିଗଲା ଦିନ ଦୁଃଖ ସୁଖର
ହେଲା ନାହିଁ ଯାହା କେବେ ମୁଖର।
(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ତିମି ସହ ବୋଟ୍ ଧକ୍କା: ୫ ମୃତ**

ନ୍ୟୁଜିଲାଣ୍ଡର ଏକ ଚାର୍ଟର ବୋଟ୍ ଶନିବାର ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବୋଟ୍‌ଟି କାଇକୌରାର ସାଉଥ୍ ଆଇଲାଣ୍ଡ ସହର ନିକଟରେ ଏକ ତିମି ସହ ଧକ୍କା ହୋଇ ଓଲଟି ପଡ଼ିଥିବା ବିଶ୍ୱାସ କରାଯାଉଛି। ବୋଟ୍‌ରେ ଥିବା ଅନ୍ୟ ୬ ଜଣଙ୍କୁ ଉଦ୍ଧାର କରାଯାଇଛି। ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଚାଲିଛି।

## ସଂକ୍ଷେପରେ

### ପୁନାୱାଲାଙ୍କ ନାଁ କହି ୧ କୋଟି ସାଇବର ଠକେଇ

**ମୁମ୍ବାଇ,୧୦।୯:** କୋଭିଶିଲ୍ଡ କରୋନା ଟିକା ନିର୍ମାଣକାରୀ କମ୍ପାନୀ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର ସିଇଓ ଆଦର ପୁନାୱାଲାଙ୍କ ନାଁ କହି ୧ କୋଟି ଲୁଟି ନେଇଛନ୍ତି ସାଇବର ଠକ। ଦୁର୍ବୃତ୍ତମାନେ ପ୍ରଥମେ ଏସ୍‌ଆଇଆଇର ନିର୍ଦ୍ଦେଶକଙ୍କୁ ହ୍ୱାଟ୍ସଆପ୍‌ରେ ପୁନାୱାଲାଙ୍କ ନାଁ କହି ମେସେଜ୍ କରିଥିଲେ। ଗତ ୭ ଏବଂ ୮ ତାରିଖରେ ଏକାଧିକ ଆକାଉଣ୍ଟକୁ ୧,୦୧,୦୧,୫୫୪ ଟଙ୍କା ଟ୍ରାନ୍ସଫର୍ କରାଯାଇଛି। ଏ ସଂକ୍ରାନ୍ତରେ ଏସ୍‌ଆଇଆଇ ନିର୍ଦ୍ଦେଶକ ପୁନାୱାଲାଙ୍କୁ ପଚାରିବାରୁ ସେ ଟଙ୍କା ଟ୍ରାନ୍ସଫର ବିଷୟରେ ଜାଣି ନ ଥିବା କହିଥିଲେ। ଏହାପରେ ଘଟଣା ନେଇ କମ୍ପାନୀ ପକ୍ଷରୁ ଆଇଟି ଆକ୍ଟ ଅନ୍ତର୍ଗତ ବୁନ୍ଦଗାର୍ଡେନ୍ ପୋଲିସ ଷ୍ଟେଶନ୍‌ରେ ଏକ ଏଫ୍‌ଆଇଆର୍ କରାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।



### ନିଜ ଜିଭ କାଟି ଦେବୀଙ୍କୁ ଭେଟି ଦେଲେ ଭକ୍ତ

**ଲକ୍ଷ୍ନୌ,୧୦।୯:** ଉତ୍ତର ପ୍ରଦେଶ କୌଶମ୍ବିର ସମ୍ପତ ନାମକ ଜଣେ ବ୍ୟକ୍ତି ନିଜ ଜିଭ କାଟି ଦେବୀଙ୍କୁ ଭେଟି ଦେଇଥିବାର ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ୩୮ ବର୍ଷୀୟ ସମ୍ପତ ଶନିବାର ମା' ଶୀତଳା ମନ୍ଦିରକୁ ଯାଇଥିବାବେଳେ ସେଠାରେ ନିଜ ଜିଭ କାଟି ଦେଇଥିଲେ। ଏହାର ସୂଚନା ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପତଙ୍କୁ ଡାକ୍ତରଖାନା ନେଇଥିଲା। ତେବେ ଯୁବକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଶନିବାର ସ୍ତ୍ରୀ ବନ୍ଟୋ ଦେବୀଙ୍କ ସହ ସମ୍ପତ ଗଙ୍ଗା ନଦୀରେ ସ୍ନାନ କରିବା ପରେ ମା' ଶୀତଳା ଦେବୀଙ୍କ ମନ୍ଦିର ପରିକ୍ରମା କରିଥିଲେ। ଏହାପରେ ସମ୍ପତ ନିଜ ଜିଭ କାଟି ମନ୍ଦିର ଚଉକାଠରେ ଦେବୀଙ୍କ ଉଦ୍ଦେଶ୍ୟରେ ଥୋଇଥିବା ଖରହା ଧାମ୍ ଥାନା ଅଧିକାରୀ ଅଭିଳାଷ ତିୱାରୀ କହିଛନ୍ତି।

### ପ୍ରତ୍ନତତ୍ତ୍ୱବିତ୍ ବି.ବି. ଲାଲ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ,୧୦।୯:** ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ବି.ବି. ଲାଲ୍‌ଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୧ ବର୍ଷ ହୋଇଥିଲା। ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ପୂର୍ବତନ ମହାନିର୍ଦ୍ଦେଶକ ଲାଲ୍ ଅଯୋଧ୍ୟା ଖନନ ବେଳେ ମନ୍ଦିର ଭଳି ସ୍ତମ୍ଭସବୁ ପାଇଥିଲେ। ଏଏସ୍‌ଆଇର ସର୍ବକନିଷ୍ଠ ଡିଜି ଭାବେ ସେ ୧୯୬୮ରୁ ୧୯୭୨ କାର୍ଯ୍ୟ କରିଥିଲେ। ଆମର ଗୌରବମୟ ଅତୀତ ସହ ସଂଯୋଗ ସ୍ଥାପନ କରିବାରେ ଲାଲ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ତାଙ୍କର କାର୍ଯ୍ୟ ସବୁଦିନ ମନେ ରହିବ ଓ ନୂଆ ପିଢ଼ିଙ୍କୁ ଅନୁପ୍ରାଣିତ କରିବ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି।



**ମୁସେୱାଲା ହତ୍ୟା ମାମଲା**

### ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସଦସ୍ୟ ଗିରଫ

**ମୋହାଲି,୧୦।୯:** ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ସମ୍ପୃକ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୧ଟି ଆଗ୍ନେୟାସ୍ତ୍ର ଜବତ ହୋଇଛି। ମୁସେୱାଲା ହତ୍ୟାକାଣ୍ଡରେ ସମ୍ପୃକ୍ତ ୬ ଶୁଟରଙ୍କ ମଧ୍ୟରୁ ପୂର୍ବରୁ ଦିଲ୍ଲୀ ପୋଲିସ ୩ଜଣଙ୍କୁ ଓ ପଞ୍ଜାବ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ଅନ୍ୟତମ ଶୁଟର ଦୀପକ ଓରଫ ମୁଣ୍ଡିଙ୍କୁ ତାଙ୍କର ଦୁଇ ସହଯୋଗୀ କପିଲ ପଣ୍ଡିତ ଏବଂ ରାଜିନ୍ଦରଙ୍କ ସହ ପଶ୍ଚିମବଙ୍ଗ-ନେପାଳ ସୀମାରୁ ଗିରଫ କରାଯାଇଥିବା ପଞ୍ଜାବ ପୋଲିସ ଡିଜି ଗୌରବ ଯାଦବ ସୂଚନା ଦେଇଛନ୍ତି। ପଞ୍ଜାବୀ ଗାୟକ ତଥା କଂଗ୍ରେସ ନେତା ମୁସେୱାଲାଙ୍କୁ ଗତ ମେ' ୨୯ରେ ମନସା ଜିଲାରେ ଗୁଳିକରି ହତ୍ୟା କରାଯାଇଥିଲା। ଭିଆଇପି ସଂସ୍କୃତି ଉଚ୍ଛେଦ ନାମରେ ପଞ୍ଜାବର ଏଏପି ସରକାର ମୁସେୱାଲାଙ୍କ ସମେତ ପ୍ରାୟ ୪୦୦ ଜଣଙ୍କ ସୁରକ୍ଷା କମାଇଦେଇଥିଲେ। ଏହାର ଦିନକ ପରେ ମୁସେୱାଲାଙ୍କୁ ହତ୍ୟା କରାଯାଇଥିଲା।



### ରାଜାଙ୍କ ପ୍ରତି ବିଶ୍ୱସ୍ତ ରହିବେ ଟ୍ରସ୍

**ଲଣ୍ଡନ, ୧୦।୯:** କିଙ୍ଗ୍ ଚାର୍ଲ୍ସ ତୃତୀୟ ଶନିବାର ଔପଚାରିକ ଭାବେ ରାଜା ହେବା ପରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ଏବଂ ତାଙ୍କ ସରକାରରେ ଥିବା ବରିଷ୍ଠ ସଦସ୍ୟମାନେ ରାଜାଙ୍କ ପ୍ରତି ବିଶ୍ୱସ୍ତ ରହିବାର ଶପଥ ନେଇଛନ୍ତି। ହାଉସ୍ ଅଫ୍ କମନ୍ସର ସ୍ପିକର ଲିଣ୍ଡସେ ହୋୟଲେ ରାଜା, ରାଜପରିବାର ଏବଂ ତାଙ୍କ ଉତ୍ତରାଧିକାରଙ୍କ ପ୍ରତି ବିଶ୍ୱସ୍ତ ରହିବା ସହ ନିଷ୍ଠାବାନ୍ ରହିବାକୁ ପ୍ରଥମେ ଶପଥ ନେଇଥିଲେ। ପରେ ସମସ୍ତ ଆଇନ ପ୍ରଣେତା ଅନୁରୂପ ଭାବେ ଶପଥପାଠ କରିଥିଲେ। ସାରା ଦେଶରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ପରଲୋକରେ ଶୋକ ପାଳନ ନିମନ୍ତେ ବ୍ରିଟେନ ସଂସଦୀୟ କାର୍ଯ୍ୟକୁ ବାତିଲ କରାଯାଇଛି। ତେବେ ଶନିବାର ଏକ ସ୍ୱତନ୍ତ୍ର ଅଧିବେଶନରେ ଆଇନ ପ୍ରଣେତାମାନେ ମହାରାଣୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପୂର୍ବରୁ ଟ୍ରସ୍ ଶୁକ୍ରବାର କିଙ୍ଗ୍ ଚାର୍ଲ୍ସଙ୍କୁ ସାକ୍ଷାତ କରିଥିଲେ।

### ବ୍ରିଟେନ ଗୃହମନ୍ତ୍ରୀଙ୍କ ଗୋଆ ପୈତୃକ ସମ୍ପତ୍ତି ହଡ଼ପ

**ପଣଜୀ ,୧୦।୯:** ବ୍ରିଟେନ ଗୃହମନ୍ତ୍ରୀ ସୁଏଲା ବ୍ରେଭରମ୍ୟାନଙ୍କର ଉତ୍ତର ଗୋଆରେ ଥିବା ୨ଟି ପୈତୃକ ସମ୍ପତ୍ତିକୁ କେତେଜଣ ଅଜଣା ବ୍ୟକ୍ତି ଦଖଲ କରିଥିବା, ତାଙ୍କ ବାପା କ୍ରିଷ୍ଟି ଫର୍ନାଣ୍ଡେଜ୍ ଅଭିଯୋଗ କରିଛନ୍ତି। ଆସାଗାଓରେ ଥିବା ଏହି ଜମିର ଆୟତନ ୧୩,୯୦୦ ବର୍ଗମିଟର। ଅଭିଯୋଗ ପରେ ଗୋଆ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଭାରତୀୟ ବଂଶୋଦ୍ଭବ ବ୍ରେଭରମ୍ୟାନ୍ ନିକଟରେ ବ୍ରିଟେନର ଗୃହମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଫର୍ନାଣ୍ଡେଜ୍ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ପୋଲିସ ଡିଜି ଜସ୍‌ପାଲ ସିଂ ଏବଂ ଗୋଆ ଏନ୍‌ଆର୍‌ଆଇ କମିଶନରେଟ୍‌ରେ ଅଭିଯୋଗ କରିଥିଲେ।


ସୁଏଲା ବ୍ରେଭରମ୍ୟାନ

# ଭାରତରୁ ବହୁ କୋଟି ଲୁଟିଛନ୍ତି ଚାଇନିଜ୍

**ନୂଆଦିଲ୍ଲୀ,୧୦।୯**

ଚାଇନାର ଆର୍ଥିକ ଆକ୍ରମଣ ଭାରତୀୟ କର୍ତ୍ତୃପକ୍ଷଙ୍କୁ ବିବ୍ରତ କରିଛି। ଆର୍ଥିକ ଗୋଇନ୍ଦା ସଂସ୍ଥା (ଏଫ୍‌ଆଇୟୁ) ଆଖିରେ ଧୂଳି ଦେଇ ଚାଇନା ନାଗରିକ ବେଆଇନ ଭାବେ ଅନେକ ଭାରତୀୟ କମ୍ପାନୀ ଖୋଲି ହଜାର ହଜାର କୋଟି ଟଙ୍କା ସେମାନଙ୍କ ଦେଶକୁ ନେଇଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରୁ ଜାଣିବାକୁ ପାଇଛି। ସେମାନେ ପ୍ରଥମେ ଚାର୍ଟର୍ଡ ଆକାଉଣ୍ଟାଣ୍ଟମାନଙ୍କ ସହାୟତାରେ ଡମି ଭାରତୀୟ ନିର୍ଦ୍ଦେଶକ ବ୍ୟବହାର କରି କମ୍ପାନୀଗୁଡ଼ିକୁ ଇନ୍‌କର୍ପୋରେଟ କରୁଥିଲେ। ଏହାର କିଛିଦିନ ପରେ ସେମାନେ ଭାରତ ଆସି ଉକ୍ତ କମ୍ପାନୀର ନିର୍ଦ୍ଦେଶକ ହେଉଥିଲେ ବୋଲି ଇଡି ସୂତ୍ରରୁ ଜଣାପଡ଼ିଛି। ଭାରତରେ ଚାଲିଥିବା ଶତାଧିକ ଚାଇନା ନିୟନ୍ତ୍ରିତ ମୋବାଇଲ ଲୋନ୍ ଆପ୍ ଉପରେ ଚଢ଼ାଉ ସମୟରେ ଉପରୋକ୍ତ ଘଟଣା ପଦାକୁ ଆସିଛି। ଲୋନ୍ ଆପ୍ ବ୍ୟତୀତ ବେଟିଂ ଓ ଡେଟିଂ ଆପ୍ ମଧ୍ୟ ଚାଇନା ଦ୍ୱାରା ନିୟନ୍ତ୍ରିତ ହେଉଛି। କେବଳ ବେଟିଂ ଆପ୍‌ରୁ ସେମାନେ ୧,୩୦୦ କୋଟି ଟଙ୍କା ସଂଗ୍ରହ କରିଥିବା ଇଡି ତଦନ୍ତରୁ ଜଣାପଡ଼ିଛି।

ଚାଇନାକୁ ବେଆଇନ ଭାବେ ଅର୍ଥ ପଠାଯାଉଥିବା ଘଟଣାର ତଦନ୍ତ ବେଳେ ବେଟିଂ ଓ ଡେଟିଂ ଆପ୍‌ର ଏଚ୍‌ଏସ୍‌ବିସି ବ୍ୟାଙ୍କରେ ଥିବା ୪୭ କୋଟି ଟଙ୍କାକୁ ଦୁଇବର୍ଷ ପୂର୍ବେ ଇଡି ବାଜ୍ୟାପ୍ତ କରିଥିଲା। ଏହା ପରେ ଇଡି ପେଟିଏମ୍, କ୍ୟାଶଫ୍ରି ଏବଂ ରାଜୋରପେ୍ ଆଦି ପେମେଣ୍ଟ ଗେଟ୍‌ୱେ ଉପରେ ନଜର ପକାଇଥିଲା। ଗତ ସପ୍ତାହରେ ଏହିସବୁ ସଂସ୍ଥା ଉପରେ ଚଢ଼ାଉ ବେଳେ ଚାଇନା ଲୋନ୍ ଆପ୍‌ଗୁଡ଼ିକର ମାଲିକଙ୍କଠାରୁ ୧୭ କୋଟି ଟଙ୍କା ଜବତ ହୋଇଥିଲା। ଲୋନ୍ ଆପ୍ ଜରିଆରେ ଋଣଗ୍ରହୀତାମାନଙ୍କଠାରୁ ଅତ୍ୟଧିକ ସୁଧ ଓ ପ୍ରୋସେସିଂ ଦେୟ ନେଇ ସେମାନଙ୍କୁ ଶୋଷଣ କରାଯିବା ସହ ହଇରାଣ କରାଯାଉଥିବା ଜଣାପଡ଼ିଥିଲା। ଅନ୍‌ଲାଇନ ବେଟିଂ ବ୍ୟତୀତ ଏହି କମ୍ପାନୀଗୁଡ଼ିକର ନେଟ୍‌ୱର୍କ ହାୱାଲା କାରବାରରେ ମଧ୍ୟ ସମ୍ପୃକ୍ତ ଥିବା ଇଡି କହିଛି। ଉକ୍ତ ପେମେଣ୍ଟ ଗେଟ୍‌ୱେଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ବ୍ୟାଙ୍କ ଓ ଅନ୍ୟ କର୍ତ୍ତୃପକ୍ଷମାନଙ୍କ ସହ ସମନ୍ୱୟ ରଖି ଇଡି କାର୍ଯ୍ୟ କରୁଛି।

## କୋଲକାତା ବ୍ୟବସାୟୀଙ୍କ ଘରୁ ୧୭ କୋଟି ଜବତ କଲା ଇଡି

**ନୂଆଦିଲ୍ଲୀ/କୋଲକାତା,୧୦।୯**




ମୋବାଇଲ ଗେମିଂ ଆପ୍ ଜାଲିଆତି ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର କୋଲକାତାର ୬ଟି ସ୍ଥାନରେ ଚଢ଼ାଉ କରିଛି। ବ୍ୟବସାୟୀ ଆମିର ଖାନ୍‌ଙ୍କ କୋଲକାତାର ଗାର୍ଡେନ ରିଚ୍ ଅଞ୍ଚଳରେ ଥିବା ଘରେ ସମେତ ଉକ୍ତ ଆପ୍‌ର ଅନ୍ୟ ପ୍ରମୋଟରଙ୍କ ଘରେ ଚଢ଼ାଉ ବେଳେ ନଗଦ ୧୭ କୋଟି ଟଙ୍କା ଓ ସମ୍ପତ୍ତି ଦସ୍ତାବିଜ୍ ଜବତ ହୋଇଛି। ଚଢ଼ାଉରେ ଇଡି ଅଧିକାରୀଙ୍କ ସହ ବ୍ୟାଙ୍କ କର୍ମଚାରୀମାନେ ସାମିଲ ହୋଇଥିଲେ। ଇ-ନଗେଟ୍ସ ନାମକ ମୋବାଇଲ ଗେମିଂ ଆପ୍ ଜରିଆରେ ବ୍ୟବହାରକାରୀଙ୍କୁ ଠକୁଥିବା ଆମିର ଓ ଅନ୍ୟମାନଙ୍କ ବିରୋଧରେ ଫେଡେରାଲ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗ ପରେ ଇଡି ପକ୍ଷରୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ମାମଲା ରୁଜୁ ହୋଇଥିଲା। ଉକ୍ତ ଆପ୍‌ରେ ପ୍ରଥମେ ୟୁଜରମାନଙ୍କୁ କମିଶନ ଦିଆଯାଇଥାଏ। ନିବେଶକମାନେ ବିନା ବାଧାରେ ସେମାନଙ୍କ ଟଙ୍କା ଉଠାଇପାରିବାର ପ୍ରତିଶ୍ରୁତି ଦିଆଯାଇଥାଏ। କମିଶନ ପାଇବା ପାଇଁ ନିବେଶକମାନେ ସେଥିରେ ମୋଟା ଅଙ୍କର ଅର୍ଥ ଲଗାଇ ଅଧିକ କିଣିବା ପାଇଁ ଅର୍ଡର କରିଥାନ୍ତି। ଲୋକଙ୍କଠାରୁ ପ୍ରଚୁର ଅର୍ଥ ସଂଗ୍ରହ କରିବା ପରେ ହଠାତ୍ ଉକ୍ତ ଆପ୍‌ରୁ ଟଙ୍କା ଉଠାଇବା ବନ୍ଦ ହୋଇଯାଏ। ଏହା ପରେ ପ୍ରୋଫାଇଲ ସୂଚନା ସମେତ ସମସ୍ତ ଡାଟା ମଧ୍ୟ ଆପ୍ ସର୍ଭରରୁ ଲିଭିଯାଇଥାଏ। ୟୁଜର ଠକାମିର ଶିକାର ହୋଇଥିବା ସେତେବେଳେ ବୁଝିପାରନ୍ତି ବୋଲି ଇଡି କହିଛି।

## ୭୫ ବର୍ଷ ପରେ ଏକାଠି ହେଲେ ଭଉଣୀଭାଇ

**ଦେଶ ବିଭାଜନ ବେଳେ ଅଲଗା ହୋଇଥିଲେ**

**ଇସ୍‌ଲାମାବାଦ,୧୦।୯:** ଦେଶ ବିଭାଜନର ୭୫ ବର୍ଷ ପରେ ଜଳନ୍ଧରର ଅମରଜିତ ସିଂ କର୍‌ତାରପୁରର ଗୁରୁଦ୍ୱାରା ଦର୍‌ବାର ସାହିବରେ ତାଙ୍କ ପାକିସ୍ତାନୀ ଭଉଣୀଙ୍କୁ ଭେଟିବା ପରେ ଭାବବିହ୍ୱଳ ହୋଇପଡ଼ିଥିଲେ। ୧୯୪୭ରେ ପାକିସ୍ତାନ ଭାରତରୁ ଅଲଗା ହୋଇଯିବା ସହ ତାଙ୍କ ପରିବାର ମଧ୍ୟ ପରସ୍ପରଠାରୁ ଦୂରେଇ ଯାଇଥିଲେ। ଶିଖ୍ ଧର୍ମ ଗ୍ରହଣ କରିଥିବା ଅମରଜିତ ଓ ତାଙ୍କର ଜଣେ ଭଉଣୀ ଭାରତରେ ରହିଥିବାବେଳେ ସେମାନଙ୍କ ମୁସଲମାନ ମାତାପିତା ପାକିସ୍ତାନ ଚାଲିଯାଇଥିଲେ। ଗତ ବୁଧବାର କର୍‌ତାରପୁର ଗୁରୁଦ୍ୱାରା ଯାଇଥିବା ଅମରଜିତ୍ ପାକିସ୍ତାନରେ ରହୁଥିବା ତାଙ୍କ ମୁସଲମାନ ଭଉଣୀ କୁଲ୍‌ସୁମ୍ ଅଖ୍‌ତର(୬୫)ଙ୍କୁ ଭେଟିବା ସମୟରେ ଉଭୟଙ୍କ ଆଖିରେ ଲୋତକ ଭରିଯାଇଥିଲା। ଅମରଜିତ ତାଙ୍କ ଭଉଣୀଙ୍କୁ ଭେଟିବା ଲାଗି ଭିଜା ବଳରେ ୱାଘା ସୀମା ଦେଇ ପାକିସ୍ତାନ ଯାଇଥିଲେ। କୁଲ୍‌ସୁମ୍ ଫୈସଲାବାଦରୁ ତାଙ୍କ ପୁଅ ଶାହଜାଦ ଅହମଦ ଓ ଅନ୍ୟ ପରିବାର ସଦସ୍ୟଙ୍କ ସହ ଆସିଥିଲେ। କୁଲ୍‌ସୁମ୍ ପାକିସ୍ତାନରେ ଜନ୍ମଗ୍ରହଣ କରିଥିଲେ। ତେବେ ଭାରତରେ ତାଙ୍କର ଭଉଣୀଭାଇ ରହିଥିବା କଥା ସେ ପିଲାବେଳୁ ଶୁଣିଆସୁଥିଲେ ବୋଲି କହିଛନ୍ତି।



## ରାଜସ୍ଥାନ ନାଁ କର୍ତ୍ତବ୍ୟ ସ୍ଥାନ ହେଉ: ଥରୁର

**ନୂଆଦିଲ୍ଲୀ,୧୦।୯:** କେନ୍ଦ୍ର ସରକାର ନୂଆଦିଲ୍ଲୀ ରାଜପଥକୁ କର୍ତ୍ତବ୍ୟ ପଥ ଭାବେ ନାମିତ କରିଛନ୍ତି। ରାଜପଥ ଭାରତର ଦାସତ୍ୱର ପ୍ରତୀକ ଥିଲା, ଯାହା ଏବେ ଇତିହାସ ହେଲା ବୋଲି କର୍ତ୍ତବ୍ୟ ପଥ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଦାସତ୍ୱ ପରିଚୟରୁ ମୁକ୍ତି ପାଇଁ ଯଦି ରାଜପଥକୁ କର୍ତ୍ତବ୍ୟପଥ କରାଗଲା, ତେବେ ରାଜସ୍ଥାନର ନାଁ କର୍ତ୍ତବ୍ୟ ସ୍ଥାନ ଏବଂ ରାଜଭବନଗୁଡ଼ିକର ନାଁ କର୍ତ୍ତବ୍ୟ ଭବନ ରଖାଯାଉ ବୋଲି କଂଗ୍ରେସ ନେତା ଶଶୀ ଥରୁର ଶନିବାର କହିଛନ୍ତି। ଶୁକ୍ରବାର ଟିଏମ୍‌ସି ଏମ୍‌ପି ମହୁଆ ମୈତ୍ର ମଧ୍ୟ ଅନୁରୂପ ପ୍ରଶ୍ନ ଉଠାଇଥିଲେ।



# ଆଇପିଇଏଫ୍ ବାଣିଜ୍ୟ ମଞ୍ଚରୁ ଓହରିଲା ଭାରତ

**ନୂଆଦିଲ୍ଲୀ/ଲସ୍‌ଏଞ୍ଜେଲ୍ସ,୧୦।୯**

ଏସୀୟ ରାଷ୍ଟ୍ରଗୁଡ଼ିକ ସହ ମୁକ୍ତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା ଲକ୍ଷ୍ୟରେ ଆମେରିକା ନେତୃତ୍ୱରେ ଗଠିତ ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମ୍‌ୱାର୍କ (ଆଇପିଇଏଫ୍) ବାଣିଜ୍ୟିକ ଆଲୋଚନାରୁ ଭାରତ ଓହରିଯାଇଛି। ଆଇପିଇଏଫ୍‌ର ୧୪ ରାଷ୍ଟ୍ର ମଧ୍ୟରୁ ଭାରତ ହେଉଛି ଏକମାତ୍ର ସଦସ୍ୟ, ଯାହାକି ଆମେରିକାର ଲସ୍ ଆଞ୍ଜେଲ୍ସରେ ଚାଲିଥିବା ବାଣିଜ୍ୟ ଚୁକ୍ତି ଆଲୋଚନାରେ ସ୍ୱାକ୍ଷର କରିନାହିଁ। ବାଣିଜ୍ୟ, ଜଳବାୟୁ ପରିବର୍ତ୍ତନ, ଯୋଗାଣ ଶୃଙ୍ଖଳ ଓ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କ ସୁଦୃଢ଼ କରି ବଜାର ପ୍ରବେଶ ଉଦ୍ଦେଶ୍ୟରେ ଏହା ବାଇଡେନ୍ ପ୍ରଶାସନର ଏକ ଉଦ୍ୟମ। ଚାଇନାର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବର ମୁକାବିଲା ପାଇଁ ଆଇପିଇଏଫ୍ ପ୍ରତିଷ୍ଠା କରାଯାଇଥିବାବେଳେ ନୂଆଦିଲ୍ଲୀର ସଦ୍ୟ ପଦକ୍ଷେପ ଯୋଗୁ ଆମେରିକାକୁ ଝଟକା ଲାଗିଛି। ଆମେରିକା ଗସ୍ତରେ ଥିବା ଭାରତର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଲସ୍ ଏଞ୍ଜେଲ୍ସରେ କହିଛନ୍ତି, ନିଜ ଜାତୀୟ ସ୍ୱାର୍ଥର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ନିଷ୍ପତ୍ତି ନେବ। ଭାରତ ହେଉଛି ଆମେରିକୀୟ କମ୍ପାନୀଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ଅଗ୍ରଣୀ ଦେଶ। ଏକ ମଜଭୁତ ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମ୍‌ୱାର୍କ ଫର୍ ପ୍ରୋସ୍ପେରିଟି (ଆଇପିଏଫ୍) ପାଇଁ ଭାରତର ପ୍ରସ୍ତାବ ଖୁବ୍‌ଶୀଘ୍ର ପାର୍ଲାମେଣ୍ଟରେ ଆଗତ କରାଯିବ। ଭାରତ ଉଚ୍ଚସ୍ତରର ଡାଟା ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଆଧୁନିକ ଓ ସମସାମୟିକ ଆଇନଗୁଡ଼ିକର ଅବଧାରଣା ଉପରେ କାମ କରୁଛି। ଶୀଘ୍ର ସେଗୁଡ଼ିକୁ ଲାଗୁ କରାଯିବ। ଏହା ପୂର୍ବରୁ ଗୋୟଲ ଆଇପିଇଏଫ୍‌ର ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେଇଥିଲେ। ତାଙ୍କ ସହ ବୈଠକରେ ୟୁଏସ୍‌ଟିଆର୍ ରାଷ୍ଟ୍ରଦୂତ କ୍ୟାଥରିନ୍ ତାଇ ଓ ଆମେରିକା ବାଣିଜ୍ୟ ସଚିବ ଜିନା ରାଇମଣ୍ଡୋ ମଧ୍ୟ ସାମିଲ ଥିଲେ। ଆମେରିକୀୟ ଅଧିକାରୀମାନେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆଇପିଇଏଫ୍‌ରେ ସାମିଲ ନ ହେବା ନେଇ ନୂଆଦିଲ୍ଲୀର ନିଷ୍ପତ୍ତି ଏହି ସଙ୍ଗଠନର ଢାଞ୍ଚାଗତ ନମନୀୟତାକୁ ଦର୍ଶାଉଛି। ଆମେରିକା ବାଣିଜ୍ୟିକ ପ୍ରତିନିଧି କ୍ୟାଥେରିନ୍ ତାଇ କହିଛନ୍ତି, ଭାରତ ସହ ଆମେରିକାର ବାଣିଜ୍ୟିକ ଆଲୋଚନା ଜାରି ରହିବ। ପ୍ରକାଶ ଯେ, ଗତ ମେ' ୨୩ରେ ଆଇପିଇଏଫ୍‌ର ଶୁଭାରମ୍ଭ ବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏହି ସଙ୍ଗଠନ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ସମୃଦ୍ଧି ଆଣିଦେବ। ଏହା ପୂର୍ବରୁ ୨୦୧୯ରେ ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସହଭାଗିତା (ଆର୍‌ସିଇପି) ପ୍ରସଙ୍ଗରେ ମଧ୍ୟ ଭାରତ ଅନୁରୂପ ପଦକ୍ଷେପ ନେଇଥିଲା। ଚାଇନା ନେତୃତ୍ୱାଧୀନ ଆର୍‌ସିଇପି ହେଉଛି ପୃଥିବୀର ସର୍ବବୃହତ୍ ଆଞ୍ଚଳିକ ମୁକ୍ତ ବାଣିଜ୍ୟ ଚୁକ୍ତି, ଯାହା ପରିସରରେ ବିଶ୍ୱର ଏକତୃତୀୟାଂଶ ଜନସଂଖ୍ୟା ଏବଂ ମୋଟ ଘରୋଇ ଉତ୍ପାଦ (ଜିଡିପି) ଆସୁଛି। ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଆର୍‌ସିଇପି ଭାରତୀୟମାନଙ୍କ ଜୀବିକାକୁ ପ୍ରଭାବିତ କରିବା ଆଶଙ୍କା ରହିଥିବାରୁ ଭାରତ ଏଥିରୁ ଓହରିଯାଇଛି। ପ୍ରକାଶ ଯେ, ଆର୍‌ଇସିପିର ମୁକାବିଲା ପାଇଁ ଆମେରିକା ଆଇପିଇଏଫ୍ ପ୍ରତିଷ୍ଠା କରିଥିଲା।

**ଚାଇନାର ଆର୍‌ଇସିପି ମୁକାବିଲା ପାଇଁ ଗଢ଼ିଥିଲେ ବାଇଡେନ୍**




### ଆଇପିଇଏଫ୍ କ'ଣ

ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମ୍‌ୱାର୍କ (ଆଇପିଇଏଫ୍) ଏକ ଅର୍ଥନୈତିକ ଉଦ୍ୟମ। ୨୦୨୨ ମେ' ୨୩ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହାର ଶୁଭାରମ୍ଭ କରିଥିଲେ। ଏହି ବହୁରାଷ୍ଟ୍ରୀୟ ସଙ୍ଗଠନରେ ଅଷ୍ଟ୍ରେଲିଆ, ବ୍ରୁନେଇ, ଫିଜି , ଭାରତ, ଇଣ୍ଡୋନେସିଆ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ, ନ୍ୟୁଜିଲାଣ୍ଡ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ, ଆମେରିକା ଓ ଭିଏଟ୍‌ନାମ ରହିଛନ୍ତି। ଫିଜି ପ୍ରଥମ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଭାବେ ଏଥିରେ ସାମିଲ ହୋଇଥିଲା। ଟୋକିଓରେ ଅନୁଷ୍ଠିତ ଉଦ୍‌ଘାଟନୀ ସମ୍ମିଳନୀରେ ବାଇଡେନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଏହାକୁ 'ଏକବିଂଶ ଶତାବ୍ଦୀ ପାଇଁ ନୂଆ ନିୟମ ଲେଖିବାର ଏକ ପ୍ରୟାସ' ବୋଲି ଅଭିହିତ କରିଥିଲେ। ମୁକ୍ତ ତଥା ପ୍ରତିକୂଳ ସ୍ଥିତିର ମୁକାବିଲା ସାମର୍ଥ୍ୟ ସମ୍ପନ୍ନ ବାଣିଜ୍ୟ, ଯୋଗାଣ ଶୃଙ୍ଖଳ ଭିତ୍ତିଭୂମି ମଜଭୁତ, ସ୍ୱଚ୍ଛ ଶକ୍ତି ତଥା ଦୁର୍ନୀତି ନିରୋଧୀ କାରବାର ହେଉଛି ଆଇପିଇଏଫ୍‌ର ମୁଖ୍ୟ ବିଷୟବସ୍ତୁ।

## ସଂକ୍ଷେପରେ

### ଗଞ୍ଜେଇ ଜବତ ମାମଲାରେ ଆଉ ଜଣେ ଗିରଫ

ଭୁବନେଶ୍ୱର ୧୦।୯ (ବ୍ୟୁରୋ) :ଏକ କୁଇଣ୍ଟାଲ ଗଞ୍ଜେଇ ଜବତ ମାମଲାରେ ଖଣ୍ଡଗିରି ପୋଲିସ ଶନିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କନ୍ଧମାଳର ଲକି ଓରଫ୍ ରାଜେନ୍ଦ୍ର ନାୟକ । ଭରତପୁର ଥାନା ଅନ୍ତର୍ଗତ ଶିଶୁ ବିଦ୍ୟାମନ୍ଦିର ନିକଟରେ ରାଜେନ୍ଦ୍ର ଥିବା ବେଳେ ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ଗତ ୬ ତାରିଖରେ ଖଣ୍ଡଗିରି ପୋଲିସ ଏବଂ ସ୍ପେଶାଲ କ୍ରାଇମ ୟୁନିଟ୍ ଚଢାଉ କରି ଏକ କାର ଓ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ନିକଟରୁ ବନ୍ଧୁକ, ୫ ରାଉଣ୍ଡ ଗୁଳି, ୬ଟି ମୋବାଇଲ ଜବତ କରିଥିଲା। ସେମାନଙ୍କ ସୂଚନା ଆଧାରରେ ଅନ୍ୟତମ ରାଜେନ୍ଦ୍ରଙ୍କୁ ଧରିଥିଲା। ଏହି ମାମଲାରେ ଗିରଫଦାରି ସଂଖ୍ୟା ୬ରେ ପହଞ୍ଚିଛି।

### ଜମି ବିକ୍ରି ଆଳରେ ୪.୫ ଲକ୍ଷ ଠକେଇ

ବେଗୁନିଆ,୧୦।୯(ଡି.ଏନ୍.ଏ.):ଜମି ବିକ୍ରି କରିବା ଆଳରେ ୪.୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଶନିବାର ପୋଲିସ ଫେରାର ଥିବା ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୋହ୍ଲୁଆପାଟଣା ଗ୍ରାମର ନିରଞ୍ଜନ ବେହେରା। ପୋଲିସ ସୂଚନା ଅନୁସାରେ, ନିରଞ୍ଜନଙ୍କ ବାପା ଚନ୍ଦ୍ରଶେଖର ବେହେରାଙ୍କ ନାମରେ ଥିବା କୋହ୍ଲୁଆପାଟଣା ମୌଜାର ଖାତା ନଂ.୩୦, ପ୍ଲଟ୍ ନଂ.୧୩୨ ଏରିଆ ୪୦ ଡିସିମିଲ ଏବଂ ପ୍ଲଟ୍ ନଂ.୧୩୧ ଏରିଆ ୫ ଡିସିମିଲକୁ ମିଶାଇ ମୋଟ୍ ୪୫ ଡିସିମିଲ ଜମି ରହିଛି। ଉକ୍ତ ଜମିକୁ ବିକ୍ରି କରିବା ପାଇଁ ସେହି ଗ୍ରାମର ବିରଜା ପ୍ରସାଦ ପଣ୍ଡାଙ୍କଠାରୁ ୫ ବର୍ଷ ପୂର୍ବେ ୪.୫ ଲକ୍ଷ ଟଙ୍କା ନିରଞ୍ଜନ ଅଗ୍ରିମ ନେଇଥିଲେ। ପରେ ଜମି ରେଜିଷ୍ଟ୍ରେଶନ କରିବା ପାଇଁ ନିରଞ୍ଜନ ବାରମ୍ବାର ଦିନ ଗଡ଼ାଇବା ସହ ଅର୍ଥ ମଧ ଫେରାଉ ନ ଥିଲେ। ଏନେଇ ବିରଜା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଆଦେଶ ପରେ ବେଗୁନିଆ ଥାନାରେ ଏକ ମାମଲା (ନଂ.୮୭/୨୧) ରୁଜୁ ହୋଇଥିଲା। ସେହି ଦିନରୁ ନିରଞ୍ଜନ ଫେରାର ଥିଲେ।

### ଭାଗବତ ଜନ୍ମ ଉତ୍ସବ

ପୁରୁଣା ଭୁବନେଶ୍ୱର,୧୦।୯(ଡି.ଏନ୍.ଏ.): ଶାନ୍ତିସ୍ତୂପ ଧଉଳିରେ ଶ୍ରୀଧବଳେଶ୍ୱରଙ୍କ ପୀଠରେ ଶନିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ସଙ୍କୀର୍ତ୍ତନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଭାଗବତ ଚର୍ଚ୍ଚା କାର୍ଯ୍ୟକ୍ରମରେ ପର୍ଯ୍ୟଟକ ସାମିଲ ହୋଇଥିଲେ। ଧବଳେଶ୍ୱର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଗଦାଧର ସ୍ୱାଇଁ, ସମ୍ପାଦକ ସୁମନ୍ତ ସୁବୁଦ୍ଧି, ପ୍ରତାପ ସ୍ୱାଇଁ, ନିମାଇଁ ଚରଣ ଖଟୁଆ, ରାଜେନ୍ଦ୍ର ସ୍ୱାଇଁ, ବ୍ରଜମୋହନ ଖଟୁଆ, ଗୟାଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସନ୍ତୋଷ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ଫେରାର ଦମ୍ପତିଙ୍କ ଟେର୍ ପାଉନି ପୋଲିସ

ଭୁବନେଶ୍ୱର ୧୦।୯ (ବ୍ୟୁରୋ)

ନିଶା କାରବାର ବିରୋଧକୁ କେନ୍ଦ୍ରକରି ଶୁକ୍ରବାର ରାତିରେ କ୍ୟାପିଟାଲ ଥାନା ଅନ୍ତର୍ଗତ ନାରାୟଣ ବସ୍ତିର ପି. ସୁବ୍ରତ ରାଓ ଓରଫ ଚନ୍ଦୁ ଓ ତାଙ୍କର ୨ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ସୁବ୍ରତଙ୍କୁ ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏହି ଘଟଣାରେ ଆହତ ମିଥଲଙ୍କ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ଥାନା ପୋଲିସ ତାଙ୍କୁ ଥାନାକୁ ନେଇ ଘଟଣାର ସତ୍ୟାସତ୍ୟ ଜାଣିବାକୁ ଉଦ୍ୟମ ଜାରି ରଖିଛି। ଏହି ହତ୍ୟାକାଣ୍ଡରେ ଏକ ଦମ୍ପତିଙ୍କ ସମ୍ପୃକ୍ତି ଥିବା ପ୍ରଥମରୁ ଆଲୋଚନା ହେଉଥିବାବେଳେ ୨୪ଘଣ୍ଟା ପରେ ମଧ ପୋଲିସ ସେମାନଙ୍କୁ ଠାବ କରିବାରେ ବିଫଳ ହୋଇଛି। ଫଳରେ ପୋଲିସର ତଦନ୍ତକୁ ନେଇ ଏବେ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପଟେ ଶନିବାର ସାଇଣ୍ଟିଫିକ ଟିମ୍ ମର୍ଡର ସ୍ପଟ୍‌କୁ ଯାଇ ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରି ଫେରିଛି। ନିଶା କାରବାରକୁ ବିରୋଧ କରିବାରୁ ସୁବ୍ରତଙ୍କୁ ନୃଶଂସ ଭାବେ ଉକ୍ତ ବସ୍ତିର ରଞ୍ଜୁ ନାମକ ଜଣେ ମହିଳା ଓ ତାଙ୍କ ସ୍ୱାମୀ କାହ୍ନା କେତେଜଣସହଯୋଗୀଙ୍କ ଜରିଆରେ ହତ୍ୟା କରିଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (୫୦୪/୨୨) ରୁଜୁ କରିଛି। ଏନେଇ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି,ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଘଟଣାସ୍ଥଳରୁ ରକ୍ତ ଲାଗିଥିବା ଏକ ପନିକି ଏବଂ ବାଡ଼ି ଜବତ କରାଯାଇଛି। ସୁବ୍ରତଙ୍କ ପରିବାର ଓ ରଞ୍ଜୁଙ୍କ ବାପାଙ୍କ ସମେତ ୨୦ ରୁ ଅଧିକ ଲୋକଙ୍କୁ ପଚରାଉଚରା କରାଯାଇଛି । ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ପ୍ରଧାନ କହିଛନ୍ତି ।

#### ଯୁବକଙ୍କୁ ହତ୍ୟା ଘଟଣା



#### ନିଶା ପାଇଁ ଅଶାନ୍ତ ରାଜଧାନୀ

ରାଜଧାନୀରେ ଦିନକୁ ଦିନ ନିଶାବେପାରୀଙ୍କ ଉତ୍ପାତ ବଢୁଥିବାବେଳେ ଅନେକ ସମୟରେ ଏହାକୁ ନେଇ ଗୋଷ୍ଠୀ ବିବାଦ ଓ ହତ୍ୟାକାଣ୍ଡ ମଧ ଘଟୁଛି। ନିଶା କାରବାର ବନ୍ଦ କରିବା ପାଇଁ କମିଶନରେଟ ପୋଲିସ ଅନେକ ଉଦ୍ୟମ ଚଳାଉଥିଲେ ମଧ ତାହା ସଫଳ ହୋଇପାରୁ ନାହିଁ। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ଆପରାଧିକ କାର୍ଯ୍ୟକଳାପ ରୋକିବା କମିଶନରେଟ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅପରପକ୍ଷରେ କ୍ୟୁଏଟି, ସ୍ପେଶାଲ ସ୍କ୍ୱାଡ୍, ଡିସିପି କ୍ରାଇମ୍ ୟୁନିଟ ଓ ଲୋକାଲ ଥାନାଗୁଡ଼ିକର ଇଣ୍ଟେଲିଜେନ୍ସ କ'ଣ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

#### କାମ ଦେଉନି ପୋଲିସ ମିତ୍ର

ବସ୍ତିରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଖବର ଦେବା ପାଇଁ କମିଶନରେଟ ପୋଲିସ ବସ୍ତିର କେତେଜଣ ଯୁବକଙ୍କୁ ନେଇ ପୋଲିସ ମିତ୍ର ନାମରେ ଟିମ୍ ଗଠନ କରିଥିଲା। ଫଳରେ ସେମାନେ ବସ୍ତି ଅଞ୍ଚଳରେ ଘଟୁଥିବା କାର୍ଯ୍ୟକଳାପ ଏବଂ ଅପରାଧ ସମ୍ପର୍କରେ ପୋଲିସକୁ ସୂଚନା ଦେଇପାରିବେ। ହେଲେ ଅପରାଧୀଙ୍କ ଧମକ ଫଳରେ ସେମାନେ ଭୟରେ ପୋଲିସକୁ ସୂଚନା ଦେଉ ନ ଥିବା ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପୋଲିସ ମିତ୍ର କହିଛନ୍ତି।

#### ନିଶା କାରବାର କଥା ପୁରୁଣା, ପୋଲିସ ସବୁ ଜାଣେ

ସୁବ୍ରତଙ୍କୁ ହତ୍ୟା କରାଯିବାପରେ ନାରାୟଣ ବସ୍ତିର ଲୋକେ ଗଣମାଧ୍ୟମ ସମ୍ମୁଖରେ ବିଭିନ୍ନ କଥା ବଖାଣିଛନ୍ତି। ବସ୍ତିରେ ନିଶା କାରବାର ନୂଆ ନୁହେଁ ବହୁ ଦିନରୁ ଏହା ଚାଲି ଆସୁଛି। ଏନେଇ କ୍ୟାପିଟାଲ ଥାନାରେ ବହୁବାର ବସ୍ତି ଲୋକେ ଅଭିଯୋଗ ମଧ କରିଛନ୍ତି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସହ ଅଭିଯୋଗକୁ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବା କଥା ବସ୍ତି ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଜାଣତରେ ଏହି ନିଶା କାରବାର ହେଉଥିଲା। ତେଣୁ ସେମାନେ ଚାହିଁଥିଲେ ନିଶା କାରବାର ରୋକିବା ସହ ଜଣେ ଯୁବକଙ୍କ ଜୀବନ ରକ୍ଷା ହୋଇପାରିଥାନ୍ତା ବୋଲି କୁହାଯାଉଛି।

#### ବସ୍ତିକୁ ଚାଲ ଅଭିଯାନ, ଧର୍ମକୁ ଆଖିଠାର ସଦୃଶ

ଭୁବନେଶ୍ୱରରେ ଘଟୁଥିବା ଏକାଧିକ ଅପରାଧ ପଛରେ ବସ୍ତିରେ ରହୁଥିବା ବ୍ୟକ୍ତିଙ୍କ ସମ୍ପୃକ୍ତ ରହୁଛି। ତେଣୁ ଏହାକୁ ରୋକିବା ଲାଗି କମିଶନରେଟ ପୋଲିସ ବସ୍ତିକୁ ଚାଲ ଅଭିଯାନ ଆରମ୍ଭ କରିଥିଲା। ଯାହାଦ୍ୱାରା ବସ୍ତିରେ ଘଟୁଥିବାଆପରାଧିକକାର୍ଯ୍ୟକଳାପବିଷୟରେସହଜରେଜାଣିପାରିବ।କିନ୍ତୁ ଶୁକ୍ରବାର ରାତିର ଘଟଣା ପରେ ବସ୍ତିରେ ନିଶାକାରବାର ଏବଂ ଆପରାଧିକ କାରବାର ଖୋଲାଖୋଲି ଭାବେ ଚାଲୁଥିବା ପ୍ରମାଣ ମିଳୁଛି।ତେଣୁ ବସ୍ତିକୁ ଚାଲ ଅଭିଯାନ ଏକ ପ୍ରକାର ଧର୍ମକୁ ଆଖିଠାର ସଦୃଶ ପାଲଟିଛି।

#### ନିଶା କାରବାରରେ ମହିଳାଙ୍କ ସମ୍ପୃକ୍ତି

ରାଜଧାନୀରେ ଦିନକୁ ଦିନ ନିଶାକାରବାର ବଢ଼ିଚାଲୁଥିବାବେଳେ ଏଥିରେ ମହିଳାଙ୍କ ସମ୍ପୃକ୍ତି ମଧ ରହିଆସୁଛି। ଶୁକ୍ରବାର ରାତିରେ ଯୁବକଙ୍କୁ ହତ୍ୟା ଘଟଣାରେ ମଧ ଜଣେ ମହିଳାଙ୍କ ସମ୍ପୃକ୍ତି ରହିଥିବା ଜଣାପଡିଛି। ପୂର୍ବରୁ ନିଶା କାରବାରରେ ରାଜଧାନୀରେ ମହିଳାଙ୍କ ସମ୍ପୃକ୍ତ ରହିଥିବା ନଜିର ରହିଛି। ପୋଲିସ ହାତରେ ଧରା ନ ପଡ଼ିବା ପାଇଁ ପୁରୁଷମାନେ ପ୍ରଚ୍ଛଦପଟ ନାୟକ ସାଜି ମହିଳାଙ୍କ ହାତରେ ନିଶାଦ୍ରବ୍ୟ ଧରାଇ ଦେଉଛନ୍ତି।

#### ଆକ୍ରମଣକାରୀଙ୍କୁ ତୁରନ୍ତ ଧରାଯାଉ: ମୃତକଙ୍କ ପରିବାର

ରଞ୍ଜୁଙ୍କ ନାମରେ ପୂର୍ବରୁ ନିଶା କାରବାର ନେଇ ଥାନାରେ ଅଭିଯୋଗ ରହିଛି । ପୋଲିସ କିନ୍ତୁ ନିଶା କାରବାରକୁ ପ୍ରଶ୍ରୟ ଦେଉଥିଲେ। ପୋଲିସର ଛତ୍ରଛାୟା ତଳେ ରହି ରଞ୍ଜୁ ଓ ତାଙ୍କ ଗୋଷ୍ଠୀ ବସ୍ତି ପରିବେଶକୁ ନଷ୍ଟ କରି ଚାଲିଥିଲେ। ସୁବ୍ରତଙ୍କ ହତ୍ୟା ପାଇଁ ପୋଲିସ ଦାୟୀ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ମୃତକଙ୍କ ପରିବାର ପକ୍ଷରୁ ଦାବି ହୋଇଛି।

# ହବିଷିଆଳିଙ୍କ ପାଇଁ ହେଉଛି ସ୍ୱତନ୍ତ୍ର ବ୍ୟବସ୍ଥା

- ୧୩ରୁ ପଞ୍ଜୀକରଣ, ୨୫୦୦ ହବିଷିଆଳି ରହିବେ
- ରହଣି, ଦର୍ଶନ ଓ ମହାପ୍ରସାଦ ସେବନ ବ୍ୟବସ୍ଥା ହେବ

ପୁରୀ ଅଫିସ,୧୦।୯:

ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଆଉ ମାସେ ପରେ କାର୍ତ୍ତିକ ମାସ ଆରମ୍ଭ ହେବ। ତେବେ ୨ ବର୍ଷ ପରେ ଚଳିତବର୍ଷ କାର୍ତ୍ତିକ ମାସରେ ଅଧିକ ସଂଖ୍ୟାରେ ହବିଷିଆଳି ପୁରୀକୁ ଆସିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। କାର୍ତ୍ତିକରେ ରାଇଦାମୋଦର ବ୍ରତ ପାଳନ କରିବା ପାଇଁ ବ୍ୟବସ୍ଥା କରାଯାଉଛି। କରୋନା ଯୋଗୁ ଗତ ୨ବର୍ଷ ଧରି ରାଜ୍ୟ ସରକାରଙ୍କ ଦ୍ୱାରା ଏହି ବ୍ୟବସ୍ଥା ବନ୍ଦ ଥିବାବେଳେ ଚଳିତବର୍ଷ ପୁଣି କାର୍ଯ୍ୟକାରୀ ହେଉଛି। ହବିଷିଆଳିମାନେ ରହିବା ପାଇଁ ସ୍ଥାୟୀ କୋଠାର ବ୍ୟବସ୍ଥା ହୋଇଥିବା ବେଳେ ଦୈନିକ ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ହବିଷିଆଳିମାନେ ବିନା ମୂଲ୍ୟରେ ଏହି ସୁବିଧା ପାଇପାରିବେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏ ନେଇ ପଞ୍ଜୀକରଣ ଆସନ୍ତା ୧୩ ତାରିଖରୁ ଆରମ୍ଭ ହୋଇ



୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାରଙ୍କର ଏହି ଯୋଜନାର ସୁବିଧା ପାଇବାକୁ ଚାହୁଁଥିବା ହବିଷିଆଳିମାନେ ପଞ୍ଜୀକରଣ କରିବେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କିମ୍ବା ହ୍ୱାଟ୍ସଆପ୍ ନମ୍ବର(୯୪୩୭୩୩୩୮୨୩)ରେ ଯୋଗାଯୋଗ କରି ପଞ୍ଜୀକରଣ କରିପାରିବେ। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରି ସର୍ବସାଧାରଣଙ୍କୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷେ ପ୍ରସ୍ତୁତି ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ୨୫୦୦ରୁ ଉର୍ଦ୍ଧ୍ୱ ହବିଷିଆଳିଙ୍କ ରହଣି, ମହାପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଉଛି। ପଞ୍ଜୀକରଣ ସଂଖ୍ୟା ସ୍ପଷ୍ଟ ହେବା ପରେ ପ୍ରସ୍ତୁତିରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। ସମ୍ପ୍ରତି ଆମେ ଅଢ଼େଇ ହଜାର ବୃଦ୍ଧାଙ୍କ ପାଇଁ ବ୍ୟବସ୍ଥା କରୁଛୁ। ଜିଲା ପ୍ରଶାସନ ତରଫରୁ ଏମାନଙ୍କ ପାଇଁ ନରେନ୍ଦ୍ରପୋଖରୀ ନିକଟରେ ହୋଇଥିବା ଏକ ସ୍ୱତନ୍ତ୍ର କୋଠାର ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଶାସନ ଏମାନଙ୍କ ଯାତାୟାତ ମଧ ବିନା ମୂଲ୍ୟରେ ଯୋଗାଇଦେବ। ପ୍ରତ୍ୟହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ ଯାନର ବ୍ୟବସ୍ଥା କରାଯିବ। ହବିଷିଆଳିମାନେ ଏହି ଯାନରେ ଶ୍ରୀମନ୍ଦିର ଯାଇପାରିବେ। ସେହିଭଳି ଭଜନ କୀର୍ତ୍ତନର ବ୍ୟବସ୍ଥା ମଧ କରାଯିବ। ତେବେ ନିର୍ଦ୍ଧାରିତ ସମୟ ମଧରେ ବ୍ୟକ୍ତିମାନେ ପଞ୍ଜିକରଣ କରିନିଅନ୍ତୁ। ଉକ୍ତ ସମୟ ପରେ ପଞ୍ଜୀକରଣ କରାଯିବ ନାହିଁ। ସେହିଭଳି କରୋନା ପୂର୍ବ ବର୍ଷ ଜିଲା ପ୍ରଶାସନ ସଫଳ ଭାବେ ଏହି ଯୋଜନାକୁ ପରିଚାଳିତ କରିଥିଲା। କରୋନା ଆଶଙ୍କା ହଟିଯାଇଥିବା ହେତୁ ଚଳିତବର୍ଷ ଅଧିକ ହବିଷିଆଳି ପୁରୀ ଆସିବା ନେଇ ଜିଲା ପ୍ରଶାସନ ଆକଳନ କରୁଛି। ହବିଷିଆଳି କୋଠାରେ ଯଥେଷ୍ଟ ପରିମାଣର ହବିଷିଆଳି ରହିବା ନେଇ ବ୍ୟବସ୍ଥା ହୋଇଛି। ଆବଶ୍ୟକ ପଡ଼ିଲେ ଅତିରିକ୍ତ ରହଣି ବ୍ୟବସ୍ଥା ମଧ କରିବୁ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

# ଆଜି ଉଦ୍‌ଘାଟନ ହେବ ବନ ଶହୀଦ ସ୍ମାରକସ୍ତମ୍ଭ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ଭୁବନେଶ୍ୱର ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର (ଆର୍‌ପିଆର୍‌ସି) ପରିସର ଏକାମ୍ର କାନନର ଗୋଲାପ ବଗିଚା ମଧରେ ବନବାହିନୀ ଶହୀଦ ସ୍ମାରକ ସ୍ତମ୍ଭ ସ୍ଥାପନ କରାଯାଇଛି। ବନ ଶହୀଦ ଦିବସ ପାଳନ ଅବସରରେ ରବିବାର ପୂର୍ବାହ୍ନ ୧୦ଟାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ପ୍ରଦୀପ ଅମାତ ଏହାକୁ ଉଦ୍‌ଘାଟନ କରିବେ। ବିଭାଗୀୟ ସଚିବ, ପିସିସିଏଫ୍‌ଙ୍କ ସହ ଅନ୍ୟ ଅତିଥି ଓ ଅଧିକାରୀ ଉପସ୍ଥିତ ରହିବେ। ପ୍ରାୟ ୧୭ଲକ୍ଷ ଟଙ୍କାର ଏହି ପ୍ରକଳ୍ପକୁ ୨୦୧୯-୨୦ରେ ମଞ୍ଜୁରୀ ମିଳିଥିଲା। ଜଙ୍ଗଲ ନିଆଁ ଲିଭାଇବାବେଳେ ମୃତ୍ୟୁ, ବନ୍ୟପ୍ରାଣୀ ଆକ୍ରମଣଜନିତ ମୃତ୍ୟୁ, ଜଙ୍ଗଲ ସୁରକ୍ଷା ପାଇଁ ମାଫିଆଙ୍କ ବିରୋଧରେ ଲଢ଼ି ମୃତ୍ୟୁ, ମାଓବାଦୀଙ୍କ ଦ୍ୱାରା ମୃତ୍ୟୁ ଭଳି ବିଭିନ୍ନ କାରଣରୁ ଶହୀଦ ହୋଇଥିବା ବନ କର୍ମଚାରୀଙ୍କ ନାମ ଏଥିରେ ସ୍ଥାନ ପାଇଛି। ଏମାନଙ୍କ ମଧରେ ହାତୀ ଆକ୍ରମଣରେ ଶହୀଦ ହୋଇଥିବା ସୋମନାଥ ବେହେରା (ଖୋର୍ଦ୍ଧା), କାମରାଜ ଭୂୟାଁ (ଘୁମୁସର ଉତ୍ତର), ତ୍ରିଲୋଚନ ପ୍ରଧାନ (ଆଠମଲ୍ଲିକ ଟେରିଟୋରି) ରହିଛନ୍ତି। ସେହିପରି କାଠ ମାଫିଆଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଅଶ୍ୱିନୀ କୁମାର



ମହାନ୍ତି (ବରଗଡ଼), ଭଗବାନ ମାଝୀ (ଅନୁଗୋଳ), ରାଜନଗରରେ ମାଛ ଟ୍ରଲର ମାଫିଆଙ୍କ ଆକ୍ରମଣରେ ମୃତ ବନ କର୍ମଚାରୀ ଶ୍ୟାମସୁନ୍ଦର ସିଂହ, ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା କେତେଜଣ ବନ କର୍ମଚାରୀଙ୍କୁ ମିଶାଇ ମୋଟ ୨୧ଜଣ ଶହୀଦ ବନ କର୍ମଚାରୀଙ୍କ ନାମ ଏହି ସ୍ତମ୍ଭରେ ସ୍ଥାନ ପାଇଛି। ଏ ସମ୍ପର୍କରେ ଅଣଗେଜେଟେଡ୍ ବନ ସେବା ସଂଘ ସମ୍ପାଦକ ଦିଲୀପ କୁମାର ମିଶ୍ର କହିଛନ୍ତି, କର୍ତ୍ତବ୍ୟ ପରାୟଣତା ଏବଂ ସେବାର ନିଦର୍ଶନ ଦେଇ ନିଜର ପ୍ରାଣ ଦେଇଥିବା ବନ କର୍ମଚାରୀଙ୍କ ପ୍ରତି ଏହା ଏକ କ୍ଷୁଦ୍ର ଶ୍ରଦ୍ଧାଞ୍ଜଳି। ଏଥିପାଇଁ ଅନେକ ଦିନ ହେବ ସଂଘ ତରଫରୁ ଆମେ ଚେଷ୍ଟା କରି ଆସିଥିଲୁ। ଦିବଂଗତ ବନ ଶହୀଦଙ୍କ ପ୍ରତିଶ୍ରଦ୍ଧା ଜ୍ଞାପନ କରିବା ପାଇଁ ନିର୍ମିତ ଏହି ସ୍ତମ୍ଭ ବନ କର୍ମଚାରୀଙ୍କ ମନୋବଳ ନିଶ୍ଚୟ ବୃଦ୍ଧି କରିବ।

# ସରିଲା ଜଟଣୀ ଗଣେଶ ଭସାଣି



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।



ଶୋଭାଯାତ୍ରାରେ ସାମିଲ ନାଗା ବେଶଧାରୀ।

ଜଟଣୀ,୧୦।୯(ଡି.ଏନ୍.ଏ.)

ଆନନ୍ଦ ଉଲ୍ଲାସର ଅନ୍ତ ଘଟାଇ ଭକ୍ତଙ୍କ ମେଳରୁ ବିଦାୟ ନେଇଛନ୍ତି ବିଘ୍ନ ବିନାଶନ। ଦୀର୍ଘ ୧୦ ଦିନର ଅଭ୍ୟର୍ଥନା ପରେ ଆତସବାଜି, ଢୋଲ, ମର୍ଦ୍ଦଳ, ଘଣ୍ଟ ଘଣ୍ଟା ସହ ନାଚଗୀତର ରୋଶଣିରେ ଗଜାନନଙ୍କୁ ମେଲାଣି ଦେଇଛନ୍ତି ଭକ୍ତ। ଶନିବାର ଜଟଣୀରେ ଧୁମ୍‌ଧାମରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଏଥର ମଧ ୩୦ ମଣ୍ଡପର ଠାକୁର ଭସାଣିରେ ସାମିଲ ହୋଇଥିଲେ। ଭସାଣି କମିଟି ଅଧକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ପୂଜା ମଣ୍ଡପର ଠାକୁର ବିଭିନ୍ନ ପାରମ୍ପରିକ ବାଦ୍ୟରେ ରୋଶଣି କରି ସୀତାରାମ ଛକ ମେଳଣ ସ୍ଥଳରେ ଏକତ୍ରିତ ହୋଇଥିଲେ। ଠାକୁରଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ପରେ ବିସର୍ଜନ ପାଇଁ ଭସାଣି ଆରମ୍ଭ ହୋଇଥିଲା। ସ୍ଥାନୀୟ ଆନ୍ଧ୍ରବ୍ୟାଙ୍କ ଛକରେ ଜଟଣୀ ନଗର ବିଜେଡି ପକ୍ଷରୁ ଭସାଣିରେ ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ନଗର କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଅଗ୍ରୱାଲ ଧର୍ମଶାଳା ନିକଟରେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧକ୍ଷ ସନ୍ତୋଷ ଜେନା ଯୋଗଦେଇଥିଲେ। ସେହିପରି ମ୍ୟୁନିସିପାଲିଟି ଛକରେ ଜଟଣୀ ନଗର ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହିତ କଳାକାରଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ଅତିଥି ଭାବେ ଯୋଗଦେଇଥିଲେ। କଣ୍ଢେଇ ନାଚ, ବୁଢ଼ାବୁଢ଼ୀ ନାଚ, ଘୋଡ଼ା ନାଚ, ପାଇକ ଆଖଡ଼ା, କୀର୍ତ୍ତନ, ଘଣ୍ଟ ମର୍ଦ୍ଦଳ, ଢୋଲ ମହୁରି, ସମ୍ବଲପୁରୀ, ଆଧୁନିକ ଗୀତର ତାଳେ ତାଳେ ଶ୍ରଦ୍ଧାଳୁଙ୍କ ନାଚ ସାଜିଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। ଛୋଟ ପିଲାଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ଏହି ଭସାଣି ଶୋଭାଯାତ୍ରା ମାହୋଲରେ ମତୁଆଲା ହୋଇ ଉଠିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୯ ପ୍ଲାଟୁନ ଫୋର୍ସ ଏବଂ ୧୦ ଅଧିକାରୀ ନିୟୋଜିତ ହୋଇଥିଲେ। ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଷଣ୍ଢପୁର ନିକଟ ଏମ୍‌ସିସି-୨୦ ଠାରେ ନିର୍ମିତ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।

# ନନ୍ଦନକାନନ ସ୍ଥିତି ପରଖିଲେ କେନ୍ଦ୍ରମନ୍ତ୍ରୀ

ବାରଙ୍ଗ,୧୦।୯(ଡି.ଏନ୍.ଏ.)

କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର ଅପରାହ୍ନ ସାଢେ ୪ଟାରେ ନନ୍ଦନକାନନ ପରିଦର୍ଶନ କରି ଫେରିଛନ୍ତି। କେନ୍ଦ୍ରମନ୍ତ୍ରୀ ବିଭିନ୍ନ ଏନକ୍ଲୋଜରରେ ଥିବା ଜୀବଜନ୍ତୁଙ୍କୁ ଦେଖିବା ସହ ବିଭିନ୍ନ କାର୍ଯ୍ୟର ସ୍ଥିତି ପରିଖିଲେ। ଏହାପରେ କର୍ତ୍ତୃପକ୍ଷଙ୍କ ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ମଧ କରିଥିଲେ। ମନ୍ତ୍ରୀଙ୍କ ସହିତ କେନ୍ଦ୍ରୀୟ ଚିଡ଼ିଆଖାନା ସଚିବ, ନନ୍ଦନକାନନ ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ ସମେତ ରେଞ୍ଜ ଅଫିସରମାନେ ଉପସ୍ଥିତ ଥିଲେ। ଲଘୁଚାପ ବର୍ଷା ସତ୍ତ୍ୱେ ପ୍ରାଣୀ ଉଦ୍ୟାନର ବାଘ, ଭାଲୁ, ବିଲୁଆ, ପାଦଚଲା ବିହଙ୍ଗ ସାରଣୀ, ବଜ୍ରକାପ୍ଟା ପ୍ରଜନନ କେନ୍ଦ୍ର ଆଦି ବୁଲି ଜୀବଜନ୍ତୁଙ୍କ ସୁରକ୍ଷା, ଚିକିତ୍ସା, ଏନକ୍ଲୋଜରର ନିର୍ମାଣ ଶୈଳୀ ଆଦି ପରଖିଥିଲେ। ଆଗାମୀ ଦିନରେ ନନ୍ଦନକାନନ ବିଶ୍ୱପ୍ରସିଦ୍ଧ ହୋଇପାରିବ ସେ ଦିଗରେ ସମସ୍ତ ପ୍ରକାରର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏଥିସହ କେନ୍ଦ୍ରୀୟ ଚିଡ଼ିଆଖାନା ସହ ଖୁବ୍‌ଶୀଘ୍ର ଆଲୋଚନା କରାଯାଇ ଗଣ୍ଡା ସହ ବିରଳ ଜୀବଜନ୍ତୁ ଏଠାକୁ ଆଣିବା ପାଇଁ ଚେଷ୍ଟା କରାଯାଉଛି ଏବଂ ନନ୍ଦନ କାନନ କିଭଳି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇ ଏହାର ପ୍ରଭାବ କିପରି ପ୍ରାକୃତିକ ପରିବେଶ ଉପରେ ନ ପଡ଼ିବ ସେଥିପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ।



କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଅନ୍ୟମାନେ ନନ୍ଦନକାନନ ବୁଲି ଦେଖୁଛନ୍ତି।

## ପ୍ରାଣୀ ଉଦ୍ୟାନ ବୁଲିଲେ ସର୍ବଭାରତୀୟ ଚିଡ଼ିଆଖାନା ନିର୍ଦ୍ଦେଶକ

ବାରଙ୍ଗ,୧୦।୯(ଡି.ଏନ୍.ଏ.)

ଭୁବନେଶ୍ୱରର ଏକ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ସର୍ବଭାରତୀୟ ଚିଡ଼ିଆଖାନାର ନିର୍ଦ୍ଦେଶକମାନେ ଶନିବାର ସକାଳେ ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ପରିଭ୍ରମଣ କରିଛନ୍ତି। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଓ ନନ୍ଦନକାନନର ସହଯୋଗରେ ଭୁବନେଶ୍ୱରର ଏକ ହୋଟେଲରେ ଶନିବାର ଓ ରବିବାର ଦୁଇଦିନିଆ ସର୍ବଭାରତୀୟ ଚିଡ଼ିଆଖାନାର ନିର୍ଦ୍ଦେଶକଙ୍କ ମଧରେ ଏକ ସମ୍ମିଳନୀ ହୋଇଛି। ଏଥିରେ ଭାଗନେଇଥିବା ଚିଡ଼ିଆଖାନା ନିର୍ଦ୍ଦେଶକମାନେ ସମ୍ମିଳନୀ ପରେ ନନ୍ଦନକାନନ ବୁଲିବା ସହ ଏଠାକାର ପରିଚାଳନା, ଜୀବଜନ୍ତୁଙ୍କ ସୁରକ୍ଷା, ଚିକିତ୍ସା, ଏନକ୍ଲୋଜର ନିର୍ମାଣଶୈଳୀ ଆଦି ପରଖିଥିଲେ। ନନ୍ଦନକାନନ ଉପ-ନିର୍ଦ୍ଦେଶକ ସଞ୍ଜିତ କୁମାର ଏମାନଙ୍କ ସାଙ୍ଗରେ ରହି ନନ୍ଦନକାନନର ବିଭିନ୍ନ କାର୍ଯ୍ୟ, ପ୍ରକଳ୍ପ ବିଷୟରେ ବୁଝାଇଥିଲେ। ଏହି ସମ୍ମିଳନୀ ଭାରତବର୍ଷର ସମସ୍ତ ଚିଡ଼ିଆଖାନାର ବିକାଶ କ୍ଷେତ୍ରରେ ସହାୟକ ସାଜିବ। ସମସ୍ତେ ଅନ୍ୟମାନଙ୍କ ଚିଡ଼ିଆଖାନାରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଜାଣିବା ସହ ନିଜ ଚିଡ଼ିଆଖାନାରେ ପ୍ରୟୋଗ କରିବାରେ ପ୍ରୟାସ କରିବେ। ଏହାସହ ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବା ପାଇଁ ନନ୍ଦନକାନନ ପକ୍ଷରୁ କରାଯାଉଥିବା ଉଦ୍ୟମ ଏହି ସମ୍ମିଳନୀ ବେଶ୍ ଲାଭପ୍ରଦ ସାଜିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

## ସଂକ୍ଷେପରେ

### ଜନପଥରେ ୧୩ ଦୋକାନ ସିଲ୍ କଲା ବିଏସ୍‌ସିଏଲ୍



**ଭୁବନେଶ୍ୱର, ୧୦।୯ (ବ୍ୟୁରୋ):** ଭୁବନେଶ୍ୱର ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହିତ ଜବରଦଖଲ ହଟାଇବା ପାଇଁ ବିଏମ୍‌ସି ଜୋର୍‌ଦାର ଅଭିଯାନ ଚାଲିଛି। ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଜରିମାନା ସହ ଦୋକାନ ସିଲ୍ କରୁଥିବାବେଳେ ଏବେ ଏଥିରେ ସାମିଲ ହୋଇଛି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)। ଶନିବାର ଜନପଥରେ ଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ପରିମଳ ବ୍ୟବସ୍ଥା ତଦାରଖ କରାଯାଇଥିଲା। ଏହି ସମୟରେ ନିୟମ ଉଲ୍ଲଂଘନ ନଜରକୁ ଆସିବା ପରେ ୬ଟି ଦୋକାନ ସିଲ୍ କରାଯିବା ସହିତ ମୋଟ୍ ୧୩ଟି ଦୋକାନର ଜିନିଷପତ୍ର ସିଜ୍ କରାଯାଇଛି। ସମ୍ପୃକ୍ତ ଦୋକାନର ଆଖପାଖ ଅଞ୍ଚଳରେ ଆବର୍ଜନା ପଡି ରହିବା ସହିତ ଡଷ୍ଟବିନ୍ ବ୍ୟବହାର କରାଯାଉ ନ ଥିଲା। କେତେକ ଦୋକାନୀ ବେଆଇନ ଭାବେ ଅଧିକ ଜାଗା ଜବରଦଖଲ କରି ବ୍ୟବସାୟ କରୁଥିଲେ। ଏଥିସହ ଆଉ କେତେଜଣ ବ୍ୟବସାୟୀ ବିଏମ୍‌ସିରୁ ଜାଲିଆତି କରି ଟ୍ରେଡ୍ ପରିବର୍ତ୍ତନ କରିଥିବା ଦେଖାଯାଇଥିଲା। ସମସ୍ତ ଖିଲାପକାରୀଙ୍କ ଠାରୁ ଜରିମାନା ଆଦାୟ କରିବା ସହିତ ଭବିଷ୍ୟତରେ ସେମାନଙ୍କୁ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରଦାନ କରାଯିବ ନାହିଁ। ଆଗାମୀ ଦିନରେ ନିୟମିତ ଭାବେ ବିଏସ୍‌ସିଏଲ ପକ୍ଷରୁ ଏଭଳି ଏନ୍‌ଫୋର୍ସମେଣ୍ଟ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

### ଗୃହିଣୀଙ୍କ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଜାତୀୟ ମହିଳା ଆୟୋଗ ଓ ଶୈଳବାଳା ମହାବିଦ୍ୟାଳୟ ପକ୍ଷରୁ 'ଗୃହିଣୀଙ୍କ ବୃତ୍ତିଗତ କ୍ୟାରିୟର ଏବଂ ଆତ୍ମନିର୍ଭରଶୀଳତା' ସମ୍ପର୍କିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହାକୁ ଉଦ୍‌ଘାଟନ କରି କହିଲେ, ମହିଳାମାନେ ବିଶେଷକରି ଗୃହିଣୀଙ୍କ ସଶକ୍ତୀକରଣ ପାଇଁ ନିଯୁକ୍ତି ସୁଯୋଗ, ଆତ୍ମନିର୍ଭରଶୀଳତା ତଥା କିଛି କରିବାର ପ୍ରବଣତା ନିହାତି ଜରୁରୀ। ନାରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଉଦ୍ୟମ ହେବା ଆବଶ୍ୟକ। ଏ ଦିଗରେ ବିଶ୍ୱବିଦ୍ୟାଳୟ ଉଦ୍ୟମ କରିବ ବୋଲି କୁଳପତି କହିଥିଲେ। ମୁଖ୍ୟବକ୍ତା ଭାବେ ରୁଚି ଫୁଡ୍‌ଲାଇନ ନିର୍ଦ୍ଦେଶିକା ରଶ୍ମି ସାହୁ କହିଲେ, ନାରୀମାନେ ଡିଜିଟାଲ ଯୁଗରେ ନିଜ ବ୍ୟବସାୟରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥାର ସଦୁପଯୋଗ କରିବା ଉଚିତ। ଶୈଳବାଳା ମହିଳା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଶେଷଜ୍ଞ ଭାବେ ରାଜ୍ୟ ସରକାରଙ୍କ କ୍ଷୁଦ୍ର, ଶିଳ୍ପ ବିଭାଗର ଆଶା ମହାପାତ୍ର, ନାଓର ବିଶାଖା ଭଞ୍ଜ, ନିଟ୍ ପ୍ରତିଷ୍ଠାନର ଭିକି ପାଲିଖୋଲ କର୍ମଶାଳାରେ ଭାଗ ନେଇଥିବା ମହିଳାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ନିଜସ୍ୱ ବ୍ୟବସାୟ ଆରମ୍ଭ କୌଶଳ, ଆତ୍ମନିର୍ଭରଶୀଳତାର ସମ୍ବଳ ଆଦି ବିଷୟରେ ସେମାନେ ମହିଳାଙ୍କୁ ସଚେତନ କରାଇଥିଲେ।

### ୫-ଟି ସଚିବ ପାଣ୍ଡିଆନଙ୍କୁ କାନ୍‌ଭାସ୍ ପ୍ରତିଛବି ପ୍ରଦାନ

**ପୁରୀ ଅଫିସ,୧୦।୯:** ୫-ଟି ସଚିବ ଭି.କେ.ପାଣ୍ଡିଆନ ଶନିବାର ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ତଦାରଖ କରିଛନ୍ତି। ଶ୍ରୀମନ୍ଦିର ଚତୁର୍ପାଶ୍ୱ ସୌନ୍ଦର୍ଯ୍ୟକରଣ ଓ ପୁରୀ ସହରର ବିକାଶ ଦିଗରେ ୫-ଟି ସଚିବଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ରହିଛି। ପୂର୍ବ ଅପେକ୍ଷା ଅଧିକରୁ ଅଧିକ ଭକ୍ତ ଏବେ ପୁରୀକୁ ଆସି ସୁରୁଖୁରୁରେ ଦର୍ଶନ କରି ଫେରୁଛନ୍ତି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଦୃଷ୍ଟିରେ ରଖି ସୌଜନ୍ୟ ମୂଳକ ଭାବେ ସାମାଜିକ ଅନୁଷ୍ଠାନ ଟୁଇଟର ଅଫ୍ ଆସୋସିଏଶନ ସଦସ୍ୟ ସନ୍ଦୀପ ମହାପାତ୍ର, ସତ୍ୟନାରାୟଣ ସାହୁ ଓ ବିପିନ ମହାନ୍ତି ଭେଟିଛନ୍ତି। ଏପରିକି ୫-ଟି ସଚିବଙ୍କୁ ଅନୁଷ୍ଠାନ ପକ୍ଷରୁ ପାଣ୍ଡିଆନଙ୍କ ପ୍ରତିଛବି ଥିବା କାନଭାସ ଉପହାର ପ୍ରଦାନ କରିଛନ୍ତି। ଏହି ପ୍ରତିଛବିଟିକୁ ଅନୁଷ୍ଠାନର ସଦସ୍ୟା ଦିବ୍ୟଜ୍ୟୋତି ମାର୍ଥ ପ୍ରସ୍ତୁତ କରିଛନ୍ତି।

# ଏଥର ହାଇକୋର୍ଟ ତୋରଣ

ଭୁବନେଶ୍ୱର, ୧୦।୯ (ବ୍ୟୁରୋ)






ଦୁର୍ଗାପୂଜା ପାଇଁ ରାଜଧାନୀ ଭୁବନେଶ୍ୱର କ୍ରମଶଃ ଚଳଚଞ୍ଚଳ ହେବାରେ ଲାଗିଛି। ବିଭିନ୍ନ ପୂଜା କମିଟି ମଧ୍ୟ ନିଜ ନିଜର ପ୍ରସ୍ତୁତିକୁ ଜୋର୍‌ଦାର କରିଛନ୍ତି। ପ୍ରତିଯୋଗିତାମୂଳକ ଭାବେ ମା'ଙ୍କ ପାଇଁ ସୁଦୃଶ୍ୟ ମଣ୍ଡପ ଓ ତୋରଣ ତିଆରି ଚାଲିଛି। ମା' ଟଙ୍କପାଣି ରୋଡ୍ ଦୁର୍ଗାପୂଜା ସମିତି ଏଥର ପୂଜା ପ୍ରସ୍ତୁତିକୁ ନିଆରା ଭାବେ କରୁଛି। ପ୍ରସ୍ତୁତି ବୈଠକ ଶେଷ ହେବା ପରେ ତୋରଣ କାମ ଆରମ୍ଭ ହୋଇଛି। ଚଳିତ ବର୍ଷ ଦୁର୍ଗାପୂଜା ସମିତି ପକ୍ଷରୁ ୧୩ତମ ପୂଜା ଆୟୋଜିତ ହେବ। ଏଥିପାଇଁ ୧୩ଲକ୍ଷ ଟଙ୍କା ବଜେଟ୍ ରହିଛି। ପ୍ରତି ବର୍ଷ ନୂଆ ନୂଆ ଭେଟି ଦେଇ ଆସୁଥିବା ଏହି ସମିତି ପକ୍ଷରୁ ଏଥର ତୋରଣରେ ହାଇକୋର୍ଟର ପ୍ରତିଛବି ସ୍ଥାନ ପାଇବ। ନ୍ୟାୟିକ ବ୍ୟବସ୍ଥାକୁ ସମ୍ମାନ ଜଣାଇ ଏହି ତୋରଣ ପ୍ରସ୍ତୁତ କରାଯାଉଛି। ତୋରଣର ଚଉଡ଼ା ୬୫ ଫୁଟ ରହିଥିବାବେଳେ ଲମ୍ୱ ୭୦ ଫୁଟ ରହିବ। ସେହିପରି ମଣ୍ଡପର ଉଚ୍ଚତା ୧୯ ଫୁଟ ହୋଇଥିବାରୁ ମା' ଦଶଭୂଜାଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ ରହିବ। ଉଭୟ ମୂର୍ତ୍ତି ଓ ତୋରଣର ଦାୟିତ୍ୱ କୋଲକାତା କାରୀଗରଙ୍କୁ ଦିଆଯାଇଛି। ମା'ଙ୍କୁ ରୁପା ଅଳଙ୍କାର, ଜରି ଏବଂ ଅନ୍ୟାନ୍ୟ ସାମଗ୍ରୀରେ ସଜ୍ଜିତ କରାଯିବ। ଏଥିସହିତ ଆଖପାଖ ଅଞ୍ଚଳକୁ ଲିଚୁ ଏବଂ ଆଲୋକମାଳାରେ ସଜାଯିବ। ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ୩ଦିନ ମେଲୋଡି ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ତେବେ ପୂଜା ସମିତି ପକ୍ଷରୁ ପ୍ରତିବର୍ଷ କରାଯାଉଥିବା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଏଥର ବନ୍ଦ ରହିବ। ସୁରକ୍ଷା ଦୃଷ୍ଟିରୁ ୧୧ଟି ସିସିଟିଭି କ୍ୟାମେରା ଲାଗିବା ସହ ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ହେବେ। ଏହାବାଦ୍ ଭଲ୍ୟୁଣ୍ଟରମାନେ ନିୟୋଜିତ ରହିବେ। ସେହିପରି ପରମ୍ପରା ଅନୁଯାୟୀ ଅଷ୍ଟମୀ ଦିନ ଅଞ୍ଚଳବାସୀଙ୍କ ଘରେ ଖେଚୁଡ଼ି ଭୋଗ ବଣ୍ଟାଯିବ। ଭସାଣୀ ଦିନ ଶଙ୍ଖ, ଘଣ୍ଟଘଣ୍ଟା, ହୁଳୁହୁଳି ଆଦି ପାରମ୍ପରିକ ବାଦ୍ୟ ସହିତ ଡିଜେ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ।

**ଶବ୍ଦ ପ୍ରଦୂଷଣ ଉପରେ ଗୁରୁତ୍ୱ ଦିଆଯିବ**



"ଚଳିତ ବର୍ଷ ତୋରଣରେ ହାଇକୋର୍ଟକୁ ସ୍ଥାନ ଦିଆଯାଇଛି। ନ୍ୟାୟ ବ୍ୟବସ୍ଥା ଉପରେ ଥିବା ଭରସା, ବିଶ୍ୱାସକୁ ସୂଚାଇବ। କରୋନା ପରେ ଏଥର ବିନା କଟକଣାରେ ପୂଜା ଅନୁଷ୍ଠିତ ହେଉଥିବାରୁ ବହୁତ ଖୁସି ଲାଗୁଛି। ଶ୍ରଦ୍ଧାଳୁମାନେ ଯେପରି ଭଲଭାବେ ମା'ଙ୍କ ଦର୍ଶନ କରି ଆର୍ଶୀବାଦ ଲାଭ କରିବେ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଏଥିସହ ଶବ୍ଦ ପ୍ରଦୂଷଣ ଉପରେ ଗୁରୁତ୍ୱ ଦିଆଯିବ।

–ଗୋଲକ ଦାସ, ସଭାପତି

**ଭିଡ଼ ନିୟନ୍ତ୍ରଣ ପାଇଁ ୫୦ଜଣ ଭଲ୍ୟୁଣ୍ଟର ନିୟୋଜିତ ହେବେ**



"ବିନା କଟକଣାରେ ପୂଜା ହେବା ସହ ମୁଖ୍ୟ ରାସ୍ତା ଉପରେ ପୂଜା ମଣ୍ଡପ ଥିବାରୁ ପ୍ରବଳ ଗହଳି ହେବାର ସମ୍ଭାବନା ରହିଛି। ତେଣୁ ସ୍ଥିତି ନିୟନ୍ତ୍ରଣ କରିବା ପାଇଁ କ୍ଲବ୍‌ର ୫୦ଜଣ ଭଲ୍ୟୁଣ୍ଟର ନିୟୋଜିତ ହେବେ। ଏଥିସହ ଶାନ୍ତିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ଲାଗି ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ହେବେ।

–ସନ୍ତୋଷ ସାହୁ, ସମ୍ପାଦକ

**ଅଶ୍ଳୀଳତା ଓ ଅପରାଧ ଉପରେ ନଜର ରହିବ**



"ମା'ଙ୍କ ପୂଜା ପାଇଁ ଆମର ଏଠି କେବେ ବି ଚାନ୍ଦା ଆଦାୟ କରାଯାଏ ନାହିଁ। ପରମ୍ପରା ଅନୁଯାୟୀ ପ୍ରତ୍ୟେକ ଲୋକଙ୍କ ଘରେ ଖେଚୁଡ଼ି ଭୋଗ ପ୍ରଦାନ କରାଯାଏ। ଗୋଟିଏ ବି ଘର ଯେପରି ଏଥିରୁ ବାଦ୍ ନ ପଡେ ସେଥିପ୍ରତି ଆମେ ଧ୍ୟାନ ଦେବୁ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳତା ଏବଂ ଭିଡ଼ର ସୁଯୋଗ ନେଇ ଯେପରି କିଛି ଅପରାଧ ନ ହୁଏ ସେନେଇ ସତର୍କ ରହିବୁ।

– ସିଲନ ଦାସ, କୋଷାଧ୍ୟକ୍ଷ

### ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳୁ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟତା ପାଇଛି। ମାତ୍ର ଏଯାଏ ଓଡ଼ିଶୀ ସଙ୍ଗୀତ ଏହି ସ୍ୱୀକୃତି ପାଇନାହିଁ। ନୃତ୍ୟ ଓ ସଂଗୀତ ପରସ୍ପର ପରିପୂରକ। ସଙ୍ଗୀତ ବିନା ନୃତ୍ୟର ପରିକଳ୍ପନା ହୁଏନାହିଁ। ଆମ ଓଡ଼ିଶୀ ସଙ୍ଗୀତ ବହୁ ପ୍ରାଚୀନ। ଐତିହାସିକ ଓ ପ୍ରତ୍ନତତ୍ତ୍ୱବିଦ୍ ଓଡ଼ିଶାର ବିଭିନ୍ନ ସ୍ଥାନ ଖନନରୁ ନର୍ତ୍ତକୀ, ନୃତ୍ୟ, ବାଦ୍ୟ ଯନ୍ତ୍ର ବାହାର କରିଛନ୍ତି। ଖ୍ରୀଷ୍ଟପୂର୍ବ ୩୦୦ବର୍ଷ ପୂର୍ବର ନୃତ୍ୟ ଓ ସଙ୍ଗୀତ ମୂର୍ତ୍ତି ମାଟି ତଳୁ ଉଦ୍ଧାର ହୋଇଛି। ଏଥିରୁ ହିଁ ଆମ ସଙ୍ଗୀତ କେତେ ପୁରଣା ତାହା ସ୍ପଷ୍ଟ ଜଣାପଡୁଛି। ତେଣୁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ଦେବାପାଇଁ ସରକାର ଉଦ୍ୟମ କରନ୍ତୁ ବୋଲି ପୂର୍ବତନ କେନ୍ଦ୍ରାଞ୍ଚଳ ଆୟୋଗ ଅଧିକାରୀ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ଅଲେଖ ପଡ଼ିଆରୀ କହିଛନ୍ତି।

ଭୁବନେଶ୍ୱର ୟୁନିଟ-୯ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସଦନ ବୈକୁଣ୍ଠ ସାରଣୀ ସଭାଗୃହରେ ଇନ୍ଦିରାଗାନ୍ଧୀ ସ୍ମାରକୀ ପାଠାଗାର ଆନୁକୂଲ୍ୟରେ ଶନିବାର 'ଓଡ଼ିଶୀ ସଙ୍ଗୀତରେ ଶାସ୍ତ୍ରୀୟତା' ଶୀର୍ଷକ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ପଡ଼ିଆରୀ ଏହା କହିଥିଲେ। ସାମ୍ବାଦିକ ଗୌତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାଠାଗାର ପକ୍ଷରୁ ପ୍ରତ୍ୟେକ ମାସ ଦ୍ୱିତୀୟ ଶନିବାର ଏପରି ଆଲୋଚନା ଅନୁଷ୍ଠିତ ହୋଇଥାଏ। ଅନୁଷ୍ଠାନର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରିଥିବାବେଳେ ଅନୁଷ୍ଠାନର ସଭ୍ୟ ସନ୍ତୋଷ କୁମାର ପତି ଧନ୍ୟବାଦ ଦେଇଥିଲେ।

## ଜ୍ଞାନୀ ଦେବାଶିଷ, ସତ୍ୟଜିତ୍‌ଙ୍କୁ 'ବିଜୟିନୀ ମହାନ୍ତି ତାଳପଦେଶ୍ୱରୀ ସମ୍ମାନ'



ସମାରୋହରେ ସମ୍ମାନିତ ଦୁଇ ଲେଖକଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ତାଳପଦେଶ୍ୱରୀ ସାହିତ୍ୟ ଆସରର ରଜତ ଜୟନ୍ତୀ ସମାରୋହ ଶନିବାର ବାଣୀବିହାର ସ୍ନାତକୋତ୍ତର ପରିଷଦ ସଭାକକ୍ଷରେ ଆରମ୍ଭ ହୋଇଛି। ଉଦ୍‌ଘାଟକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ମୁଖ୍ୟ ଅତିଥି ଡ. ଅର୍ଚ୍ଚନା ନାୟକ, ମୁଖ୍ୟବକ୍ତା ଡ. ଗୌରହରି ଦାସ ଓ ଅନୁଷ୍ଠାନର ସଭାପତି ଅମୂଲ୍ୟ କୁମାର ଦାଶ ଯୋଗଦେଇ ତାଳପଦେଶ୍ୱରୀ ସାହିତ୍ୟ ଆସରର ଯାତ୍ରା ସମ୍ପର୍କରେ କହିଥିଲେ। ଏହି ଅବସରରେ ୨୦୨୧ ପାଇଁ ଲେଖକ ଜ୍ଞାନୀ ଦେବାଶିଷ ମିଶ୍ର ଏବଂ ୨୦୨୨ ପାଇଁ ସତ୍ୟଜିତ୍ ଦାସଙ୍କୁ 'ବିଜୟିନୀ ମହାନ୍ତି ତାଳପଦେଶ୍ୱରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲଶ। ଦ୍ୱିତୀୟ ଅଧିବେଶନରେ ଅଭ୍ୟର୍ଥନା କମିଟି ସଭାପତି ଡ. ରମେଶଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ଏହି ସମାରୋହ ଦୁଇଦିନ ଧରି ଚାଲିବ।

### ପୁରୀ ପ୍ରଶାସନ ଟୁଇଟର୍ ଆକାଉଣ୍ଟ ହ୍ୟାକ୍

ପୁରୀ ଅଫିସ,୧୦।୯

ପୁରୀ ପ୍ରଶାସନର ଟୁଇଟର୍ ଆକାଉଣ୍ଟ 'ପୁରୀ ଅଫିସିଆଲ'କୁ ହ୍ୟାକରମାନେ ହ୍ୟାକ କରି ପ୍ରୋଫାଇଲ ଫଟୋ ସହ ନାମ ମଧ୍ୟ ବଦଳାଇ ଦେଇଥିଲେ। ଏହାର ନାମକୁ 'ୟିନ ୟାଙ୍ଗ ଗ୍ୟାଙ୍ଗ' କରିଦେଇଥିଲେ। ଏଥିସହ ବିଭିନ୍ନ ପ୍ରକାରର କାର୍ଟୁନ ଫଟୋ ପୋଷ୍ଟ କରି ଲୋକଙ୍କୁ ଆକର୍ଷିତ କରାଉଥିଲେ। ଜିଲା ପୋଲିସର ବହୁ ଚେଷ୍ଟା ପରେ ଶନିବାର ରାତିରେ ଆକାଉଣ୍ଟଟିକୁ ହ୍ୟାକରମୁକ୍ତ ହୋଇପାରିଛି। ଟୁଇଟର୍ ପକ୍ଷରୁ ଏହି ସରକାରୀ ଆକାଉଣ୍ଟକୁ ଭେରିଫାଏଡ ହୋଇଥିଲେ ବି ଆକାଉଣ୍ଟ ହ୍ୟାକ ହୋଇଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଯଦି ଭେରିଫାଏ ଆକାଉଣ୍ଟ ସୁରକ୍ଷିତ ନାହିଁ ତେବେ ଟୁଇଟରେ ଅନ୍ୟମାନଙ୍କ ଆକାଉଣ୍ଟ କିଭଳି ସୁରକ୍ଷିତ ବୋଲି ସାଧାରଣଲୋକେ ପ୍ରଶ୍ନ କରିଛନ୍ତି।

## ସସ୍ମିତା ପରିଡ଼ା ରମାଦେବୀର ପ୍ରଥମ ସଫଳ ପିଏଚ୍.ଡି. ଛାତ୍ରୀ



ଭୁବନେଶ୍ୱର, ୧୦।୯(ବ୍ୟୁରୋ)

୨୦୧୫ରେ ପ୍ରତିଷ୍ଠିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଥମ ସଫଳ ପିଏଚ୍.ଡି. ଛାତ୍ରୀ ଭାବେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସସ୍ମିତା ପରିଡ଼ା ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଶନିବାର ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ନିଜର ନିବନ୍ଧ ବିଶେଷଜ୍ଞଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ବିଭୁଦେନ୍ଦୁ ପତିଙ୍କ ତତ୍ତ୍ୱାବଧାନରେ ସେ ସମ୍ବଳ ପରିଚାଳନା କୌଶଳ ସମ୍ପର୍କରେ ଗବେଷଣା କରୁଥିଲେ। ସସ୍ମିତା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବାରୁ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଚଣ୍ଡିଚରଣ ରଥ, ଲୋକସମ୍ପର୍କ ଅଧିକାରୀ ଡ. ମାନସ ବେହେରା, ସୁପରଭାଇଜର ଡ. ବିଭୁଦେନ୍ଦୁ ପତି, ବିଭାଗୀୟ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ସେଠୀ, ମୋନାଲିସା ଜେନା, କୁଳସଚିବ ଶ୍ୟାମଳୀ ମହାପାତ୍ର ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ପରୀକ୍ଷକ ଭାବେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀନିବାସ ଉଦ୍‌ଗାତା ଯୋଗଦେଇ ଉକ୍ତ ନିବନ୍ଧକୁ ଉଚ୍ଚ ପ୍ରଶଂସା କରିଥିଲେ।

## ପଶ୍ଚିମବଙ୍ଗରୁ ଧରାପଡ଼ିଲେ ବିହାରୀ ଚୋର ଗ୍ୟାଙ୍ଗ୍

ଭୁବନେଶ୍ୱର ୧୦।୯ (ବ୍ୟୁରୋ)

**ଭୁବନେଶ୍ୱରରୁ ଚୋରି ଗାଡ଼ି ଜବତ, ଧରାଇଲା ଜିପିଏସ୍**

ଭୁବନେଶ୍ୱରରୁ ଚୋରି ହୋଇଥିବା ଗାଡିର ଜିପିଏସ୍ ଟ୍ରାକ୍ କରି ଏୟାରଫିଲ୍ଡ ଥାନା ପୋଲିସ ପଶ୍ଚିମବଙ୍ଗରୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ତିନି ଜଣଙ୍କୁ ପୋଲିସ ସେଠାରୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ବିହାରର ଗୌରବ କୁମାର,ନିତୁ କୁମାର ଓ ଜତନ କୁମାର। ସମସ୍ତ ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର ହୋଇଯିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଗତ ୬ ତାରିଖ ରାତିରେ ପ୍ରକାଶ ପାତ୍ର ନାମକ ବ୍ୟକ୍ତି ତାଙ୍କର ଟାଟା ଇନ୍ଟ୍ରା ଭି ୩୦ ଗାଡିକୁ ନିଜ ଘରସାମ୍ନାରେ ପାର୍କ କରିଥିଲେ। ଅଭିଯୁକ୍ତ ମାନେ ଗାଡିଟିକୁ ଚୋରୀ କରିନେଇଯାଇଥିଲେ। ଏ ନେଇ ପାତ୍ର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଘଟଣାର ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଚୋର ମାନେ ଗାଡିଟିକୁ ବିକ୍ରୀକରିବା ପାଇଁ ପଶ୍ଚିମବଙ୍ଗର ବଙ୍କୁରକୁ ନେଇଯାଇଥିଲେ। ଗାଡିରେ ଲାଗିଥିବା ଜିପିଏସକୁ ଟ୍ରାକ କରି ପୋଲିସ ଗାଡିଟିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୧୫ ମୋବାଇଲ ଜବତ, ୩ ଗିରଫ

ଭୁବନେଶ୍ୱର ୧୦।୯ (ବ୍ୟୁରୋ)

ମୋବାଇଲ୍ ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଦୁଇ ଜଣଙ୍କୁ ଓ ଖଣ୍ଡଗିରି ଥାନା ପୋଲିସ ଜଣଙ୍କୁ ଗିରଫ କରି କରିଛି। ସେମାନେ ହେଲେ ନୟାଗଡର ସୋନୁ ଓରଫ୍ ରାକେଶ କୁମାର ଜେନା, ଖୋର୍ଦ୍ଧାର ମୁନା ଓରଫ୍ ବିଶ୍ୱଜିତ୍ ନାୟକଓ ରାକେଶ ଦଳେଇ। ଏମାନଙ୍କଠାରୁ ୧୫ମୋବାଇଲଓଗୋଟିଏ ବାଇକ୍ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କେନ୍ଦ୍ରମନ୍ତ୍ରୀଙ୍କ ଏନ୍‌ଡିଆର୍‌ଏଫ୍ ପରିଦର୍ଶନ



ବାରଙ୍ଗ,୧୦।୯(ଡି.ଏନ୍.ଏ.)

କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପ ପରିଦର୍ଶନ କରିଛନ୍ତି। ତାଙ୍କର ଦୁଇଦିନିଆ କଟକ ଲୋକସଭା କ୍ଷେତ୍ର ଗସ୍ତ ସମୟରେ ଶୁକ୍ରବାର ରାତ୍ରିଯାପନ ଏନ୍‌ଡିଆର୍‌ଏଫ୍ ପରିସରରେ କରିଥିଲେ। ଶନିବାର ସକାଳେ ଏନ୍‌ଡିଆର୍‌ଏଫ୍‌ର ଅଫିସର ଓ ଉଦ୍ଧାରକାରୀ ଦଳମାନଙ୍କ ସହ ବିଭିନ୍ନ ବିଷୟରେ ଆଲେଚାନା କରିଥିଲେ। ସେମାନଙ୍କ କର୍ତ୍ତବ୍ୟ ତଥା ଉଦ୍ଧାର କୌଶଳ ପ୍ରତି ଉତ୍ସର୍ଗୀକୃତ ସେବା ଯୋଗାଉଥିବାରୁ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହା ସହିତ ଏନଡିଆରଏଫର ଅନୁଶାସନକୁ ବହୁ ଉଚ୍ଚକୋଟିର ବୋଲି କହିବା ସହିତ କମାଣ୍ଡାଣ୍ଟ ଯାଦବ କିସପୋଟାଙ୍କୁ ବିଶେଷ ଧନ୍ୟବାଦ ଦେଇଥିଲେ। ବର୍ତ୍ତମାନ ଏବଂ ଆଗାମୀ ଦିନରେ ସଜାଗ ରହି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ରାୟଙ୍କୁ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର ସମ୍ମାନ ଦିଆଯାଇଛି।

## ଗ୍ରାମୀଣ ଅର୍ଥନୀତି ବିକାଶ ପାଇଁ ଜ୍ଞାନକୌଶଳର ସଂପ୍ରସାରଣ ଜରୁରୀ

ଭୁବନେଶ୍ୱର,୧୦।୯(ବ୍ୟୁରୋ)



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଶନିବାର 'ସଂପ୍ରସାରଣ ବିଶେଷଜ୍ଞଙ୍କ ଦକ୍ଷତା ବିକାଶ : ଉପାୟ ଏବଂ ବିଭିନ୍ନ ଦିଗ' ସମ୍ପର୍କିତ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଂପ୍ରସାରଣ ଶିକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ ସମିତି ସଭାପତି ଡ. ଚକ୍ରଧର ଶତପଥୀ ଉଦ୍‌ଘାଟନ କରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସଂପ୍ରସାରଣ ବିଜ୍ଞାନୀଙ୍କ କାର୍ଯ୍ୟ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ଉପଯୁକ୍ତ ସମୟରେ ଠିକ୍ ଭାବେ ଜ୍ଞାନକୌଶଳର ସଂପ୍ରସାରଣ ହେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶନ୍ନଜିତ୍ ମିଶ୍ର ସାମ୍ପ୍ରତିକ ପରିସ୍ଥିତିରେ ପରିବର୍ତ୍ତିତ କୃଷି ସଂପ୍ରସାରଣ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବୈଜ୍ଞାନିକ ଓ ଅଧିକାରୀମାନେ କୃଷି ସଂପ୍ରସାରଣ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂପ୍ରସାରଣ ବିଜ୍ଞାନୀ ତଥା ପୂର୍ବତନ ସଂପ୍ରସାରଣ ଅଧକ୍ଷ ଡ. ସନ୍ତୋଷ କୁମାର ରାଉତ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ ପ୍ରସାଦ କାନୁନ୍‌ଗୋ, ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ସଂପ୍ରସାରଣ ବିଭାଗ ମୁଖ୍ୟ ଡ. ପୀତାମ୍ବର ସ୍ୱାଇଁ, କୃଷି ମହାବିଦ୍ୟାଳୟ ଅଧୀନ ସଂପ୍ରସାରଣ ବିଭାଗର ପ୍ରଫେସର ପ୍ରଦୀପ କୁମାର ବାନାର୍ଜୀ ଏବଂ ସୋଆ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡ. ଅଂଶୁମାନ ଜେନା ସଂପ୍ରସାରଣ ବିଜ୍ଞାନୀଙ୍କ ଦକ୍ଷତା ବିକାଶର ଆବଶ୍ୟକତା ଏବଂ ବିଭିନ୍ନ ଦିଗ ସମ୍ପର୍କିତ ସନ୍ଦର୍ଭମାନ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ସଂପ୍ରସାରଣ ବିଭାଗର ମୁଖ୍ୟ ଡ. ବିଭୂତି ପ୍ରସାଦ ମହାପାତ୍ର କର୍ମଶାଳାର ଆଭିମୁଖ୍ୟ ଉପସ୍ଥାପନ କରିଥିବାବେଳେ ସଂପ୍ରସାରଣ ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୫ଟି ବିଶ୍ୱବିଦ୍ୟାଳୟରୁ ୧୫୦ଜଣ ଅଧ୍ୟାପକ, ଛାତ୍ରୀଛାତ୍ର ଓ କୃଷି ବୈଜ୍ଞାନିକ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୦୯।୨୦୨୨

| ୪,୧୭, ୬୦୮ ଟଙ୍କା | |
|---|---|
| ସୁନା | ୫.୫୫୦ ଗ୍ରାମ୍ |
| ରୁପା | ୨୫.୪୫୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ବିକ୍ଷୋଭ, ରାଲି, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ବନ ବାହିନୀ ଶହୀଦ ସ୍ମାରକ ସ୍ତମ୍ଭ ଉଦ୍‌ଘାଟନ, ଭୁବନେଶ୍ୱର ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ତାଳପଦେଶ୍ୱରୀ ସାହିତ୍ୟ ଆସର ରଜତ ଜୟନ୍ତୀ ଉଦ୍‌ଯାପନ ସମାରୋହ ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ, ସ୍ନାତକୋତ୍ତର ପରିଷଦ ସଭାକକ୍ଷ, ବାଣୀବିହାର, ପୂର୍ବାହ୍ନ ୧୦ ଟା ୩୦।
- କବି ନୃସିଂହ ତରାଇଙ୍କ କବିତା ସଂକଳନ ନଈ ପାଣିରେ ଆକାଶର ମୁହଁର ପାଠକାର୍ପଣ, ବୁଦ୍ଧ ମନ୍ଦିର, ହାଉସିଂବୋର୍ଡ କଲୋନୀ, ଅପରାହ୍ନ ୪ଟା।
- ମିଥ୍ୟୋଗ ରଞ୍ଜନ ପାତ୍ରଙ୍କ ପୁସ୍ତକ 'ଅନ୍ଧାରର ଇତିହାସ' ଉନ୍ମୋଚନ, କାଫେ ସିଲେକ୍ଟ ଫ୍ରେଶ, ବିଡିଏ କାର୍ଯ୍ୟାଳୟ ପଛ, ସଚିବାଳୟ ମାର୍ଗ, ଅପରାହ୍ନ ୫ଟା।
- ୧୫ତମ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୩୦।
- ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ବର୍ଣ୍ଣାଳିର ୨ ଦିନିଆ ସଙ୍ଗୀତ ଓ ନୃତ୍ୟ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।

କଟକ

- ପତଞ୍ଜଳି ଯୋଗପୀଠ ପରିବାର ପକ୍ଷରୁ ଯୋଗ ଶିବିର, ଉଇଣ୍ଡସର ପ୍ଲେସ୍, ସିଡିଏ ସେକ୍ଟର-୬, ସକାଳ ୪ଟା ୪୫।
- ଦି ଲ କଲେଜ ପୁରାତନ ଛାତ୍ର ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, କଲେଜ ପରିସର, ପୂର୍ବାହ୍ନ ୧୦ଟା।

# 'ଉପକୂଳବାସୀଙ୍କ ସହନଶୀଳତା ବୃଦ୍ଧି ଜରୁରୀ'

ଭୁବନେଶ୍ୱର, ୧୦।୯(ବ୍ୟୁରୋ)




ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଅଶ୍ୱିନୀ କୁମାର ଚୌବେ, ରାଜ୍ୟ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ଅତିଥିମାନେ।

ଭାରତର ୭୫୦୦ କି.ମି. ସୁଦୀର୍ଘ ଉପକୂଳ ଦେଶର ସାମାଜିକ, ଅର୍ଥନୈତିକ ଓ ରଣନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଛି। ବିଶ୍ୱର ଏହି ସପ୍ତମ ବୃହତ୍ତମ ଉପକୂଳରେ ଦେଶର ପାଖାପାଖି ୨୦ ପ୍ରତିଶତ ଲୋକ ବସବାସ କରୁଥିବାବେଳେ ୧୭ ହଜାରରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ସମ୍ପଦ ରହିଛନ୍ତି। ଏମାନଙ୍କୁ ଅଧିକ ସହନଶୀଳ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଶନିବାର ଆରମ୍ଭ ହୋଇଥିବା ଭାରତୀୟ ଦୀର୍ଘସ୍ଥାୟୀ ଉପକୂଳ ପରିଚାଳନା ସମ୍ପର୍କିତ ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ କହିଲେ, ଦେଶର ଉପକୂଳ କ୍ଷେତ୍ରରେ ସହନଶୀଳତା ଏବଂ ଦୀର୍ଘସ୍ଥାୟିତ୍ୱ ବଢ଼ାଇବା ପାଇଁ ବିଚାରବିମର୍ଶ କରିବା ନିମନ୍ତେ ଏଭଳି ସମ୍ମିଳନୀ ଆୟୋଜନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଲେ, ଓଡ଼ିଶାର ଆର୍ଥିକ

### ଦୀର୍ଘସ୍ଥାୟୀ ଉପକୂଳ ପରିଚାଳନା ସମ୍ମିଳନୀ ଉଦ୍‌ଘାଟିତ

ଅଭିବୃଦ୍ଧି ପାଇଁ ଉପକୂଳ ସାମୁଦ୍ରିକ ସମ୍ବଳର ସ୍ଥାୟୀ ପରିଚାଳନା ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ବିଶ୍ୱ ବ୍ୟାଙ୍କର ମିଳିତ ଉଦ୍ୟମରେ ଏକ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଓଡ଼ିଶାରେ ପାଇଲଟ୍ ଭିତ୍ତିରେ କାର୍ଯ୍ୟକାରୀ କରାଯାଇଛି। ୨୦୧୦ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ୧୯୬ କିମି ପରିବ୍ୟାପ୍ତ ପ୍ରକଳ୍ପ ଓଡ଼ିଶାର ଦୁଇଟି ଉପକୂଳବର୍ତ୍ତୀ (ପାରାଦୀପଠାରୁ ଧାମରା ଏବଂ ଗୋପାଳପୁରଠାରୁ ଚିଲିକା) ଅଞ୍ଚଳରେ କାର୍ଯ୍ୟକାରୀ ହୋଇଛି। ୨୯୩.୧୫କୋଟି ଟଙ୍କା ଏହି ପ୍ରକଳ୍ପ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ପ୍ରତିରୋଧ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରଦୀପ କହିଛନ୍ତି। ଉପକୂଳ ଓ ସାମୁଦ୍ରିକ ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିରୋଧ ଏବଂ ଉପକୂଳ ପ୍ରଦୂଷଣ ରୋକିବା ସହ ସମସ୍ୟା ସମାଧାନର ବାଟ ବାହାର କରିବା ପାଇଁ ଦେଶର ୧୩ ଉପକୂଳ ରାଜ୍ୟର ବରିଷ୍ଠ ଅଧିକାରୀ ଓ ସାମାଜିକ ଅନୁଷ୍ଠାନଗୁଡ଼ିକୁ ଏକତ୍ରିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ୟୁଏନ୍‌ଡିପି ସହାୟତାରେ ଉପକୂଳ ଅଞ୍ଚଳବାସୀଙ୍କ ସହଭାଗିତା ଓ ସହନଶୀଳତା ବଢ଼ାଇବା ଏହାର ଅନ୍ୟତମ ପ୍ରମୁଖ ଆଭିମୁଖ୍ୟ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ ଯୋଗଦେଇ ଏହା ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ରିଚା ଶର୍ମା ସ୍ୱାଗତ ଭାଷଣ ଓ ଓଡ଼ିଶାର ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ବିଭିନ୍ନ ପ୍ରତିଯୋଗିତାର ୬ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଶଙ୍କରାଚାର୍ଯ୍ୟଙ୍କ ଚତୁର୍ମାସ୍ୟା ବ୍ରତ ସମାପନ



ପୁରୀ ଅଫିସ,୧୦।୯

ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଶନିବାର ଭାଦ୍ରବ ପୂର୍ଣ୍ଣିମା ଅବସରରେ ଚତୁର୍ମାସ୍ୟା ବ୍ରତ ସମାପନ କରିଛନ୍ତି। ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠରୁ ବାହାରି ପ୍ରଥମେ ମଠ ପରିସରରେ ଥିବା ଗୋଶାଳାରେ ଗୋମାତାଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଗୁମୁଟ ପରିସରକୁ ଯାଇ ପତିତପାବନଙ୍କୁ ଦର୍ଶନ କରିଥିଲେ। ପରେ ପୁରୀର ସୀମା ତୁଳସୀ

### ଗୁରୁଜୀଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ଚଉରା ନିକଟକୁ ଯାଇ ନୀଳାମ୍ବରପୁରସ୍ଥିତ ବିଲ ମହାଦେବଙ୍କ ଦର୍ଶନ କରିଥିଲେ। ସେଠାରୁ ପ୍ରତ୍ୟାବର୍ତ୍ତନ କରି ମା'ବାଟ ମଙ୍ଗଳାଙ୍କୁ ଦର୍ଶନ ସହ ଆଳତି କରିଥିଲେ। ସନ୍ଧ୍ୟାରେ ସମୁଦ୍ର ଆଳତି କରି ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗୋବର୍ଦ୍ଧନ ପୀଠର ସୂଚନାନୁଯାୟୀ, ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ଚତୁର୍ମାସ୍ୟା କୁହାଯାଏ। ଏହି ସମୟରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ପୁରୀ ସୀମା ପାର୍ ହୋଇ ନ ଥାନ୍ତି। ପୀଠରେ ରହି ଶିଷ୍ୟ, ସାଧକଙ୍କୁ ଅଦ୍ୱୈତ ବେଦାନ୍ତର ଶିକ୍ଷା ପ୍ରଦାନ କରିଥାନ୍ତି। ଶେଷ ଦିନ ସୀମା ପାର କରି ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ପୀଠକୁ ଫେରନ୍ତି। ଅପରପକ୍ଷେ କେନ୍ଦ୍ର ମନ୍ତ୍ରୀ ଅଶ୍ୱନୀ ଚୌବେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଗୋବର୍ଦ୍ଧନ ମଠକୁ ଯାଇ ଜଗଦ୍‌ଗୁରୁଙ୍କ ଦର୍ଶନ କରି ଗୁରୁଜୀଙ୍କ ଆଶୀର୍ବାଦ ନେଇଛନ୍ତି। ଏଥିସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

# କୁଆଖାଇକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ବାରଙ୍ଗ,୧୦।୯(ଡି.ଏନ୍.ଏ.)

ବାରଙ୍ଗସ୍ଥିତ କୁଆଖାଇ ନଦୀରେ ଶନିବାର ଜଣେ ଯୁବକ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହେଲେ ନଦୀରେ ପାଣି କମ ଥିବାରୁ ସେ ବର୍ତ୍ତିଯାଇଛନ୍ତି। ସେ ହେଲେ ବାରଙ୍ଗ ଥାନା ବେଲଗଛି ପଞ୍ଚାୟତ ଜୟପୁର ଗ୍ରାମର ଜଣେ ୨୮ ବର୍ଷୀୟ ଯୁବକ। ଦ୍ୱିପ୍ରହର ସମୟରେ ଉକ୍ତ ଯୁବକ ନରଣପୁର କାଜିପାଟଣା କୁଆଖାଇ ନଦୀ ବ୍ରିଜ୍‌କୁ ଆସିଥିଲେ। କିଛି ସମୟ ଠିଆ ହେବା ପରେ ହଠାତ୍ ସେ ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ସେ ଯେଉଁଠି ଡେଇଁଥିଲେ, ସେହି ଜାଗାରେ ପାଣି ବଦଳରେ କାଦୁଅ ରହିଥିଲା। ଫଳରେ ସେ କାଦୁଅରେ ଫସି ଯାଇଥିଲେ। ପରେ ପାଟିଶୁଣି ସ୍ଥାନୀୟ ଲୋକ ଦେଖିବା ସହ ପୋଲିସକୁ ଜଣାଇଥିଲେ। ଖବରପାଇ ବାରଙ୍ଗ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ତେବେ କ'ଣ ପାଇଁ ଯୁବକ ଜଣଙ୍କ ଆତ୍ମହତ୍ୟା ଉଦ୍ୟମ କଲେ ତାହା ଜଣାପଡିନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନେହା



@ ଆଦିତ୍ୟ



@ ପ୍ରିୟା



@ ସାଗରିକା



@ ଶୁଭଜିତ୍

## ସତ୍ତ୍ରିୟା ସଙ୍ଗୀତରେ ଭକ୍ତିରସର ପରଶ

ଭୁବନେଶ୍ୱର,୧୦।୯(ବ୍ୟୁରୋ): କେନ୍ଦ୍ର ସଙ୍ଗୀତ ନାଟକ କେଡେମୀର ସତ୍ତ୍ରିୟା କେନ୍ଦ୍ର ଗୌହାଟୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସତ୍ତ୍ରିୟା ସଙ୍ଗୀତ ସମାରୋହର ପଞ୍ଚଦଶ ସଂସ୍କରଣ ଶନିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଆସାମର ବୈଷ୍ଣବ ସନ୍ଥ ଶ୍ରୀମନ୍ତ ଦେବଙ୍କ ଅନନ୍ୟ ରଚନା ଆଧାରରେ ବୈଷ୍ଣବ ଭାବଧାରା ସହ ସତ୍ତ୍ରିୟା ସଙ୍ଗୀତର ପରମ୍ପରାକୁ ନେଇ ପ୍ରଥମ ସନ୍ଧ୍ୟା ଭାବ ଭକ୍ତି ଓ ସମର୍ପଣ ପରଶି ଦେଇଥିଲା। ଶିଳ୍ପୀ ମିତାଲି ଦେ, ଅନନ୍ତ ଓଝା, ଲୁନା ଭରାଲି, ଇନ୍ଦିରା ନାଥ ବରୁହା, ଡଲି ବୈଶ୍ୟ, ପପରି ବର୍ମନ୍ , କରିସ୍ମା ଶର୍ମା ପ୍ରମୁଖ ବୋର୍ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଧନେଶ୍ୱର ସ୍ୱାଇଁ, ଭାସ୍କର ଜ୍ୟୋତି ଓଝା, ଅରୁଣାଭ ଜ୍ୟୋତି ମାଲ୍‌କାର ଓ ଲୋହିତ ବରୁହା ପ୍ରମୁଖ ଖୋଳ ବାଦନ କରିଥିଲେ। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ସଂସ୍କୃତି ମନ୍ତ୍ରଣାଳୟ ଦିଲ୍ଲୀର ଯୁଗ୍ମ ସଚିବ ସଂଯୁକ୍ତା ମୁଦ୍‌ଗଲ୍, ସଙ୍ଗୀତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ରାମହରି ଦାସ ଓ ଏକାଡେମୀ ସଚିବ ପ୍ରବୋଧ ପଥ ପ୍ରମୁଖ ଯୋଗ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

# ସ୍କୁଲ ରୂପାନ୍ତରଣ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

### ରାଜ୍ୟବ୍ୟାପୀ ଅଭିଭାବକ-ଶିକ୍ଷକ ବୈଠକ



ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଶନିବାର ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଓ ଏହାର ବିଭିନ୍ନ ଉପାଦାନଗୁଡ଼ିକର ଠିକ୍ ବ୍ୟବହାର ତଥା ପରିଚାଳନା ଉପରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ୫-ଟି ରୂପାନ୍ତରଣ ବିଷୟରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଶୈକ୍ଷିକ ଅଭିବୃଦ୍ଧି, ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି, ସ୍ମାର୍ଟ ଶ୍ରେଣୀଗୃହ ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷକ, ଇ-କଣ୍ଟେଣ୍ଟ ମାଧ୍ୟମରେ ଶିକ୍ଷାଦାନ, ଇ-ଲାଇବ୍ରେରୀ, ବିଜ୍ଞାନାଗାରର ବ୍ୟବହାର, ଶୁଦ୍ଧ ପାନୀୟ ଜଳର ଉପଲବ୍ଧତା, ଶୌଚାଳୟ ବ୍ୟବହାର, ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା, କ୍ରୀଡ଼ା ଓ ଖେଳ ପଡ଼ିଆର ବିକାଶ ଉପରେ ବିଶଦ ଆଲୋଚନା କରାଯାଇଥିଲା। ଅଭିଭାବକମାନେ ବୈଠକରେ ରାଜ୍ୟ ସରକାରଙ୍କ ତରଫରୁ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ ତଥା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପର ପ୍ରଶଂସା କରିଥିଲେ। ବିଦ୍ୟାଳୟ ଉନ୍ନତୀକରଣ ପ୍ରକ୍ରିୟାରେ ସେମାନେ ସମ୍ମିଳିତ ଭାବେ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା ବିଭାଗର ବହୁ ଅଧିକାରୀ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ତଦାରଖ କରିବା ସହ ସ୍କୁଲ୍ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧,୦୭୫ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨,୯୦୬ଟି ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇଛି। ଅଭିଭାବକମାନଙ୍କୁ ସାମିଲ କରି ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ତଥା ଫଳପ୍ରଦ କରିବାକୁ ଏଭଳି ବୈଠକ ଆୟୋଜନ କରାଯାଇଥିଲା। ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅଭିଭାବକ ଓ ଶିକ୍ଷକ ବୈଠକ ପାଇଁ ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିଲା।

# ଡା. ସୌଦାମିନୀ ମହାପାତ୍ରଙ୍କୁ 'ଭାରତୀୟ ରତ୍ନ ପୁରସ୍କାର'

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ଡାକ୍ତରୀ ଚିକିତ୍ସା କ୍ଷେତ୍ରରେ ବହୁମୂଲ୍ୟ ଅବଦାନ ଓ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ପାଇଁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସୌଦାମିନୀ ମହାପାତ୍ରଙ୍କୁ ସମ୍ମାନଜନକ 'ଭାରତୀୟ ରତ୍ନ ପୁରସ୍କାର' ମିଳିଛି। ସେ ହେଉଛନ୍ତି ଭୁବନେଶ୍ୱରସ୍ଥିତ ମ୍ୟାଟରନିଟି କେୟାର ହସ୍ପିଟାଲ ଓ ଆଇଭିଏଫ୍ ସେଣ୍ଟରର ପରିଚାଳନା ନିର୍ଦ୍ଦେଶିକା। ପୁଣେଠାରେ ଆୟୋଜିତ ଏକ ସମାରୋହରେ ବିଶିଷ୍ଟ କୁଚିପୁଡ଼ି ନୃତ୍ୟାଙ୍ଗନା ପଦ୍ମଶ୍ରୀ ଡା. ପଦ୍ମଜା ରେଡ୍ଡୀଙ୍କଠାରୁ ଡା. ମହାପାତ୍ର ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜଣାଶୁଣା ମୋଟିଭେଶନାଲ ସ୍ପିକର ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କ ସମେତ ବଲିଉଡ୍ ଅଭିନେତା, କୋରିଓଗ୍ରାଫର, ଲେଖକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିଜ ଭାବନା ବ୍ୟକ୍ତ କରି ଡା. ସୌଦାମିନୀ ମହାପାତ୍ର କହିଛନ୍ତି, ଏହି ସମ୍ମାନ ପାଇଁ ମୁଁ କୃତଜ୍ଞ। ପୁରସ୍କାର ସହ ପ୍ରଶଂସା ମୋତେ କେବଳ ନୂତନ ଶକ୍ତି ଓ ଉତ୍ସାହରେ ପରିପୂର୍ଣ୍ଣ କରିନାହିଁ, ବରଂ ରୋଗୀଙ୍କ ପ୍ରତି ମୋର ଦାୟିତ୍ୱବୋଧକୁ ମଧ୍ୟ ବଢ଼ାଇଦେଇଛି। ମୁଁ କେବଳ ଏହା ଆଶା କରୁଛି ଯେ, ମୁଁ ସେମାନଙ୍କୁ ଭଲ ଭାବେ ସେବା ଯୋଗାଇପାରିବି ଓ ସବୁ ସମୟରେ ସେମାନଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିପାରିବି।



କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ସତ୍ତ୍ରିୟା କେନ୍ଦ୍ର ଗୁଆହାଟୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶନିବାର ଆରମ୍ଭ ହୋଇଥିବା ସତ୍ତ୍ରିୟା ସଙ୍ଗୀତ ସମାରୋହରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଫିଲ୍ମ 'ତୁ ମୋର ଓକେ'ର ଟ୍ରେଲର ରିଲିଜ୍ ଅବସରରେ ଉପସ୍ଥିତ କଳାକାର, ଅତିଥି ଓ ଅନ୍ୟମାନେ।




ପୁଣେଠାରେ ଆୟୋଜିତ ସମାରୋହରେ କୁଚିପୁଡ଼ି ନୃତ୍ୟାଙ୍ଗନା ପଦ୍ମଶ୍ରୀ ଡା. ପଦ୍ମଜା ରେଡ୍ଡୀଙ୍କଠାରୁ ଓଡ଼ିଶାର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସୌଦାମିନୀ ମହାପାତ୍ର 'ଭାରତୀୟ ରତ୍ନ ପୁରସ୍କାର' ଗ୍ରହଣ କରୁଛନ୍ତି।

## ସୀମାନ୍ତରେ ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୯(ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଏକ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଓବାଦୀ ନେତା ସମୀର ମୋଡ଼ିୟମ ଓ ତାଙ୍କ ସ୍ତ୍ରୀ ଅନୁପ୍ରିୟା। ଶନିବାର ଉଭୟେ ବିଜାପୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନରେ ଥିବାବେଳେ ଅନୁପ୍ରିୟାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେବେଠାରୁ ମାଓବାଦୀ କମିଟିର ଅନ୍ୟ ସଦସ୍ୟମାନେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଥିଲେ। ସମୀର ଅନୁପ୍ରିୟାଙ୍କୁ ବିବାହ ପରେ ମାଓବାଦୀ ସଙ୍ଗଠନର ବଡ଼ ମାଓବାଦୀ ନେତାମାନେ ତାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରି ଆସୁଥିଲେ। ଫଳରେ ବିଜାପୁର ଏସ୍‌ପି ଅଞ୍ଜାନେ ଭାରଶନିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ସମୀର କହିଛନ୍ତି।

# ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ | ୨୦୨୫ ଡିସେମ୍ବରରେ କାମ ସରିବ

- ୨୦୨୬ରେ ସରିବ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ
- ସରକାରଙ୍କଠାରୁ ଜମି ପାଇବାର ସର୍ତ୍ତ ରଖିଲା ପୂର୍ବତଟ ରେଳପଥ
- ୧୨ ପ୍ରକଳ୍ପର ସରିବା ଅବଧି ପ୍ରତିଶ୍ରୁତି
- ଆର୍‌ଟିଆଇରେ ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପର ତଥ୍ୟ ନାହିଁ

ଯାଜପୁର ଅଫିସ,୧୦।୯



ଓଡିଶାର ୩ ରେଳ ପ୍ରକଳ୍ପ କାର୍ଯ୍ୟର ମୂଲ୍ୟ ଭାଗ ବଣ୍ଟା(କଷ୍ଟ ସେୟାରିଂ) ଛିଣ୍ଡୁ ନ ଥିବାରୁ ଅଗ୍ରଗତି ନୈରାଶ୍ୟଜନକ ହୋଇଛି। ଏଥିରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର, ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ନୂଆ ରେଳଲାଇନ ପ୍ରକଳ୍ପ ରହିଛି। ଏନେଇ ଧରିତ୍ରୀରେ ୨୦୨୧ ନଭେମ୍ବର ୭ରେ'ଭାଗବଣ୍ଟା ଛିଣ୍ଡୁନି,ପ୍ରକଳ୍ପ ବିଳମ୍ବିତ' ଶୀର୍ଷକରେ ଏକ ତଥ୍ୟଭିତ୍ତିକ ସବିଶେଷ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ମର୍ମରେ ସୂଚନା ଅଧିକାର କର୍ମୀ ସତ୍ୟପ୍ରକାଶ ବେହୁରାଙ୍କ ଆବେଦନ ଉପରେ ପୂର୍ବତଟ ରେଳପଥର ଡେପୁଟି ଚିଫ୍ ଇଞ୍ଜିନିୟର ଜି.କେ. ରାଓ ୮।୯।୨୦୨୨ରେ ଉପରୋକ୍ତ ୩ ପ୍ରକଳ୍ପକୁ ମିଶାଇ ୧୨ ରେଳ ପ୍ରକଳ୍ପର ଅଗ୍ରଗତି ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟରେ ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳପ୍ରକଳ୍ପ ଯଥାକ୍ରମେ ଡିସେମ୍ବର ୨୦୨୬ ଓ ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦେଇଛନ୍ତି। କିନ୍ତୁ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିକୁ ନେଇ ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଯୋଗାଇଦେବା ବିଷୟ ଉପରେ ପୂର୍ବତଟ ରେଳପଥ ପକ୍ଷରୁ ସର୍ତ୍ତ ରହିଛି। ଅନ୍ୟପକ୍ଷେ ଉକ୍ତ ରିପୋର୍ଟରେ ମଞ୍ଜୁରକୁ ୨୭ ବର୍ଷ ଅତିକ୍ରାନ୍ତ ହୋଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ସଂକ୍ରାନ୍ତରେ କୌଣସି ତଥ୍ୟ ଦେବାରେ ପୂର୍ବତଟ ରେଳପଥ ସକ୍ଷମ ହୋଇନାହିଁ। ଜୟପୁର-ମାଲକାନଗିରି ୧୨୬ କିମି ନୂଆ ରେଳପ୍ରକଳ୍ପ ପାଇଁ ୨୩୪୩.୬୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ଏଯାଏ ୫୮୯.୭୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ଓଡିଶା ଜମି ଏବଂ ପ୍ରକଳ୍ପ ଅଟକଳରୁ ୨୫% ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଛି। ବାକି ୭୫ ପ୍ରତିଶତ ନିର୍ମାଣ ଖର୍ଚ୍ଚ ରେଳ ମନ୍ତ୍ରଣାଳୟ ପକ୍ଷରୁ ଦେବାକୁ ହେବ ବୋଲି ଚୁକ୍ତି ହୋଇଛି। ହେଲେ ଏଯାଏ ଓଡିଶା ସରକାରଙ୍କ ପକ୍ଷରୁ ଜମି ହସ୍ତାନ୍ତର ସନ୍ତୋଷଜନକ ନୁହେଁ ବୋଲି ସୂଚନା ମିଳିଛି। ରାଜ୍ୟ ସରକାରଙ୍କୁ ୧୬୭୬ ଏକର ରାଜସ୍ୱ ଜମି ଓ ୧୧୫୯ ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କର ବୋଲି ପୂର୍ବରୁ ପରାମର୍ଶ ଦିଆଯାଇଛି। ଏଭଳିସ୍ଥିତିରେ ଏହି ପ୍ରକଳ୍ପ ୨୦୨୬ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ମିଳିଥିବା ପ୍ରତିଶ୍ରୁତି ପାଳନ ହୋଇ ପାରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଜୟପୁର-ନବରଙ୍ଗପୁର ୪୧.୯ କି.ମି. ନୂଆ ରେଳପ୍ରକଳ୍ପ ପାଇଁ ୭୪୭.୯୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ପ୍ରକଳ୍ପରେ ସମୁଦାୟ ଜମି ବାବଦ ଖର୍ଚ୍ଚ ଏବଂ ନିର୍ମାଣ ଖର୍ଚ୍ଚ ବାବଦକୁ ୪୨୫.୫୮ କୋଟି ଟଙ୍କା ଓଡିଶା ସରକାର ବହନ କରିବ। ତେବେ ଏଯାଏ ୪୭୬.୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ହେଲେ ଏଯାଏ ଓଡିଶା ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ହସ୍ତାନ୍ତର ପ୍ରକ୍ରିୟା ଆଶାନୁରୂପ ହୋଇ ପାରିନାହିଁ। ୮୬୦ ଏକର ରାଜସ୍ୱ ଜମି ଅଧିଗ୍ରହଣ ଏବଂ ୯,୬୯୯ ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ତତ୍ପରତା ପ୍ରକାଶ କରିବାକୁ ପୂର୍ବରୁ ପରାମର୍ଶ ଦିଆଯାଇଛି। ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳଲାଇନ ପ୍ରକଳ୍ପ ଓ ଜଗଦଲପୁର-କୋରାପୁଟ ମାର୍ଚ୍ଚ ୨୦୨୪, ବୁଢାପଙ୍କ-ସାଲେଗାଓଁ ଭାୟା ରଜତଗଡ ୩ୟ ଓ ୪ର୍ଥ ରେଳଲାଇନ ଏବଂ ତାଳଚେର ଫ୍ଲାଏଓଭର ସହ ଝାରପଡା-ବୁଢାପଙ୍କ ପ୍ରକଳ୍ପ ମାର୍ଚ୍ଚ ୨୦୨୫, କୋଟାଭଲସା-କୋରାପୁଟ ଓ କୋରାପୁଟ-ସିଙ୍ଗାପୁର ରୋଡ ପ୍ରକଳ୍ପ ମାର୍ଚ୍ଚ ୨୦୨୬ ସୁଦ୍ଧା ଶେଷ ହେବ ବୋଲି ରିପୋର୍ଟରେ ପ୍ରତିଶ୍ରୁତି ମିଳିଛି। ନଉପଡା-ଗୁଣୁପୁର, ତାଳଚେର-ଅନୁଗୁଳ ନୂତନ ଲାଇନ ପ୍ରକଳ୍ପ ଏବଂ ବାଘୁଆପାଲ ଫ୍ଲାଏ ଓଭର ପ୍ରକଳ୍ପର ସମ୍ପୂର୍ଣ୍ଣ ସମୟ ଉପରେ ସ୍ପଷ୍ଟତା ନାହିଁ। ଖୋର୍ଦ୍ଧାରୋଡ-ବାଇପାସ(ଅର୍ଗୁଲ-ହରିପୁରଗ୍ରାମ) ରେଳପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଭଳି ଅନେକ ଅବହେଳା ଯୋଗୁ ଓଡିଶାର ନୂତନ ରେଳପ୍ରକଳ୍ପଗୁଡିକ ଅସମାହିତ ହୋଇ ରହିଛି।

# ରାଗିଂ: ବିଷ ପିଇଦେଲେ ଆଇଟିଆଇ ଛାତ୍ର

- ସହପାଠୀଙ୍କ ଟାହିଟାପରା ଅସହ୍ୟ ହେଲା
- କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି

ଭଦ୍ରକ ଅଫିସ, ୧୦।୯

ସାଙ୍ଗମାନଙ୍କ ଟାହିଟାପରା ସହି ନ ପାରି ଏକ ଘରୋଇ ଆଇଟିଆଇ କଲେଜ ଛାତ୍ର ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଶୁକ୍ରବାର ରାତିରେ ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଛାତ୍ରଜଣଙ୍କ ହେଲେ ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ସାନ୍ତରାପୁର ଛନ୍ଦାସାହିର ଭକ୍ତହରି ମଲ୍ଲିକଙ୍କ ପୁଅ ଆଶୁତୋଷ(୨୦)। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଆଶୁତୋଷ ମାଟ୍ରିକ୍ ପାସ୍ କରିବା ପରେ ପାଠ ନ ପଢ଼ି ଘରେ ରହିଯାଇଥିଲେ। ଦୁଇବର୍ଷ ପରେ ଚଳିତବର୍ଷ ସେ ଉକ୍ତ ଘରୋଇ ଆଇଟିଆଇ କଲେଜର ଇଲେକ୍ଟ୍ରିକାଲ ଟ୍ରେଡ୍‌ରେ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ଘରୁ ବାହାରକୁ ପଳାଇଥିଲେ। ରାତି ପ୍ରାୟ ୯ଟା ବେଳକୁ ଘର ନିକଟସ୍ଥ ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ତାଙ୍କୁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ସେମାନଙ୍କୁ ଖବର ଦେଇଥିଲେ। ସେମାନେ ଡାକ୍ତରଖାନାରେ ପହଞ୍ଚିବା ପରେ ଆଶୁତୋଷ ବିଷପିଇ ଦେଇଥିବା ଜାଣିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଶନିବାର ସକାଳେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଉକ୍ତ ରାସ୍ତାରେ ଆଶୁତୋଷଙ୍କ ନିକଟରୁ ଏକ କାଗଜ ମିଳିଛି, ଯେଉଁଥିରେ ସେ ଲେଖିଛନ୍ତି ଯେ ଶୁକ୍ରବାର ଅପରାହ୍ନରେ ମା'ଙ୍କ ସହ ତିହିଡ଼ି ବଜାରକୁ ଯାଇଥିବା ବେଳେ ସେଠାରେ ସହପାଠୀମାନଙ୍କ ସହ ଦେଖା ହୋଇଥିଲା। ସେମାନେ ତାଙ୍କୁ ପାଠପଢ଼ାକୁ ନେଇ ଥଟ୍ଟା ପରିହାସ କରିଥିଲେ। ଏହି କାରଣରୁ ସେ ବିଷ ପିଇ ଦେଇଛନ୍ତି। ଏନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ବେଳେ ତିହିଡ଼ି ପୋଲିସ ନିଜ ଆଡୁ ଘଟଣାର ତଦନ୍ତ କରିଛି। ଉକ୍ତ କଲେଜରେ ପହଞ୍ଚି ଆଶୁତୋଷଙ୍କ କେତେଜଣ ସହପାଠୀଙ୍କୁ ପଚରାଉଚରା କରିଛି। ତେବେ କୌଣସି ରାଗିଂ କରାଯାଇ ନ ଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ବୋଲି ଥାନାଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

# ସନ୍ତରଣ ତାଲିମବେଳେ ଛାତ୍ରଙ୍କ ମୃତ୍ୟୁ

କଟକ ଅଫିସ,୧୦।୯

ଏନ୍‌ସିସି କ୍ୟାମ୍ପ ପାଇଁ କଟକ କ୍ଲବ ପରିସରରେ ଶନିବାର ସନ୍ତରଣ ପ୍ରଶିକ୍ଷଣବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ରାଜାବଗିଚା ଅଞ୍ଚଳର ସ୍ୱପ୍ନେଶ୍ୱର ଦାସ। ସେ ରାଜାବଗିଚାସ୍ଥିତ ସିଟି କଲେଜର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ର ଥିଲେ। ମିଳିଥିବା ସୂଚନା ଅନୁଯାୟୀ, କଟକ କ୍ଲବରେ ଏନ୍‌ସିସି ନାଭାଲ ୱିଙ୍ଗ୍‌ର ଟ୍ରେନିଂ ଚାଲିଥିଲା। ସେଠାକାର ସୁଇମିଂ ପୁଲ୍‌ରେ ଶନିବାର ସକାଳେ ସ୍ୱପ୍ନେଶ୍ୱର ପ୍ରଶିକ୍ଷଣ ନେବାବେଳେ ହଠାତ୍ ଚେତାଶୂନ୍ୟ ହୋଇପଡିଥିଲେ। ଚିକିତ୍ସା ପାଇଁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଛାତ୍ରମାନେ ଟ୍ରେନରଙ୍କୁ ଅଟକ ରଖିଥିଲେ। ଏନ୍‌ଏନ୍‌ସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ସ୍ୱପ୍ନେଶ୍ୱର କମାଣ୍ଡିଂ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସୁଇମିଂ କ୍ଲାସ ସମ୍ପୂର୍ଣ୍ଣ କରିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ମିନିଟ୍‌ରେ ସୁଇମିଂ ପୁଲରୁ ବାହାରିଥିଲେ। ୧୧ଟା ୨୦ ପରେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅସ୍ଥିରତା ଦେଖାଦେବାରୁ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଟକ ମହାନଗର ନିଗମ ମେୟର ସୁବାସ ସିଂ ସିଟି ହସ୍ପିଟାଲରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟିଥିଲେ।

# ଉମରକୋଟରେ ୧୪୪ ଧାରା

- ଶ୍ମଶାନ ପାଇଁ ଜାଗା ଚିହ୍ନଟକୁ ନେଇ ହିନ୍ଦୁ, ଅଣହିନ୍ଦୁ ମଧ୍ୟରେ ବିବାଦ ଘଟଣା

ଉମରକୋଟ, ୧୦।୯(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟରେ ଶ୍ମଶାନ ଜମି ସ୍ଥାନ ଚିହ୍ନଟକୁ ନେଇ ହିନ୍ଦୁ ଓ ଅଣହିନ୍ଦୁ ସମ୍ପ୍ରଦାୟଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଯୋଗୁ ସହରରେ ଏବେ ୪୮ ଘଣ୍ଟା ପାଇଁ ୧୪୪ ଧାରା ଲାଗୁ କରାଯାଇଛି। ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ରାସ୍ତାରୋକୋ କରାଯାଇ ଆନ୍ଦୋଳନ ଚାଲିଥିବାବେଳେ ଏହାକୁ ତୁରନ୍ତ ପ୍ରତ୍ୟାହାର କରି ନେବାକୁ ପୋଲିସ ପକ୍ଷରୁ ସେମାନଙ୍କୁ କୁହାଯାଇଛି। କିନ୍ତୁ ଆନ୍ଦୋଳନକାରୀମାନେ ଧାରଣାରୁ ହଟି ନ ଥିଲେ। ଏହାପରେ ସେମାନଙ୍କ ଉପରେ ମୃଦୁ ଲାଠି ଚାଳନା କରାଯାଇଥିଲା। ଶ୍ମଶାନ ପାଇଁ ରହିଥିବା ବିବାଦକୁ ଅତିଶୀଘ୍ର ସମାଧାନ କରାଯିବା ସହ ଉମରକୋଟ ସହରରେ ଶାନ୍ତି ଫେରିବ ବୋଲି ଅତିରିକ୍ତ ଜିଲାପାଳ ଭାସ୍କର ରଇତ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଅଣହିନ୍ଦୁ ସମ୍ପ୍ରଦାୟର ଜଣେ ଯୁବତୀଙ୍କର ମୃତ୍ୟୁ ହୋଇଥିଲା। ସାହି ନିକଟରେ ମୃତଦେହ ପୋତିବାକୁ ପରିବାର ଓ ସମ୍ପର୍କୀୟ ଚାହିଁଥିଲେ ମଧ୍ୟ ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଅଣହିନ୍ଦୁ ସମ୍ପ୍ରଦାୟ ଲୋକେ ଟାୟାର ଜାଳି କଫିନ୍ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଏକଟାଗୁଡ଼ାରେ ମୃତଦେହ ପୋତିବା ପାଇଁ ଜାଗା ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ପରିବାର ଲୋକେ ରାସ୍ତାକଡ଼ରେ ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଏହାକୁ ଏକଟାଗୁଡ଼ା ଗ୍ରାମବାସୀ ଓ ହିନ୍ଦୁ ସମ୍ପ୍ରଦାୟ ବିରୋଧ କରି ଶୁକ୍ରବାର ରାତିରୁ ରାସ୍ତାରୋକୋ କରିଥିଲେ। ଘଟଣାର ସମାଧାନ ପାଇଁ ଶନିବାର ପୂର୍ବାହ୍ନରେ ଉମରକୋଟ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ତହସିଲଦାର ଏନ୍. ଜଗଜ୍ଜୀବନ ଚୌଧୁରୀ, ପୋଲିସ ଉପଖଣ୍ଡ ଅଧିକାରୀ, ଉମରକୋଟ ଥାନାଧିକାରୀ, ହିନ୍ଦୁ ଓ ଅଣହିନ୍ଦୁ ସମ୍ପ୍ରଦାୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୋତାଯାଇଥିବା ସ୍ଥାନରୁ ମୃତଦେହ କାଢ଼ି ଅନ୍ୟତ୍ର ସତ୍କାର କରିବାକୁ ହିନ୍ଦୁ ପ୍ରତିନିଧି ଦାବି କରିଥିଲେ। ସ୍ଥାୟୀ ଶ୍ମଶାନ ଜମି ନ ମିଳିବା ପର୍ଯ୍ୟନ୍ତ ମୃତଦେହ ବାହାର କରାଯିବ ନାହିଁ ବୋଲି ଅଣହିନ୍ଦୁ ପ୍ରତିନିଧିମାନେ କହିଛନ୍ତି। ପ୍ରଶାସନ ନୂତନ ଜମି ଚିହ୍ନଟ ପାଇଁ ୧୫ ଦିନ ସମୟ ମାଗିଥିଲେ ମଧ୍ୟ କୌଣସି ଗୋଷ୍ଠୀ ଶୁଣି ନ ଥିଲେ। ଏହାପରେ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା। ଘଟଣାସ୍ଥଳରେ ଏବେ ଏଏସ୍‌ପି ଜୟକୃଷ୍ଣ ବେହେରା, ନବରଙ୍ଗପୁର, ଡାବୁଗାଁ, ଝରିଗାଁ ଥାନାଧିକାରୀ, ଉମରକୋଟ ଅତିରିକ୍ତ ଥାନାଧିକାରୀ ୩ ପ୍ଲାଟୁନ ଫୋର୍ସ ଅଛନ୍ତି।



ଅନୁଗୋଳ ଜିଲା ତାଳଚେରର ଗଣପର୍ବ ଗଣେଶ ପୂଜା ଭସାଣି ଉତ୍ସବ ଶନିବାର ମହାଆଡମ୍ବରରେ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ଜଣେ ସାଧୁବେଶଧାରୀ କଳାକାର ନିଆଁରେ କଳାକୌଶଳ ଦେଖାଉଛନ୍ତି। (ଫଟୋ-ବୁବୁ)

# ପୋଲିସ ଉପରକୁ ଗୁଳି ଚଳାଇ ୨ ଗିରଫ

ଝାରସୁଗୁଡ଼ା ଅଫିସ,୧୦।୯

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ବରଘାଟ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଡକାୟତି ଯୋଜନା ଚଳାଇଥିବାବେଳେ ପୋଲିସ ଏମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଏହି ସମୟରେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏଥିରେ କାହାରି କ୍ଷତି ହୋଇ ନ ଥିବା ଜଣାପଡିଛି। ହେଲେ ପୋଲିସ ୨ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନେ ହେଲେ ବ୍ରଜରାଜନଗର ଗୁଆଲପଡାର ଉମେଶ କୁମାର ଯାଦବ(୩୮) ଓ ଓରିଏଣ୍ଟ ମଧୁବନନଗରର ଘନଶ୍ୟାମ ସାହୁ(୩୫)। ଏମାନଙ୍କ ନିକଟରୁ ବନ୍ଧୁକ, ଗୁଳି, ଭୁଜାଲି, ୨ ବାଇକ୍, ୩ ମୋବାଇଲ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ପୋଲିସ୍ ଶନିବାର କୋର୍ଟ ଚାଲାଣ କରିଛି। ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ଶଶିଭୂଷଣ ପୋଢଙ୍କ ଅଭିଯୋଗକୁ ଭିତ୍ତିକରି ବ୍ରଜରାଜନଗର ପୋଲିସ ଏକ ମାମଲା (ନଂ.୨୭୬/୨୨) ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ ଫେରାର୍ ଥିବା ୪ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରିରଖିଥିବା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ କହିଛନ୍ତି। ପୋଲିସ୍ ସୂତ୍ରରୁ ପ୍ରକାଶ ଅଭିଯୁକ୍ତମାନେ ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ବରଘାଟ ନିକଟରେ ଥିବା ଏମ୍‌ସିଏଲ୍ ପାଣିପମ୍ପ ପଛପଟେ ଏକାଠି ହୋଇ ଡକାୟତି ଯୋଜନା ଚଳାଇଥିଲେ। ଫାଣ୍ଡି ଅଧିକାରୀ ପୋଢ ରାତ୍ରି ପାଟ୍ରୋଲିଂ କରୁଥିବାବେଳେ ଏହା ଜାଣିବାକୁ ପାଇଥିଲେ। ଏମାନଙ୍କୁ ଧରିବା ପାଇଁ ତୁରନ୍ତ ଏକ ପୋଲିସ୍ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଚଢାଉ କରି ୨ଜଣଙ୍କୁ କାବୁ କରିଥିଲା।

# ପିଡିଏସ୍‌ରେ ପ୍ଲାଷ୍ଟିକ ଚାଉଳ ମିଶ୍ରଣ ଗୁଜବ

ସମ୍ବଲପୁର,୧୦।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମର ଜଣେ ଡିଲରଙ୍କୁ ଦିଆଯାଇଥିବା ପିଡିଏସ୍ ଚାଉଳରେ ପ୍ଲାଷ୍ଟିକ ଚାଉଳ ମିଶ୍ରଣ ନେଇ ଗୁଜବ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଡିଲର ଜଣଙ୍କ ତାଜୁବ ହୋଇଯାଇଥିଲେ। ଭୟରେ ସେ ଚାଉଳ ବଣ୍ଟନ ବନ୍ଦ କରିଦେଇଥିଲେ। ଏହା ପ୍ରଚାରିତ ହେବା ପରେ ବିକ୍ରୟ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡିଲର ଜଣଙ୍କ ନିଜଆଡୁ ଯୋଗାଣ ବିଭାଗକୁ ଏ ନେଇ ସୂଚନା ଦେଇଥିଲେ। ସୋମବାର ଯୋଗାଣ ଅଫିସକୁ ଚାଉଳ ନମୁନା ନେଇ ପରୀକ୍ଷା କରାଯିବା ପରେ ବଣ୍ଟନ କରାଯିବ ବୋଲି ଜଣାପଡିଛି। ଏ ନେଇ ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପିଡିଏସ୍ ଚାଉଳରେ ଏବେ ଭିଟାମିନଯୁକ୍ତ ଚାଉଳ (ଏଫ୍‌ଆର୍‌କେ) ମିଶ୍ରଣ କରାଯାଇ ବଣ୍ଟନ କରାଯାଉଛି। ଅଗଷ୍ଟ ଓ ସେପ୍ଟେମ୍ବର ଦୁଇମାସ ପାଇଁ ହିତାଧିକାରୀଙ୍କୁ ଏହି ଚାଉଳ ଦିଆଯାଉଛି। ହେଉଥିବା ଅଭିଯୋଗ ଉପରେ ମଧ୍ୟ ଯାଞ୍ଚ କରାଯିବ। ଲୋକମାନେ ଭୟଭୀତ ନ ହେବାକୁ କୁହାଯାଇଛି।

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କିଷାନ କଂଗ୍ରେସ

**ବର୍ଷା ଓ ବନ୍ୟା କ୍ଷୟକ୍ଷତି**

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ଦ୍ୱାରା ଚାଷ ଉଜୁଡ଼ିଯିବା ଫଳରେ ଚାଷୀକୁଳ ଏବେ ବେସାହାରା। ସରକାରଙ୍କ ପକ୍ଷରୁ ଫସଲ କ୍ଷୟକ୍ଷତିର ଆକଳନ ଠିକ୍‌ଭାବେ କରାଯାଇ ନାହିଁ। ମାତ୍ର ୧ ଲକ୍ଷ ୨୬ ହଜାର ୧୬୨ ହେକ୍ଟର ଚାଷ ଜମିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲହାନି ହୋଇଛି ବୋଲି ସୂଚନା ଦିଆଯାଇଛି। ବାସ୍ତବ କ୍ଷେତ୍ରରେ ପୁନଃ ଆକଳନ କରାଗଲେ ଏହାଠାରୁ ଯଥେଷ୍ଟ ଅଧିକ ଫସଲ କ୍ଷତି ହେବାର ତଥ୍ୟ ଆସିପାରିବ ବୋଲି ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। କ୍ଷେତ୍ରସ୍ତରରେ ଯେଉଁ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା କ୍ଷୟକ୍ଷତିର ଆକଳନ କରାଯାଇଛି ଏଥିରେ ବହୁ ବ୍ୟାପକ ତ୍ରୁଟି ରହିଛି। ଅନେକ ଜାଗାକୁ ମଧ୍ୟ କ୍ଷେତ୍ର ଅଧିକାରୀମାନେ ଆଦୌ ଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। କିଷାନ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହିତ ସାକ୍ଷାତ କରି ୧୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିବା ସହ ଏ ନେଇ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ଚିରାଚରିତ ଢଙ୍ଗରେ ଯେଉଁ ବନ୍ୟା ସହାୟତା ଘୋଷଣା କରିଛନ୍ତି ତାହା କେବଳ ଧର୍ମକୁ ଆଖିଠାର। ଏଥିରେ କିଛି ନୂତନତ୍ୱ ନାହିଁ। ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଯେଉଁ କୃଷି ଇନ୍‌ପୁଟ ସହାୟତା ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଛି ଏଥିରେ ଚାଷୀର ଫସଲ କ୍ଷତି ଭରଣା ଆଦୌ ସମ୍ଭବ ନୁହେଁ। ୧ ହେକ୍ଟର ଧାନ ଚାଷ ପାଇଁ ପ୍ରାୟ ୬୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏଥିରେ ଯଦି ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୧୩,୫୦୦ ଓ ଅଣଜଳସେଚିତ ପାଇଁ ୬,୮୦୦ଟଙ୍କା କୃଷି ଇନ୍‌ପୁଟ ସହାୟତା ଯୋଗାଇ ଦିଆଯାଏ, ଚାଷୀ କି ଲାଭ ପାଇବେ ବୋଲି ଅମିୟ ପ୍ରଶ୍ନ କରିଛନ୍ତି। କୃଷି ଇନ୍‌ପୁଟ ସହାୟତା ରାଶି ଦୁଇଗୁଣା ବୃଦ୍ଧି କରିବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ ଫସଲ କ୍ଷୟକ୍ଷତିର ପୁନଃ ଆକଳନ, ଆବଶ୍ୟକ ସ୍ଥଳେ ଧାନ ତଳି ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

# ୮୦୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

ବରଗଡ଼ ଅଫିସ୍,୧୦।୯

ବରଗଡ଼ ସବ୍‌ଜେଲ ସମ୍ମୁଖରୁ ଟାଉନ ଥାନା ପୋଲିସ କଫ ସିରପ୍ ବୋଝେଇ ଏକ ଅଟୋ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରଗଡ଼ ସଦର ଥାନା ସହରାପାଲିର ଆକାଶ ଦୀପ(୨୬) ଏବଂ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତୋରା ଟାଙ୍ଗରପଡ଼ାର ପ୍ରଭାତ ବାଗ(୩୦)। ସେମାନଙ୍କ ପାଖରୁ ୫ଟି ପେଟିରେ ଥିବା ୮୦୦ ବୋତଲ କଫ ସିରପ୍ ଜବତ ହୋଇଛି। ଅଟୋ ସହ ପାଇଲଟିଂ କରୁଥିବା ଏକ ସ୍କୁଟି(ନଂ.ଓଡ଼ି୧୭କେ ୬୬୯୬), ୨ଟି ମୋବାଇଲ, ନଗଦ ୪୧୨୦ ଟଙ୍କା ଜବତ ହୋଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା(୫୪୯/୨୨) ରୁଜୁ ହୋଇଛି। ଆଇଆଇସି ସତ୍ୟଜିତ୍ କଣ୍ଡନକେଲ୍‌ଙ୍କ ସୂଚନା ଅନୁସାରେ, ସହର ଉପକଣ୍ଠ ତୋରା ପଟରୁ ଉପରୋକ୍ତ ଅଟୋରେ କଫ ସିରପ୍ ଆସୁଥିବା ଏବଂ ଜବତ ସ୍କୁଟିରେ ଜଣେ ପାଇଲଟିଂ କରି ଆସୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ତାହାକୁ ଜବତ କରିଥିଲା।

# କମୁନି କଇଁଛ ଚୋରାଚାଲାଣ

## ମୋଟୁ ଅଞ୍ଚଳରୁ ପୁଣି ୭୭ କଇଁଛ ଜବତ, ୩ ଅଟକ

ଏମ୍‌ଭି ୭୯,୧୦।୯(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମୋଟୁ ଅଞ୍ଚଳରୁ କଇଁଛ ଚୋରାଚାଲାଣ କମିବା ନାଁ ଧରୁନି। ପୂର୍ବରୁ ୨ ଥର ବନ ବିଭାଗ ଚଢ଼ାଉ କରି ଯଥାକ୍ରମେ ୩୫୦ ଓ ୧୫୦ଟି କଇଁଛ ଜବତ କରିଥିବା ବେଳେ ଶନିବାର ପୁଣି କଇଁଛ ଚୋରାଚାଲାଣ ଉପରେ ରୋକ ଲଗାଇବାକୁ ଯାଇ ୭୭ଟି ଜବତ କରିଛି ବିଭାଗ। ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଅଟକ ରଖିଛି। ସେମାନଙ୍କୁ କଇଁଛ ଚାଲାଣ ସମ୍ପର୍କରେ ପଚରାଉଚରା କରାଯାଉଛି। ଖବରରୁ ଜଣାପଡିଛି, ମୋଟୁ ଅଞ୍ଚଳରୁ ଗୋଟିଏ କାର୍‌ରେ ୩ ଜଣ କଇଁଛ ଧରି ଆସୁଥିବା ସୂଚନା ପାଇ ଏମଭି-୭୯ ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁ ଏବଂ କର୍ମଚାରୀମାନେ ମୋଟୁରେ ଧରିଛନ୍ତି। କଇଁଛ ବେପାରିମାନେ କାର୍‌ରେ କଇଁଛ ଧରି ନଦୀପାର ହୋଇ ଚାଲିଯାଉଥିବା ସମୟରେ କର୍ମଚାରୀମାନେ ସେମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଜବତ ୭୭ଟି କଇଁଛ ମଧ୍ୟରୁ ୨୫ଟି ମରିଯାଇଥିବା ରେଞ୍ଜର ସ୍ୱାଇଁ କହିଛନ୍ତି।



ଜବତ କରାଯାଇଥିବା କଇଁଛ ।

# ଘରଭଡ଼ା ବାହାନାରେ ଚଳାଇଥିଲେ ଲୁଟ୍

- ଅଶ୍ଳୀଳ ଫଟୋ ଉଠାଇ ଘର ମାଲିକଙ୍କୁ ବ୍ଲାକ୍‌ମେଲିଂ ଘଟଣା
- ଯୁବତୀ, ଯୁବକ ଗିରଫ

ବଲାଙ୍ଗୀର ଅଫିସ,୧୦।୯

ଘର ଭଡ଼ା ନେବା ପରେ ଜଣେ ଯୁବତୀ ଓ ଯୁବକ ଥଣ୍ଡା ପାନୀୟରେ ନିଶା ମିଶାଇ ଘର ମାଲିକ ତଥା ଅବସରପ୍ରାପ୍ତ ଶିକ୍ଷକଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକ୍‌ମେଲିଂ କରିଥିଲେ। ପରେ ତାଙ୍କଠାରୁ ୩ ଲକ୍ଷ ଟଙ୍କା ଲୁଟିନେବା ଅଭିଯୋଗରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଶନିବାର ସମ୍ପୃକ୍ତ ଯୁବତୀ ଓ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ତରଭାର ବିଶ୍ୱାମିତ୍ର ନାଏକ(୪୦) ଏବଂ ଲଳିତା ବାରିକ(୨୬)। ଉଭୟଙ୍କଠାରୁ ୧ଲକ୍ଷ ୭୦ ହଜାର ଟଙ୍କା ଜବତ ହୋଇଛି। ପୂର୍ବରୁ ମଧ୍ୟ ଏହି ଦୁଇ ଅଭିଯୁକ୍ତ ତରଭାରେ ଏଭଳି କାଣ୍ଡ କରି ଅର୍ଥ ଲୁଟ୍ କରିଥିବା ଅଭିଯୋଗ ରହିଛି। ଏମାନେ ଘର ଭଡ଼ା ନେଇ ଅଶ୍ଳୀଳ ଭିଡିଓ ତିଆରି କରି ବ୍ଲାକ୍‌ମେଲ୍ ର୍ୟାକେଟ ଚଳାଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ଶନିବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ଡିପିଓ ତେଫାନ ବାଗ। ଅପରପକ୍ଷରେ ଘଟଣାରୁ ଦୃଷ୍ଟି ହଟାଇବା ପାଇଁ ଶନିବାର ବିଶ୍ୱାମିତ୍ର ଓ ଲଳିତା ଟାଉନ ଥାନାକୁ ଆସି ଘର ମାଲିକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଏହି ସମୟରେ ପୋଲିସ ବିଶ୍ୱାମିତ୍ର ଓ ଲଳିତାଙ୍କୁ କାବୁ କରିନେଇଥିଲା।

# ମଧ୍ୟପ୍ରଦେଶ ଶିକ୍ଷାମନ୍ତ୍ରୀଙ୍କୁ କାହିଁକି ଗିରଫ କରାଯାଇନି: ମମତା

**କୋଲକାତା, ୧୦।୯**


ମମତା ବାନାର୍ଜୀ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରର ଭାଜପା ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ଗିରଫ କରାଯାଇଥିବାବେଳେ ମଧ୍ୟପ୍ରଦେଶ ଶିକ୍ଷାମନ୍ତ୍ରୀଙ୍କୁ ଭ୍ୟାପମ ସ୍କାମରେ ଗିରଫ ନକରିବା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। କୋଲକାତାରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମମତା କହିଛନ୍ତି, ମଧ୍ୟପ୍ରଦେଶରେ ଏଭଳି ଏକ ବଡ଼ ଭ୍ୟାପମ ସ୍କାମ ଘଟି ୫୪ ଜଣ ଆତ୍ମହତ୍ୟା କରିଛନ୍ତି। ଏହି ଘୋଟାଲାରେ ଶିକ୍ଷା ମନ୍ତ୍ରୀଙ୍କୁ କାହିଁକି ଗିରଫ କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଶିକ୍ଷକ ନିଯୁକ୍ତି ସ୍କାମରେ ଗିରଫ ହୋଇଥିବା ପଶ୍ଚିମବଙ୍ଗ ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ପରୋକ୍ଷ ସୁରକ୍ଷା ଦେଇ ମମତା କହିଛନ୍ତି, କିଛି ପ୍ରାର୍ଥୀ ଶିକ୍ଷକ ଚାକିରି ନ ପାଇ ରାସ୍ତାରେ ଆନ୍ଦୋଳନ କରିଥିଲେ। ଯେତେବେଳେ ମୁଁ ତତ୍କାଳୀନ ଶିକ୍ଷା ମନ୍ତ୍ରୀଙ୍କୁ ଏହାର କାରଣ ପଚାରିଲି, ସେ କହିଥିଲେ ଯେ ତାଙ୍କର ନମ୍ବର ଯୋଗ୍ୟତାଠାରୁ କମ ରହିଛି। ଯେହେତୁ ଆମ ସରକାର ସର୍ବଦା ଦୟା ପ୍ରଦର୍ଶନ କରନ୍ତି, ମୁଁ ସେମାନଙ୍କୁ କହିଲି ସଂଖ୍ୟା ବୃଦ୍ଧି କରନ୍ତୁ ଏବଂ ସମ୍ଭବ ହେଲେ ସେମାନଙ୍କ ପାଇଁ ବ୍ୟବସ୍ଥା କରନ୍ତୁ। ନିମ୍ନ ସ୍ତରର ଲୋକମାନେ ଭୁଲ କଲେ ଦୋଷ ଉପର ସ୍ତର ପର୍ଯ୍ୟନ୍ତ ଆସିଥାଏ। ଏହା ବ୍ୟତୀତ, କାର୍ଯ୍ୟ କରିବା ସମୟରେ ତ୍ରୁଟି ଘଟିଲେ, ସେମାନଙ୍କୁ ସଂଶୋଧନ କରିବାର ସୁଯୋଗ ଦିଆଯିବା ଆବଶ୍ୟକ। ଏହି ଅବସରରେ ମମତା ୮୯ ହଜାର ଶିକ୍ଷକ ନିଯୁକ୍ତି ଘୋଷଣା କରିଥିଲେ। ସେ କହିଛନ୍ତି, ଆମେ ଚାକିରି ଦେବାକୁ ଚାହୁଁଛୁ, କିନ୍ତୁ କିଛି ଲୋକ କୋର୍ଟରେ ଜନସ୍ୱାର୍ଥ ମାମଲା ଦାଖଲ କରି ଏହାକୁ ବାଧା ଦେଉଛନ୍ତି। ଫଳରେ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ଘଟୁଛି।

# ପାଦ୍ରୀ ପୁନ୍ନାୟାଙ୍କୁ ଭେଟିଲେ ରାହୁଲ

**ହିନ୍ଦୁ ବିରୋଧୀ ମନ୍ତବ୍ୟ ଦେଇ ଗିରଫ ହୋଇଥିଲେ**

**ନୂଆଦିଲ୍ଲୀ, ୧୦।୯**

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଅବସରରେ ଦଳୀୟ ନେତା ରାହୁଲ ଗାନ୍ଧୀ ତାମିଲନାଡୁର ବିବାଦୀୟ ପାଦ୍ରିଙ୍କୁ ଭେଟିବା ଘଟଣାକୁ ଭାଜପା ସମାଲୋଚନା କରିଛି। ରାହୁଲ ଶୁକ୍ରବାର ସକାଳେ ପୁଲିୟୁର୍କୁରିଚ୍ଚିସ୍ଥିତ ମୁଟ୍ଟିଡିଚାନ ପରାଇ ଚର୍ଚ୍ଚରେ ପାଦ୍ରି ଜର୍ଜ ପୁନ୍ନାୟାଙ୍କୁ ଭେଟିଥିଲେ। ଯିଶୁ ଏକମାତ୍ର ଭଗବାନ ବୋଲି ପୁନ୍ନାୟା ରାହୁଲଙ୍କୁ କହିଥିଲେ। ସେ ଜଣେ ବାସ୍ତବ ବ୍ୟକ୍ତି ଭାବେ ଅବତୀର୍ଣ୍ଣ ହୋଇଥିଲେ ଓ ଆମେ ତାଙ୍କୁ ଦେଖିଥିଲେ। ସେ କୌଣସି ଶକ୍ତି ଭଳି ନୁହନ୍ତି ବୋଲି ଜର୍ଜ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପାଦ୍ରି ଜଣକ ପୂର୍ବରୁ ହିନ୍ଦୁ ବିରୋଧୀ ଘୃଣିତ ମନ୍ତବ୍ୟ ଦେଇ ଗିରଫ ହୋଇଥିଲେ।


କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାମିଲନାଡୁର ବିବାଦୀୟ ପାଦ୍ରି ଜର୍ଜ ପୁନ୍ନାୟା (ଡାହାଣରୁ ଦ୍ୱିତୀୟ)ଙ୍କ ସହ ଆଲୋଚନା କରୁଛନ୍ତି।

ଭାରତ ମାତାର ଅପବିତ୍ରତା ତାଙ୍କୁ ଦୂଷିତ ନ କରୁ, ସେଥିପାଇଁ ସେ ଜୋତା ପିନ୍ଧୁଥିବା କହିଥିଲେ। ଏଭଳି ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସାକ୍ଷାତ କରିଥିବା ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରାକୁ 'ଭାରତ ତୋଡ଼ୋ' ବୋଲି ଭାଜପା ନେତା ଶାହନାଜ ପୁନାୱାଲା କଟାକ୍ଷ କରିଛନ୍ତି।

## ଶରଦ ପାୱାର ଏନ୍‌ସିପି ଅଧ୍ୟକ୍ଷ ପୁନଃ ନିର୍ବାଚିତ

**ନୂଆଦିଲ୍ଲୀ, ୧୦।୯:** ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଅଧ୍ୟକ୍ଷ ଭାବେ ଶରଦ ପାୱାର ଶନିବାର ପୁନଃ ନିର୍ବାଚିତ ହୋଇଛନ୍ତି। ଦଳର ମୁଖ୍ୟ ମୁଖପାତ୍ର ମହେଶ ଭାରତ



ଟାପାସେ ଏହି ସୂଚନା ଦେଇଛନ୍ତି। ୮୧ ବର୍ଷୀୟ ପାୱାର ଦଳର ଅଧ୍ୟକ୍ଷ ପଦରେ ଆଉ ୪ ବର୍ଷ ରହିବେ। ଦିଲ୍ଲୀରେ ଅନୁଷ୍ଠିତ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ଘୋଷଣା କରାଯାଇଛି। ୨୦୧୯ ବିଧାନସଭା ନିର୍ବାଚନରେ ମହାରାଷ୍ଟ୍ରରେ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସକୁ ଏକାଠି କରି ମେଣ୍ଟ ସରକାର ଗଢ଼ିବାରେ ପାୱାର ମୁଖ୍ୟ ଭୂମିକା ନେଇଥିଲେ।

## ବିପ୍ଳବ ଦେବ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ

**ନୂଆଦିଲ୍ଲୀ, ୧୦।୯:** ତ୍ରିପୁରାରେ ଏକ ରାଜ୍ୟ ସଭା ଆସନ ପାଇଁ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଭାଜପା ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବଙ୍କୁ ପ୍ରାର୍ଥୀ କରିଛି। ତାଙ୍କୁ ପ୍ରାର୍ଥୀ ମନୋନୀତ କରାଯାଇଥିବାରୁ ବିପ୍ଳବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ଜୁଲାଇରେ ମାଣିକ ସାହା ତ୍ରିପୁରା ମୁଖ୍ୟମନ୍ତ୍ରୀ ନିଯୁକ୍ତ ହେବା ପରେ ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେଥିପାଇଁ ଉକ୍ତ ଆସନଟି ଖାଲିପଡ଼ିଥିଲା।

## ୨୦ରେ ପ୍ରକାଶ ପାଇବ କଂଗ୍ରେସ ଭୋଟର ତାଲିକା

**ନୂଆଦିଲ୍ଲୀ, ୧୦।୯**

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପାଇଁ ୯,୦୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧିମାନଙ୍କ ତାଲିକା ସେପ୍ଟେମ୍ବର ୨୦ରେ ଏଆଇସିସି କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ଦଳୀୟ ନେତା ମଧୁସୂଦନ ମିସ୍ତ୍ରୀ ଶନିବାର ଏହା ଘୋଷଣା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ପଦ ଲାଗି ଯେଉଁମାନେ ପ୍ରାର୍ଥୀ ହେବାକୁ ଚାହୁଁଛନ୍ତି, ସେମାନେ ଉକ୍ତ ତାଲିକା ଦେଖିପାରିବେ। ଅଧ୍ୟକ୍ଷ ପଦ ଲାଗି କେଉଁମାନେ ଭୋଟ ଦେବେ, ତାହା ସର୍ବସାଧାରଣରେ ପ୍ରକାଶ କରିବା ଲାଗି ଦଳର ୫ ବରିଷ୍ଠ ଏମ୍‌ପି ଦାବି ଦୋହରାଇଛନ୍ତି। ଇଲେକ୍ଟୋରାଲ କଲେଜରେ ରହିଥିବା ପିସିସି ପ୍ରତିନିଧିମାନଙ୍କ ତାଲିକା ସବୁ ପ୍ରାର୍ଥୀ ଓ ଭୋଟ ଦେବାକୁ ଥିବା ଦଳୀୟ ନେତାମାନେ ଜାଣିବା ଆବଶ୍ୟକ ବୋଲି ସେମାନେ ଏଆଇସିସି କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ମଧୁସୂଦନ ମିସ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଥିଲେ। ଭୋଟର ତାଲିକା ପ୍ରକାଶ କରା ନ ଗଲେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ଉକ୍ତ ପତ୍ରରେ ବରିଷ୍ଠ ଏମ୍‌ପି ଶଶୀ ଥରୁର, ମନୀଷ ତିୱାରୀ, କାର୍ତ୍ତି ଚିଦାମ୍ବରମ, ପ୍ରଦ୍ୟୁତ ବୋର୍ଦୋଲୋଇ ଏବଂ ଅବଦୁଲ ଖାଲେକ୍ ସ୍ୱାକ୍ଷର କରିଛନ୍ତି। ପୂର୍ବରୁ ଥରୁର ଏବଂ ବର୍ଦୋଲୋଇ କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ଅଲଗା ଅଲଗା ପତ୍ର ଲେଖି ଉପରୋକ୍ତ ଦାବି କରିଥିବାବେଳେ ତିୱାରୀ ଏବଂ ଚିଦାମ୍ବରମ୍ ଇଲେକ୍ଟୋରାଲ ରୋଲ ପ୍ରକାଶ ନିମନ୍ତେ ସର୍ବସାଧାରଣରେ କହିଥିଲେ।

**ଜାତୀୟ/ଅନ୍ତର୍ଜାତୀୟ**

## ଗୁଲାମ ଅଲି ରାଜ୍ୟ ସଭାକୁ ମନୋନୀତ

**ନୂଆଦିଲ୍ଲୀ, ୧୦।୯:** ଜମ୍ମୁ-କଶ୍ମୀର ଗୁର୍ଜର ମୁସଲିମ ସମ୍ପ୍ରଦାୟର ନେତା ଗୁଲାମ ଅଲି ଶନିବାର ରାଜ୍ୟ ସଭାକୁ ମନୋନୀତ



ହୋଇଛନ୍ତି। ପ୍ରଥମ ଥର ପାଇଁ ଉକ୍ତ ଅଞ୍ଚଳରୁ ଜଣେ ଗୁର୍ଜର ମୁସଲିମ୍ ରାଜ୍ୟ ସଭାକୁ ଯାଉଛନ୍ତି। ଜଣେ ମନୋନୀତ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଉକ୍ତ ଆସନ ଖାଲି ପଡ଼ିଥିଲା। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୮୦ର ଧାରା ୧ର ଉପଧାରା (କ)ରେ ପ୍ରଦତ୍ତ କ୍ଷମତା ବଳରେ ରାଷ୍ଟ୍ରପତି ଗୁଲାମ ଅଲିଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ବିଷାକ୍ତ ମଦ ପିଇ ୭ ମୃତ

**ରୁର୍‌କୀ, ୧୦।୯:** ଉତ୍ତରାଖଣ୍ଡର ହରିଦ୍ୱାର ଜିଲା ଅନ୍ତର୍ଗତ ଫୁଲଗଡ଼ ଓ ଶିବଗଡ଼ ଗ୍ରାମରେ ବିଷାକ୍ତ ମଦ ପିଇ ୭ ଜଣଙ୍କ ମୃତ୍ୟୁ ଘଟିଛି। ପଞ୍ଚାୟତ ନିର୍ବାଚନ ଚାଲିଥିବାରୁ ସ୍ଥାନୀୟ ନେତା ଲୋକଙ୍କୁ ଆକୃଷ୍ଟ କରିବା ଲାଗି ମଦ ବାଣ୍ଟିଥିଲେ ବୋଲି ଅଭିଯୋଗ ହୋଇଛି। ପ୍ରାଥମିକ ତଦନ୍ତ ପରେ ଅବକାରୀ ଇନ୍ସପେକ୍ଟରଙ୍କ ସମେତ ୯ ଜଣ ବିଭାଗୀୟ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ମଦ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି।

## ବ୍ଲାକ୍ ହକ୍ ଉଡ଼ାଉଥିଲେ: ୩ ତାଲିବାନୀ ମୃତ

**କାବୁଲ, ୧୦।୯:** ଆଫଗାନିସ୍ତାନ କାବୁଲରେ ଆମେରିକାର ବ୍ଲାକ୍ ହକ୍ ହେଲିକପ୍ଟର ଉଡ଼ାଣ ନେଇ ତାଲିବାନ୍ ସେନା ପ୍ରଶିକ୍ଷଣ ନେଉଥିବାବେଳେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏଥିରେ ୩ ତାଲିବାନୀ ପ୍ରାଣ ହରାଇଥିବାବେଳେ ୫ ଜଣ ଆହତ ହୋଇଥିବା ଖବର ପ୍ରକାଶ ପାଇଛି। କାବୁଲର ନ୍ୟାଶନାଲ ଡିଫେନ୍ସ ୟୁନିଭର୍ସିଟିରେ ଶନିବାର ଏହି ଅଘଟଣ ଘଟିଥିବାବେଳେ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡ଼ିଛି। ଆଫଗାନିସ୍ତାନ ପ୍ରତିରକ୍ଷା ମୁଖପାତ୍ର କଇନାୟିତୁଲ୍ଲାହ ଖୋୱରାଜମି ଏହି ସୂଚନା ଦେଇଛନ୍ତି। ଗତବର୍ଷ ବଳପୂର୍ବକ କଠୋରପନ୍ଥୀ ତାଲିବାନ ସେନା ଆଫଗାନିସ୍ତାନ ଅଧିକାର କରି ନେବା ପରେ ସେଠାରେ ଥିବା ଆମେରିକୀୟ ସେନାର ଏକାଧିକ ହେଲିକପ୍ଟରକୁ ନିଜ କବ୍‌ଜାକୁ ନେଇଥିଲେ।

# ହଜାରେ ବର୍ଗ କି.ମି. ପୁନଃ ଦଖଲ କଲା ୟୁକ୍ରେନ୍

**ରୁଷୀୟ ସୈନ୍ୟ ହତାଶ**

**କିଭ୍, ୧୦।୯**



ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ୧୯୯ ଦିନ ପୂରିଥିବାବେଳେ ଏବେ ବି ଯୁଦ୍ଧ ଅନ୍ତ ହେବାର କୌଣସି ରାସ୍ତା ବାହାରିପାରିନାହିଁ। ଏହା ଭିତରେ ୟୁକ୍ରେନ୍ ରୁଷିଆ ଉପରେ ପାଲଟା ଆକ୍ରମଣ କରି କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଫେରାଇନେଇଥିବା ଦାବି କରିଛି। ପୂର୍ବ ୟୁକ୍ରେନ୍‌ରେ କିଭ୍ ସୈନ୍ୟଙ୍କ ଘନଘନ ଆକ୍ରମଣ ପରେ ମସ୍କୋ କେତେକ ସ୍ଥାନରୁ ଏହାର ସେନାକୁ ଫେରାଇନେଇଛି। ୟୁକ୍ରେନ୍ ସମ୍ପୂର୍ଣ୍ଣ ଭାବେ ଏହାର ସାର୍ବଭୌମତ୍ୱ ବଜାୟ ରଖିବାରେ ସଫଳ ହେବ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ତେବେ ଇଜ୍ୟୁମ୍ ସମେତ ପୂର୍ବ ୟୁକ୍ରେନ୍‌ର କେତେକ ସ୍ଥାନରୁ ନିଜ ସୈନ୍ୟଙ୍କୁ ଫେରାଇ ପୁନଃ ଅଭିଯାନରେ ସାମିଲ କରାଯିବ ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଅଧିକାରୀଙ୍କ କହିବା ଅନୁସାରେ, ରୁଷିଆ ଜବରଦସ୍ତି କବ୍‌ଜା କରିଥିବା ଖର୍କିଭର କୁପିଆନ୍‌ସ୍କ ସହରରେ କିଭ୍ ସୈନ୍ୟ ପଶି ଲଢୁଆ ଜବାବ ଦେବା ସହ ଶତ୍ରୁପକ୍ଷ ସୈନ୍ୟଙ୍କୁ ଘଉଡ଼ାଇଛନ୍ତି। ଏହାସହ ଇଜିୟମ୍ ଏବଂ ବାଲାକ୍ଲିଆରୁ ମଧ୍ୟ ରୁଷିଆ ସୈନ୍ୟ ହଟିଛନ୍ତି। ଇଜିୟମ ରୁଷୀୟ ସୈନ୍ୟଙ୍କ ପାଇଁ ପ୍ରମୁଖ ମିଲିଟାରି ହବ୍ ଥିଲା। ଯୁଦ୍ଧ ଆରମ୍ଭରୁ ଏଠାରେ ଉଭୟ ପକ୍ଷ ମଧ୍ୟରେ ଭୟଙ୍କର ଲଢ଼େଇ ହୋଇଥିଲା। ଏହି ଅଞ୍ଚଳକୁ ଫେରାଇନେବା ପାଇଁ ୩ ଦିନ ହେଲା ୟୁକ୍ରେନ୍ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ କରାଯାଇଥିଲା। ସପ୍ତାହକରେ ଦକ୍ଷିଣ ଓ ପୂର୍ବ ୟୁକ୍ରେନ୍‌ର ୧ ହଜାର ବର୍ଗ କିଲୋମିଟର ଅଞ୍ଚଳକୁ ରୁଷିଆ ଦଖଲରୁ ଫେରାଇ ଅଣାଯାଇଥିବା ଜେଲେନ୍‌ସ୍କି କହିଛନ୍ତି। କେବଳ ଖର୍କିଭର ୩୦ ଜନବସତିକୁ ଖାଲି କରାଯାଇଛି।

## ନଦୀ ପହଁରି ପରୀକ୍ଷା ଦେବାକୁ ଗଲେ ଛାତ୍ରୀ

**ବିଶାଖାପାଟଣା, ୧୦।୯**

ଆନ୍ଧ୍ରପ୍ରଦେଶ ବିଜୟାନଗରମ ଜିଲା ଗଜବତିନଗରମ ମଣ୍ଡଳରେ ଜଣେ ଛାତ୍ରୀ ଚମ୍ପାବତୀ ନଦୀ ପହଁରି ପରୀକ୍ଷା ଦେବାକୁ ଯାଇଛନ୍ତି। ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରସାରଣ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି। ମାରିଭାଲାସ ଗ୍ରାମରେ ୨୧



ବର୍ଷୀୟା ତାଡ୍ଡି କଳାବତୀଙ୍କ ଘର। ପ୍ରବଳ ବର୍ଷା ଯୋଗୁ ନଦୀ ଜଳସ୍ତର ବୃଦ୍ଧି ପାଇବା ସହ ମାରିଭାଲାସ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା କାରଣରୁ କଳାବତୀ ନଦୀ ପହଁରି ବିଶାଖାପଟନମ ପରୀକ୍ଷା ଦେବାକୁ ଯାଉଥିବା କହିଛନ୍ତି। ନଦୀ ପହଁରିବାରେ ତାଙ୍କ ପରିବାର ସହଯୋଗ କରୁଛନ୍ତି।


ତୁର୍କୀର ଇସ୍ତାନବୁଲ ସହରରେ ଥିବା ସୁଲେମାନିୟେ ମସ୍‌ଜିଦ୍ ପଛପାଖରେ ଶନିବାର ଅସ୍ତଗାମୀ ଚନ୍ଦ୍ରର ମନୋରମ ଦୃଶ୍ୟ।

## ମଙ୍କିପକ୍ସରୁ ମସ୍ତିଷ୍କଜନିତ ରୋଗ ଆଶଙ୍କା

**ଲଣ୍ଡନ, ୧୦।୯**

ମଙ୍କିପକ୍ସ କାରଣରୁ ଚର୍ମ ଓ ଜ୍ୱରଜନିତ ସମସ୍ୟା ଦେଖାଯାଉଥିବାବେଳେ ଏହାଦ୍ୱାରା ମସ୍ତିଷ୍କଜନିତ ରୋଗ ହେବାର ଆଶଙ୍କା ରହିଥିବା ଗବେଷକମାନେ କହିଛନ୍ତି। ଜର୍ନାଲ ଇ-କ୍ଲିନିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଥିବା ୨%ରୁ ୩% ଲୋକଙ୍କଠାରେ ମସ୍କିଷ୍କ ଜନିତ ସମସ୍ୟା ସାଙ୍ଗକୁ ସେମାନଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଦେଖାଯାଇଛି। କିଛି ଆକ୍ରାନ୍ତଙ୍କଠାରେ ମୁଣ୍ଡବିନ୍ଧା, ରକ୍ତ ଓ ଦୁର୍ବଳ ଲାଗିବା ଭଳି ସମସ୍ୟା ଦେଖାଯାଉଛି। ରୋଗୀ ଧୀରେ ଧୀରେ ଡିପ୍ରେଶନ୍‌କୁ ଚାଲିଯିବା କିମ୍ବା ସେମାନଙ୍କଠାରେ ଅବସାଦ ଦେଖାଯିବାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏ ନେଇ ଗବେଷକଙ୍କ ଅଧ୍ୟୟନ ଜାରି ରହିଛି। ନିକଟରେ ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନ୍ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ ୧୬ ଦେଶର ୫୦୦ ମଙ୍କିପକ୍ସ ଆକ୍ରାନ୍ତଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କଠାରେ ବାତ କିମ୍ବା ମସ୍ତିଷ୍କ ଜନିତ କୌଣସି ସମସ୍ୟା ଦେଖାଯାଇ ନ ଥିବାବେଳେ ଅଧିକାଂଶ ଆକ୍ରାନ୍ତଙ୍କଠାରେ ମୁଣ୍ଡବିନ୍ଧା ଓ ଦୁର୍ବଳ ଲାଗିଲା ଭଳି ଲକ୍ଷଣ ଦେଖିବାକୁ ମିଳିଥିଲା।

## ୧୯ରେ ଏଲିଜାବେଥ୍‌ଙ୍କ ଶେଷକୃତ୍ୟ

**ଲଣ୍ଡନ, ୧୦।୯**



ଲଣ୍ଡନର ୱେଷ୍ଟମିନାର ଆବେରେ ଆସନ୍ତା ୧୯ ତାରିଖରେ ବ୍ରିଟେନ ମହରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଏ ନେଇ ଶନିବାର ବକିଂହାମ୍ ପ୍ୟାଲେସ ପକ୍ଷରୁ ଘୋଷଣା କରାଯାଇଛି। ଏହା ପୂର୍ବରୁ ମହାରାଣୀଙ୍କ ମରଶରୀର ୱେଷ୍ଟମିନଷ୍ଟର ହଲ୍‌ରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯିବ। ପରେ କଫିନ୍‌କୁ ଶୋଭାଯାତ୍ରାରେ ନିଆଯାଇ ଷ୍ଟେଟ୍ ଫ୍ୟୁନେରାଲ ସର୍ଭିସ (ରାଷ୍ଟ୍ରୀୟ ମର୍ଯ୍ୟାଦା) ଦିଆଯିବ। ପରେ କଫିନ୍‌କୁ ଶୋଭାଯାତ୍ରାରେ ୱେଷ୍ଟମିନଷ୍ଟର ଆବେରୁ ଲଣ୍ଡନର ୱେଲିଂଟନ୍ ଆର୍କ ଏବଂ ୱିଣ୍ଡସର୍ କାସ୍‌ଲେକୁ ନିଆଯିବ। ୱିଣ୍ଡସରରେ କଫିନ୍‌କୁ ସେଣ୍ଟ ଜର୍ଜ ଚାପେଲ୍‌କୁ ନିଆଯାଇ ସେଠାରେ ସମାଧି ଦିଆଯିବ।

## କନିଷ୍ଠ ଅଧିକାରୀଙ୍କୁ ଲକ୍‌ଅପ୍‌ରେ ବନ୍ଦ କଲେ ଏସ୍‌ପି

**ପାଟନା, ୧୦।୯**

ବିହାର ନାୱାଡା ଟାଉନ୍ ଥାନା ଏସ୍‌ପି ଗୌରବ ମଙ୍ଗଲା କାର୍ଯ୍ୟରେ ଅବହେଳା ପାଇଁ ୫ କନିଷ୍ଠ ଅଧିକାରୀଙ୍କୁ ଲକ୍‌ଅପ୍‌ରେ ବନ୍ଦ କରି ରଖିଥିବା ଖବର ସାମ୍ନାକୁ ଆସିଛି। ଗତ ୮ ତାରିଖ ରାତି ପ୍ରାୟ ୯ଟାବେଳେ ଏସ୍‌ପି ଗୌରବ ଥାନାକୁ ଆସିଥିଲେ। କେତେଜଣ ଥାନା ଅଧିକାରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ସେମାନଙ୍କୁ ସେ ଲକ୍‌ଅପ୍‌ରେ ବନ୍ଦ କରିବାପାଇଁ କହିଥିଲେ। ନିର୍ଦ୍ଦେଶକ୍ରମେ ଷ୍ଟେଶନ୍ ଇନ୍‌ଚାର୍ଜ ବିଜୟ କୁମାର ୫ ଅଧିକାରୀଙ୍କୁ ଲକ୍‌ଅପ୍‌ରେ ଭର୍ତ୍ତି କରିଦେଇଥିଲେ। ଏହାର ଏକ ଭିଡିଓ ବହୁଳ ପ୍ରସାରିତ ହୋଇଛି। ଏ ନେଇ କନିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏସ୍‌ପିଙ୍କ ପ୍ରତି ବିରୋଧାଭାଷ ଦେଖାଯାଇଥିବାବେଳେ ଘଟଣା ନେଇ ଏସ୍‌ପି କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

**ସେଣ୍ଟ୍ରାଲ ଭିଷ୍ଟାରୁ ଶ୍ରୀମନ୍ଦିର**

## ସବୁ ପ୍ରକଳ୍ପର ମୁଖ୍ୟ ସ୍ଥପତି ବିମଳ ପଟେଲ

**ନୂଆଦିଲ୍ଲୀ, ୧୦।୯ (ଆଇଏଏନ୍‌ଏସ୍)**

ନୂଆଦିଲ୍ଲୀର ସେଣ୍ଟ୍ରାଲ ଭିଷ୍ଟା ହେଉ ବା ବାରାଣସୀର କାଶୀ ବିଶ୍ୱନାଥ ଧାମ, ଅହମଦାବାଦର ସାବରମତି ନଦୀପାର୍ଶ୍ୱ ବିକାଶ ଅଥବା ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବିକାଶର ମାଷ୍ଟର ପ୍ଲାନିଂ- ଏହିଭଳି ଏକାଧିକ ଭାରତୀୟ ସଂସ୍କୃତି ଓ ସହରାଞ୍ଚଳ ପରିଦୃଶ୍ୟଗୁଡ଼ିକ ପଛରେ ଗୋଟିଏ ନାମ ଯୋଡ଼ାହୋଇ ରହିଛି। ସେ ହେଲେ ଏହି ସମସ୍ତ ପ୍ରକଳ୍ପର ମୁଖ୍ୟ ସ୍ଥପତି ବିମଳ ପଟେଲ। ଏକାଧାରରେ ସ୍ଥପତି, ଅର୍ବାନିଷ୍ଟ ଏବଂ ଶିକ୍ଷାବିଦ୍ ଥିବା ପଟେଲ ନୂତନ ସ୍ଥାପତ୍ୟ, ସହରାଞ୍ଚଳ ଡିଜାଇନ ଓ ଯୋଜନା ଦ୍ୱାରା ଭାରତର ସହରୀ ବାସିନ୍ଦାଙ୍କ ଜୀବନକୁ ଉନ୍ନତ କରିପାରିଛନ୍ତି। ଅହମଦାବାଦର ସିଇପିଟି ୟୁନିଭର୍ସିଟିର ଅଧ୍ୟକ୍ଷ ଥିବା ବିମଳ ଏଚ୍‌ସିପି ଡିଜାଇନ ପ୍ଲାନିଂ ଆଣ୍ଡ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ ରହିଛନ୍ତି। ଉପରୋକ୍ତ ପ୍ରୋଜେକ୍ଟ ବ୍ୟତୀତ ଏଚ୍‌ସିପି ଡିଜାଇନ ଗୁଜରାଟର ବିଭିନ୍ନ ସହରାଞ୍ଚଳ ପ୍ରକଳ୍ପ ଡିଜାଇନ ଓ ପ୍ଲାନିଂ କାର୍ଯ୍ୟ ହାତକୁ ନେଇଛି। ସେହିପରି ହାଇଦ୍ରାବାଦର ଆଗା ଖାନ୍ ଏକାଡେମୀ, ମୁମ୍ବାଇର ଅମୁଲ ଡେରି, ଚେନ୍ନାଇର



କଣ୍ଟେନର ଟର୍ମିନାଲ, ଆଇଆଇଟି ଯୋଧପୁରର ସ୍ଥାପତ୍ୟ ଡିଜାଇନ ଓ ଆହୁରି ସହରାଞ୍ଚଳ ନିର୍ମାଣ ପଛରେ ପଟେଲ ଓ ତାଙ୍କ କମ୍ପାନୀର ଅବଦାନ ରହିଛି। ବିମଳପଟେଲ ୧୯୮୪ରେ ଅହମଦାବାଦର ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ପ୍ଲାନିଂ ଆଣ୍ଡ ଟେକ୍‌ନୋଲୋଜିରୁ ଆର୍କିଟେକ୍ଟରରେ ଡିପ୍ଲୋମା ପରେ ୧୯୮୮ରେ ଆର୍କିଟେକ୍ଟର ଆଣ୍ଡ ସିଟି ପ୍ଲାନିଂରେ ମାଷ୍ଟର ଡିଗ୍ରୀ ଏବଂ ୧୯୯୫ରେ ବର୍କେଲିର ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆରୁ ସିଟି ଆଣ୍ଡ ରିଜିଅନାଲ ପ୍ଲାନିଂରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ସ୍ଥାପତ୍ୟ ଶିଳ୍ପକୁ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୯ରେ ରାଷ୍ଟ୍ରପତି ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ।

## ଶୁଭଲକ୍ଷ୍ମୀ ପଲିଷ୍ଟରକୁ କିଣିଲା ରିଲାଏନ୍ସ ଇଣ୍ଡଷ୍ଟ୍ରି

**ମୁମ୍ବାଇ:** ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ସହଯୋଗୀ କମ୍ପାନୀ ରିଲାଏନ୍ସ ପେଟ୍ରୋଲିୟମ ରିଟେଲ୍ସ ଶନିବାର ଶୁଭଲକ୍ଷ୍ମୀ ପଲିଷ୍ଟର ଏବଂ ଶୁଭଲକ୍ଷ୍ମୀ ପଲିଟେକ୍ସକୁ ଯଥାକ୍ରମେ ୧୫୨୨ କୋଟି ଏବଂ ୭୦ କୋଟି ଟଙ୍କାରେ କିଣିଥିବା ଜଣାପଡ଼ିଛି। ଏପରିକି ଆର୍‌ଆଇଏଲ୍ 'ରିଲାଏନ୍ସ ପଲିଷ୍ଟର' ନାଁରେ ଉଭୟ କମ୍ପାନୀକୁ କିଣିଥିବା ସମ୍ପର୍କରେ ଘୋଷଣା କରିଛି। ଏପରିକି କମ୍ପିଟିସନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ଓ ଏସ୍‌ପିଏଲ୍ ଓ ଏସ୍‌ପିଟିଏଲ୍‌ର ଋଣଦାତାଙ୍କ ଅନୁମତିରେ ଏହି ଅଧିଗ୍ରହଣ ହୋଇଛି ବୋଲି କୁହାଯାଇଛି।

# ମାରୁତି ସୁଜୁକି ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ରେ ଅନାବରଣ



ଭୁବନେଶ୍ୱର ରସୁଲଗଡ଼ସ୍ଥିତ ନାରାୟଣୀ ମୋଟର୍ସ ପକ୍ଷରୁ 'ଦି ଅଲ୍ ନ୍ୟୁ ଅଲ୍‌ଟୋ କେ୧୦'ର ଅନାବରଣ ଉତ୍ସବରେ ନାରାୟଣୀ ମୋଟର୍ସର ଜିଏମ୍ (ସେଲ୍ସ) କୌଶିକ ଓଝା, ଜିଏମ୍ (ସର୍ଭିସ) ସାଦ୍ଦିକ ଏବଂ ଅନ୍ୟମାନେ ଉପସ୍ଥିତ ରହିଛନ୍ତି।

**ଭୁବନେଶ୍ୱର,୧୦।୯:**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍‌ଏସ୍‌ଆଇଏଲ୍) ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍-ନ୍ୟୁ ଅଲ୍‌ଟୋ କେ୧୦'ର ନିକଟରେ ବଜାର ପ୍ରବେଶ ହୋଇଥିଲା। ବିଶେଷକରି ଏହା ବର୍ତ୍ତମାନ ଏକ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଆରାମଦାୟକ, ସୁରକ୍ଷା, ସୁବିଧା ଏବଂ କନେକ୍ଟିଭିଟି, ଏକ ଅଧିକ ଶକ୍ତିଶାଳୀ ଏବଂ ଦକ୍ଷ ନେକ୍ସଟ-ଜେନ୍ କେ-ସିରିଜ ୧.୦ ଏଲ୍ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ, ପ୍ରଶସ୍ତ କ୍ୟାବିନ, ଆଧୁନିକ ଫିଚର, କଟେମ୍ପୋରାରି ଡିଜାଇନ ଏବଂ ମାନ୍ୟୁଭରିବିଲିଟି ଭଳି ଅନେକ ଫିଚର ସହ ଉପଲବ୍ଧ ରହିଛି। ନେକ୍ସଟ-ଜେନ୍ କେ-ସିରିଜ ୧.୦ ଏଲ୍ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ ଦ୍ୱାରା ସମୃଦ୍ଧ ଅଲ-ନ୍ୟୁ ଅଲ୍‌ଟୋ କେ୧୦ ୫୫୦୦ଆର୍‌ପିଏମ୍‌ରେ ୪୯କେଡବ୍ଲ୍ୟୁ(୬୬.୬୨ପିଏସ୍)ର ପାୱାର ଏବଂ ୩୫୦୦ଆର୍‌ପିଏମ୍‌ରେ ୮୯ ଏନ୍‌ଏମ୍‌ର ଟର୍କ ପ୍ରଦାନ କରୁଛି। ଅତ୍ୟାଧୁନିକ ଟେକ୍ନୋଲୋଜି ସହ ସୁସଜ୍ଜିତ ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ ୨୪.୯୦କି.ମି./ଲି (ଏଜିଏସ୍) ଏବଂ ୨୪.୩୯କି.ମି./ଲି(ଏମ୍‌ଟି) ପର୍ଯ୍ୟନ୍ତର ସର୍ବୋତ୍କୃଷ୍ଟ ଇନ୍ଧନ ଦକ୍ଷତା ଯୋଗାଉଛି। ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ ଉଭୟ ୫-ସ୍ପିଡ୍ ମାନୁଆଲ ଏବଂ ଅଟୋମେଟିକ ଗିୟର ଶିଫ୍ଟ (ଏଜିଏସ୍) ଟ୍ରାନ୍ସମିଶନ ବିକଳ୍ପରେ ମଧ୍ୟ ଉପଲବ୍ଧ। ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ରେ ରହିଥିବା ଏଜିଏସ୍ ଟ୍ରାନ୍ସମିଶନ ଉପଭୋକ୍ତାଙ୍କୁ ବର୍ଦ୍ଧିତ ଆରାମଦାୟକତା ଏବଂ ସୁଗମତା ପ୍ରଦାନ କରୁଛି। ସେହିପରି ୬ଟି ଭିନ୍ନ ରଙ୍ଗରେ ଏହା ଉପଲବ୍ଧ ହେଉଥିବା ବେଳେ ଏହାର ପ୍ରାରମ୍ଭିକ ମୂଲ୍ୟ ( ଏକ୍ସ ଶୋରୁମ୍ ନୂଆଦିଲ୍ଲୀ) ୩.୯୯ ଲକ୍ଷ ଟଙ୍କା ରହିଛି।



କଟକ ଭାଣପୁରସ୍ଥିତ ସ୍କାଏ ଅଟୋମୋବାଇଲ୍ସ ପକ୍ଷରୁ ମାରୁତି ସୁଜୁକିର 'ଦି ଅଲ୍ ନ୍ୟୁ ଅଲ୍‌ଟୋ କେ୧୦'ର ଉନ୍ମୋଚନ କାର୍ଯ୍ୟକ୍ରମରେ କଟକ ଶୋ'ରୁମ୍‌ର ଶାଖା ମୁଖ୍ୟ ସୁରେଶ ସୋନି, ଶୋ'ରୁମ୍‌ର ବରିଷ୍ଠ ପରିଚାଳକ ବିରାଟ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ପେ ନିଅରବାଏ ସହ ଆକ୍ସିସ୍ ବ୍ୟାଙ୍କର ଚୁକ୍ତିନାମା

**ନୂଆଦିଲ୍ଲୀ,୧୦।୯:**

ଦୂରଦୂରାନ୍ତରେ ରହୁଥିବା ଉଭୟ ଗ୍ରାହକ ଓ ରିଟେଲରମାନଙ୍କ ସଞ୍ଚୟ ଖାତା ଓ ଚଳନ୍ତି ଖାତା ଖୋଲିବା ଲାଗି ଭାରତର ଅଗ୍ରଣୀ ଶାଖା ବିହୀନ ଓ ଡିଜିଟାଲ ସେବା ପ୍ରଦାନକାରୀ ସଂସ୍ଥା ପେ ନିଅରବାଏ ସହ ଆକ୍ସିସ୍ ବ୍ୟାଙ୍କର ଏକ ଚୁକ୍ତିନାମା ବା ସହଯୋଗିତା ସ୍ଥାପନ କରାଯାଇଛି। ଆଖପାଖ ଷ୍ଟୋରରେ ଗ୍ରାହକମାନେ ଆଧାର ଭିତ୍ତିକ ସ୍ୱୀକୃତି (ଇ-କେୱାଇସି) ଜରିଆରେ ଅତି ସହଜ ଏବଂ ସୁବିଧାରେ ଖାତା ଖୋଲିପାରିବେ। ଏହି ସହଯୋଗିତା ଆକ୍ସିସ୍ ବ୍ୟାଙ୍କ ଓ ପେ ନିଅରବାଏକୁ ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାହକମାନଙ୍କ ପାଖରେ ପହଞ୍ଚିବା ଓ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଯଥା କାଗଜପତ୍ର କାମ, ଲମ୍ବା ପ୍ରକ୍ରିୟା, ପ୍ରଯୁକ୍ତି, ଦୂରରେ ରହିବା ଓ ସୁହାଇବା ଭଳି ପରିବେଶର ଅଭାବ ଆଦିକୁ ସମାଧାନ କରିବା ଲାଗି ସଶକ୍ତ କରିବ। ଏହି ସହଯୋଗିତା ଜରିଆରେ ପେ ନିଅରବାଏର ପ୍ରଯୁକ୍ତିଭିତ୍ତିକ ବିତରଣ ସେବା ଯେଉଁଥିରେ ୨୦ହଜାର ପିନ୍‌କୋଡ୍‌ର ୫୦ଲକ୍ଷରୁ ଅଧିକ ଲଘୁ ଉଦ୍ୟୋଗୀ ଯୋଡ଼ିହୋଇଛନ୍ତି ତାହାକୁ ଆକ୍ସିସ୍ ବ୍ୟାଙ୍କ ବ୍ୟବହାରକରି ଦେଶର କୋଣ ଅନୁକୋଣରେ ଏହାର ଆର୍ଥିକ ସମାଧାନଗୁଡ଼ିକୁ ପହଞ୍ଚାଇପାରିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ତଥା ମୁଖ୍ୟ ଭାରତ ବ୍ୟାଙ୍କିଙ୍ଗ୍ ମୁନୀସ ଶାରଦା କହିଛନ୍ତି, ଗ୍ରାହକମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ସ୍ୱତନ୍ତ୍ର ଧରଣର ସମାଧାନ ପ୍ରଦାନ କରିବା ଲାଗି ନବସୃଜନ ଭିତ୍ତିକ ସହଯୋଗିତା ମଡେଲ ଉପରେ ଆମେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛୁ। ପେ ନିଅରବାଏ ସହ ଆମର ଏହି ସହଯୋଗିତା ଜରିଆରେ ଆମେ ଅର୍ଦ୍ଧସହରାଞ୍ଚଳ ଓ ଗ୍ରାମାଞ୍ଚଳର ଏକ ବଡ଼ ଗ୍ରାହକ ଭାଗ ପାଖରେ ପହଞ୍ଚିପାରିବୁ ଏବଂ ସେମାନଙ୍କୁ ବ୍ୟାଙ୍କ ଖାତା ଖୋଲିବା ସହ ବିଭିନ୍ନ ପ୍ରକାର ସୁବିଧା ଯୋଗାଇଦେବୁ। ସେହିଭଳି ପେ ନିଅରବାଏର ପ୍ରତିଷ୍ଠାତା, ଏମ୍‌ଡି ଓ ସିଇଓ ଆନନ୍ଦ କୁମାର ବଜାଜ କହିଛନ୍ତି, ଭାରତକୁ ଶେଷ ଦୂରତା ପର୍ଯ୍ୟନ୍ତ ଆର୍ଥିକ ଓ ଡିଜିଟାଲ୍ କ୍ଷେତ୍ରରେ ସଶକ୍ତ କରିବା ପାଇଁ ସ୍ଥାନୀୟ ରିଟେଲରମାନଙ୍କ ଅଭିବୃଦ୍ଧି ଆଗକୁ ବଢ଼ାଇବା ଲାଗି ସେମାନଙ୍କୁ ଆବଶ୍ୟକ ଉପକରଣ ପ୍ରଦାନ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ।

# ଆଡିଡାସ୍ ପକ୍ଷରୁ ଫେଡେରେଶନ କିଟ୍‌ସର ଉନ୍ମୋଚନ

**ନୂଆଦିଲ୍ଲୀ,୧୦।୯:**

ଅନ୍ତଃରାଷ୍ଟ୍ରୀୟ ସ୍ପୋର୍ଟସ ଡ୍ରେସ୍ ସ୍ପେଶାଲିଷ୍ଟ ଆଡିଡାସ୍ ପକ୍ଷରୁ ଫେଡେରେଶନ କିଟ୍‌ସର ଉନ୍ମୋଚନ କରାଯାଇଛି। ବିଶେଷକରି ଆଡିଡାସ୍ ଆର୍ଜେଣ୍ଟିନା, ଜର୍ମାନୀ, ଜାପାନ, ମେକ୍ସିକୋ ଓ ସ୍ପେନ୍ ଭଳି ଜାତୀୟ ଦଳ ପାଇଁ ସୃଷ୍ଟି ହୋଇଥିବା ହୋମ୍ ଏବଂ ଆୱେ ଫେଡେରେଶନ କିଟ୍‌ସର ଉନ୍ମୋଚନ କରିଛି। ଆଗକୁ ମଧ୍ୟ ଅନ୍ୟ ଦେଶର କିଟ୍‌ସଗୁଡିକ ଉନ୍ମୋଚନ ହେବା ଯୋଜନା ରହିଛି। ଏପରିକି ବିଶ୍ୱର ସବୁଠୁ ବଡ଼ କ୍ରୀଡ଼ା ମଞ୍ଚ ଫିଫା ବିଶ୍ୱକପ୍-୨୦୨୨ରେ ଏହା ବେଶ୍ ଆକର୍ଷଣୀୟ ପୋଷାକ ଭାବେ ସ୍ଥାନ ପାଇବ।

ଏ ସମ୍ପର୍କରେ ଆଡିଡାସ୍‌ର ସିନିୟର ଡିଜାଇନ ନିର୍ଦ୍ଦେଶକ (ଫୁଟ୍‌ବଲ) ଜୁର୍‌ଗେନ ର୍‍ୟାଙ୍କ୍ କହିଛନ୍ତି, ଆଡିଡାସ୍ ପ୍ରତ୍ୟେକ ଫେଡେରେଶନର ଏକ ନୂତନ ସୃଜନଶୀଳତାକୁ ଦେଖି ଆସିଛି ଓ ସେହି ଅନୁସାରେ ଡିଜାଇନ ମଧ୍ୟ ପ୍ରସ୍ତୁତ କରୁଛି। ଭବିଷ୍ୟତ ଉପଯୋଗୀ ଗ୍ରାଫିକ ଡିଜାଇନ ଏହାର ପ୍ରତିଟି ଉତ୍ପାଦକୁ ପ୍ରତିନିଧିତ୍ୱ କରେ। ଯେତେବେଳେ ଆମେ ଫିଫା ବିଶ୍ୱକପ୍ ପରି ଟୁର୍ନାମେଣ୍ଟ ପାଇଁ ଜାତୀୟ ଦଳ କିଟ୍ ଡିଜାଇନ କରୁ, ସେତେବେଳେ ଆମେ ସବୁବେଳେ ମନେରଖୁ ଯେ ଏହି ଡିଜାଇନଗୁଡ଼ିକ ଫୁଟ୍‌ବଲ ଇତିହାସର ଏକ ଅଂଶ ହୋଇ ରହିବ। ଆମ ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ଯେ ଏହି କିଟ୍ ପ୍ରସ୍ତୁତି ଆଥ୍‌ଲେଟମାନଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କୁ ସର୍ବୋଚ୍ଚ ସ୍ତରରେ କ୍ରୀଡ଼ା ପ୍ରଦର୍ଶନ ପାଇଁ ମଧ୍ୟ ଉତ୍ସାହିତ କରିବ ବୋଲି ର୍‍ୟାଙ୍କ୍ ମତବ୍ୟକ୍ତ କରିଛନ୍ତି।

ସେହିଭଳି କାର୍ଯ୍ୟଦକ୍ଷତା ଓ ସ୍ଥାୟିତ୍ୱକୁ ସର୍ବୋଚ୍ଚ ପ୍ରାଥମିକତା ସହ କିଟ୍ ଉପରେ ଏକ ସ୍ଥିର ଡିଜାଇନ ପଦ୍ଧତି ନିଆଯାଇଛି। ଏହା ଉଭୟ ସୃଜନଶୀଳତା ଓ ଆଇକନିକ୍ ସରଳତାକୁ ପ୍ରଦର୍ଶନ କରିଥାଏ। ଆମର ସବୁ କିଟ୍‌ସ ୧୦୦% ରିସାଇକଲ୍‌ଡ ପଲିଷ୍ଟର ସହ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପରିସମାପ୍ତି ବୋଲି ଆଡିଡାସ୍‌ର ଲକ୍ଷ୍ୟ ରହିଛି।

# ଆଜି ଷ୍ଟାର୍ କିରଣରେ 'ବିଦ୍ୟାରାଣୀ'




**ଭୁବନେଶ୍ୱର,୧୦।୯:**

ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଓଡ଼ିଆ ଚାନେଲ ଷ୍ଟାର୍ କିରଣରେ ରବିବାର ଭିନ୍ନ ସ୍ୱାଦର ଓଡ଼ିଆ ଚଳଚ୍ଚିତ୍ର 'ବିଦ୍ୟାରାଣୀ'ର ୱାଲର୍ଡ ଟେଲିଭିଜନ ପ୍ରିମିୟର(ଡବ୍ଲ୍ୟୁଟିପି) ହେଉଛି। ବିଶେଷକରି ଷ୍ଟାର୍ କିରଣର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବାନ୍ଧି ରଖିବା ସହ ପ୍ରତି ସପ୍ତାହ ଶେଷରେ ଚାନେଲ ଏକ ବ୍ଲକ୍ ବଷ୍ଟର ସିନେମା ପ୍ରସାରଣ କରି ସାରା ପରିବାରକୁ ସନ୍ଧ୍ୟାରେ ଏକତ୍ରିତ କରିପାରୁଛି। ଏପରିକି ଉକ୍ତ ଚଳଚ୍ଚିତ୍ରରେ ନାୟକ ଓ ନାୟିକା ଭୂମିକାରେ ସୁପରଷ୍ଟାର ବାବୁସାନ୍ ମହାନ୍ତି ଏବଂ ଶିବାନୀ ସଙ୍ଗୀତା ଅଭିନୟ କରିଛନ୍ତି। ଏହା ଏକ ପାରିବାରିକ ମନୋରଞ୍ଜନ ଚଳଚ୍ଚିତ୍ର । ବିଦ୍ୟାରାଣୀ ଏକ ଛୋଟ ବାଳକ ସିଦ୍ଧ ମହାବୀରର କାହାଣୀକୁ ନେଇ ଆଗକୁ ବଢ଼ିଛି। ସିଦ୍ ତାଙ୍କ ପିତାଙ୍କ ଦ୍ୱାରା ଅସ୍ୱୀକାର(ପ୍ରତ୍ୟାଖ୍ୟାତ) ହୋଇ ପଳାତକ ହିସାବରେ ବଢ଼ିଥିଲା। ପରିଶେଷରେ ସେ (ସିଦ୍) ଜଣେ ଝିଅ(ମିଠି)ଙ୍କୁ ପ୍ରେମକରେ। ମିଠି ତାଙ୍କର ପ୍ରକୃତ ପରିଚୟ ବିଷୟରେ ମଧ୍ୟ ଅବଗତ ନୁହନ୍ତି। ବିଦ୍ୟାରାଣୀର ଶକ୍ତିଶାଳୀ କାହାଣୀ ଚଳଚ୍ଚିତ୍ରକୁ ଏକାଧିକ ମୋଡ଼ ଦେଇଛି। ଉକ୍ତ ଚଳଚ୍ଚିତ୍ରଟି ଏକ ଆକ୍ସନ ଥ୍ରୀଲର ମଧ । ଏହା ଦର୍ଶକଙ୍କୁ ଟିଭି ପରଦାରେ ବାନ୍ଧି ରଖିବ। ସିଦ୍ ଭୂମିକାରେ ସୁପରଷ୍ଟାର୍ ବାବୁସାନ୍ ଏବଂ ମିଠି ଭୂମିକାରେ ଶିବାନୀ ସୁନ୍ଦର ଅଭିନୟ କରିଛନ୍ତି। ଅନ୍ୟ କଳାକାର ଓ ଷ୍ଟାର କିରଣର ପରିଶ୍ରମ ଯୋଗୁ ସିନେମାଟି ସମ୍ପୂର୍ଣ୍ଣ ହେବା ସହ ରିଲିଜ ପୂର୍ବରୁ ଏହାକୁ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଛି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୧ ସନ୍ଧ୍ୟା ୬ ଘଟିକାରେ ବିଦ୍ୟାରାଣୀ ଚଳଚ୍ଚିତ୍ରର ଡବ୍ଲ୍ୟୁଟିପି ଷ୍ଟାର୍ କିରଣରେ ପ୍ରସାରଣ ହେବ।

# ମାଲାବାରରେ ୧୦ଦିନିଆ 'ବାଙ୍ଗ୍‌ଲେ ଫେଷ୍ଟିଭାଲ'




**ଭୁବନେଶ୍ୱର,୧୦।୯**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସର ଶହୀଦନଗର ଏକ୍ସକ୍ଲୁସିଭ ଷ୍ଟୋର ପକ୍ଷରୁ ୧୦ଦିନିଆ 'ବାଙ୍ଗ୍‌ଲେ ଫେଷ୍ଟିଭାଲ' ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଷ୍ଟୋରର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସବୁ ବର୍ଗର ଗ୍ରାହକଙ୍କ ଉପସ୍ଥିତିରେ ବାଙ୍ଗ୍‌ଲେ ଫେଷ୍ଟିଭାଲର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ଫେଷ୍ଟିଭାଲ ସେପ୍ଟେମ୍ବର ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଗ୍ରାହକମାନେ ଉକ୍ତ ଉତ୍ସବରେ ଯୋଗ ଦେଇ ସୁଲଭ ମୂଲ୍ୟରେ ସ୍ୱତନ୍ତ୍ର ଗହଣାର ସମ୍ଭାର କିଣିବାର ମଧ୍ୟ ସୁଯୋଗ ପାଇବେ। ଅପରପକ୍ଷରେ ମାଲାବାର ଗ୍ରୁପ୍ ପକ୍ଷରୁ ତା'ର ଗ୍ରାହକମାନଙ୍କୁ ୧୦ ଫେୟାର ପ୍ରାଇସ୍‌ର ପ୍ରତିଶ୍ରୁତି ସହ ଅନେକ ସୁବିଧା ପ୍ରଦାନ କରିଥାଏ। ସେହିଭଳି ଗହଣା ଉପରେ ଜୀବନବ୍ୟାପୀ ମାଗଣା ରକ୍ଷଣାବେକ୍ଷଣ ସାଙ୍ଗକୁ ପୁରୁଣା ସୁନା ବଦଳାଇବା ବେଳେ ଶତପ୍ରତିଶତ ମୂଲ୍ୟ ପ୍ରଦାନ ଓ ୧୦୦% ବିଆଇଏସ୍ ହଲ୍‌ମାର୍କ ସାର୍ଟିଫାଏଡ୍ ଶୁଦ୍ଧ ସୁନା ଆଦି ପ୍ରଦାନ କରାଯାଉଛି।

# ସ୍ୱସ୍ତି ପ୍ରିମିୟମରେ ସିଜିଲର୍ସ ଫୁଡ୍ ଫେଷ୍ଟିଭାଲ

**ଭୁବନେଶ୍ୱର,୧୦।୯**




ରାଜ୍ୟର ପ୍ରମୁଖ ୫ତାରକା ହୋଟେଲ ସ୍ୱସ୍ତି ପ୍ରିମିୟମ ପକ୍ଷରୁ ଏକ ୧୦ ଦିନିଆ ସ୍ୱତନ୍ତ୍ର ଖାଦ୍ୟମେଳା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ହୋଟେଲର ଅଗ୍ରଣୀ ରେଷ୍ଟୁରାଣ୍ଟ ଗୌରମେଟ୍ ପକ୍ଷରୁ ସିଜିଲର୍ସ ଫୁଡ୍ ଫେଷ୍ଟିଭାଲର ଆୟୋଜନ କରାଯାଇଛି। ଏହି ଫେଷ୍ଟିଭାଲ ସେପ୍ଟେମ୍ବର ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ୱସ୍ତି ପକ୍ଷରୁ କୁହାଯାଇଛି। ଉଭୟ ମାଧାହ୍ନଭୋଜନ ଏବଂ ରାତ୍ରିଭୋଜନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଯଥାକ୍ରମେ ଅପରାହ୍ନ ୧୨.୩୦ ଘଟିକାରୁ ୩ ଘଟିକା ଏବଂ ସନ୍ଧ୍ୟା ୭ରୁ ୧୧ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଏ ସମ୍ପର୍କରେ ସ୍ୱସ୍ତି ପ୍ରିମିୟମର ମୁଖ୍ୟ ରୋଷେୟା (ଏକ୍‌ଜିକ୍ୟୁଟିଭ ସେଫ୍ ) ପ୍ରଶାନ୍ତ ସି କହିଛନ୍ତି, ଏହି ଫେଷ୍ଟିଭାଲ ଉତ୍ସବ ବିଶେଷକରି ଆମ ପ୍ରିୟ ଗ୍ରାହକଙ୍କ ପାଇଁ ଆୟୋଜନ କରାଯାଇଛି। ଏଥିରେ ଖାଲି ଯେ ଓଡ଼ିଆ ନୁହେଁ ସବୁ ବର୍ଗର ଥାଳି ଉପଲବ୍ଧ ରହିବ। ବିଶେଷକରି ସ୍ୱଦେଶୀ ଓ ବିଦେଶୀର ଏକ ସମ୍ମିଶ୍ରଣ ଖାଦ୍ୟ ପସରାର ପ୍ରସ୍ତୁତି ଆମର ସମ୍ପୂର୍ଣ୍ଣ ଟିମ୍‌ର ସଂଯୋଗରେ ତିଆରି କରାଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# କାଇନେଟିକ୍ ଗ୍ରୀନ୍‌ର ଜିଙ୍ଗ୍ ହାଇ-ସ୍ପିଡ୍ ସ୍କୁଟର ଉନ୍ମୋଚିତ

**ନୂଆଦିଲ୍ଲୀ,୧୦।୯:**




ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ(ଇଭି) ନିର୍ମାତା କାଇନେଟିକ୍ ଗ୍ରୀନ୍ ଏନର୍ଜି ଆଣ୍ଡ ପାୱାର ସଲ୍ୟୁସନ ଲିମିଟେଡ୍ ପକ୍ଷରୁ ୨ଚକିଆ ଇଭି ଯାନ ଜିଙ୍ଗ୍ ହାଇ ସ୍ପିଡ୍ ସ୍କୁଟର (ଜିଙ୍ଗ୍ ଏଚ୍‌ଏସ୍‌ଏସ୍)ର ବଜାର ପ୍ରବେଶ ସହ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଆଧୁନିକ, ସମସାମୟିକ ଆରୋହୀଙ୍କଠାରୁ ପ୍ରେରଣା ନେଉଥିବା ଜିଙ୍ଗ୍ ଏଚ୍‌ଏସ୍‌ଏସ୍ ଏକ ଜୀବନଶୈଳୀ ଷ୍ଟେଟମେଣ୍ଟ ।

ଏ ସମ୍ପର୍କରେ କାଇନେଟିକ୍ ଗ୍ରୀନ୍‌ର ପ୍ରତିଷ୍ଠାତା ତଥା ସିଇଓ ସୁଲଜ୍ଜା ଫିରୋଡିଆ ମୋଟ୍‌ୱାନି କହିଛନ୍ତି, ଜିଙ୍ଗ୍ ବୈଦ୍ୟୁତିକ ସ୍କୁଟରର ଶୁଭାରମ୍ଭ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ ଏବଂ ଶ୍ରେଣୀ-ରେ-ଶ୍ରେଷ୍ଠ ୧୨୫ କିଲୋମିଟର ପରିସର ଏବଂ ବୈଶିଷ୍ଟ୍ୟ ସହ ଏହି ମଡେଲ ଲଞ୍ଚ କରି ମୁଁ ଖୁବ୍ ଗର୍ବିତ। ୨୦୨୨-୨୩ ପାଇଁ ଉଚ୍ଚ ବେଗ ସ୍କୁଟର ଏବଂ ଆମର ବୈପ୍ଳବିକ ଇ-ଲୁନାରେ ଏକାଧିକ ଯାଚନା ସହ ପୋର୍ଟଫୋଲିଓ ବିସ୍ତାର କରିବାକୁ କମ୍ପାନୀର ଆକ୍ରମଣାତ୍ମକ ଯୋଜନା ରହିଛି। କାଇନେଟିକ୍ ଗୋଷ୍ଠୀର ୨ଚକିଆ କ୍ଷେତ୍ରରେ ଅତୁଳନୀୟ ଅଭିଜ୍ଞତା ରହିଛି। କାଇନେଟିକ୍ ଲୁନା ଏବଂ କାଇନେଟିକ୍ ହୋଣ୍ଡା ସ୍କୁଟର ଏବଂ କାଇନେଟିକ୍ ଗ୍ରୀନ୍ ପରି ଉନ୍ନତ ତଥାପି ସୁଲଭ ମୂଲ୍ୟରେ ୨ ଚକିଆ ଯାନ ବିକାଶରେ ଆଗାମୀ ବର୍ଷରେ ବୈଦ୍ୟୁତିକ ୨ଚକିଆ କ୍ଷେତ୍ରରେ ଅନେକ ଉତ୍ସାହ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ବ୍ରାଣ୍ଡ ଭାରତରେ ବୈଦ୍ୟୁତିକ ୨ଚକିଆ ଯାନ କ୍ଷେତ୍ରରେ ବିପ୍ଳବ ଆଣିବାକୁ ଚାହୁଁଛି ।

# ବ୍ଲୁ ଟୋକାଇ ପକ୍ଷରୁ କୋରାପୁଟ କଫିର ଶୁଭାରମ୍ଭ

**ଭୁବନେଶ୍ୱର,୧୦।୯**



କଳିଙ୍ଗ ଦେଶୀ ଆଗ୍ରୋ ଫାଉଣ୍ଡେଶନ (କେଡିଏଫ୍)ର ସହଯୋଗୀ ସଂସ୍ଥା ବ୍ଲୁ ଟୋକାଇ କଫି ରୋଷ୍ଟର୍ସ ଦ୍ୱାରା କୋରାପୁଟରୁ କଫିର ଦେଶବ୍ୟାପୀ ଖୁଚୁରା ବ୍ୟବସାୟ ଶୁଭାରମ୍ଭ କରିଛି। ଏପରିକି ବ୍ଲୁ ଟୋକାଇ କଫି ରୋଷ୍ଟର୍ସ ଭାରତର ସର୍ବବୃହତ୍ ସ୍ପେଶିଆଲିଟି କଫି ରୋଷ୍ଟର ଭାବେ ପରିଚିତ। ବର୍ଷକ ପର୍ଯ୍ୟନ୍ତ ବ୍ଲୁ ଟୋକାଇ ଦ୍ୱାରା ସମସ୍ତ କଫି କର୍ଣ୍ଣାଟକ ଏବଂ ତାମିଲନାଡୁରେ ଅବସ୍ଥିତ ପ୍ରମୁଖ ଫାର୍ମ ଏବଂ ଇଷ୍ଟେଟରୁ ଆସିଥିଲା। କେଡିଏଫ୍ ଉଦ୍ୟମରେ ବ୍ଲୁ ଟୋକାଇ ଦଳ କୋରାପୁଟର ଏକାଧିକ ଫାର୍ମରୁ କଫିର ସ୍ୱାଦ ଚାଖିବାରେ ସକ୍ଷମ ହୋଇଥିଲେ। ପ୍ରଥମଥର ପାଇଁ ପାନ୍-ଇଣ୍ଡିଆ ସ୍ତରରେ ଏହାର ଶୁଭାରମ୍ଭ ପାଇଁ କୋରାପୁଟ ଜିଲ୍ଲାର ଦୁଇଟି ଫାର୍ମରୁ କଫି ଚୟନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ , ଉକ୍ତ ଦୁଇ ଚାଷୀ ମଧୁ ଆଗ୍ରୋ ପ୍ଲାଣ୍ଟେଶନ ଏବଂ ମା'ମଙ୍ଗଳା ପ୍ଲାଣ୍ଟେଶନ ବ୍ଲୁ ଟୋକାଇ ଦ୍ୱାରା ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ମହିଳା ଉଦ୍ୟୋଗୀ ପରିଷଦ ଆବାହକ ସୁକୀର୍ତ୍ତି ପଟ୍ଟନାୟକ ଏବଂ ସହ ଆବାହକ ତନୟା ପଟ୍ଟନାୟକ ବ୍ୟବସାୟ ପୁରସ୍କାର ସହ ଅଂଶୀଦାରମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିସି ମହିଳା କାଉନସିଲର ପ୍ରମୁଖ ସଦସ୍ୟା ତଥା କେଡିଏଫ୍‌ର ପ୍ରତିଷ୍ଠାତା ପ୍ରୀତି ପଲ୍ଲଵୀ ପଟ୍ଟନାୟକ, ସହପ୍ରତିଷ୍ଠାତା ଅଂଶୁମାନ ରଥ, ଅନ୍ୟ ସହପ୍ରତିଷ୍ଠାତା ଲାବଣ୍ୟେନ୍ଦୁ ଦାସଙ୍କ ସମେତ ଆଇଏନ୍‌ଡବ୍ଲ୍ୟୁଇସିର ଅନ୍ୟାନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ସ୍ମାର୍ଟ ବଜାରର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ

**ଭୁବନେଶ୍ୱର,୧୦।୯**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରି (ଆର୍‌ଆଇଏଲ୍) ର ସହଯୋଗୀ କମ୍ପାନି ରିଲାଏନ୍ସ ରିଟେଲ ୟୁନିଟ୍ 'ସ୍ମାର୍ଟ ବଜାର'ର ଏକ୍ସକ୍ଲୁସିଭ ଷ୍ଟୋର ସ୍ଥାନୀୟ ରୁଦ୍ରପୁରସ୍ଥିତ ସିମ୍ଫୋନି ମଲ୍‌ଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମାର୍ଟ ବଜାରର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଠାରେ ଉପଲବ୍ଧ ଉତ୍ପାଦଗୁଡ଼ିକ ବଜାର ମୂଲ୍ୟଠାରୁ ୫% କମ୍ ମୂଲ୍ୟରେ ଗ୍ରାହକଙ୍କୁ ମିଳିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ସେହିଭଳି ସ୍ମାର୍ଟ ବଜାରର ଗ୍ରାହକମାନେ ୪୯୯ ଟଙ୍କାର ଏକ ସର୍ବନିମ୍ନ ବିଲିଂ ଉପରେ ୧କିଲୋ ଚିନି କିମ୍ବା ୨କିଲୋ ପିଆଜକୁ ମାତ୍ର ୯ଟଙ୍କା ମୂଲ୍ୟରେ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଗ୍ରାହକ ଓ ଅନ୍ୟମାନଙ୍କ ପାଇଁ ଲାଇଭ ମ୍ୟୁଜିକାଲ ସନ୍ଧ୍ୟାର ପରିବେଷଣ କରାଯାଇଥିଲା। ସେହିପରି ଚାଟ୍ ତଥା କଟନ୍ କ୍ୟାଣ୍ଡି କାଉଣ୍ଟର ଭଳି କାର୍ଯ୍ୟକଳାପ ମଧ୍ୟ ଷ୍ଟୋର ପରିସରରେ ଦେଖିବାକୁ ମିଳିଥିଲା।



# ଶ୍ରୀଲଙ୍କା-ପାକିସ୍ତାନ ଫାଇନାଲ ଆଜି

**ଦୁବାଇ,୧୦।୯(ପି.ଟି)**


ବାବର ଆଜମ
ଦସୁନ ସନକା

ରବିବାର ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଫାଇନାଲରେ ପରସ୍ପରକୁ ଭେଟିବେ ପାକିସ୍ତାନ ଓ ଶ୍ରୀଲଙ୍କା। ପ୍ରାରମ୍ଭରୁ ଶ୍ରୀଲଙ୍କା ଆୟୋଜକ ଦେଶ ରହିଥିଲା। ତେବେ ଅର୍ଥନୈତିକ ସଙ୍କଟ ଓ ରାଜନୈତିକ ହିଂସା କାରଣରୁ ଏହି ଟୁର୍ନାମେଣ୍ଟକୁ ଦୁବାଇକୁ ସ୍ଥାନାନ୍ତର କରାଯାଇଥିଲା। ଭାରତ-ପାକିସ୍ତାନ ଫାଇନାଲ ନେଇ ସମସ୍ତେ ଆଶାବାନ୍ଧି ବସିଥିବା ବେଳେ ନିଜ ପ୍ରଦର୍ଶନରେ ସମସ୍ତଙ୍କୁ ଚମକେଇ ଦେଇଥିଲା ଶ୍ରୀଲଙ୍କା। ଲିଗ୍ ପର୍ଯ୍ୟାୟରେ ଆଫଗାନିସ୍ତାନ ବିପକ୍ଷ ପରାଜୟ ବାଦ୍ ଦଳ ଆଉ ପଛକୁ ଫେରି ଚାହିଁ ନାହିଁ। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଦଳର ପ୍ରଦର୍ଶନ ବଢିଆ ରହିଛି। ସୁପର-୪ରେ ଏକମାତ୍ର ଦଳ ଭାବେ ଶ୍ରୀଲଙ୍କା ଅପରାଜେୟ ରହିଥିଲା। ଅନ୍ୟପକ୍ଷରେ ଅର୍ଥନୈତିକ ସଂଘର୍ଷ କରୁଥିବା ଦେଶବାସୀଙ୍କ ପାଇଁ ଟ୍ରଫି ଏକ ଉପହାର ହେବ। ତେବେ ଦେଶବାସୀଙ୍କ ପାଇଁ ଏହି ଉପହାର ରାସ୍ତାରେ ଆସିପାରେ ପାକିସ୍ତାନ। ମହମ୍ମଦ ରିଜୱାନ, ମହମ୍ମଦ ନୱାଜ ଓ ନଶିମ ଶାହଙ୍କ ପ୍ରଦର୍ଶନ ଉପରେ ପାକିସ୍ତାନ ଅଧିକ ନିର୍ଭରଶୀଳ ରହିବ। ୨୦୧୪ରେ ଟି୨୦ ବିଶ୍ୱ ଚାମ୍ପିୟନ୍ ଶ୍ରୀଲଙ୍କାର ପ୍ରଦର୍ଶନ ଦିନକୁ ଦିନ ଖରାପ ହେବାରେ ଲାଗିଥିଲା। ତେବେ ଦସୁନ ସନକାଙ୍କ ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ ଦେବାରେ ସମର୍ଥ ହୋଇଛି। ପ୍ରମୁଖ ଦ୍ରୁତ ବୋଲର ଦୁଷ୍ମନ୍ତ ଚମିରାଙ୍କ ଅନୁପସ୍ଥିତି ମଧ୍ୟ ଦଳ ଅନୁଭବ କରୁନାହିଁ। ବର୍ତ୍ତମାନ ସୁଦ୍ଧା ୫ଟି ମ୍ୟାଚ୍

## ଏସିଆ କପ୍

ଖେଳିଥିବା ଶ୍ରୀଲଙ୍କା ଦଳ ୨୮ ଛକା ଓ ୬୨ ଚୌକା ମାରିଛି। ଦଳର ସମସ୍ତ ଖେଳାଳି ଯୋଗଦାନ ଦେଉଥିବା ବେଳେ ଏହା ଦଳର ୟୁଏସପି ରହିଛି। ପାଥୁମ ନିଶଙ୍କା ଚମତ୍କାର ଫର୍ମରେ ରହିଥିବା ବେଳେ ମଧ୍ୟକ୍ରମରେ ରାଜପକ୍ଷେ ଓ ସନକା ଭଲ ବ୍ୟାଟିଂ କରୁଛନ୍ତି। ସେହିପରି ହସରଙ୍ଗାଙ୍କ ପାର୍ଟନର ଭାବରେ ମହୀଷ ତୀକ୍ଷଣାଙ୍କ ବୋଲିଂ ମଧ୍ୟ ବେଶ୍ ବଢିଆ ରହିଛି। ଯୁବ ବୋଲର ଦିଲସାନ ମଦୁଶଙ୍କା ପେସ ବୋଲିଂ ଭାର ନେଇଥିବା ବେଳେ ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତି ଅନୁଭୂତ ହୋଇନି। ଅନ୍ୟ ପକ୍ଷରେ ପାକିସ୍ତାନ ପାଇଁ ଅଧିନାୟକ ବାବର ଆଜମଙ୍କ ଫର୍ମ ଚିନ୍ତା ବଢାଇଛି। ଦୁଇ ପାକିସ୍ତାନୀ ସ୍ପିନର ମହମ୍ମଦ ନୱାଜ ଓ ଶଦାବ ଖାନଙ୍କ ବୋଲିଂ ଆଭରେଜ ଓ ଇକୋନୋମି ରେଟ ବଢିଆ ରହିଛି। ତେବେ ଦୁବାଇରେ ଟସ ଜିତିବା ଦଳ ଏକ ସାମାନ୍ୟ ମନସ୍ତାତ୍ତ୍ୱିକ ଫାଇଦାରେ ରହିବ।

# ଅନ୍ତର୍ଜାତୀୟ ଦିନିକିଆରୁ ଫିଞ୍ଚଙ୍କ ଅବସର

**କେର୍ନସ (ଅଷ୍ଟ୍ରେଲିଆ), ୧୦।୯(ଏପି)**


ଆରୋନ୍ ଫିଞ୍ଚ

ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ପରେ ଅଷ୍ଟ୍ରେଲିଆ ଅଧିନାୟକ ଆରୋନ୍ ଫିଞ୍ଚ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ନେବେ। ୩୫ ବର୍ଷୀୟ ଫିଞ୍ଚ କିଛି ଦିନ ହେଲା ଭଲ ଫର୍ମରେ ନାହାନ୍ତି। ବର୍ତ୍ତମାନ ତାଙ୍କ ଆଭରେଜ ୩.୭ ରହିଛି। ଜୁନ୍‌ରେ ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆରେ ୬୨ ରନ ସ୍କୋର କରିବା ପରଠାରୁ ସେ ୬୨ ରନ କରିଛନ୍ତି। ସେ ୩ଥର ବିନା କୌଣସି ରନରେ ଆଉଟ ହୋଇଛନ୍ତି। ଏଣେ କ୍ରିକେଟ ଅଷ୍ଟ୍ରେଲିଆ ଶନିବାର କହିଛି ଫିଞ୍ଚ ଅଷ୍ଟ୍ରେଲିଆ ଟି୨୦ ଦଳର ଅଧିନାୟକ ପଦ ବଜାୟ ରଖିବେ। ସେ ଅଷ୍ଟ୍ରେଲିଆରେ ଅକ୍ଟୋବର ଓ ନଭେମ୍ବରରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଟି୨୦ ଦଳର ନେତୃତ୍ୱ ନେବେ। ଫିଞ୍ଚ ଇତିମଧ୍ୟରେ ୧୪୫ ଅନ୍ତର୍ଜାତୀୟ ଦିନିକିଆ ଖେଳି ସାରିଛନ୍ତି। ତନ୍ମଧ୍ୟରୁ ୫୪ଟି ମ୍ୟାଚରେ ଅଧିନାୟକତ୍ୱ କରିଛନ୍ତି। ଫିଞ୍ଚଙ୍କୁ ଏକଦା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବିଧ୍ୱଂସକାରୀ ଓପନିଂ ବ୍ୟାଟର ଭାବେ ବିବେଚନା କରାଯାଉଥିଲା। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ସେ ପାଖାପାଖି ୪୦ ଆଭରେଜରେ ୫,୪୦୧ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ତାଙ୍କର ୧୭ଟି ଶତକ ଅନ୍ତର୍ଭୁକ୍ତ। ଗତ ୭ଟି ଇନିଂସରେ ସେ ୨୦ ରନ ଅତିକ୍ରମ କରିବାରେ ସଫଳ ହୋଇପାରି ନାହାନ୍ତି। ତେଣୁ ଦଳରେ ସ୍ଥାନ ବଜାୟ ରଖିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଫିଞ୍ଚଙ୍କ ଏହି ନିଷ୍ପତ୍ତି ଫଳରେ ଅଷ୍ଟ୍ରେଲିଆ ଆସନ୍ତାବର୍ଷ ଭାରତରେ ହେବାକୁଥିବା ୫୦ଓଭର ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ଜଣେ ନୂଆ ଅଧିନାୟକ ବାଛିବାକୁ ପଡ଼ିବ।

# ଓଏଫସିକୁ ହରାଇ ସେମିରେ ବେଙ୍ଗାଲୁରୁ

**କୋଲକାତା,୧୦।୯(ପି.ଟି)**

**ଡୁରାଣ୍ଡ କପ୍**

ଡୁରାଣ୍ଡ କପ୍ ସେମିଫାଇନାଲରେ ପ୍ରବେଶ କରିଛି ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ବେଙ୍ଗାଲୁରୁ ଏଫ୍‌ସି(ବିଏଫ୍‌ସି)। ୧୦ ଜଣିଆ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)କୁ ଅତିରିକ୍ତ ସମୟରେ ୨-୧ ଗୋଲରେ ପରାସ୍ତ କରିଛି ବିଏଫ୍‌ସି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲ ଶୂନ୍ୟ ରହିଥିଲା। ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିବା ବେଳେ ରୟ କ୍ରିଷ୍ଣାଙ୍କ ଅନ୍ତିମ ମିନିଟ ଗୋଲ ବଳରେ ବିଏଫ୍‌ସି ସେମିରେ ପହଞ୍ଚିଛି। ଶେଷ ୫ ମିନିଟରେ ଓଏଫ୍‌ସି ଡିଫେଣ୍ଡର ଶୁଭମ ନାୟକଙ୍କୁ ମ୍ୟାଚର ଦ୍ୱିତୀୟ ୟେଲୋ କାର୍ଡ ମିଳିଥିଲା। ଏହାପରେ ଶୁଭମ ପଡିଆ ବାହାରକୁ ଯିବା ସହିତ ଓଏଫ୍‌ସି ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା।

# ଗୋଟିଏ ଦିନରେ ୧୭ ଉଇକେଟ ପତନ

**ଦକ୍ଷିଣ ଆଫ୍ରିକା-ଇଂଲଣ୍ଡ ତୃତୀୟ ଟେଷ୍ଟ**

**ଲଣ୍ଡନ, ୧୦।୯ (ଏପି)**

ଓଭାଲଠାରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ତୃତୀୟ ତଥା ନିର୍ଣ୍ଣାୟକ କ୍ରିକେଟ ଟେଷ୍ଟ ମ୍ୟାଚର ତୃତୀୟ ଦିବସରେ ୧୭ଟି ଉଇକେଟର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୩୬.୨ ଓଭର ଖେଳି ମାତ୍ର ୧୧୮ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଓଲି ରବିନ୍‌ସନ ୫ ଓ ଷ୍ଟୁଆର୍ଟ ବ୍ରଡ୍ ୪ ଉଇକେଟ ନେଇ ଭ୍ରମଣକାରୀ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଇଂଲଣ୍ଡ ଖରାପ ଆଲୋକ ଯୋଗୁ ତୃତୀୟ ଦିବସ ଖେଳ ସ୍ଥଗିତ ରଖାଯିବା ବେଳକୁ ୩୩.୪ ଓଭରରେ ୭ ଉଇକେଟ ବିନିମୟରେ ୧୫୪ ରନ କରିଥିଲା। ଆଉଟ ହୋଇଥିବା ବ୍ୟାଟରମାନଙ୍କ ମଧ୍ୟରେ ଓଲିପୋପ୍ ସର୍ବାଧିକ ୬୭ ରନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ସଫଳ ବୋଲର ମାର୍କୋ ଜାନ୍‌ସେନ୍ ୩୪ ରନ ଦେଇ ୪ ଉଇକେଟ ଅକ୍ତିଆର କରିଛନ୍ତି। ମ୍ୟାଚର ପ୍ରଥମ ଦିବସ ଖେଳ ବର୍ଷା ଯୋଗୁ ସମ୍ଭବପର ନ ଥିଲା। ରାଣୀ ଏଲିଜାବେଥ-୨ଙ୍କ ଦେହାନ୍ତ ଯୋଗୁ ତାଙ୍କୁ ସମ୍ମାନ ଜଣାଇ ଦ୍ୱିତୀୟ ଦିବସ ଖେଳକୁ ବାତିଲ କରାଯାଇଥିଲା। ପୂର୍ବରୁ ଉଭୟ ଦଳ ଗୋଟିଏ ଗୋଟିଏ ମ୍ୟାଚ ଜିତି ଥିବାରୁ ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ତରରେ ରହିଛି। ଶନିବାର ଉଭୟ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପରିଧାନ କରି ପଡ଼ିଆକୁ ଓହ୍ଲାଇଥିଲେ। ରାଣୀଙ୍କୁ ସମ୍ମାନ ଜଣାଇ ୧ ମିନିଟ ନୀରବ ପ୍ରାର୍ଥନା ପରେ ଖେଳ ଆରମ୍ଭ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୩୬.୨ ଓଭରରେ ୧୧୮/ ଅଲ୍‌ଆଉଟ (ମାର୍କୋ ଜାନ୍‌ସେନ୍-୩୦ ; ଓଲି ରବିନ୍‌ସନ-୫/୪୯, ଷ୍ଟୁଆର୍ଟ ବ୍ରଡ୍-୪/୪୧)।

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୩.୪ ଓଭରରେ ୧୫୪/୭ (ଓଲି ପୋପ୍-୬୭, ଜୋ ରୁଟ୍-୨୩; ମାର୍କୋ ଜାନ୍‌ସେନ-୪/୩୪, କାଗିସୋ ରାବାଡା-୨/୭୮)।

**ସାଫ୍ ମହିଳା ଚାମ୍ପିୟନଶିପ୍**

# ସେମିଫାଇନାଲରେ ଭାରତ

**କାଠମାଣ୍ଡୁ,୧୦।୯(ପି.ଟି)**

ନେପାଳରେ ଚାଲିଥିବା ମହିଳା ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ସେମିଫାଇନାଲରେ ପ୍ରବେଶ କରିଛି ଭାରତ। ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୩-୦ରେ ପରାସ୍ତ କରିଥିବା ଭାରତ ଶନିବାର ୯-୦ରେ ମାଳଦ୍ୱୀପକୁ ପରାସ୍ତ କରିଛି। ଏହି ବିଜୟ ସହିତ ଭାରତ ଏହି ଟୁର୍ନାମେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ପକ୍ଷରୁ ଅଞ୍ଜୁ ତମାଙ୍ଗ(୨୪, ୪୫+୨, ୮୫ ଓ ୮୮ ମିନିଟ) ୪ଟି ଗୋଲ ସ୍କୋର କରିଥିଲେ । ଡେଙ୍ଗମେଇ ଗ୍ରେସ୍ ୫୩ ଓ ୮୬ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ଦେବୀ(୪୨ ମିନିଟ), ସୌମ୍ୟା ଗୁଗୁଲୋଥ (୫୫ ମିନିଟ) ଏବଂ କାଶ୍ମିନା ୮୪ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।୧୩ ତାରିଖରେ ବାଂଲାଦେଶ ବିପକ୍ଷରେ ଭାରତ ଏହାର ଅନ୍ତିମ ମ୍ୟାଚ ଖେଳିବ।

# ଧୂଲ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ, ଉତ୍ତରାଞ୍ଚଳ ଅଗ୍ରଣୀ

**ପୁଡୁଚେରୀ, ୧୦।୯ (ପି.ଟି.)**


ୟାଶ ଧୂଲ

ପ୍ରତିଭାସମ୍ପନ୍ନ ବ୍ୟାଟର ୟାଶ ଧୂଲଙ୍କ ଚମତ୍କାର ୧୯୩ ରନ ସହାୟତାରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫି କ୍ୱାର୍ଟରଫାଇନାଲରେ ଉତ୍ତରାଞ୍ଚଳ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୪୩୩ ରନ ସଂଗ୍ରହ କରିଛି। ଧୂଲ ତାଙ୍କ ଇନିଂସରେ ୨୪୩ ବଲ୍‌ର ସାମ୍ନା କରି ୨୮ ଚୌକା ଓ ଦୁଇ ଛକା ଲଗାଇଛନ୍ତି। ତାଙ୍କ ଲଢୁଆ ବ୍ୟାଟିଂ ଯୋଗୁ ହାତରେ ୭ ଉଇକେଟ ଥାଇ ଉତ୍ତରାଞ୍ଚଳ ୩୬ ରନର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଚଳିତବର୍ଷ ପ୍ରାରମ୍ଭରେ ଧୂଲଙ୍କ ରଣଜୀ ଟ୍ରଫି କ୍ୟାରିୟର ଆରମ୍ଭ ଧମାକାଦାର ଥିଲା। ଦିଲ୍ଲୀ ତରଫରୁ ତାମିଲନାଡୁ ବିପକ୍ଷ ମ୍ୟାଚରେ ସେ ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ମର୍ଯ୍ୟାଦାପୂର୍ଣ୍ଣ ଦୁଲୀପ ଟ୍ରଫି ପଦାର୍ପଣରେ ଶନିବାର ସେ ଏକ ସ୍ମରଣୀୟ ଶତକ ହାସଲ କରିଛନ୍ତି। ମାତ୍ର ୭ ରନ ପାଇଁ ସେ ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଧୂଲଙ୍କ ନେତୃତ୍ୱରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଧୂଲ ଓ ମନନ ବୋରା (୪୪)ଙ୍କ ମଧ୍ୟରେ ପ୍ରଥମ ଉଇକେଟରେ ୧୨୮ରନ ଏବଂ ଦ୍ୱିତୀୟ ଉଇକେଟରେ ଧ୍ରୁବ ଶୋରେ (୮୧)ଙ୍କ ସହ ୧୯୨ରନର ପାର୍ଟନରଶିପ୍ ହେବା ପରେ ଉତ୍ତରାଞ୍ଚଳ ପୂର୍ବାଞ୍ଚଳର ପ୍ରଥମ ଇନିଂସ ସ୍କୋର ୩୯୭ର ନିକଟତର ହୋଇଥିଲା। ଧୂଲ ମଣିଶଙ୍କର ମୁରା ସିଂଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ପରେ ଶୋରେ ତୃତୀୟ ବ୍ୟାଟ୍ସମ୍ୟାନ ଭାବେ ଅଧିନାୟକ ମନଦୀପ ସିଂ (୩୪*)ଙ୍କ ସହ ୨୮ରନ ଯୋଗ କରିଥିଲେ। ମନଦୀପଙ୍କ ସହ ଯୋଗ ଦେଇଥିବା ହିମାଂଶୁ ରାଣା ୬୨ରନ କରି ଅପରାଜିତ ରହିଥିଲେ।

**ଫୁର୍‌ସତ୍**


ନେହା କକ୍କର

# ଅଡିଶନ୍‌ରେ ପୁରୁଣା ବନ୍ଧୁଙ୍କ ସହ ଭେଟ

**ମୁମ୍ବାଇ:** ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୩ ଜରିଆରେ ପୁଣିଥରେ ଟିଭି ପରଦାକୁ ଫେରିଛନ୍ତି ବଲିଉଡ୍ ସିଙ୍ଗର ନେହା କକ୍କର। ପ୍ରତିଯୋଗୀଙ୍କ ଅଡିଶନ୍ ନେବା ବେଳେ ନେହା ଭାବବିହ୍ୱଳ ହୋଇପଡ଼ିଥିବାର ଦେଖିବାକୁ ମିଳିଛି। ତେବେ ଲୋକପ୍ରିୟ ଟିଭି ଶୋ' ଇଣ୍ଡିଆନ୍ ଆଇଡଲ୍‌ର ଅଡିଶନ୍‌ରେ ନେହା ତାଙ୍କ ପୁରୁଣା ବନ୍ଧୁଙ୍କୁ ଭେଟିଛନ୍ତି, ଯାହାଙ୍କ ନାଁ ବିନିଥ ସିଂ। ବନ୍ଧୁଙ୍କୁ ଷ୍ଟେଜ୍‌ରେ ଦେଖିବା ମାତ୍ରେ ନେହା କାନ୍ଦିବାକୁ ଆରମ୍ଭ କରିଥିଲେ। ଏହା ପରେ ସେ ବିନିଥ୍‌ଙ୍କ ପରଫର୍ମାନ୍ସ ଜଜ୍ କରିବାକୁ ମନା କରିଥିଲେ। କିନ୍ତୁ ଅନ୍ୟ ବିଚାରକଙ୍କ ଅନୁରୋଧ କ୍ରମେ ନେହା ବିଚାରକ ଆସନରେ ବିନିଥଙ୍କ ଗୀତ ଶୁଣିଥିଲେ। ବିନିଥ ମଧ୍ୟ ନେହାଙ୍କୁ ଖୁବ୍ ପ୍ରଶଂସା କରିଥିବାର ଦେଖିବାକୁ ମିଳିଛି। ତେବେ ସୋନୀ ଚ୍ୟାନେଲ ପକ୍ଷରୁ ଇଣ୍ଡିଆନ୍ ଆଇଡଲ୍‌ର ସିଜନ୍ ୧୩ ଅଡିଶନ୍ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଥିଲା। ପିଲାଟିବେଳୁ ନେହା ଭଜନ ସମାରୋହରେ ଗୀତ ଗାଉଥିଲେ। ଏହାପରେ ସେ ଇଣ୍ଡିଆନ୍ ଆଇଡଲ୍ ସିଜନ୍୨ରେ ଭାଗ ନେଇଥିଲେ। ବର୍ତ୍ତମାନ ନେହା ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଖ୍ୟାତନାମା ଗାୟିକା। ବିଶାଲ ଦଦଲାନି, ହିମେଶ ରେଶମିଆ ଏବଂ ନେହା ଇଣ୍ଡିଆନ୍ ଆଇଡଲ୍‌କୁ ଜଜ୍ କରୁଛନ୍ତି।

**ବିପଦରେ ସାମୁଦ୍ରିକ କଇଁଛ**

# ୩୦ ବର୍ଷରେ ୧.୧ ନିୟୁତ ମୃତ

**ୱାଶିଂଟନ:** ବିପଦରେ ସାମୁଦ୍ରିକ କଇଁଛଙ୍କ ସ୍ଥିତି। ଦୀର୍ଘ ୩୦ ବର୍ଷ ମଧ୍ୟରେ ପାଖାପାଖି ୧.୧ ମିଲିୟନ୍ କଇଁଛଙ୍କ ମୃତ୍ୟୁ ହୋଇଥିବା ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟି (ଏଏସ୍‌ୟୁ) ବୈଜ୍ଞାନିକ ଦାବି କରିଛନ୍ତି। ୧୯୯୦ରୁ ୨୦୨୦ ପର୍ଯ୍ୟନ୍ତ ସାମୁଦ୍ରିକ କଇଁଛମାନଙ୍କ ଉପରେ ୟୁନିଭର୍ସିଟି ସାଇଣ୍ଟିଷ୍ଟମାନେ ଅଧ୍ୟୟନ ଜାରି ରଖିଥିଲେ। ଏ ନେଇ ଗ୍ଲୋବାଲ୍ ଚେଞ୍ଜ ବାୟୋଲୋଜିରେ ପ୍ରକାଶ ପାଇଥିବା ଖବର ଅନୁସାରେ ପ୍ରତିବର୍ଷ ୬୫ଟି ଦେଶରେ ୪୪ ହଜାର କଇଁଛ ମନୁଷ୍ୟକୃତ ଅତ୍ୟାଚାରର ଶିକାର ହେଉଛନ୍ତି। ଅନ୍ୟ ଦେଶ ତୁଳନାରେ ଏହି ଦେଶଗୁଡ଼ିକରେ ଅଧିକ ସଂଖ୍ୟାରେ ସାମୁଦ୍ରିକ କଇଁଛ ବସବାସ କରନ୍ତି। କିଛି ସ୍ଥାନରେ କଇଁଛ ଚୋରା ଚାଲାଣ ମଧ୍ୟ ବୃଦ୍ଧି ପାଇଛି। ବିଭିନ୍ନ ଦେଶରେ କଇଁଛଙ୍କୁ ନେଇ କରାଯାଉଥିବା ବେଆଇନ କାର୍ଯ୍ୟକଳାପକୁ



ରୋକାଯିବାର ଆବଶ୍ୟକତା ଥିବା ଏଏସ୍‌ୟୁର ସହକାରୀ ପ୍ରଫେସର୍ ଜେସ୍ ସେଙ୍କୋ କହିଛନ୍ତି। ମୁଖ୍ୟତଃ ମାଂସ ପାଇଁ କଇଁଛ ଶିକାର କରାଯାଉଥିଲା। କିନ୍ତୁ ଏହା ବ୍ୟତୀତ କଇଁଛଙ୍କ ଶରୀରରୁ ବିଭିନ୍ନ ପ୍ରକାର ଅଳଙ୍କାର, ଔଷଧ ସାଙ୍ଗକୁ ଏହାର ସେଲ୍ ବା ଖୋଳରୁ ମାନବନିର୍ମିତ କଳାକୃତିର ଚାହିଦା ବଢ଼ିବା କାରଣରୁ କଇଁଛଙ୍କ ଶିକାର ଦିନକୁ ଦିନ ବଢ଼ିବା ସହ ଅବୈଧ ଚାଲାଣ ମଧ୍ୟ ଅଧିକ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ଗାର୍ଡିଆନ୍‌ରେ ପ୍ରକାଶ ପାଇଥିବା ଖବର ଅନୁସାରେ କଇଁଛ ଶିକାର ଓ ବେଆଇନ୍ ଚୋରା ଚାଲାଣରୁ ବାର୍ଷିକ ୨୩ ବିଲିୟନ୍ ଡଲାର ଆୟ ହେଉଛି।

# ଇଟାଲିରେ ପେପ୍ପା ପିଗ୍ କାର୍ଟୁନ୍‌କୁ ବିରୋଧ

**ରୋମ୍:** ପିଲାଙ୍କ ମନୋରଞ୍ଜନ ପାଇଁ ଟିଭିରେ ପ୍ରସାରିତ ପେପ୍ପା ପିଗ୍ କାର୍ଟୁନ୍‌କୁ ଇଟାଲିର ରାଜନୈତିକ ଦଳ ବ୍ରଦର୍ସ ଅଫ୍ ଇଟାଲିର ବରିଷ୍ଠ ନେତା ଫେଡେରିକୋ ମୋଲ୍ଲିକୋନ ବ୍ୟାନ୍ କରିବା ପାଇଁ ଦାବି କରିଛନ୍ତି। ଇଟାଲିରେ ଲୋକପ୍ରିୟତା ହାସଲ କରିଥିବା ପେପ୍ପା ପିଗ୍ କାର୍ଟୁନ ଶୋ'ରେ ସମଲିଙ୍ଗୀ ଯୋଡ଼ିଙ୍କୁ ଦେଖାଯାଉଥିବାବେଳେ ଏହାର ପ୍ରସାରଣ ତୁରନ୍ତ ରୋକାଯିବା ଦରକାର ବୋଲି ଫେଡେରିକୋ କହିଛନ୍ତି। ଏହା ଦ୍ୱାରା ସମାଜ ଓ ଛୋଟ ପିଲାଙ୍କ ଉପରେ କୁପ୍ରଭାବ ପଡ଼ିବା ଆଶଙ୍କା ରହିଛି। ପେପ୍ପା ପିଗ୍ ପ୍ରସାରଣ କରୁଥିବା କମ୍ପାନୀ ରାଇ ଏ ନେଇ ସତର୍କ ହେବା ଦରକାର ଏବଂ ପିଲାମାନଙ୍କୁ ଏ ପ୍ରକାର ମାନସିକତାଠାରୁ ଦୂରରେ ରଖିଯିବା ଦରକାର ବୋଲି ସେ କହିଛନ୍ତି। ଯଦି ବର୍ତ୍ତମାନର ସରକାର ଏ ନେଇ ସମୁଚିତ ପଦକ୍ଷେପ ନ ନିଅନ୍ତି ତେବେ ବ୍ରଦର୍ସ ଅଫ୍ ଇଟାଲି ଦଳ ଯେତେବେଳେ କ୍ଷମତାକୁ ଆସିବ ସେତେବେଳେ ଏହା ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବ ବୋଲି ଫେଡେରିକୋ କହିଛନ୍ତି। ୨୦୦୪ରେ ପେପ୍ପା ପିଗ୍ ପ୍ରଥମ ଥର ପାଇଁ ଟିଭିରେ ପ୍ରସାରିତ ହୋଇଥିଲା। ଦୀର୍ଘ ୧୮ ବର୍ଷର ଯାତ୍ରାରେ ଏହି ଶୋ' ଅନେକ ଲୋକପ୍ରିୟତା ହାସଲ କରିଛି। କିନ୍ତୁ ପ୍ରଥମ ଥର ପାଇଁ ଏହି କାର୍ଟୁନ୍ ଶୋ'ରେ ଏଲ୍‌ଜିବିଟିଙ୍କୁ ନେଇ ଏପିସୋଡ୍ ପ୍ରସାରଣ କରାଯାଇଛି। ଇଟାଲି ସମେତ ବ୍ରିଟେନ୍‌ରେ ଏହାର ଏପିସୋଡ୍ ଅନ୍‌ଏୟାର କରାଯାଇଛି।




**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ୱପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧
ତୁମେ ଛାଡ଼ି ଯାଇଥିବା ତୁମର ପରିବାର, ଜ୍ୟେଷ୍ଠ ପୁତ୍ର: ଜିତେନ, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା- ସୀମାଞ୍ଚଳ, ନାତି ଓ ନାତୁଣୀ: ରୀମା, ସିଟୁନ୍, ପପ୍‌ଲି, ପିୟୂଷ, ନିଡୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମର ଆତ୍ମାର ସଦ୍‌ଗତି ହେଉ।
ଧ-୭୩୫୧୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱଆୟୁଷି ମିଶ୍ର (ଲିସି)
ବାଲିପାଟଣା, ଜି: ଖୋର୍ଦ୍ଧା
ଆବିର୍ଭାବ: ୨୪।୦୯।୨୦୦୪
ତିରୋଧାନ: ୨୧।୦୯।୨୦୨୧
ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ତୁମର ଅମର ଆତ୍ମା ସଦ୍‌ଗତି ଲାଭକରୁ।
ଶୋକସନ୍ତପ୍ତ: ଜେଜେମା, ପାପା, ମମି, ବଡ଼ବାପା, ବଡ଼ମମି, ଆଉପାପା, ଆଉମମି, କକୁ, ଖୁଡ଼ୀ, ପିଉସା, ଜେଜେନାନୀ, ମାମୁ, ମାଇଁ, ମଉସା, ମାଉସୀ, ଭାଇନା, ଭାଉଜ, ନାନୀ, ସାନଭାଇ ଓ ଭଉଣୀ, ବନ୍ଧୁ ପରିଜନ ଓ ସାଙ୍ଗସାଥୀମାନେ ।
ଧ-୭୩୯୬୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ୱନିରଞ୍ଜନ ପ୍ରଧାନ
ଅବସରପ୍ରାପ୍ତ ମୁଖ୍ୟ କିରାଣୀ (ନିଆଳୀ ବ୍ଲକ), ମହଙ୍ଗ, କଣ୍ଡାପଡା, କଟକ
ଆବିର୍ଭାବ : ୦୨.୧୧.୧୯୪୫
କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି
ତିରୋଧାନ : ୨୧.୦୯.୨୦୨୧
ଆଶ୍ୱିନମାସ କୃଷ୍ଣପକ୍ଷ ପ୍ରତିପଦା ତିଥି
ତୁମର ସେହି ଆଦବ କାଇଦା, କର୍ତ୍ତବ୍ୟ ପରାୟଣତା, ସଚ୍ଚୋଟତା, ସମୟାନୁବର୍ତ୍ତିତା ଏବଂ ସର୍ବୋପରି ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆଜିର ଏହି ଦିନରେ ଆମେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦ୍‌ଗତି ହେଉ।
-:ଶୋକସନ୍ତପ୍ତ:-
ହତଭାଗ୍ୟ-ସ୍ତ୍ରୀ, ଭାଇ, ଭାଇବୋହୂ, ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୪୧୧୪

ଆଜିର ଦିନରେ ସଭିଏଁ କାର୍ଯ୍ୟବ୍ୟସ୍ତ। ଆଉ ଏହି ବ୍ୟସ୍ତବହୁଳ ଜୀବନରେ ସୁସ୍ଥ ରହିବା କୌଣସି ବରଦାନଠୁ କମ୍ ନୁହେଁ। ଏମିତିରେ ଅନେକଙ୍କ ପାଇଁ ଫିଟ୍‌ନେସ୍ ମନ୍ତ୍ର ପାଲଟିଛି ଏକ୍ସରସାଇଜ୍। ହେଲେ କଥାରେ ଅଛି ଅତି ସର୍ବତ୍ର ଗର୍ହିତମ୍, ଅର୍ଥାତ୍ ବର୍ତ୍ତମାନ ଫିଟ୍‌ନେସ୍ ଆଳରେ ଆବଶ୍ୟକତାଠାରୁ ଅଧିକ ଏକ୍ସରସାଇଜ୍ ଅନେକଙ୍କ ପାଇଁ ସାଜୁଛି କାଳ, ଯାହା ପ୍ରତି ବେଳହୁଁ ସାବଧାନ ରହିବା ଆବଶ୍ୟକ...





# ଓଭର ଏକ୍ସରସାଇଜ୍



ବର୍ତ୍ତମାନ ଅନେକଙ୍କ ପାଇଁ ଏକ୍ସରସାଇଜ୍ ପାଲଟିଛି ଫିଟ୍‌ନେସ୍ ମନ୍ତ୍ର। ବିଶେଷକରି ସ୍ଲିମ୍ ଫିଗର ପ୍ରତି ସଜାଗ ଥିବା ଯୁବପିଢ଼ି ଏଥିପାଇଁ ଜିମ୍ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଯାହାଙ୍କ ମଧ୍ୟରୁ ଅନେକେ ଏମିତିବି ଅଛନ୍ତି, ଯେଉଁମାନେ ଫିଟ୍‌ନେସ୍ ପାଇଁ ଶୀଘ୍ର ପତଳା ହେବା ନିଶାରେ ଆବଶ୍ୟକତାଠାରୁ ଅଧିକ ବା ଓଭର ଏକ୍ସରସାଇଜ୍ କରିବାକୁ ମଧ୍ୟ ପଛାନ୍ତି ନାହିଁ। ଖାଲି ସେତିକି ନୁହେଁ, କେତେଜଣ ଗୋଟିଏ ଦିନ କୌଣସି କାରଣରୁ ନ କରିପାରିଲେ ପର ଦିନ ଏକ ସଙ୍ଗେ ଦୁଇଦିନ ପାଇଁ ଏକ୍ସରସାଇଜ୍ କରିଥା'ନ୍ତି। ହେଲେ ଏହାଦ୍ୱାରା ଶରୀରକୁ କୌଣସି ଫାଇଦା ମିଳିବା ବଦଳରେ ବିଭିନ୍ନ ସମସ୍ୟାର କାରଣ ସାଜିଥାଏ।

**ଗବେଷଣା କୁହେ:** ନିକଟରେ ଅନେକ ହୃଦ୍‌ଘାତଜନିତ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି, ଯାହା ପଛର ମୁଖ୍ୟ କାରଣ ଓଭର ଏକ୍ସରସାଇଜ୍ ବୋଲି ଜଣାପଡ଼ିଛି। ଏନେଇ ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଯେପରି କୌଣସି ଔଷଧ ଆବଶ୍ୟକ ମାତ୍ରାରୁ ଅଧିକ ସେବନ କଲେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଠିକ୍ ସେହିପରି ଏକ୍ସରସାଇଜ୍ ମଧ୍ୟ ଆବଶ୍ୟକତାଠାରୁ ଅଧିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହେବା ସହ ହୃତ୍‌ପିଣ୍ଡ ଉପରେ ଚାପ ପଡ଼ିଥାଏ। ବିଶେଷ କରି ଅଧିକ ଟ୍ରେଡ୍‌ମିଲ୍‌ରେ ଚାଲିବା ଦ୍ୱାରା କେତେଜଣଙ୍କ ଠାରେ ହୃଦ୍‌ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଜାଣିବା ଓଭର ଏକ୍ସରସାଇଜ୍‌ର ବିଭିନ୍ନ ପ୍ରଭାବ ସମ୍ପର୍କରେ...

**ଥକା ବା ଅଳସୁଆ ଲାଗିବା:** ନିୟମିତ ଏକ୍ସରସାଇଜ୍ କରିବା ଭଲ। ହେଲେ ଏହା ଆବଶ୍ୟକତାଠାରୁ ଅଧିକ ହେଲେ ଅଧିକ ପରିମାଣରେ କ୍ୟାଲୋରି ବର୍ଣ୍ଣ ହୋଇଥାଏ। ଫଳରେ ଶରୀରକୁ ଏନର୍ଜି ଷ୍ଟୋର କରିବାରେ ଅସୁବିଧା ହୋଇଥାଏ। ଯାହାର ଫଳସ୍ୱରୂପ ଦିନ ସାରା ଥକା ଲାଗିବା, ଅଳସୁଆ ଲାଗିବା ବା ନିଦ ଆସିବା ଭଳି ଲକ୍ଷଣ ଦେଖାଦେଇଥାଏ। ଏହା ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ଏପରି କରିବାଠାରୁ ବଞ୍ଚନ୍ତୁ ଏବଂ ଟ୍ରେନରଙ୍କ ପରାମର୍ଶକ୍ରମେ ଆବଶ୍ୟକ ମାତ୍ରାରେ ଏକ୍ସରସାଇଜ୍ କରନ୍ତୁ।

**ହୋଇପାରେ ଯନ୍ତ୍ରଣାର କାରଣ:** ଓଭର ଏକ୍ସରସାଇଜ୍ ପ୍ରଭାବରେ ବେଳେବେଳେ ପାଦ, ଆଣ୍ଠୁ, ହାତ, ବେକ, ଅଣ୍ଟା ଆଦି ସ୍ଥାନରେ ମାଂସପେଶୀ ସଂକୁଚିତ ହୋଇଯିବା ସହ ଉକ୍ତ ସ୍ଥାନ ଫୁଲି ଖୁବ୍ ଯନ୍ତ୍ରଣା ହୋଇଥାଏ। ତେଣୁ ଏପରି ଆଦୌ କରନ୍ତୁ ନାହିଁ।

**ହୋଇପାରେ ହର୍‌ମୋନ ଅସନ୍ତୁଳନ:** ଏକ୍ସରସାଇଜ କରିବା ଦ୍ୱାରା ମସ୍ତିଷ୍କ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଏଣ୍ଡୋଫ୍ରିନ୍ ନାମକ ହରମୋନ କ୍ଷରଣ ହୋଇଥାଏ, ଯାହାକି ମଣିଷକୁ ଚିନ୍ତା, କଷ୍ଟ, ଅବସାଦ ଆଦିରୁ ରକ୍ଷା କରି ମନ ଖୁସି ରଖିଥାଏ। ହେଲେ ଓଭର ଏକ୍ସରସାଇଜ କଲେ ଏହି ହରମୋନ ଅଧିକ କ୍ଷରଣରେ ଅସନ୍ତୁଳନ ଦେଖାଦେଇଥାଏ। ତେବେ ଏହି ହରମୋନ ଅଧିକ ହେଲେ କେତେକଙ୍କ ଠାରେ ଏକ ଡ୍ରଗ୍ ଭଳି କାର୍ଯ୍ୟ କରିଥାଏ। ଅର୍ଥାତ୍ ଏକ୍ସରସାଇଜ୍ ସେମାନଙ୍କ ପାଇଁ ଏକ ନିଶା ପାଲଟିଯାଏ, ଯାହା କୌଣସି ଦିନ ନ ହୋଇ ପାରିଲେ ସେମାନଙ୍କ ଠାରେ ଚିଡ଼ିଚିଡ଼ା ଲାଗିବା, ଅବସାଦ ଭଳି ଲକ୍ଷଣ ଦେଖାଦେଇଥାଏ।



## କ'ଣ କୁହନ୍ତି ଏମାନେ...



**ବିକ୍ରମ ଦାସ**(ଭୁବନେଶ୍ୱର)– ଫିଟ୍ ରହିବା ପାଇଁ ପ୍ରତିଦିନ ଜିମ୍ ଯାଏ। ସେଠାରେ ଓଜନ କମାଇବା ସହ ମସଲ ଗେନ୍ ପାଇଁ ୱାର୍କଆଉଟ୍ କରିଥାଏ। ଏଥିପାଇଁ ପ୍ରତିଦିନ ଜିମ୍‌କୁ ୨ରୁ ୩ଘଣ୍ଟା ଦେବାକୁ ପଡ଼େ। କିନ୍ତୁ କୌଣସି କାରଣବଶତଃ କିଛି ଦିନ ପାଇଁ ଜିମ୍ ବନ୍ଦ କରି ପୁଣି ଥରେ ଜିମ୍ ଗଲେ ମୋତେ ୱାର୍କଆଉଟ୍ କରିବାକୁ ବହୁତ କଷ୍ଟ ହୁଏ। ହାତଗୋଡ଼ ବିନ୍ଧା ହେବା ସହ ଶିଡ଼ି ଚଢ଼ିବା ମଧ୍ୟ କଷ୍ଟ ହୋଇପଡ଼େ। ତେଣୁ ମୁଁ କେବେ ଦରକାରୀ କାମ ପାଇଁ ଜିମ୍ ବନ୍ଦ କଲେ ପରଦିନ ଯାଇ ଏକାସଙ୍ଗେ ଓଭର ଏକ୍ସରସାଇଜ୍ ଆଦୌ କରେନି। ବରଂ ଜିମ୍ ନ ଗଲେ ସକାଳୁ ଉଠି କିଛି ସମୟ ପାଇଁ ମର୍ନିଂୱାର୍କ କରିଦିଏ। ଯାହାଦ୍ୱାରା ମୋତେ ଫିଟ୍ ଲାଗେ।



**ପ୍ରିୟଙ୍କା ପାତ୍ର** (ଭୁବନେଶ୍ୱର)– ଯେକୌଣସି କାର୍ଯ୍ୟ ଆବଶ୍ୟକରୁ ଅଧିକ ହେବା ଠିକ୍ ନୁହେଁ। ଠିକ୍ ଯେମିତି ଫିଟ୍‌ନେସ୍ ପାଇଁ ଏକ୍ସରସାଇଜ୍। ପ୍ରତିଦିନ ଜିମ୍‌ରେ ୱାର୍କଆଉଟ୍ କରିବା ସହ ଜୁମ୍ବା କରିଥାଏ, ଯେଉଁଥିପାଇଁ ମୋତେ ସାରାଦିନ ଆକ୍ଟିଭ୍ ଲାଗିଥାଏ ଓ କ୍ଲାସ୍‌ରେ ବୋର୍ ବି ଲାଗେନି। ହେଲେ ଯେଉଁଦିନ ଟିକେ ଅଧିକ ଏକ୍ସରସାଇଜ୍ କରିନିଏ ଖୁବ୍ ହାଲିଆ ଲାଗେ କାମ କରିବାର ଜୋସ୍ କମିଯିବି ଭଳି ମନେ ହୁଏ। ତେଣୁ ଓଭର ଏକ୍ସରସାଇଜ୍ ଆଦୌ କରେନି ବରଂ ସପ୍ତାହକ ଭିତରେ ଦୁଇଦିନ ରେଷ୍ଟ ନେବାକୁ ଡାଏଟ୍ ପ୍ଲାନ୍ କରିଥାଏ। ଏହା ଦ୍ୱାରା ଶରୀରକୁ ବିଶ୍ରାମ ମିଳିବା ସହ ଶକ୍ତି ମିଳିଥାଏ। ଏହି ଦୁଇଦିନ ଘରେ ଯୋଗ ଓ ପ୍ରାଣାୟମ କରିଥାଏ। ପରେ ଜିମ୍ ଗଲେ ମୋତେ ୱାର୍କଆଉଟ୍ କରିବାବେଳେ ହାଲିଆ ଲାଗେନି।

---

**ୟୁଥ୍ ଆଲର୍ଟ**

# ବର୍ଷାରେ ଗାଡ଼ି ଚଳାଉଥିଲେ ...

ବର୍ଷାଦିନେ ଯେକୌଣସି ସମୟରେ, କେବେକେବେ ଦିନ ରାତି ଲଗାଣ ବର୍ଷା ହୋଇଥାଏ। ଏମିତିରେ ପାଠପଢ଼ା ଅବା ଚାକିରି ପାଇଁ ପ୍ରତିଦିନ ବାହାରକୁ ଯାଉଥିବା ଯୁବପିଢ଼ିଙ୍କୁ ବର୍ଷାରେ ଗାଡ଼ି ଚଲାଇ ଯିବା ବେଳେ ବିଭିନ୍ନ ସମସ୍ୟା ଉପୁଜିଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...







➔ଗାଡ଼ି ଚଲାଉଥିଲେ ବର୍ଷାଦିନେ ପାଖରେ ରେନ୍‌କୋଟ୍ ନିହାତି ରଖନ୍ତୁ। ନଚେତ୍ ହଠାତ୍ ବର୍ଷା ହେଲେ ଭିଜିଯିବା ସହ ଥଣ୍ଡା, ଜ୍ୱର, କାଶ ଭଳି ବିଭିନ୍ନ ସମସ୍ୟା ଉପୁଜିପାରେ। ଯଦି ପାଖରେ ରେନ୍‌କୋଟ୍ ନାହିଁ, ତେବେ ତରବର ହୋଇ ସ୍ପିଡ୍ ଗାଡି ଚଲାଇ ଦୁର୍ଘଟଣାର ସମ୍ମୁଖୀନ ହେବା ବଦଳରେ ଧୀରେ ଧୀରେ ଚଲାଇ ନିକଟରେ ଥିବା କୌଣସି ସୁରକ୍ଷିତ ସ୍ଥାନ ଦେଖି ଠିଆ ହୋଇ ଯାଆନ୍ତୁ।

➔ଅନେକ ସମୟରେ ଦେଖାଯାଏ ବର୍ଷାରେ ବଡ଼ ବଡ଼ ଗଛମୂଳେ ଯାତ୍ରୀ ଠିଆ ହୁଅନ୍ତି। ହେଲେ ଏହା ବିପଜ୍ଜନକ। କାରଣ ବେଳେବେଳେ ବର୍ଷାରେ ଗଛ ଡାଳ ଭାଙ୍ଗିବା କିମ୍ବା ଘଡ଼ଘଡ଼ି ପଡ଼ିବା ଦ୍ୱାରା ଗଛ ଜଳିଯାଇ ଅନେକ ଦୁର୍ଘଟଣା ଘଟିଥିବାର ନଜିର ରହିଛି।

➔ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ। ବର୍ଷାବେଳେ ଇଲେକ୍ଟ୍ରି ଖୁଣ୍ଟ ମୂଳରେ ଠିଆ ହେବା ବିପଦପୂର୍ଣ୍ଣ। ଏହାଦ୍ୱାରା ବିଜୁଳି ସଂସ୍ପର୍ଶରେ ଆସି ବିଭିନ୍ନ ଦୁର୍ଘଟଣା ଘଟିପାରେ।

➔ଗାଡ଼ି ଚଲାଉଥିବା ବେଳେ ବର୍ଷା ହେଲେ କିମ୍ବା ବର୍ଷା ଛାଡ଼ିବା ପରେ ରାସ୍ତା ଖସଡ଼ା ହୋଇଥାଏ। ଏମିତିରେ ସ୍ପିଡ୍ ଚଲାନ୍ତୁ ନାହିଁ କିମ୍ବା ହଠାତ୍ ବ୍ରେକ୍ କରନ୍ତୁ ନାହିଁ, ନଚେତ୍ ଗାଡ଼ି ସ୍ଲିପ୍ ହୋଇପାରେ। ତା'ଛଡ଼ା ଖାଲ ସ୍ଥାନରେ ପାଣି ଜମାଥିବାରୁ ଦୁର୍ଘଟଣାର ଆଶଙ୍କା ଥାଏ। ତେଣୁ ବର୍ଷାରେ ଅଧିକ ସ୍ପିଡ୍‌ରେ ଗାଡ଼ି ନ ଚଲାଇ ଧୀରେ ଏବଂ ସତର୍କତାର ସହ ଚଲାଇବା ବୁଦ୍ଧିମତ୍ତାର କାର୍ଯ୍ୟ।

➔ବର୍ଷା ସମୟରେ ହେଲ୍‌ମେଟ୍ ଗ୍ଲାସ୍ ଉପରେ ପାଣି ପଡ଼ି କୁହୁଡ଼ି ଭଳି ଦେଖାଯାଏ। ତେଣୁ ଅନେକେ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଲାଇଥା'ନ୍ତି। ହେଲେ ଏପରି କରିବା ଆଦୌ ନିରାପଦ ନୁହେଁ।

---

## ଏ ସପ୍ତାହର ପ୍ରଶ୍ନ

୧– ଇଲେକ୍ଟ୍ରିକ୍ ବଲ୍‌ବର ଉଦ୍ଭାବକ ............ ?
୨– .................... ପ୍ରୀତି ସିନ୍‌ଏ 'ଏ ପ୍ଲେସ୍ କଲ୍ଡ ହୋମ୍' ପୁସ୍ତକ ଲେଖିଛନ୍ତି ?
୩– ନାଜା ନାଜା ........................................ ର ବୈଜ୍ଞାନିକଙ୍କ ନାମ ?
୪– ପିମ୍ପୁଡ଼ି କାମୁଡ଼ିଲେ ...................................... ନିର୍ଗତ ହୋଇଥାଏ ?
୫– .................................. କମ୍ପିଟିଶନ୍‌କୁ ଲିଗ୍ ମ୍ୟାଗ୍ନସ୍ କୁହାଯାଏ ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ନାଗାଲାଣ୍ଡ
୩ ଇଥାନେଥିଅଲ୍‌କ ଗ୍ୟାସ୍
୪ ବାହାଦୁର ଶାହ ୨
୫ ବ୍ରିଜେନ୍ଦ୍ର ରେହି

## ଉତ୍ତରଦାତା



ବାସୁଦେବ ପାଣିଗ୍ରାହୀ, କଲିକତା



କ୍ଷୀରସିନ୍ଧୁ ଭାଟି, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ମାଛ



୧– ହ୍ୱେଲ୍ ସାର୍କ........................................ ୪୧.୫ ଫୁଟ୍
୨– ବାସ୍କିଙ୍ଗ୍ ସାର୍କ ........................................ ୪୦ ଫୁଟ୍
୩– ଗ୍ରେଟ୍ ହ୍ୱାଇଟ୍ ସାର୍କ........................................ ୨୩ ଫୁଟ୍
୪– ଟାଇଗର୍ ସାର୍କ ........................................ ୨୪ ଫୁଟ୍
୫– ଜିଆଣ୍ଟ ଓସିଆନିକ୍ ମାଣ୍ଟାରେ ........................................ ୧୫ ଫୁଟ୍
୬– ଓସିଆନ୍ ସନ୍‌ଫିଶ୍........................................ ୧୦ ଫୁଟ୍
୭– ସାଉଦର୍ନ ସନ୍‌ଫିଶ୍ ........................................ ୧୧ ଫୁଟ୍
୮ – ବେଲୁଗା ଷ୍ଟର୍ଜେଅନ୍ ........................................ ୨୪ ଫୁଟ୍
୯– ଶାର୍ପଟେଲ୍ ମୋଲା ........................................ ୧୦ ଫୁଟ୍
୧୦– ହୁଡ୍ ୱିଙ୍କର ସନ୍‌ଫିଶ୍ ........................................ ୮ ଫୁଟ୍

**ଅଭୁଲା ଅନୁଭୂତି**

# କତା ଆଣିଛୁ କି ନାହିଁ

ସେତେବେଳେ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥାଏ। ସେଦିନ ଥାଏ ଗୁରୁଦିବସ। ପ୍ରତିବର୍ଷ ଭଳି ସେଦିନ ବି ଗୁରୁଦିବସ ପାଇଁ ସ୍କୁଲ୍‌ରେ ସଭା ଆୟୋଜନ ହୋଇଥାଏ। ଆମ ସାମ୍ନାରେ ଚଉକିରେ ଗୁରୁଜୀ ଗୁରୁମା' ବସିଥାଆନ୍ତି। ଆମେ ସବୁ ଛାତ୍ରୀଛାତ୍ର ଧାଡ଼ି ଧାଡ଼ି ହୋଇ ବସିଥାଉ। ଗୁରୁଜୀ ଗୁରୁମା' ଆମକୁ ଏକଲବ୍ୟ ଓ ବାରୁଣିଙ୍କ ଭଳି ଶିଷ୍ୟମାନଙ୍କର ଗୁରୁଭକ୍ତି ବିଷୟରେ ଅନେକ ଶିକ୍ଷଣୀୟ କଥା କହୁଥା'ନ୍ତି। ଭାଷଣ ସରିଲା ପରେ ଗୁରୁପୂଜା କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ସରିଥାଏ। ଆମେ ଅଧିକାଂଶ ପିଲା ଘରୁ ଫୁଲମାଳ ତିଆରି କରି ଆଣିଥାଉ। ଜଣଙ୍କ ପରେ ଜଣେ ଗୁରୁଙ୍କ ବେକରେ ଫୁଲମାଳ ପିନ୍ଧେଇ ପାଦ ଛୁଇଁ ପ୍ରଣାମ କରିବାକୁ ତଳେ ବସି ଅପେକ୍ଷା କରିଥାଉ। ହଠାତ୍ ଗଣିତ ସାର୍ ଆମ ଆଡ଼କୁ ଚାହିଁ କହିଲେ– ବାଃ, ହାରଟା ବଢ଼ିଆ ହେଇଛି। କତା ଆଣିଛୁ କି ନାହିଁ? ମୁଁ କିଛି ବୁଝିପାରିଲି ନାହିଁ। ମୋର ଥିଲା ଏକ ସୁନ୍ଦର ଟଗର ଫୁଲ ହାର, ଯାହା ମଝିରେ ଗୁନ୍ଥିଥିଲି ଗୋଟେ ବଡ଼ ଲାଲ୍ ମନ୍ଦାର ଫୁଲ। ଅନ୍ୟମାନଙ୍କର ବି ସେଇ ଟଗର, ମନ୍ଦାର ଓ ପତ୍ରମିଶା ଫୁଲ ହାର ଥିଲା। କାରଣ ଏବେ ଯେପରି ଭଳିକି ଭଳି ରଙ୍ଗିନ ଫୁଲଗଛ ସବୁ ଅଧିକାଂଶଙ୍କ ଘର ଆଗରେ ଶୋଭା ପାଉଛି, ସେତେବେଳେ ଆମମାନଙ୍କ ବାଡ଼ି ବଗିଚାରେ ସେଭଳି ଫୁଲ ନ ଥିଲା। କେବଳ ଟଗର ଓ ମନ୍ଦାର ହିଁ ମିଳୁଥିଲା। ସାର୍‌ଙ୍କ କଥା ଶୁଣି ସଭିଙ୍କୁ ଦେଖିଲି। ପ୍ରଫୁଲ୍ଲର ମାଳରେ ଥିଲା ଖାଲି ଲାଲ ମନ୍ଦାରଫୁଲ। ତେଣୁ ପୂରା ଅଲଗା ଲାଗୁଥିଲା। ଗଣିତ ସାର୍ ଆଉ ଥରେ ହସି ହସି କହିଲେ– ପ୍ରଫୁଲିଆ, ଲାଲ ମନ୍ଦାର ମାଳ ଆଣିଛୁ। କତା ଆଣିଛୁ କି ନାହିଁ, କତା... କତା ...। ମୁଁ ଭାବିଲି, ଆଜି ଗଣେଶ ପୂଜା କିମ୍ବା ସରସ୍ୱତୀ ପୂଜା ତ ନୁହେଁ, ତେଣୁ ଝୁଣା ଦେବାର ନାହିଁ। ତେବେ ସାର୍ କାହିଁକି ନଡ଼ିଆ କତା ଖୋଜୁଛନ୍ତି? ତାଙ୍କ ପାଖରେ ବସିଥିଲେ ସାହିତ୍ୟ ସାର୍। ସେ ହସି ହସି କହିଲେ– ସାର ପଚାରୁଛନ୍ତି, କଟୁରି ଆଣିଛୁ କି ନାହିଁ। ଲାଲ ମନ୍ଦାର ମାଳ ସାଙ୍ଗକୁ କଟୁରି– ଏବେ ଗଣିତ ସାର୍‌ଙ୍କ କଥାର ଅର୍ଥ ସମସ୍ତେ ବୁଝି ହସିବାକୁ ଲାଗିଲେ। ଗଣିତ ସାର୍ ହସି ହସି କହିଲେ– ପ୍ରଫୁଲ୍ଲର ମାଳ ଦେଖି ବୋଦା ବେକରେ ମନ୍ଦାର ମାଳ ପକେଇ ବଳି ଦେବା କଥା ମୋର ମନେ ପଡ଼ିଗଲା। ସାର୍‌ଙ୍କ ବୋଦା–ବଳି କଥା ଶୁଣି ଆମେ ଆଉ ଥରେ ହସିଲୁ। ସମସ୍ତେ ହସିଲା ଭିତରେ ମୁଁ ମୋ ମାଳରୁ ଲୁଚେଇ କି ବଡ଼ ମନ୍ଦାର ଫୁଲଟା ବାହାର କରିଦେଲି। ତେଣୁ ଗୁରୁଜୀଙ୍କୁ ବିନା ମନ୍ଦାର ଫୁଲବାଲା ଟଗର ମାଳ ପିନ୍ଧେଇ ଘରକୁ ଫେରିଲି।



– କମଳାକାନ୍ତ ଜେନା
ସହକାରୀ ପ୍ରଫେସର (ଫିଜିକ୍ସ),
ଭଦ୍ରକ ଅଟୋନମସ କଲେଜ



କଳିଙ୍ଗ ଷ୍ଟାଡିୟମରେ ଶନିବାର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଆୟୋଜକ ସହର ଲୋଗୋ ଉନ୍ମୋଚନ ଅବସରରେ ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ସିଡେଡ୍ ଖେଳାଳିଙ୍କୁ ଭେଟିବେ ଅଙ୍କିତା, ଥାଣ୍ଡି

**ଚେନ୍ନାଇ ଓପନ ଟେନିସ**

**ଚେନ୍ନାଇ, ୧୦।୯ (ପି.ଟି.):** ସୋମବାରଠାରୁ ଏଠାରେ ଆରମ୍ଭ ହେବାକୁଥିବା ଚେନ୍ନାଇ ଓପନ ଡବ୍ଲ୍ୟୁଟିଏ ୨୫୦ ଟେନିସ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ଅଙ୍କିତା ରାଇନା ଚତୁର୍ଥ ସିଡ୍ ଜର୍ମାନୀର ତାତ୍‌ଜାନା ମାରିଆଙ୍କୁ ଭେଟିବେ। ରାଇନାଙ୍କ ବ୍ୟତୀତ ଦେଶର ଦୁଇ ନମ୍ବର ସିଙ୍ଗଲ୍ସ ଖେଳାଳି କର୍ମନ କୌର ଥାଣ୍ଡି ୱାଇଲ୍ଡ କାର୍ଡ ସହ ମୁଖ୍ୟ ଡ୍ର'ରେ ସ୍ଥାନ ପାଇଛନ୍ତି। ଥାଣ୍ଡି ପ୍ରଥମ ରାଉଣ୍ଡରେ ୮ମ ସିଡ୍ ଫ୍ରାନ୍ସର କ୍ଳୋ ପାକ୍ୱେଟଙ୍କ ସହ ମୁକାବିଲା କରିବେ। ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟର ଡ୍ର' କାର୍ଯ୍ୟକ୍ରମ ପ୍ରଥମ ଥର ଚେନ୍ନାଇରେ ଶନିବାର ଅନୁଷ୍ଠିତ ହୋଇଥିଲା। ଟପ୍ ସିଡ୍ ବିଶ୍ୱର ୨୯ନମ୍ବର ଖେଳାଳି ଯୁକ୍ତରାଷ୍ଟ୍ର ଆମେରିକାର ଆଲିସନ ରିସ୍କ ଅମୃତରାଜ ପ୍ରଥମ ରାଉଣ୍ଡରେ ଆନାସ୍ତାସିଆ ଗାସାନୋଭାଙ୍କୁ ଭେଟିବେ। ଦ୍ୱିତୀୟ ସିଡ୍ ଭାର୍‌ଭରା ଗ୍ରାଚେଭା ଜଣେ କ୍ୱାଲିଫାୟରଙ୍କ ବିପକ୍ଷରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ତୃତୀୟ ସିଡ୍ ମାଗ୍‌ଦା ଲିନେଟ୍ (ପୋଲାଣ୍ଡ) ଜାପାନର ମୋୟୁକା ଉଚିଜିମାଙ୍କ ବିପକ୍ଷରେ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଖେଳିବେ। ଅଗଷ୍ଟ ୨୯ ସୁଦ୍ଧା ୧୩୯ ର୍‌ୟାଙ୍କିଙ୍ଗପ୍ରାପ୍ତ ଭାରତର ନମ୍ବର ୱାନ ଅଙ୍କିତା ନିକଟରେ ବ୍ରିଟେନରେ ଅନୁଷ୍ଠିତ ଏକ ଆଇଟିଏଫ୍ ଟୁର୍ନାମେଣ୍ଟ ଫାଇନାଲରେ ପରାସ୍ତ ହୋଇଥିଲେ। ତାଙ୍କୁ ପ୍ରଥମେ ଦୁଇଟି ପିଲାର ମା' ତଥା ଡବ୍ଲ୍ୟୁଟିଏ ତାଲିକାରେ ୮୫ ର୍‌ୟାଙ୍କିଙ୍ଗପ୍ରାପ୍ତ ୩୫ ବର୍ଷୀୟ ଜର୍ମାନୀର ମାରିଆଙ୍କ ସହ ମୁକାବିଲା କରିବାକୁ ପଡ଼ିବ।










# ଫାଇନାଲରେ ଆଲ୍‌କାରେଜ, ରୁଡ୍





ସେମିଫାଇନାଲ ଜିତିବାପରେ କାର୍ଲୋସ ଆଲ୍‌କାରେଜ ଓ କାସ୍ପର ରୁଡ୍।

**ନ୍ୟୁୟର୍କ,୧୦।୯(ପି.ଟି)**

ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି କାସ୍ପର ରୁଡ୍ ଓ କାର୍ଲୋସ ଆଲ୍‌କାରେଜ। ନରୱେର କାସ୍ପର ରୁଡ୍ ଏକ ୫୫ ଶଟର ରାଲି ସହିତ ଫାଇନାଲରେ ପ୍ରବେଶ କରିଛନ୍ତି। ଲମ୍ବା ରାଲି ସହିତ ଚଳିତ ବର୍ଷର ନିଜର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ୨୩ ବର୍ଷୀୟ ରୁଡ୍। ବିଶ୍ୱ ମାନ୍ୟତାରେ ୨୩ ନମ୍ବର ରୁଷିଆର କାରେନ୍ ଖାଚାନୋଭଙ୍କୁ ୭-୬(୫), ୬-୨, ୫-୭ ଓ ୬-୨ରେ ପରାସ୍ତ କରି ସେ ଫାଇନାଲରେ ପ୍ରବେଶ କରିଛନ୍ତି। ଆର୍ଥର ଆଶେ ଷ୍ଟାଡିୟମରେ ଏହି ମ୍ୟାଚ ଶେଷ ହେବା ପରେ ପୂରା ଷ୍ଟାଡିୟମ ରୁଡ୍‌ଙ୍କ ନାମରେ ପ୍ରକମ୍ପିତ ହୋଇଥିଲା। ତେବେ ରୁଡ୍‌ଙ୍କୁ ଚିଢ଼େଇବା ପାଇଁ ଦର୍ଶକ ଏମିତି କରିଥିବା ଜଣାପଡ଼ିଥିଲା। ଫ୍ରେଞ୍ଚ ଓପନ ଫାଇନାଲରେ ନାଡାଲଙ୍କ ନିକଟରୁ ପରାଜିତ ହେବା ପରେ ୟୁଏସ୍ ଓପନ ମୋ ପାଇଁ ସବୁଠୁ ଖୁସିର ମୁହୂର୍ତ୍ତ ପାଲଟିଛି। ପ୍ରଥମ ସେଟଟି ଟାଇବ୍ରେକରକୁ ଯାଇଥିଲା। ଏହି ସେଟ୍‌ରେ ଗୋଟିଏ ପଏଣ୍ଟ ପାଇଁ ୫୫ଶଟର ଲମ୍ବା ରାଲି ଦେଖିବାକୁ ମିଳିଥିଲା। ଏହି ରାଲିକୁ ଜିତିନେବା ସହିତ ମ୍ୟାଚକୁ ନିଜ ଆଡକୁ ମୋଡି ଦେଇଥିଲେ ରୁଡ୍। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସ୍ପେନର କାର୍ଲୋସ ଆଲ୍‌କାରେଜ ଗାର୍ଫିଆଙ୍କୁ ଭେଟିବେ ରୁଡ୍। ଅନ୍ୟ ଏକ ସେମିଫାଇନାଲରେ ସ୍ଥାନୀୟ ଖେଳାଳି ଫ୍ରାନ୍ସେସ ଟିଆଫୋଙ୍କୁ କଡା ସଂଘର୍ଷପୂର୍ଣ୍ଣ ୫ସେଟ ବିଶିଷ୍ଟ ମୁକାବିଲାରେ ପରାସ୍ତ କରିଥିଲେ କାର୍ଲୋସ ଆଲ୍‌କାରେଜ ଗାର୍ଫିଆ। ସେ ୬-୭(୬-୮), ୬-୩, ୬-୧, ୬-୭(୫-୭), ୬-୩ରେ ଏହି ମ୍ୟାଚକୁ ଜିତି ନେଇଥିଲେ । ନାଡାଲଙ୍କୁ ପରାସ୍ତ କରିଥିବା ଟିଆଫୋ ପ୍ରଥମ

**ୟୁଏସ୍ ଓପନ**

ଏବଂ ତୃତୀୟ ସେଟ୍ ଜିତିଥିବା ବେଳେ ଉଭୟ ସେଟ୍‌କୁ ଟାଇବ୍ରେକରରେ ଜିତିଥିଲେ। ଏହି ମ୍ୟାଚଟି ୪ ଘଣ୍ଟା ୧୯ ମିନିଟ ଧରି ଖେଳାଯାଇଥିଲା। ମାତ୍ର ୧୯ ବର୍ଷ ବୟସରେ ଫାଇନାଲରେ ପହଞ୍ଚି ପିଟ୍ ସାମ୍ପ୍ରାସଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ଆଲ୍‌କାରେଜ। ଓପନ୍ ଏରାରେ ଏକମାତ୍ର ଖେଳାଳି ଭାବେ ପିଟ୍ ସାମ୍ପ୍ରାସ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଜିତିଲେ କାସ୍ପର ରୁଡ୍ ଏଟିପି ର୍‌ୟାଙ୍କିଙ୍ଗରେ ପ୍ରଥମ ସ୍ଥାନକୁ ଉନ୍ନୀତ ହେବେ।

## ସାଲିସବରି-ରାମଙ୍କୁ କ୍ରମାଗତ ଟାଇଟଲ୍

**ନ୍ୟୁୟର୍କ,୧୦।୯(ପି.ଟି)**

ୟୁଏସ୍ ଓପନ ଡବଲ୍ସ ଟାଇଟଲ ଜିତିଛନ୍ତି ଜୋ ସାଲିସବରି ଓ ରାଜୀବ ରାମ। ବ୍ରିଟିଶ-ଆମେରିକୀୟ ଯୋଡି ଫାଇନାଲରେ ୭-୬(୪) ଓ ୭-୫ରେ ୱେସଲେ କୁଲହଫ୍ ଓ ନିଲ୍ ସ୍କୁପସ୍କିଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟ ଟାଇବ୍ରେକରରେ ଜିତିବା ପରେ ସହଜରେ ଦ୍ୱିତୀୟ ସେଟ ଜିତି ନେଇ ଟାଇଟଲ ବଜାୟ ରଖିଥିଲେ ରାମ-ସାଲିସବରି। ଜୋ ସାଲିସବରି ଓ ନିଲ୍ ସ୍କୁପସ୍କି ବ୍ରିଟେନ ମହାରାଣୀ ଏଲିଜାବେଥଙ୍କ ବିୟୋଗରେ କଳାବ୍ୟାଣ୍ଡ ବାନ୍ଧି ଏହି ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ ଜିତିବା ସହିତ ୟୁଏସ୍ ଓପନରେ ସାଲିସବରି ନିଜର କ୍ରମାଗତ ୧୭ତମ ବିଜୟ ରେକର୍ଡ କରିଥିଲେ। ଉଭୟ ଖେଳାଳି ଡବଲ୍ସରେ ଏକ ନମ୍ବର ମାନ୍ୟତା ମଧ୍ୟ ବଜାୟ ରଖିଛନ୍ତି।

# ଆରାଧ୍ୟାଙ୍କୁ ଡବଲ, ଅଭିପ୍ସାଙ୍କୁ ଟାଇଟଲ

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

**ସୁପର ସିରିଜ ଟେନିସ୍**

ଗୁଆହାଟୀରେ ଅନୁଷ୍ଠିତ ସୁପର ସିରିଜ ଟେନିସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ଆରାଧ୍ୟା ଟାଇଟଲ ହାସଲ କରିଛନ୍ତି। ତାଙ୍କ ସ୍କୁଲ ଏବଂ କ୍ୟାମ୍ପ ସାଥୀ ଅଭିପ୍ସା ୧୨ ବର୍ଷରୁ କମ୍ ସୁପର ସିରିଜ ଟାଇଟଲ ଜିତିଛନ୍ତି। ଫାଇନାଲରେ ଅଭିପ୍ସା ଟପ୍ ସିଡ୍ ତଥା ଭାରତର ୮ ନମ୍ବର ଖେଳାଳି କର୍ନାଟକର ସୃଷ୍ଟି କିରନଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ବର୍ଗର ସେମିଫାଇନାଲରେ ସେ ହାରିଯାଇଥିଲେ। ଅନ୍ୟପକ୍ଷରେ ଆରାଧ୍ୟା ୧୪ ବର୍ଷରୁ କମ୍ ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ପ୍ରଥମ ସେଟ୍‌କୁ ୬-୧ରେ ଜିତିବା ପରେ ପ୍ରତିଦ୍ୱନ୍ଦ୍ୱୀ ସୃଷ୍ଟି କିରନ ରିଟାୟର୍ଡ ହୋଇଯାଇଥିଲେ। ଡବଲ୍ସରେ ସେ ପଶ୍ଚିମବଙ୍ଗର ଅନୁଷ୍କା ଘୋଷ୍‌ଙ୍କୁ ସାଥିକରି ଖେଳିଥିଲେ ଏବଂ ଫାଇନାଲରେ ତେଲଙ୍ଗାନାର ଶନ୍‌ଭିଆ ନୁକାଲା ଓ ଦିଲ୍ଲୀର ମାନ୍‌ଭି ରାଠି ଯୋଡ଼ିକୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ଉଭୟ ଆରାଧ୍ୟା ଓ ଅଭିପ୍ସା କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢୁଥିବାବେଳେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲ୍ଲୀଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।





ଟ୍ରଫି ସହ ଆରାଧ୍ୟା ଓ ଅଭିପ୍ସା।

## ଚେସ୍ ପ୍ରଶିକ୍ଷକଙ୍କ ମାତୃ ବିୟୋଗ

**ଭୁବନେଶ୍ୱର, ୧୦।୯ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଜଣେ ପ୍ରତିଷ୍ଠିତ ଖେଳାଳି ତଥା ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ମାତୃ ବିୟୋଗ ଘଟିଛି। ଏସ୍.ଆର. ଚେସ୍ ଏକାଡେମୀର ମାର୍ଗଦର୍ଶକ ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ଧର୍ମପତ୍ନୀ ଅନସୂୟା ପଟ୍ଟନାୟକ ଶନିବାର ସକାଳ ୮ଟାରେ ୯୨ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଗମନ କରିଛନ୍ତି। ଉତ୍ତମାପୁର ଗ୍ରାମ ଶ୍ମଶାନରେ ବଡ଼ପୁଅ ମାନସ ରଞ୍ଜନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସର୍ବଭାରତୀୟ ଚେସ୍ ମହାସଂଘର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ରାଜ୍ୟ ଚେସ୍ ସଂଘର କୋଷାଧ୍ୟକ୍ଷ ଭବେଶ ମହାନ୍ତି, ଟ୍ରିପଲ ସି' ଚେସ୍ କ୍ଲବ ଉପସଭାପତି ବିଶ୍ୱଜିତ ରାୟ, ସିନେ ଅଭିନେତ୍ରୀ ବେବି ପ୍ରଧାନ, ଅବସରପ୍ରାପ୍ତ ବିଚାରପତି ଶିଶିର କୁମାର ପଟ୍ଟନାୟକ ଏବଂ ଉତ୍ତମାପୁର ଗ୍ରାମବାସୀ ଉପସ୍ଥିତ ଥିଲେ। କଟକ ଜିଲା ଚେସ୍ ସଂଘ, ରାଜ୍ୟ ଚେସ୍ ସଂଘ ଓ ଏସ୍‌ଆର ଚେସ୍ ସେଣ୍ଟରର କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ରାଜ୍ୟ ସ୍କୁଲ୍ସ ଓପନ ଚେସ୍, ତ୍ରିଦେବ ଚାମ୍ପିୟନ

**ଭୁବନେଶ୍ୱର, ୧୦।୯ (କ୍ରୀଡ଼ା ପ୍ରତିନିଧି)**

ଲିଙ୍ଗରାଜ କ୍ଲବ ଏବଂ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ତ୍ରିଦେବ ତୀର୍ଥଙ୍କର ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସମାନ ପଏଣ୍ଟ ପାଇ ସାଇ ଇଣ୍ଟରନ୍ୟାଶନାଲର ରିତ୍ୱିକ ରାଜ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ନବ ମହାନ୍ତି, ସାର୍ଥକ ମହାନ୍ତି, ବିନିତ ନାୟକ, ଉଦୟ କୁମାର ନାୟକ, ଉଦୟ ପରିଡ଼ା, ସାଇ ଅଂଶୁମାନ ସିଂ, ବୈଭବ ଘୋଷ ଓ ନମସ୍ୟ ନଳିନୀ ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ଏବଂ ୬ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୁଣା ଭୁବନେଶ୍ୱରସ୍ଥିତ ଶୀତଳଷଷ୍ଠୀ ଲେନ୍‌ସ୍ଥିତ କୈଳାସ ସଦନରେ ପ୍ରତିଯୋଗିତାକୁ ସୁରେଶ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କର୍ପୋରେଟର ଶିବ ପ୍ରସାଦ ବେହେରା, ଲିଙ୍ଗରାଜ କ୍ଲବ ସମ୍ପାଦକ ଅଜୟ କୁମାର ଦାଶ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ଚନ୍ଦ୍ର ପାଲ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ପ୍ରଶାନ୍ତ କୁମାର ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସ୍କୁଲ୍ସ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଚାକିରି କରାଇଦେବା ନାଁରେ ଟଙ୍କା ଆଦାୟ ଅଭିଯୋଗ

**ବେଗୁନିଆ,୧୦।୯(ଡି.ଏନ୍.ଏ.):** ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବା ସହିତ ନିଜ ସଂସ୍ଥାରେ ଚାକିରି ପାଇପାରିବେ ବୋଲି କହି ଟଙ୍କା ଆଦାୟ କରୁଥିବା ଏକ ଘରୋଇ ସଂସ୍ଥାର ମାଲିକଙ୍କ ନାଁରେ ଶନିବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ସମ୍ବଲପୁର ଅଞ୍ଚଳର ଗୁରୁଦେବ ସେଠ୍ ନାମକ ଜଣେ ବ୍ୟକ୍ତି ବେଗୁନିଆ ଥାନା ସମ୍ମୁଖରେ ଉଜୋର୍ଗା ଆଗ୍ରୋଟେକ୍ ନାମକ ଏକ ଘରୋଇ ସଂସ୍ଥା ଖୋଲିଥିଲେ। ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବା ପାଇଁ ମୁଣ୍ଡ ପିଛା ୧ରୁ ୨ ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ବହୁ ଦୋକାନରୁ ଚେକ୍ ମାଧ୍ୟମରେ ସାମଗ୍ରୀ କିଣି କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ଅଭିଯୋଗ ପାଇବା ପରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

### ଜାତୀୟ ପୁଷ୍ଟିକର ଦିବସ



**ଖୋର୍ଦ୍ଧା ଅଫିସ,୧୦।୯:** ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ଦୂର କରିବା ପାଇଁ ଗର୍ଭବତୀଙ୍କଠାରୁ ଆରମ୍ଭ କରି କୋମଳମତି ଶିଶୁଙ୍କୁ ଉପଯୁକ୍ତ ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା କ୍ଷେତ୍ରରେ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଗର୍ଭବତୀଙ୍କ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ମାସ ୯ ତାରିଖରେ ରାଜ୍ୟର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଦିବସ ପାଳନଠାରୁ ଆରମ୍ଭକରି ମାସର ପ୍ରତି ଶୁକ୍ରବାର ଉପସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଷ୍ଟିକର ଦିବସ ପାଳନ କରାଯାଉଛି। ଏଥିରେ ଗର୍ଭବତୀ ଓ କୋମଳମତି ଶିଶୁଙ୍କୁ ସ୍ୱାସ୍ଥ୍ୟ ଓ ଖାଦ୍ୟପେୟ ସମ୍ପର୍କିତ ସଚେତନତା ପ୍ରଦାନ କରାଯାଇଥାଏ। ସରକାରଙ୍କ ସମସ୍ତ ବିଧିବ୍ୟବସ୍ଥା ଦ୍ୱାରା ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ସୋରଣ, ମାନସିଂହପୁରର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ, ପାଚିକା ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଏକତ୍ରିତ ହୋଇ ଗାଁ ଗାଁ ବୁଲି ସଚେତନ ବାର୍ତ୍ତା ଦେଇଥିଲେ। ଏହି ପୁଷ୍ଟିକର ଦିବସ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଏକ ମାସ ଧରି ପାଳନ କରାଯିବ ବୋଲି ଚିଲିକା ସିଡିପିଓ କହିଛନ୍ତି।

### ଖାଦ୍ୟ ଅନ୍ୱେଷଣରେ ଗଛରେ ଗୃହପାଳିତ ପ୍ରାଣୀ

**ନିରାକାରପୁର,୧୦।୯(ଡି.ଏନ୍.ଏ.):** କାଠ ମଫିଆମାନେ ଜଙ୍ଗଲରୁ କାଠ କାଟି ନେଉଥିବା ବେଳେ ପଥର ମାଫିଆମାନେ ଜଙ୍ଗଲ ଜମିରୁ ପଥର କାଟି ବିକ୍ରି କରୁଛନ୍ତି। ଏପରିକି ଦଲାଲମାନେ ଜଙ୍ଗଲ ଜମିକୁ ନିଜ ଅକ୍ତିଆରରେ ରଖି ବିକ୍ରି କରୁଛନ୍ତି। ଫଳରେ ବନ୍ୟପ୍ରାଣୀ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଗୃହପାଳିତ ପ୍ରାଣୀମାନେ ମଧ ଖାଦ୍ୟ ନ ପାଇ ଗଛରେ ଚଢ଼ି ପତ୍ର ଖାଉଥିବା ନିରାକାରପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଏ ଆଗାମୀ ଦିନରେ ଗୃହପାଳିତ ପ୍ରାଣୀ ବଂଶ ଲୋପ ହୋଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆ ନ ଯାଇପାରେ ବୋଲି ବୃଦ୍ଧିଜୀବ ମତ ଦେଇଛନ୍ତି।







ଜଟଣୀ ଭସାଣି କମିଟି ପକ୍ଷରୁ ଶନିବାର ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ମେଲାଣି ନେଲେ ଗଣପତି

**ଜଟଣୀ,୧୦।୯(ଡି.ଏନ୍.ଏ.)**

- ପାରମ୍ପରିକ ବାଦ୍ୟ, ନୃତ୍ୟରେ କମ୍ପିଲା ଜଟଣୀ ସହର
- ଅସ୍ଥାୟୀ ପୋଖରୀରେ ୩୦ ମୂର୍ତ୍ତି ବିସର୍ଜନ

ଆନନ୍ଦ ଉଲ୍ଲାସର ଅନ୍ତ ଘଟାଇ ଭକ୍ତଙ୍କ ମେଳରୁ ବିଦାୟ ନେଇଛନ୍ତି ବିଘ୍ନ ବିନାଶନ। ଦୀର୍ଘ ୧୦ ଦିନର ଅଭ୍ୟର୍ଥନା ପରେ ଆତସବାଜି, ଢୋଲ, ମର୍ଦ୍ଦଳ, ଘଣ୍ଟ ଘଣ୍ଟା ସହ ନାଚଗୀତର ରୋଶଣିରେ ଗଜାନନଙ୍କୁ ମେଲାଣି ଦେଇଛନ୍ତି ଭକ୍ତ।

ଶନିବାର ଜଟଣୀରେ ଧୁମ୍‌ଧାମରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଏଥର ମଧ ୩୦ ମଣ୍ଡପର ଠାକୁର ଭସାଣିରେ ସାମିଲ ହୋଇଥିଲେ। ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ପୂଜା ମଣ୍ଡପର ଠାକୁର ବିଭିନ୍ନ ପାରମ୍ପରିକ ବାଦ୍ୟରେ ରୋଶଣି କରି ସୀତାରାମ ଛକ ମେଳଣ ସ୍ଥଳରେ ଏକତ୍ରିତ ହୋଇଥିଲେ। ଠାକୁରଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ପରେ ବିସର୍ଜନ ପାଇଁ ଭସାଣି ଆରମ୍ଭ ହୋଇଥିଲା। ସ୍ଥାନୀୟ ଆନ୍ଦ୍ରବ୍ୟାଙ୍କ ଛକରେ ଜଟଣୀ ନଗର ବିଜେଡି ପକ୍ଷରୁ ଭସାଣିରେ ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ନଗର କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଅଗ୍ରୱାଲ ଧର୍ମଶାଳା ନିକଟରେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ ଜେନା ଯୋଗଦେଇଥିଲେ। ମହୁଲଗୁଡ଼ିଆ ଛକଠାରେ ମାରୱାଡି ଯୁବାମଞ୍ଚ, ଥାନା ଛକ, ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ବିଭିନ୍ନ ବ୍ୟବସାୟ ସଂଘ ସଭାପତି, ସମ୍ପାଦକଙ୍କ ସମେତ ପୋଲିସ, ପୌର ଅଧିକାରୀ ଏବଂ କର୍ମଚାରୀ, ଅଗ୍ନିଶମ, ବିଦ୍ୟୁତ୍ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମ୍ୟୁନିସିପାଲିଟି ଛକରେ ଜଟଣୀ ନଗର ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହିତ କଳାକାରଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଭସାଣି ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। କଣ୍ଢେଇ ନାଚ, ବୁଢ଼ାବୁଢ଼ୀ ନାଚ, ଘୋଡ଼ା ନାଚ, ପାଇକ ଆଖଡ଼ା, କୀର୍ତ୍ତନ, ଘଣ୍ଟ ମର୍ଦ୍ଦଳ, ଢୋଲ ମହୁରି, ସମ୍ବଲପୁରୀ, ଆଧୁନିକ ଗୀତର ତାଳେ ତାଳେ ଶ୍ରଦ୍ଧାଳୁଙ୍କ ନାଚ ସାଜିଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। ଛୋଟ ପିଲାଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ଏହି ଭସାଣି ଶୋଭାଯାତ୍ରା ମାହୋଲରେ ମତୁଆଲା ହୋଇ ଉଠିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ଜଟଣୀ ପକ୍ଷରୁ ୯ ପ୍ଲାଟୁନ ଫୋର୍ସ ଏବଂ ୧୦ ଅଧିକାରୀ ନିୟୋଜିତ ହୋଇଥିଲେ। ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଷଣ୍ଢପୁର ନିକଟ ଏମ୍‌ସିସି-୨୦ରେ ନିର୍ମିତ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।



ଶୋଭାଯାତ୍ରାରେ କୁକୁଡ଼ା ବେଶଧାରୀ ନୃତ୍ୟ ପରିବେଷଣ କରୁଛନ୍ତି।



ଶୋଭାଯାତ୍ରାରେ ସାମିଲ ନାଗାବେଶଧାରୀ।



ଭସାଣି ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ନାଚୁଛନ୍ତି।

# ଧୂପକାଠି ଦେଇଛି ପରିଚୟ



**ବୋଲଗଡ଼,୧୦।୯(ଡି.ଏନ୍.ଏ.)**

## ସ୍ୱାବଲମ୍ବୀ ହୋଇଛନ୍ତି ୩୦ ମହିଳା

ଧୂପକାଠି ଆମ ସଂସ୍କୃତି, ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହାକୁ ଲକ୍ଷ୍ୟରଖି ଧୂପକାଠି ପ୍ରସ୍ତୁତି ଆରମ୍ଭ କରିଥିବା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ସାଲତରା ଗ୍ରାମର ଯାଜ୍ଞସେନୀ ପ୍ରଡ୍ୟୁସର ଗ୍ରୁପ୍ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ମହିଳା ଗୋଷ୍ଠୀ ନିଜେ ସ୍ୱାବଲମ୍ବୀ ହେବା ସହ ୩୦ ମହିଳାଙ୍କୁ ରୋଜଗାରକ୍ଷମ କରାଇପାରିଛି।

ରାଜ୍ୟ ସରକାରଙ୍କ ଓର୍‌ମାସ ସଂସ୍ଥା ସହଯୋଗରେ ଏହି ମହିଳା ଗୋଷ୍ଠୀ ଗ୍ରାମର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଯୁବତୀ ଓ ମହିଳାଙ୍କୁ ଆତ୍ମନିର୍ଭର କରୁଛି ଧୂପକାଠି ବ୍ୟବସାୟ। ମେଶିନ ସାହାଯ୍ୟରେ ଧୂପକାଠି ପ୍ରସ୍ତୁତ କରୁଛନ୍ତି ମହିଳା। ଘର କାମ ପରେ ରୋଜଗାର ଆଶାରେ ମହିଳାମାନେ ଏକାଠି ହୋଇ ଏହି କାମରେ ମନୋନିବେଶ କରିଛନ୍ତି। କିଏ ଧୂପକାଠି ପ୍ରସ୍ତୁତ କରୁଛି ତ ପୁଣି କିଏ ପ୍ୟାକିଂ କରୁଛି। ଆଉ କିଏ ଧୂପକାଠିରେ ଅତର ଦେଇ ପ୍ୟାକେଟ୍ କରୁଛି। ପ୍ରଥମେ ମହିଳାମାନେ ହାତରେ ଧୂପକାଠି ପ୍ରସ୍ତୁତ କରୁଥିଲେ। ପରେ ଓଡ଼ିଶା ଜୀବିକା ମିଶନ ସହାୟତାରେ ୩ ଲକ୍ଷ ୯୦ ହଜାର ଟଙ୍କା ସହାୟତା ନେଇ ଆରମ୍ଭ କରିଥିଲେ ଧୂପକାଠି ବ୍ୟବସାୟ। ଏହି ବ୍ୟବସାୟ ଦ୍ୱାରା ଏବେ ମାସକୁ ୧୨ ଟନ୍ ଧୂପକାଠି ପ୍ରସ୍ତୁତ କରି ମାସକୁ ୧୦ ଲକ୍ଷ ଟଙ୍କା ରୋଜଗାର କରୁଛି ଯାଜ୍ଞସେନୀ ପ୍ରଡ୍ୟୁସର ଗ୍ରୁପ୍। ପ୍ରସ୍ତୁତ ଧୂପକାଠି ଓର୍‌ମାସର ବିଭିନ୍ନ ଅଞ୍ଚଳରେ ହେଉଥିବା ଷ୍ଟଲ୍‌ରେ ବିକ୍ରି ହେବା ସହ ବଳକାକୁ ଅନ୍ତର୍ଜାତୀୟସ୍ତରର କମ୍ପାନୀ ଆଇଟିସି କିଣିନେଉଛି। ଏହାସହିତ ୟୁନିଟିରୁ ପ୍ରସ୍ତୁତ ହେଉଥିବା ଧୂପକାଠି ସ୍ଥାନୀୟ ବଜାରରେ ଆଦୃତି ଲାଭ କରିଛି। ୟୁନିଟି ନିକଟକୁ ବ୍ୟବସାୟୀମାନେ ଆସି ସାମଗ୍ରୀ କିଣି ନେଉଛନ୍ତି। ସେହିପରି ବିନା କେମିକାଲରେ ପ୍ରସ୍ତୁତ ଝୁଣା ଓ ଗୁଗୁଳ ବତିର ଚାହିଦା ରାଜ୍ୟରେ ଥିବା ଜଣାପଡ଼ିଛି। ଅଧିକ ପ୍ରୋତ୍ସାହନ ମିଳିଲେ ଆହୁରି ଅନେକ ମହିଳା ସ୍ୱାବଲମ୍ବୀ ହୋଇପାରିବେ ବୋଲି ଯାଜ୍ଞସେନୀ ପ୍ରଡ୍ୟୁସର ଗ୍ରୁପ୍‌ର ସଭାପତି ଝରଣା ଦଳେଇ କହିଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୧୦।୯(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିଥିଭାବେ ଅଙ୍ଗନୱାଡି କର୍ମୀ କବିତାରାଣୀ ବିଶ୍ୱାଳ, ସହାୟିକା ରେବତୀ ସାହୁ, ମାତୃ କମିଟି ସଦସ୍ୟା ମମତା ତରେଇ, ଯାଞ୍ଚ କମିଟି ସଦସ୍ୟ ସଞ୍ଜୟ କୁମାର ବାରିକ, ଦିଗମ୍ବର ପଲେଇଙ୍କ ସମେତ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକା ଯୋଗଦେଇଥିଲେ। ସବୁଜ ପନିପରିବା ଖାଇବା ଦ୍ୱାରା ପିଲାମାନଙ୍କର ଶରୀର ବୃଦ୍ଧି ହେବା ସହିତ ସୁସ୍ଥ ସବଳ ହୋଇ ଜ୍ଞାନରେ ମଧ ଉନ୍ନତି ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ପୋଷଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ସେକ୍ଟର ଏବଂ ପଞ୍ଚାୟତସ୍ତରରେ ଆୟୋଜନ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ବୋଲି କୃଷ୍ଣପ୍ରସାଦ ସିଡିପିଓ ମନୋରମା ଦେବୀ କହିଛନ୍ତି।

## ଜମି ବିକ୍ରି ଆଳରେ ୪.୫ ଲକ୍ଷ ଠକେଇ

**ବେଗୁନିଆ,୧୦।୯(ଡି.ଏନ୍.ଏ.)**

### ଫେରାର ଅଭିଯୁକ୍ତ ଗିରଫ

ଜମି ବିକ୍ରି କରିବା ଆଳରେ ୪.୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଶନିବାର ପୋଲିସ ଫେରାର ଥିବା ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୋହ୍ଲୁଆପାଟଣା ଗ୍ରାମର ନିରଞ୍ଜନ ବେହେରା। ପୋଲିସ ସୂଚନା ଅନୁସାରେ, ନିରଞ୍ଜନଙ୍କ ବାପା ଚନ୍ଦ୍ରଶେଖର ବେହେରାଙ୍କ ନାମରେ ଥିବା କୋହ୍ଲୁଆପାଟଣା ମୌଜାର ଖାତା ନଂ.୩୦, ପ୍ଲଟ୍ ନଂ.୧୩୨ ଏରିଆ ୪୦ ଡିସିମିଲ ଏବଂ ପ୍ଲଟ୍ ନଂ.୧୩୧ ଏରିଆ ୫ ଡିସିମିଲକୁ ମିଶାଇ ମୋଟ୍ ୪୫ ଡିସିମିଲ ଜମି ରହିଛି। ଉକ୍ତ ଜମିକୁ ବିକ୍ରି କରିବା ପାଇଁ ସେହି ଗ୍ରାମର ବିରଜା ପ୍ରସାଦ ପଣ୍ଡାଙ୍କଠାରୁ ୫ ବର୍ଷ ପୂର୍ବେ ୪.୫ ଲକ୍ଷ ଟଙ୍କା ନିରଞ୍ଜନ ଅଗ୍ରିମ ନେଇଥିଲେ। ପରେ ଜମି ରେଜିଷ୍ଟ୍ରେଶନ କରିବା ପାଇଁ ନିରଞ୍ଜନ ବାରମ୍ବାର ଦିନ ଗଡ଼ାଇବା ସହ ଅର୍ଥ ମଧ ଫେରାଉ ନ ଥିଲେ। ଏନେଇ ବିରଜା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଆଦେଶ ପରେ ବେଗୁନିଆ ଥାନାରେ ଏକ ମାମଲା (ନଂ.୮୭/୨୧) ରୁଜୁ ହୋଇଥିଲା। ସେହି ଦିନରୁ ନିରଞ୍ଜନ ଫେରାର ଥିଲେ।



**କୃଷ୍ଣପ୍ରସାଦ:** ଚିଲିକା ନୂଆପଡା ସର୍କଲର ବିରିପଦର ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ କାର୍ଯ୍ୟକ୍ରମ।

## ସ୍ମାର୍ଟ ବିଦ୍ୟାଳୟ ପରିଦର୍ଶନ କଲେ ଜିଲା ଶିକ୍ଷା ଅଧିକାରୀ



ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ ଓ ଅନ୍ୟମାନେ।

**କୃଷ୍ଣପ୍ରସାଦ,୧୦।୯(ଡି.ଏନ୍.ଏ.)**

ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ୍ କୃଷ୍ଣପ୍ରସାଦ ବ୍ଲକର ସ୍ମାର୍ଟ ବିଦ୍ୟାଳୟ ପରିଦର୍ଶନ କରି ଶୈକ୍ଷିକ ବାତାବରଣ ପରଖିଛନ୍ତି। ରୂପାନ୍ତରୀକରଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ନାରାୟଣ ବିଦ୍ୟାପୀଠ, ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ, କମଳେଶ୍ୱର ବିଦ୍ୟାପୀଠ, ସାନସୀମା ହାଇସ୍କୁଲ, ମାଲୁଦ ଉଚ୍ଚ ବିଦ୍ୟାଳୟ, ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ଆଦି ଘୋଷ୍ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶର ସ୍ଥିତି ପରଖିଥିଲେ। ମାଲୁଦ ବାଲିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ସହିତ ନିଜର ଅଧାପନା ଜୀବନର ଅନୁଭୂତି ବାଣ୍ଟିଥିଲେ। ୫-ଟି ଯୋଜନାରେ ନିର୍ମାଣ ହେଉଥିବା ବିଦ୍ୟାଳୟଗୁଡ଼ିକର ପରିଚାଳନା କମିଟି ଏବଂ ସ୍ଥାନୀୟ ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର, ବିଆର୍‌ସିସି ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗିରଫ ଦାବିରେ ଥାନା ଘେରିଲେ ବାସିନ୍ଦା

**ଖୋର୍ଦ୍ଧା ଅଫିସ,୧୦।୯**

## ସଂଘବଦ୍ଧ ଆକ୍ରମଣ, ଢେଲାପଥର ମାଡ଼ରେ ୧୦ରୁ ଊର୍ଦ୍ଧ୍ୱ ଆହତ

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡ଼ି ଦଳିତ ସାହିରେ ଶୁକ୍ରବାର ରାତିରେ ବାସେଳିସାହିର କେତେଜଣ ଯୁବକଙ୍କ ସଂଘବଦ୍ଧ ଆକ୍ରମଣ, ଢେଲାପଥର ମାଡ଼ରେ ୧୦ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ପ୍ରମିଳା ବେହେରା, ରୂପା ବେହେରା, ପ୍ରଫୁଲ୍ଲ ବେହେରା, ଭାସ୍କର ବେହେରା, ରଞ୍ଜନ ବେହେରା, ସନିଆ ବେହେରା, ବାବୁଲା ବେହେରା, ପପୁନା ବେହେରା, ବାବୁ ବେହେରା ଓ ରଘୁନାଥ ବେହେରା। ତେବେ ଗୁରୁତର ଚୁନିଆ ବେହେରାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଶନିବାର ଦଳିତସାହିର ଶତାଧିକ ମହିଳା, ପୁରୁଷ ଥାନାରେ ଅଭିଯୋଗ କରିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଥାନା ଘେରାଉ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ମୁତାବକ, ଶୁକ୍ରବାର ରାତିରେ ବାସେଳିସାହି ପକ୍ଷରୁ ଗଜାନନଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭସାଣିରେ ସାମିଲ ହୋଇଥିବା କେତେଜଣ ଯୁବକ ନୂଆ ବସ୍‌ଷ୍ଟାଣ୍ଡ-ଟିଏଲ୍‌ସି ରୋଡ୍ ଭାଲିଆବାଡି ଦଳିତସାହି ଆଗରେ ଛିଡ଼ାହୋଇ ମଦ ପିଉଥିଲେ। ମଦ ବୋତଲ ଭାଙ୍ଗି ରାସ୍ତା ଉପରେ ପକାଇବାରୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ପ୍ରତିବାଦ କରିଥିଲେ। ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ଘେରିଯାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଆହତ ଯୁବକମାନେ ସେଠାରୁ ଖସି ସାହିକୁ ପଳାଇ ଆସିଥିଲେ। ତେବେ ୫୦ରୁ ଊର୍ଦ୍ଧ୍ୱ ଆକ୍ରମଣକାରୀ ଆକ୍ରୋଶମୂଳକ ଭାବେ ମାରଣାସ୍ତ୍ର, ମଦ ବୋତଲ ଧରି ସାହିରେ ପ୍ରବେଶ କରିଥିଲେ। ଉକ୍ତ ସମୟରେ ଯାହାକୁ ପାଇଲେ ତାଙ୍କୁ ଗୋଡ଼ାଇ ଆକ୍ରମଣ କଲେ। ଫଳରେ ସ୍ଥାନୀୟ ଲୋକେ ଭୟରେ ଛତ୍ରଭଙ୍ଗ ଦେଇଥିଲେ। ପରେ ସେଠାରେ ଗଦା ହୋଇଥିବା ମେଟାଲ(କଳା ପଥର) ଘରକୁ ଲକ୍ଷ୍ୟକରି ମାଡ଼ କରିଥିଲେ। ଏଥିରେ ଅନେକ ଶୋଇଥିବା ଅବସ୍ଥାରେ ଆହତ ହୋଇଥିବା ବେଳେ ଅଧିକାଂଶ ମଧ ଗୁରୁତର ହୋଇଛନ୍ତି। ବାହାରେ ଥିବା ଜଣଙ୍କର ବାଇକ୍ ବାଡ଼େଇ ଭାଙ୍ଗି ଦେଇଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି।




ଆଦର୍ଶ ଥାନା ଆଗରେ ବାସିନ୍ଦା ଧାରଣା ଦେଇଛନ୍ତି।

### ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି

ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥ ବାଇପାସ୍ ନୂଆ ବସ୍‌ଷ୍ଟାଣ୍ଡ-ଟିଏଲ୍‌ସି ରାସ୍ତା ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ ପାଲଟିଛି। ରାସ୍ତାକଡ଼ରେ ଖୁଲମ୍‌ଖୁଲା ମଦ୍ୟପାନ କରୁଛନ୍ତି। ଏପରି କି ଲୋକଙ୍କୁ ନିଶାରେ ଆକ୍ରମଣ କରୁଛନ୍ତି। ଏମାନଙ୍କ ଦୌରାତ୍ମ୍ୟ ଯୋଗୁ ରାସ୍ତାପାର୍ଶ୍ୱରେ ବସବାସ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ହେଲେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଟିଏଲ୍‌ସି ରାସ୍ତାରେ ଥିବା ଏକ ବାର୍‌ରୁ ଅସାମାଜିକ ଯୁବକମାନେ ମଦ କିଣିବା ସହ ରାସ୍ତାକଡ଼ରେ ପିଉଛନ୍ତି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ଚାଲିଥିବା ମଦ ବାର୍ ବନ୍ଦ ଲାଗି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### ପୋଖରୀରୁ ଗଳିତ ମୃତଦେହ ଜବତ

ପୁରୀ ଅଫିସ,୧୦।୯: ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରାସ୍ତା ବାଲିଗୁଆଳି ନିକଟ ଏକ ପୋଖରୀରୁ ଶନିବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ପେଣ୍ଠକଟା ମେରାଇନ ଥାନା ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋପାଳପୁର ଭୋଇସାହିର ଦାମ ଭୋଇ(୪୫)। ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୩।୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦାମ ଜଣେ ଟ୍ରଲି ଚାଳକ ଭାବେ କାର୍ଯ୍ୟ କରି ପରିବାର ଚଳାନ୍ତି। ସବୁଦିନ ଭଳି କାର୍ଯ୍ୟ ସାରି ଶୁକ୍ରବାର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ହେଲେ ଶନିବାର ସକାଳେ ଲୋକମାନେ ପୋଖରୀକୁ ଯାଇଥିବା ବେଳେ ଦାମ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଘଟଣାସ୍ଥଳରେ ପେଣ୍ଠକଟା ମେରାଇନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲା। ସେପଟେ କେତେକ ଲୋକଙ୍କ କହିବାନୁସାରେ, ପାହାଚରେ ଶିଉଳି ଥିବାରୁ ଦୁର୍ଭାଗ୍ୟବଶତଃ ତାଙ୍କ ଗୋଡ଼ ଖସିଯାଇ ପୋଖରୀ ଭିତରେ ବୁଡ଼ିଯାଇଥିବେ। ରାତିରେ କେହି ପୋଖରୀକୁ ଯାଇ ନ ଥିବାରୁ ଦେଖିପାରି ନ ଥିବେ।

### ଖଣ୍ଡା ଚୋଟରେ ୫ ଆହତ, ଜଣେ ଗିରଫ

ସାକ୍ଷୀଗୋପାଳ,୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)- ସତ୍ୟବାଦୀ ଥାନା ଅନ୍ତର୍ଗତ ନହଳା ଗ୍ରାମରେ ଏକ ଖଣ୍ଡାରେ ଗ୍ରାମବାସୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଭରତ ବେହେରା ଓରଫ ଚନ୍ଦନ(୨୦)। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୦/୨୨) ରୁଜୁ କରି ତଦନ୍ତ କରି ଏକ ଖଣ୍ଡାକୁ ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଚନ୍ଦନ ଶୁକ୍ରବାର ସନ୍ଧ୍ୟାରେ ନିଶାଗ୍ରସ୍ତ ଅବସ୍ଥାରେ ଏକ ଖଣ୍ଡା ଧରି ଗାଁ ଲୋକଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ସୀତା ବେହେରା, ଲବଙ୍ଗ ବେହେରା, ଦୁଲରାଣୀ ବେହେରା, ମଗଧଜ ବେହେରା ଓ ସୁରେନ୍ଦ୍ର ବେହେରା ପ୍ରମୁଖ ଗୁରୁତର ଆହତ ହୋଇ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏପରି କି କେତେକ ବାଇକ୍, ଘର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏ ନେଇ ଆହତ ସୀତା ବେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ କରି ଶନିବାର ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରାଯାଇଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ସତ୍ୟବାଦୀ ଥାନାରେ ଦୁଇଟି ଓ ଡେଲାଙ୍ଗ ଥାନାରେ ଗୋଟିଏ କେସ ରହିଛି।

### ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ ଅଫିସ,୧୦।୯- ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ରବିବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ଦିନରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ପିତୃପକ୍ଷ ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ କରିଛନ୍ତି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ଦିନକୁ ପିତୃପକ୍ଷ କୁହାଯାଏ। ଏହି ପିତୃପକ୍ଷ ତିଥିରେ ତାଙ୍କ ଉତ୍ତର ପୁରୁଷ ତୀର୍ଥ ପୁଷ୍କରଣୀରେ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଯେଉଁମାନେ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟା ଦିନ ଶ୍ରାଦ୍ଧ ପ୍ରଦାନ କରିବାର ବିଧି ରହିଛି।

# ହବିଷିଆଳିଙ୍କ ପାଇଁ ହେଉଛି ସ୍ୱତନ୍ତ୍ର ବ୍ୟବସ୍ଥା

■ ୧୩ରୁ ପଞ୍ଜୀକରଣ, ୨୫୦୦ ହବିଷିଆଳି ରହିବେ

■ ରହଣି, ଦର୍ଶନ ଓ ମହାପ୍ରସାଦ ସେବନ ବ୍ୟବସ୍ଥା ହେବ

ପୁରୀ ଅଫିସ,୧୦।୯:



ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଆଉ ମାସେ ପରେ କାର୍ତ୍ତିକ ମାସ ଆରମ୍ଭ ହେବ। ତେବେ ୨ ବର୍ଷ ପରେ ଚଳିତବର୍ଷ କାର୍ତ୍ତିକ ମାସରେ ଅଧିକ ସଂଖ୍ୟାରେ ହବିଷିଆଳି ପୁରୀକୁ ଆସିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। କାର୍ତ୍ତିକରେ ରାଇଦାମୋଦର ବ୍ରତ ପାଳନ କରିବା ପାଇଁ ବ୍ୟବସ୍ଥା କରାଯାଉଛି। କରୋନା ଯୋଗୁ ଗତ ୨ବର୍ଷ ଧରି ରାଜ୍ୟ ସରକାରଙ୍କ ଦ୍ୱାରା ଏହି ବ୍ୟବସ୍ଥା ବନ୍ଦ ଥିବାବେଳେ ଚଳିତବର୍ଷ ପୁଣି କାର୍ଯ୍ୟକାରୀ ହେଉଛି। ହବିଷିଆଳିମାନେ ରହିବା ପାଇଁ ସ୍ଥାୟୀ କୋଠାର ବ୍ୟବସ୍ଥା ହୋଇଥିବା ବେଳେ ଦୈନିକ ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ହବିଷିଆଳିମାନେ ବିନା ମୂଲ୍ୟରେ ଏହି ସୁବିଧା ପାଇପାରିବେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏ ନେଇ ପଞ୍ଜୀକରଣ ଆସନ୍ତା ୧୩ ତାରିଖରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାରଙ୍କର ଏହି ଯୋଜନାର ସୁବିଧା ପାଇବାକୁ ଚାହୁଁଥିବା ହବିଷିଆଳିମାନେ ପଞ୍ଜୀକରଣ କରିବେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କିମ୍ବା ହ୍ୱାଟ୍ସଆପ୍ ନମ୍ବର(୯୪୩୭୩୩୩୮୨୩)ରେ ଯୋଗାଯୋଗ କରି ପଞ୍ଜୀକରଣ କରିପାରିବେ। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରି ସର୍ବସାଧାରଣଙ୍କୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷେ ପ୍ରସ୍ତୁତି ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ୨୫୦୦ରୁ ଊର୍ଦ୍ଧ୍ୱ ହବିଷିଆଳିଙ୍କ ରହଣି, ମହାପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଉଛି। ପଞ୍ଜୀକରଣ ସଂଖ୍ୟା ସ୍ପଷ୍ଟ ହେବା ପରେ ପ୍ରସ୍ତୁତିରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। ସମ୍ପ୍ରତି ଆମେ ଅଢ଼େଇ ହଜାର ବୃଦ୍ଧାଙ୍କ ପାଇଁ ବ୍ୟବସ୍ଥା କରୁଛୁ। ଜିଲା ପ୍ରଶାସନ ତରଫରୁ ଏମାନଙ୍କ ପାଇଁ ନରେନ୍ଦ୍ରପୋଖରୀ ନିକଟରେ ହୋଇଥିବା ଏକ ସ୍ୱତନ୍ତ୍ର କୋଠାର ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଶାସନ ଏମାନଙ୍କ ଯାତାୟାତ ମଧ୍ୟ ବିନା ମୂଲ୍ୟରେ ଯୋଗାଇଦେବ। ପ୍ରତ୍ୟହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ ଯାନର ବ୍ୟବସ୍ଥା କରାଯିବ। ହବିଷିଆଳିମାନେ ଏହି ଯାନରେ ଶ୍ରୀମନ୍ଦିର ଯାଇପାରିବେ। ସେହିଭଳି ଭଜନ କୀର୍ତ୍ତନର ବ୍ୟବସ୍ଥା ମଧ କରାଯିବ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟକ୍ତିମାନେ ପଞ୍ଜିକରଣ କରିନିଅନ୍ତୁ। ଉକ୍ତ ସମୟ ପରେ ପଞ୍ଜୀକରଣ କରାଯିବ ନାହିଁ। ସେହିଭଳି କରୋନା ପୂର୍ବ ବର୍ଷ ଜିଲା ପ୍ରଶାସନ ସଫଳ ଭାବେ ଏହି ଯୋଜନାକୁ ପରିଚାଳିତ କରିଥିଲା। କରୋନା ଆଶଙ୍କା ହଟିଯାଇଥିବା ହେତୁ ଚଳିତବର୍ଷ ଅଧିକ ହବିଷିଆଳି ପୁରୀ ଆସିବା ନେଇ ଜିଲା ପ୍ରଶାସନ ଆକଳନ କରୁଛି। ହବିଷିଆଳି କୋଠାରେ ଯଥେଷ୍ଟ ପରିମାଣର ହବିଷିଆଳି ରହିବା ନେଇ ବ୍ୟବସ୍ଥା ହୋଇଛି। ଆବଶ୍ୟକ ପଡ଼ିଲେ ଅତିରିକ୍ତ ରହଣି ବ୍ୟବସ୍ଥା ମଧ୍ୟ କରିବୁ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

# 'ଭାରତ-କ୍ୟୁବା ମଧ୍ୟରେ ୫୦ ବର୍ଷର ସମ୍ପର୍କ ରହିଛି'




ସମ୍ମିଳନୀରେ ଉପସ୍ଥିତ କ୍ୟୁବା ରାଷ୍ଟ୍ରଦୂତ ଆଲେଜେଣ୍ଡ୍ରୋ ସିମୋନ୍ କିସ୍ ମେରିନ୍ ଓ ଅନ୍ୟ ଅତିଥି ।

## ସିପିଆଇ ରାଜ୍ୟ ସମ୍ମିଳନୀରେ କ୍ୟୁବାର ରାଷ୍ଟ୍ରଦୂତ

ପୁରୀ ଅଫିସ,୧୦।୯:

କ୍ୟୁବା ଗଣରାଜ୍ୟର ଭାରତସ୍ଥିତ ରାଷ୍ଟ୍ରଦୂତ ଆଲେଜେଣ୍ଡ୍ରୋ ସିମୋନ୍ କିସ୍ ମେରିନ୍ ସିପିଆଇ ରାଜ୍ୟ ସମ୍ମିଳନୀରେ ଯୋଗଦେବା ପାଇଁ ପୁରୀରେ ପହଞ୍ଚିଛନ୍ତି। ସିପିଆଇର ୨୩ତମ ରାଜ୍ୟ ସମ୍ମିଳନୀକୁ ସେ ଶୁଭେଚ୍ଛା ଜଣାଇଛନ୍ତି। ସିପିଆଇର ଅନୁଷ୍ଠିତ ଏହି ରାଜ୍ୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କ୍ୟୁବା ରାଷ୍ଟ୍ରଦୂତ ଆଲେଜେଣ୍ଡ୍ରୋ ଯୋଗଦେଇ ସିପିଆଇର ନୀତି ଓ ଆଦର୍ଶ ଉପରେ ବିସ୍ତୃତରେ ଆଲୋଚନା କରିଥିଲେ। ଭାରତ ପରିପ୍ରେକ୍ଷୀରେ ସିପିଆଇ କିଭଳି ଏକ ସ୍ୱତନ୍ତ୍ର ବିକଳ୍ପ ହୋଇପାରିବ ସେସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଆଲେଜେଣ୍ଡ୍ରୋ କହିଛନ୍ତି, ଭାରତ ଓ କ୍ୟୁବାର ମୈତ୍ରୀ ଦୀର୍ଘକାଳର। କ୍ୟୁବାର ମହାନାୟକ ଫିଡେଲ୍ କାଷ୍ଟ୍ରୋ ଭାରତ ସାମ୍ରାଜ୍ୟବାଦ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ନେଇଛନ୍ତି। କ୍ୟୁବାର ସଙ୍କଟ ସମୟରେ ଭାରତର ସହଯୋଗକୁ କ୍ୟୁବାର ଜନସାଧାରଣ କେବେ ହେଲେ ଭୁଲିବେ ନାହିଁ। ୧୯୭୩ରେ କମ୍ରେଡ୍ ଫିଡେଲ୍ କାଷ୍ଟ୍ରୋ ଓ ୧୯୫୯ରେ ମହାନ ସଂଗ୍ରାମୀ ଚେ-ଗୋ-ଭେରାଙ୍କ ଭାରତ ଆଗମନ ଓ କ୍ୟୁବା ଏବଂ ଭାରତର ମୈତ୍ରୀର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଶେଷ ସ୍ମୃତି ସମାରୋହ ପାଳନ କରାଯିବ। ଏହା ଉଭୟ ଦେଶ ମଧ୍ୟରେ ମୈତ୍ରୀ ଓ ଭାଇଚାରାଙ୍କୁ ଅଧିକ ସୁଦୃଢ଼ କରିବ। କ୍ୟୁବାର ରାଷ୍ଟ୍ରଦୂତଙ୍କୁ ସିପିଆଇ ରାଜ୍ୟ ସମ୍ମିଳନୀର ପ୍ରତିନିଧିମାନେ ସମ୍ବର୍ଦ୍ଧିତ କରିଥିଲେ। ସିପିଆଇର ଜାତୀୟ ସମ୍ପାଦକ ପଲ୍ଲବ ସେନଗୁପ୍ତା ସ୍ୱାଗତ ଭାଷଣ ଦେଇଥିଲେ। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନନୁଗୋ ଓ ଅନ୍ୟ ନେତୃବୃନ୍ଦମାନେ ଅତିଥିଙ୍କୁ ଉପଢୌକନ ଓ ଉପହାର ଦେଇ ସ୍ୱାଗତ ଜଣାଇଥିଲେ। ଭାରତ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂସଦର ସାଧାରଣ ସମ୍ପାଦକ ବିଜୟ ପଡ଼ିହାରୀ, ସିପିଆଇ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଇନ୍ଦୁପୂର୍ଣ୍ଣିମା ଅବସରରେ ସିଂହଦ୍ୱାର ନିକଟରେ ଦୋଳ ଗୋବିନ୍ଦଙ୍କ ସମ୍ମୁଖରେ ଇନ୍ଦ୍ରଙ୍କ ଐରାବତ ହାତୀ ନୀତି ସମ୍ପନ୍ନ କରାଯାଉଛି ।

# ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ

ପୁରୀ ଅଫିସ,୧୦।୯

ଶ୍ରୀମନ୍ଦିରରେ ଭାଦ୍ରବ ପୂର୍ଣ୍ଣିମା ତିଥି ଶନିବାର ଅବସରରେ ଇନ୍ଦୁ ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ଏହି ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇଥିଲା। ପରେ ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହସ୍ତରେ ବିଜେ କରାଇ ରତ୍ନସିଂହାସନକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରି ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ମହାଜନ ସେବକମାନେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳି ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାର୍ଶ୍ୱରେ ରଖିଥିଲେ। ସେଠାରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବରୁ ଐରାବତ ହସ୍ତୀ ସହ ଦେବରାଜ ଇନ୍ଦ୍ର ରହିଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତୀ ହସ୍ତୀ ଉପରେ ଇନ୍ଦ୍ର ଏବଂ ମାହୁନ୍ତ ବେଶରେ ଦୁଇଜଣ ବ୍ୟକ୍ତି ବସି ସିଂହଦ୍ୱାର ନିକଟକୁ ନୀତି ସମ୍ପାଦନ ପାଇଁ ଆସିଥିଲେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଭାଗବତ ଜନ୍ମ ପାଳିତ

ପୁରୀ ଅଫସ,୧୦।୯

ଇନ୍ଦୁପୂର୍ଣ୍ଣିମା ଓ ଭାଗବତ ଜନ୍ମ ଉପଲକ୍ଷେ ସହର ଏବଂ ସହର ନିକଟସ୍ଥ ଗ୍ରାମରେ ଥିବା ଭାଗବତ ଟୁଙ୍ଗିରେ ଶନିବାର ଭାଗବତ ଜନ୍ମ ଅନୁଷ୍ଠିତ ହୋଇଛି। ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ପ୍ରତିଦିନ ଧୂପ ସମୟରେ ପୁରାଣ ପଣ୍ଡା ଭାଗବତ ପାଠ କରିଥାନ୍ତି। ସେଥିପାଇଁ ବେହେରଣ ଦ୍ୱାର ନିକଟରେ ଏକ ଭାଗବତ ଟୁଙ୍ଗୀ ବା ମନ୍ଦିର ରହିଛି। ସହରର ବଡ ଓଡ଼ିଆ ମଠ ଓ ସାନ ଓଡ଼ିଆ ମଠ, ସାତଲହଡି ମଠ, ଜଗନ୍ନାଥ ବଲ୍ଲବ ମଠ ଏବଂ ବିଭିନ୍ନ ମଠ ମନ୍ଦିର ସହିତ ସହର ତଳି ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମର କୋଠ ଦ୍ୱାରା ପୂଜା ପାଉଥିବା ଭାଗବତ ଟୁଙ୍ଗିଘରେ ଭାଗବତ ଜନ୍ମ ପାଳନ କରାଯାଇଛି। ପ୍ରତ୍ୟେକ ଦିନ ଭାଗବତ ପାଠ କରାଯାଉଥିବା ମଠ, ଆଶ୍ରମ ତଥା ଗୃହସ୍ଥଙ୍କ ଘରେ ଭାଗବତ ପଢା ଅନୁଷ୍ଠିତ ହୋଇଛି। ସେଥିପାଇଁ ଓଡ଼ିଆ ଭାଗବତ ସହିତ ଜଡିତ ଥିବା ଆଶ୍ରମ ଓ ମଠରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ଓ ଭୋଗ କରାଯାଇଛି। ଗାଁରେ ଭାଗବତ ଗୋସାଇଁଙ୍କୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଅର୍ପଣ କରାଯାଇ ବଣ୍ଟନ କରାଯାଇଛି।

# ନନ୍ଦନକାନନ ସ୍ଥିତି ପରଖିଲେ କେନ୍ଦ୍ରମନ୍ତ୍ରୀ

ବାରଙ୍ଗ,୧୦।୯(ଡି.ଏନ୍.ଏ.)



କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ନନ୍ଦନକାନନ ପରିଦର୍ଶନ କରୁଛନ୍ତି ।

କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର ଅପରାହ୍ନ ସାଢେ ୪ଟାରେ ନନ୍ଦନକାନନ ପରିଦର୍ଶନ କରି ଫେରିଛନ୍ତି। କେନ୍ଦ୍ରମନ୍ତ୍ରୀ ବିଭିନ୍ନ ଏନକ୍ଲୋଜରରେ ଥିବା ଜୀବଜନ୍ତୁଙ୍କୁ ଦେଖିବା ସହ ବିଭିନ୍ନ କାର୍ଯ୍ୟର ସ୍ଥିତି ପରିଖିଲେ। ଏହାପରେ କର୍ତ୍ତୃପକ୍ଷଙ୍କ ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ମଧ୍ୟ କରିଥିଲେ। ମନ୍ତ୍ରୀଙ୍କ ସହିତ କେନ୍ଦ୍ରୀୟ ଚିଡ଼ିଆଖାନା ସଚିବ, ନନ୍ଦନକାନନ ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ ସମେତ ରେଞ୍ଜ ଅଫିସରମାନେ ଉପସ୍ଥିତ ଥିଲେ। ଲଘୁଚାପ ବର୍ଷା ସତ୍ତ୍ୱେ ପ୍ରାଣୀ ଉଦ୍ୟାନର ବାଘ, ଭାଲୁ, ବିଲୁଆ, ପାଦଚଲା ବିହଙ୍ଗ ସାରଣୀ, ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର ଆଦି ବୁଲି ଜୀବଜନ୍ତୁଙ୍କ ସୁରକ୍ଷା, ଚିକିତ୍ସା, ଏନକ୍ଲୋଜରର ନିର୍ମାଣ ଶୈଳୀ ଆଦି ପରଖିଥିଲେ। ଆଗାମୀ ଦିନରେ ନନ୍ଦନକାନନ ବିଶ୍ୱପ୍ରସିଦ୍ଧ ହୋଇପାରିବ ସେ ଦିଗରେ ସମସ୍ତ ପ୍ରକାରର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏଥିସହ କେନ୍ଦ୍ରୀୟ ଚିଡ଼ିଆଖାନା ସହ ଖୁବ୍‌ଶୀଘ୍ର ଆଲୋଚନା କରାଯାଇ ଗଣ୍ଡା ସହ ବିରଳ ଜୀବଜନ୍ତୁ ଏଠାକୁ ଆଣିବା ପାଇଁ ଚେଷ୍ଟା କରାଯାଉଛି ଏବଂ ନନ୍ଦନ କାନନ କିଭଳି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇ ଏହାର ପ୍ରଭାବ କିପରି ପ୍ରାକୃତିକ ପରିବେଶ ଉପରେ ନ ପଡ଼ିବ ସେଥିପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ।

# ସାହାଯ୍ୟର ପ୍ରତିଶ୍ରୁତି ଦେଲେ ଉପାଧ୍ୟକ୍ଷ, ସରପଞ୍ଚ

## ୩ ହଜାର ୧୨୩ ହେକ୍ଟର ଚାଷଜମି ନଷ୍ଟ

ଗୋପ,୧୦।୯(ଡି.ଏନ୍.ଏ.):

ଚଳିତ ପ୍ରଳୟଙ୍କରୀ ବନ୍ୟା ଗୋପ ବ୍ଲକ ଚାଷୀଙ୍କ ଦୁର୍ଦ୍ଦଶା ବଢିଯାଇଛି। ବନ୍ୟା ଛାଡିବା ପରେ ମଧ ୨ ହଜାରରୁ ଊର୍ଦ୍ଧ୍ୱ ଚାଷଜମି ପଡିଆ ପଡିଛି। ଏହି ସମୟରେ ବ୍ଲକର ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଚାଷୀଙ୍କୁ ସପ୍ତାହେ ମଧ୍ୟରେ ଛୋଟ ଧାନ ତଳି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

କୁଶଭଦ୍ରା ନଦୀରେ ବନ୍ୟା ଫଳରେ ୩୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇ ଗୋପର କେତେକ ପଞ୍ଚାୟତରେ ବନ୍ୟାଜଳ ପଶିଥିଲା। ୧୦ ପଞ୍ଚାୟତର ୪୧ ଗାଁର ୨୯ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇଥିଲେ। ସପ୍ତାହ ପରେ ଲୋକେ ବନ୍ୟାଜଳରୁ ମୁକ୍ତି ପାଇଛନ୍ତି। କିନ୍ତୁ ୧୦ରୁ ଊର୍ଦ୍ଧ୍ୱ ଦିନ ଧରି ବନ୍ୟାଜଳ ଚାଷଜମିରେ ରହିବାରୁ ହଜାର ହେକ୍ଟର ଚାଷଜମିରେ ତଳି ସବୁ ଶଢିପଚି ଯାଇଥିଲା। ବନ୍ୟା ପରେ ଗୋପ ବ୍ଲକ, ତହସିଲ ଅଫିସ ଓ କୃଷି ବିଭାଗ ସହିତ ଉଦ୍ୟାନ ବିଭାଗ କର୍ମଚାରୀମାନେ ଚାଷଜମିର କ୍ଷୟକ୍ଷତି ଆକଳନ କରିଥିଲେ। ବ୍ଲକର ୧୧ ପଞ୍ଚାୟତର ୫୨ ଗାଁର ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ୩ ହଜାର ୧୨୩ ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ସରକାରୀ ଆକଳନ ରିପୋର୍ଟରୁ ଜଣାପଡିଥିଲା। ହେଲେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଏପର୍ଯ୍ୟନ୍ତ କୌଣସି ସହାୟତା ଦିଆଯାଇ ନ ଥିବା ଜଣାପଡିଛି। ଚାଷୀଙ୍କୁ ବାହାରୁ ଚଢା ଦରରେ ତଳି କିଣିବାକୁ ପଡୁଛି। ଏହି ସମୟରେ ବ୍ଲକର ଉପାଧ୍ୟକ୍ଷ ପଟ୍ଟନାୟକ ଚାଷୀଙ୍କୁ ସାହାଯ୍ୟ କରିବାକୁ କହିଛନ୍ତି। ସେ ବିହନ ବୁଣି ସପ୍ତାହକ ମଧ୍ୟରେ ତଳେ ହେଲେ ସେହି ତଳିକୁ ଚାଷୀଙ୍କୁ ପ୍ରଦାନ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅଣ୍ଡରା-ଇଚ୍ଛାପୁର ସରପଞ୍ଚ ମୀନା କୁମାରୀ ମହାନ୍ତି ଅନୁରୂପ ଭାବେ ଚାଷୀଙ୍କୁ ସହାୟତା ପ୍ରଦାନ କରିବେ ବୋଲି ଜଣାପଡିଛି। ଅନ୍ୟପଟେ ବନ୍ୟା ପ୍ରଭାବିତ ଅଞ୍ଚଳର କେତେକ ସ୍ଥାନରେ ଉପାଧ୍ୟକ୍ଷ ପଟ୍ଟନାୟକ ଏବଂ ସରପଞ୍ଚ ମହାନ୍ତି ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ବିପନ୍ନଙ୍କୁ ରନ୍ଧା ଖାଦ୍ୟ, ସ୍ୱାସ୍ଥ୍ୟସେବା ପହଞ୍ଚାଉଛନ୍ତି। ସରକାର ତୁରନ୍ତ ଚାଷଜମି ହରାଇଥିବା ଚାଷୀ ଓ ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ଦାବି କରିଛନ୍ତି।



ସହାୟତା ମିଳି ନ ଥିବାରୁ ବାହାରୁ ଅଣାଯାଇଥିବା ତଳି ।

# ସ୍କୁଲ, କଲେଜ ଛାତ୍ରୀଛାତ୍ର ନେବେ ଫାଷ୍ଟଏଡ୍ ତାଲିମ

ପୁରୀ ଅଫିସ,୧୦।୯



ପ୍ରାଥମିକ ଚିକିତ୍ସା ଉପରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି ।

ପୁରୀ ଜିଲାରେ ସମସ୍ତ ସ୍କୁଲ-କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ତାଲିମ୍ ପ୍ରଦାନ କରାଯିବା ସହ ପୁରୀରେ ସେଣ୍ଟ ଜନ ଆମ୍ବୁଲାନ୍ସ ଜୁନିଅର ଡିଭିଜନ ଆରମ୍ଭ କରାଯିବ ବୋଲି ଶନିବାର ବିଶ୍ୱ ଫାଷ୍ଟଏଡ୍ ଦିବସରେ ପୁରୀ ଜିଲା ସେଣ୍ଟଜନ ଆମ୍ବୁଲାନ୍ସ ପକ୍ଷରୁ ଘୋଷଣା କରାଯାଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଉପଦେଷ୍ଟା ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପଜିଲାପାଳ ଭବତାରଣ ସାହୁ, ପୁରୀ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଣବ ରଞ୍ଜନ ଦାସ, ଡ. ଅଭିମନ୍ୟୁ ଭୂୟାଁ, ଚକ୍ରଧର ମହାପାତ୍ର, ଡା. ଦେବ ଦାସ, ଡା.ପବିତ୍ର ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱର ତାଲିମ ଅଧିକାରୀ ମନୋଜ ମୁଖାର୍ଜୀ, ଡା. ପ୍ରଭାତ ଦାସ, ଜାତୀୟ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ମଧୁମିତା ମହାପାତ୍ର, ଜୟନ୍ତୀ ମହାପାତ୍ର ଓ ଡା. ପବିତ୍ର ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟର ୧୧, ବିଶ୍ୱମ୍ଭର ବିଦ୍ୟାପୀଠର ୧୬, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୧, ଜିଲା ସ୍କୁଲର ୧୧ ଓ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ୧୨ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତି, ଶୋଭାମଣି ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, ସାଗରିକା ରଥ, ଶ୍ୟାମପ୍ରକାଶ ସେନାପତି, ଚନ୍ଦନ ନାୟକ, ସୁଶୀଲ ସାହୁ, ଲାଲା ଅନନ୍ତ ସିଂହ, କେଦାରନାଥ ମହାପାତ୍ର, ଶକ୍ତିପ୍ରସାଦ ଦାସ, ସୁଶୀଲ ସାହୁ, ଚିତ୍ତରଞ୍ଜନ ମହାନ୍ତି, ନିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ନଭେମ୍ବରରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ଗୃହିଣୀଙ୍କ ପାଇଁ ତାଲିମ ବ୍ୟବସ୍ଥା କରାଯିବ ବୋଲି ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ଏହି ଅବସରରେ ସୂଚନା ଦେଇଛନ୍ତି ।

# ଭକ୍ତିଭାବ ବଞ୍ଚାଇ ରଖିଛି ଭାଗବତ ଟୁଙ୍ଗି

## ବିଶ୍ୱନାଥପୁରରେ ଭାଗବତ ଟୁଙ୍ଗି ଆରମ୍ଭ

ସାକ୍ଷୀଗୋପାଳ, ୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)

ଭାଦ୍ରବ ପୂର୍ଣ୍ଣିମା ଭାଗବତ ଜନ୍ମ ଅବସରରେ ସତ୍ୟବାଦୀ ସେବା ଟ୍ରଷ୍ଟ ସାକ୍ଷୀଗୋପାଳ ତରଫରୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତର ନୂଆସାହିରେ ଥିବା ପୁରାତନ ବାସୁଦେବ ଭାଗବତ ଟୁଙ୍ଗିକୁ ଆନୁଷ୍ଠାନିକ ଭାବେ ଶନିବାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରଥମେ ବିଶ୍ୱନାଥପୁର ଗ୍ରାମର ଶ୍ରୀଗୋପୀନାଥ ଦେବଙ୍କ ମନ୍ଦିର ପାର୍ଶ୍ୱରେ ତୁଳସୀ ଚାରା ରୋପଣ କରାଯାଇଥିଲା। ସନ୍ଧ୍ୟାରେ ଗାଦିବ୍ରହ୍ମ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଭାଗବତ ଟୁଙ୍ଗି ଘର ପରିସରରେ ନାମ ସଂକୀର୍ତ୍ତନ କରିଥିଲେ। ପରେ ଆଧ୍ୟାତ୍ମିକ ସଭା କାର୍ଯ୍ୟ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉମାବଲ୍ଲଭ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲା ବେଳେ ଅନୁଷ୍ଠାନର ରାମଶଙ୍କର ନନ୍ଦ, ସୁଦର୍ଶନ ପ୍ରଧାନ, ପ୍ରଦୀପ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭାଗବତ ଚିନ୍ତନ ବିଷୟରେ ଆଲୋଚନା କରିଥିଲେ। ଭକ୍ତି ଭାବକୁ ବଞ୍ଚାଇ ରଖିଛି ଭାଗବତ। ଓଡ଼ିଆ ଭାଗବତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନର ବାର୍ତ୍ତାବହ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସମସ୍ତ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ଦେଉଥିଲେ ମଧ ଏହାର ପ୍ରକୃତ କାର୍ଯ୍ୟକାରିତା ଓ ଭାଗବତ ପଠନର ପରମ୍ପରା ବାସ୍ତବ କ୍ଷେତ୍ରରେ ସଫଳ ରୂପାୟନ ହୋଇପାରିନାହିଁ। ସେଥିପାଇଁ ଟ୍ରଷ୍ଟର ମାର୍ଗ ଦର୍ଶକ ତଥା ଏମ୍ବର ପୂର୍ବତନ ଅଧ୍ୟକ୍ଷ ଡ.ଅଶୋକ ମହାପାତ୍ର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ସତ୍ୟବାଦୀ ସେବା ଟ୍ରଷ୍ଟ ଆଗକୁ ସମସ୍ତ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟ୍ରଷ୍ଟ ସମ୍ପାଦକ ଆଇନଜୀବୀ ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନବଘନ ଶତପଥୀ, ସନ୍ତୋଷ ବେହେରା, ନୀଳକଣ୍ଠ ବାରିକ, ଚିକିନା ମିଶ୍ର, ପ୍ରଶାନ୍ତ ନାୟକ, ରିତା ତ୍ରିପାଠୀ, ଉପେନ୍ଦ୍ର ବିଶ୍ୱାଳ ଓ ସରପଞ୍ଚ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଅନ୍ୟପଟେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ହରଚଣ୍ଡୀପୁରସ୍ଥିତ ପତିତପାବନ ଦେବ ଓ ଭଗବତ ବାସୁଦେବଙ୍କ ମନ୍ଦିରରେ ଭାଗବତ ଜନ୍ମ ପାଳନ କରାଯାଇଛି।



ସତ୍ୟବାଦୀ ସେବା ଟ୍ରଷ୍ଟ ପକ୍ଷରୁ ନୂଆସାହିରେ ଭାଗବତ ଟୁଙ୍ଗିକୁ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ଯୋଜନାର ଉପଯୋଗ କରି ଆର୍ଥିକ ସମୃଦ୍ଧ ହୁଅନ୍ତୁ ଉଦ୍ୟୋଗୀ

**ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ତାଲିମ ସଚେତନତା ଶିବିର**

**କଟକ ଅଫିସ,୧୦।୯:** ଜିଲା ଶିଳ୍ପ କେନ୍ଦ୍ର ଏବଂ ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ ମାର୍କେଟିଂ ଡେଭେଲପମେଣ୍ଟ ସେଣ୍ଟରର ମିଳିତ ଆନୁକୂଲ୍ୟରେ କୁରାଙ୍ଗଶାସନସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତାଲିମ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପକେନ୍ଦ୍ରର ସହ ପରିଚାଳକ ବିମଳ ଦାସଙ୍କ ତତ୍ତ୍ୱାବଧାନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଶିବିରରେ ବକ୍ତାମାନେ ଉଦ୍ୟୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ରୋହିଣୀ ଭୋଇ, ଆଇପିଓ ରଞ୍ଜିତା ମହନ୍ତ, ପଣ୍ଡିତ ଅଜୟ କୁମାର ପତି, ସହ ପରିଚାଳକ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହ ସବୁ ଯୋଜନାର ଉପଯୋଗ କରି ଉଦ୍ୟୋଗୀମାନେ ଆର୍ଥିକ ସମୃଦ୍ଧି ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ମଧୁସ୍ମିତା ମହାନ୍ତି, ବି. ମାଧବୀ, ଗୋବିନ୍ଦ ଭୋଇ, ଆଭାଜିଲିନି ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଅସହାୟଙ୍କୁ ଟ୍ରଷ୍ଟର ସହାୟତା

**ମାହାଙ୍ଗା,୧୦।୯(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଧର୍ମଦାସପୁର ଗ୍ରାମର ଧ୍ରୁବଚରଣ ପାଗଳଙ୍କ ଘରର ମାଟି କାନ୍ଥ ଲଗାଣ ବର୍ଷାରେ ଭୁଶୁଡି ପଡିଛି। ତାଙ୍କ ପରିବାର ଏବେ ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି। ସାମାଜିକ କର୍ମୀ ପ୍ରମିଳା ସିଂ ଏହି ଖବର ବାବଦରେ ଜାଣିବାକୁ ପାଇ ତାଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି। ସାମାଜିକ କର୍ମୀ ସିଂଙ୍କ ନିର୍ଦ୍ଦେଶକ୍ରମେ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର କର୍ମୀ ଶନିବାର ଧ୍ରୁବଚରଣଙ୍କ ଘରେ ପହଞ୍ଚି ତାଙ୍କ ସମସ୍ୟା ସମ୍ପର୍କରେ ବୁଝି ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟା ଶୁଭଶ୍ରୀ ମହାପାତ୍ର, ପ୍ରିୟଙ୍କା ବିଶ୍ୱାଳ, ଶିକ୍ଷାବିତ୍ ରମେଶଚନ୍ଦ୍ର ସାହୁ, ବିକ୍ରମ କେଶରୀ ନାଥ, ଦେବୀପ୍ରସାଦ ମହାପାତ୍ର, ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକ, ଅଭିଭାବକ ସମ୍ମିଳନୀ

**ବାଙ୍କୀ,୧୦।୯(ସ୍ୱ.ପ୍ର.):** ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏଥିରେ ସଭାପତିତ୍ୱ କରିଥିଲେ । ଉକ୍ତ ସମ୍ମିଳନୀରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସନ୍ତୀ ମନ୍ତ୍ରୀ, ଉପସଭାପତି ନାରାୟଣ ଦାଶ, ସଦସ୍ୟ ବନମାଳୀ ଦଳେଇ, ସରିତା ଦାସ ପ୍ରମୁଖ ଯୋଗ ଦେଇ ସ୍କୁଲରେ ଶିକ୍ଷାଦାନ ଓ ଛାତ୍ରୀଛାତ୍ରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବରିଷ୍ଠ ଶିକ୍ଷକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ସୁବ୍ରତ କୁମାର ଖଟୁଆ, ନିବେଦିତା ଜେନା, ଅନୁପମା ସାହୁ, ମିଲୁଶ୍ରୀ ମଲ୍ଲିକ ଓ ଶେଫାଳୀ ମହାପାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସମ୍ମିଳନୀ ପରେ ଅଭିଭାବକମାନେ ସ୍ମାର୍ଟ ଶ୍ରେଣୀ ଗୃହ ଓ ପାଠ ପାଢ଼ା ସମ୍ବନ୍ଧରେ ଅବଗତ ହୋଇଥିଲେ।

# ନବମୀରେ ହୁଏ ମାଛଭୋଗ

**କଟକ ଅଫିସ,୧୦।୯**






ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକର ବିଭିନ୍ନ ପୂଜାମଣ୍ଡପ। ମା'ଙ୍କର ଆଗମନ ପାଇଁ କମିଟି କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତେ ଲାଗି ପଡିଛନ୍ତି। ଏହି ପୂଜାଦୌଡରେ ନିଜକୁ ସାମିଲ କରିଛି ସହରର ବହୁ ପୁରାତନ ଚାନ୍ଦିନୀଚୌକ ପୂଜା କମିଟି। ଏହି କମିଟି ରାଜାରାଜୁଡା ଅମଳରୁ ପୂଜାର୍ଚ୍ଚନା କରିଆସୁଛି। ୧୮୭୫ରେ ଦର୍ପଣୀ ରାଜା ଜମି ଦେବା ପରେ ଦୁର୍ଗାପୂଜା ହୋଇଥିଲା। ଏକ ଚାଳଘରେ ପୂଜା କରାଯାଉଥିଲା। ପରବର୍ତ୍ତୀ ସମୟରେ ବିହାରୀଲାଲ ପଣ୍ଡିତଙ୍କ ଦ୍ୱାରା ଏକ ମଣ୍ଡପ ନିର୍ମାଣ କରାଯାଇଥିଲା। ୧୯୨୬ ମସିହାରୁ ଉକ୍ତ ମଣ୍ଡପରେ ମା'ଙ୍କର ପୂଜା କରାଯାଇଆସୁଛି। ୨୦୦୪ରୁ ଏଠାରେ ଚାନ୍ଦିମେଢ଼ ନିର୍ମାଣ କରାଯାଉଛି। ଏହାର ଓଜନ ପ୍ରାୟ ୪ କୁଇଣ୍ଟାଲ ଓ ଉଚ୍ଚତା ୧୪ ଫୁଟ ରହିଛି। ଏଠାରେ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଉଥିଲେ ମଧ୍ୟ ଏହାର ମୁଖା ଅନ୍ୟଠାରୁ ଭିନ୍ନ। ରାଜାଙ୍କ ଅମଳରେ ପୂଜା କରାଯିବା ସମୟରେ ଏହି ମୁଖା ନେପାଳରୁ ଆସିଥିଲା। ପ୍ରତି ବର୍ଷ ମୂର୍ତ୍ତି ତିଆରିବେଳେ ଏହି ମୁଖା ବ୍ୟବହାର କରାଯାଏ। ଚାନ୍ଦିନୀଚୌକ ଦୁର୍ଗାଙ୍କୁ ସାନଭଉଣୀ କୁହାଯାଏ। ସାନ ଭଉଣୀ ହୋଇଥିବାରୁ ସମସ୍ତ ମୂର୍ତ୍ତି ଭସାଣ ପରଦିନ ଏଠାକାର ମା'ଙ୍କୁ ମେଲାଣି ଦିଆଯାଇଥାଏ। ବହୁବର୍ଷ ଧରି ରାଜ ପରିବାର ଦୁର୍ଗାପୂଜା କରିଆସୁଥିବାବେଳେ ସମୟାନୁକ୍ରମେ ସାହି ଓ ପୂଜା କମିଟି ଗଠନ କରାଯାଇ ମୁରବୀ ଓ ଯୁବକମାନଙ୍କୁ ପୂଜା ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଚଳିତବର୍ଷ ପ୍ରାୟ ୨୨ଲକ୍ଷ ଟଙ୍କାର ପୂଜା ବଜେଟ ରହିଛି।

ଚଳିତବର୍ଷ କମିଟି କିଛି ନୂଆ ଢଙ୍ଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଜସଜ୍ଜା କରିବାକୁ ଲକ୍ଷ୍ୟ ରଖିଛି । ପୂଜା ସମୟରେ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଭୁବନେଶ୍ୱର ଓ କଟକର ନାମୀଦାମୀ ମେଲୋଡି କଳାକାର ସଙ୍ଗୀତ ପରିବେଷଣ କରିବେ। ଚାନ୍ଦିନୀଚୌକ ଏକ ବଡ଼ ଅଞ୍ଚଳ ହୋଇଥିବାରୁ ୮ରୁ ଅଧିକ ଗେଟ୍ ତିଆରି ହେବ। ସହରର ପ୍ରବେଶ ପଥ ବେଲ୍‌ଭ୍ୟୁ ଛକ ନିକଟ ଗୋଲେଇରେ ଅତ୍ୟାଧୁନିକ ଲାଇଟ୍‌ରେ ୱେଲ୍‌କମ୍ ଗେଟ୍ ନିର୍ମାଣ ପାଇଁ ଯୋଜନା ରହିଛି। ସେହିପରି ପରମ୍ପରା ଅନୁଯାୟୀ ମା'ଙ୍କ ନିକଟରେ ମାଛ ଓ ମିଠା ଭୋଗ କରାଯାଇଥାଏ। ମାଛ ଭୋଗ ଏଠାକାର ନିଆରା ପରମ୍ପରା ରହିଛି । ପ୍ରତିବର୍ଷ ନବମୀରେ ମା'ଙ୍କ ନିକଟରେ ମାଛ ଭୋଗ କରାଯାଏ। ଚଳିତବର୍ଷ ୫ କୁଇଣ୍ଟାଲ ମାଛ ଭୋଗ କରାଯିବ ବୋଲି କମିଟି ପକ୍ଷରୁ ଜଣାପଡିଛି।



"କରୋନା ମହାମାରୀ ଯୋଗୁ ଦୁଇବର୍ଷ ଧରି ଦଶହରା ଫିକା ପଡିଥିଲା। ଚଳିତବର୍ଷ ପୂଜାକୁ ଆଡମ୍ବରପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛୁ। ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମାଲିକମାନଙ୍କୁ ଆଗୁଆ ବରାଦ ଦିଆସରିଛି। ପୂଜାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଟି କର୍ମକର୍ତ୍ତାମାନେ କାର୍ଯ୍ୟରେ ଲାଗିପଡିଛନ୍ତି। ଆସନ୍ତା ବର୍ଷ ମା'ଙ୍କ ସୁନାମୁକୁଟ ନିର୍ମାଣ ପାଇଁ ଯୋଜନା ରହିଛି।

**ରମେଶ ଚନ୍ଦ୍ର ବେହେରା, ସଭାପତି**



"ଭସାଣିରେ ଏଠି ନିଆରା ପରମ୍ପରା ଦେଖିବାକୁ ମିଳେ। ଭସାଣିରେ ପ୍ରତ୍ୟେକ ମେଢ଼ ଆସିବାବେଳେ ଏହାର ଦାୟିତ୍ୱରେ ଥିବା ପୂଜା କମିଟିର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥାଏ। ସବୁ ମେଢ଼ ଭସାଣିରେ ସାମିଲ ହୋଇ ବିସର୍ଜନ ହେବା ପରେ ଦ୍ୱାଦଶୀ ଦିନ ଏଠାକାର ମେଢ ଶୋଭାଯାତ୍ରାରେ ସାହି ପରିକ୍ରମା କରି ଦେବୀଗଡ଼ାରେ ବିସର୍ଜିତ ହୋଇଥାଏ।

**ସୁଶାନ୍ତ କୁମାର ପାଣି, ସମ୍ପାଦକ**



"ରାଜାଙ୍କ ସମୟରେ ବିଭିନ୍ନ ମଣ୍ଡପରୁ ମା' ଏଠାକୁ ଆସି ମେଳଣ ହୋଇଥାଏ। ଏହି ପୂଜା କମିଟିର ମେଳଣ ପଡିଆ ରହିଛି। ଯେଉଁଠାରେ ସବୁ ମଣ୍ଡପରୁ ମେଢ ଆସି ଏଠାରେ ଏକତ୍ରିତ ହୋଇଥାଏ। ବର୍ତ୍ତମାନ କଟକଣା ହେତୁ ପରମ୍ପରାରେ ପରିବର୍ତ୍ତନ ଆସିଛି। ଉକ୍ତ ମେଳଣ ପଡିଆରେ ଏବେ ମିନାବଜାର ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ବିଜୟ କୁମାର ବେହେରା, ପୂର୍ବତନ ସମ୍ପାଦକ**

## ପୂର୍ବ ବାଙ୍କୀ ହାଇସ୍କୁଲସ୍ତରୀୟ ଜୋନାଲ ପ୍ରତିଯୋଗିତା

**ବାଙ୍କୀ,୧୦।୯(ସ୍ୱ.ପ୍ର.)**

ପୂର୍ବ ବାଙ୍କୀ ହାଇସ୍କୁଲସ୍ତରୀୟ ଜୋନାଲ ପ୍ରତିଯୋଗିତା ତାଳବସ୍ତ ହାଇସ୍କୁଲରେ ଅନୁଷ୍ଠିତ ହୋଯାଇଛି। ବାଙ୍କୀ ମହୋତ୍ସବ ନିମନ୍ତେ ଡମପଡ଼ା ଓ ବାରଙ୍ଗ ଅଞ୍ଚଳ ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୁଶୁପଙ୍ଗି ହାଇସ୍କୁଲର ଦିବ୍ୟଜ୍ୟୋତି ପରିଡା ପ୍ରଥମ, ଦୁଲଣାପୁର ହାଇସ୍କୁଲର ଆଶୁତୋଷ ରାଉତ ଦ୍ୱିତୀୟ ଓ ପଦନପୁର ହାଇସ୍କୁଲର ସନାତନ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ସଙ୍ଗୀତ, ତର୍କ ଓ ରଚନା ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପ୍ରକାଶ ଚନ୍ଦ୍ର ବେଉରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ମୁଖ୍ୟବକ୍ତାଭାବେ ବାଙ୍କୀ ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଡାକ୍ତର ନିର୍ଲିପ୍ତା ମହାନ୍ତି, ଡାକ୍ତର ସୁମିତ୍ରା ସାହୁ, ଡମପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର ଓ ତାଳବସ୍ତ ପଞ୍ଚାୟତ ସରପଞ୍ଚ ସରସ୍ୱତୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ତାଳବସ୍ତ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଫକୀରମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସାରସ୍ୱତ ଯାତ୍ରା ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

## ଉତ୍କଳ ସାହିତ୍ୟ ସମାଜ ଗଠନରେ ମାହାଙ୍ଗା ବରପୁତ୍ରଙ୍କ ଅବଦାନ ଅତୁଳନୀୟ

**ମାହାଙ୍ଗା,୧୦।୯(ସ୍ୱ.ପ୍ର.)**

ଉତ୍କଳ ସାହିତ୍ୟ ସମାଜ କଟକର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ଏକ ସାରସ୍ୱତ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଚନ୍ଦ୍ର ଭବନ କଟକଠାରୁ ସାରସ୍ୱତ ତୀର୍ଥ ଭୂମି ମାହାଙ୍ଗା ପର୍ଯ୍ୟନ୍ତ କର୍ମୀମାନେ ଯାତ୍ରା କରିଥିଲେ। ସେକ୍ ମତଲୁବ ଅଲି ସ୍ମୃତି ସଂସଦ ମାହାଙ୍ଗା ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ କର୍ମକର୍ତ୍ତାମାନେ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତି ପୀଠ ସତ୍ୟଭାମାପୁରଠାରେ ତାଙ୍କ ପ୍ରତିମୂର୍ତ୍ତି, ମାହାଙ୍ଗା ରାମକୃଷ୍ଣପୁର ଜଟାଧାରୀ ଆଶ୍ରମ, କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମଠାରେ ଗାନ୍ଧିଜୀ ଓ ଗୋବିନ୍ଦ ମିତ୍ରଙ୍କ ପ୍ରତିମୂର୍ତ୍ତି, କୋଠପଦା ରଘୁନାଥଜୀଉ ମଠଠାରେ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତି, ବାଗ୍ମୀ ବିଶ୍ୱନାଥ କର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱନାଥ କରଙ୍କ ପ୍ରତିମୂର୍ତ୍ତି, ଗୁଣୁପୁରସ୍ଥିତ ସଂସ୍କାରକ ବୈରାଗୀ ମିଶ୍ରଙ୍କ ପ୍ରତିମୂର୍ତ୍ତି ସମେତ ଅନ୍ୟାନ୍ୟ ସ୍ଥାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କମିଟି ପକ୍ଷରୁ ଗୌଡପଡା ଡାକବଙ୍ଗଳା ପରିସରରେ 'ଉତ୍କଳ ସାହିତ୍ୟ ସମାଜ ବିକାଶରେ ମାହାଙ୍ଗାର ଅବଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. କାର୍ତ୍ତିକେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ଡ. ବିଜୟାନନ୍ଦ ସିଂ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ, ସଭାପତି ଉତ୍କଳ ସାହିତ୍ୟ ସମାଜ ପରିଚାଳନା ସମ୍ପାଦକ ସେକ ମସୁଦ ଅଲି, ପଣ୍ଡିତ ପ୍ରଭାତ କର, ବିଶିଷ୍ଟ କବି ଓ ସାହିତ୍ୟିକ ଭକ୍ତଚରଣ ସାହୁ ଓ ଅଧ୍ୟାପକ ଯତୀନ୍ଦ୍ରନାଥ ରାଉତ ଉପସ୍ଥିତ ଥିଲେ । କମିଟି ସଭାପତି ଡ. କାର୍ତ୍ତିକଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ଉତ୍କଳ ସାହିତ୍ୟ ସମାଜ ଗଠନରେ ମାହାଙ୍ଗାର ବରପୁତ୍ରଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି କମିଟି ପକ୍ଷରୁ ଉତ୍କଳ ସାହିତ୍ୟ ସମାଜର ନବ ନିର୍ବାଚିତ ସଭାପତି ଡ. ଗୋବିନ୍ଦ ଚାନ୍ଦଙ୍କ ସମେତ ନବ ନିର୍ବାଚିତ ୧୪ ଜଣ ସଭ୍ୟାସଭ୍ୟଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗ୍ରାମ ସାମଲ ଧନ୍ୟବାଦ ଦେଇଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୨ ବର୍ଷର ବାଳକ ଆର୍ଚିସମାନ

**ବଡ଼ମ୍ବା,୧୦।୯(ସ୍ୱ.ପ୍ର.)**

ଇଂଲିଶ୍ ଶବ୍ଦକୁ ଓଡ଼ିଆରେ ଅନୁବାଦ କରିବା ସହ ବିଭିନ୍ନ ଖାଦ୍ୟ ପଦାର୍ଥ ତଥା ଜିନିଷର ନାମକୁ ଇଂଲିଶ୍‌ରେ କହି ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ଜଣେ ୨ ବର୍ଷର ବାଳକ। ସେ ହେଲେ କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଖୁଣ୍ଟୁକଟା ଗ୍ରାମର ମାନସ ରଞ୍ଜନ ନାୟକଙ୍କ ପୁଅ ଆର୍ଚିସମାନ ନାୟକ। କିଛିଦିନ ତଳେ ତାଙ୍କ ପାଖକୁ କୋରିଅର ମାଧ୍ୟମରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ସାର୍ଟିଫିକେଟ୍ ଏବଂ ପଦକ ଆସି ପହଞ୍ଚିଛି। ସେ ଇଂଲିଶ୍‌ର ଆଲ୍‌ଫାବେଟ୍ ସହ ୧୩୫ ଇଂଲିଶ୍ ଶବ୍ଦର ଓଡ଼ିଆ ଅନୁବାଦ, ଦେଶର ୨୮ ରାଜ୍ୟର ନାମ, ୭ କେନ୍ଦ୍ରଶାସିତ ଅଞ୍ଚଳ, ୨୪ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ, ୨୨ ସଙ୍ଗୀତ ବାଦ୍ୟଯନ୍ତ୍ର, ୭ ମହାଦେଶ, ୮ ଗ୍ରହ ସମେତ ବିଭିନ୍ନ ଫୁଲ, ପନିପରିବା, ପକ୍ଷୀ, ଗାଡି, ରଙ୍ଗ, ଶରୀରର ଅଙ୍ଗ, କମ୍ପ୍ୟୁଟରର ବିଭିନ୍ନ ଯନ୍ତ୍ରାଂଶ ସମ୍ପର୍କରେ କହିପାରୁଛନ୍ତି। ପୁଅ ଏପରି ସଫଳତା ନେଇ ତାଙ୍କ ମା' ଶୁଭଲକ୍ଷ୍ମୀ ନାୟକ, ଜେଜେ ମହେନ୍ଦ୍ର ନାୟକଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଗର୍ବ ଅନୁଭବ କରୁଥିବା କହିଛନ୍ତି। ଏନେଇ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଆର୍ଚିସମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି।




### କେନ୍ଦ୍ର ମନ୍ତ୍ରୀଙ୍କ ଏନ୍‌ଡିଆର୍‌ଏଫ୍ ପରିଦର୍ଶନ

**ବାରଙ୍ଗ,୧୦।୯(ଡି.ଏନ୍.ଏ.):** କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପ ପରିଦର୍ଶନ କରିଛନ୍ତି। ତାଙ୍କର ଦୁଇଦିନିଆ କଟକ ଲୋକସଭା କ୍ଷେତ୍ର ଗସ୍ତ ସମୟରେ ଶୁକ୍ରବାର ରାତ୍ରିଯାପନ ଏନ୍‌ଡିଆର୍‌ଏଫ୍ ପରିସରରେ କରିଥିଲେ। ଶନିବାର ସକାଳେ ଏନ୍‌ଡିଆର୍‌ଏଫ୍‌ର ଅଫିସର ଓ ଉଦ୍ଧାରକାରୀ ଦଳମାନଙ୍କ ସହ ବିଭିନ୍ନ ବିଷୟରେ ଆଲେଚାନା କରିଥିଲେ। ଉତ୍ସର୍ଗୀକୃତ ସେବା ଯୋଗାଉଥିବାରୁ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହା ସହିତ ଏନଡିଆରଏଫର ଅନୁଶାସନକୁ ବହୁ ଉଚ୍ଚକୋଟିର ବୋଲି କହିବା ସହିତ କମାଣ୍ଡାଣ୍ଟ ଯାଦବ କିସପୋଟାଙ୍କୁ ବିଶେଷ ଧନ୍ୟବାଦ ଦେଇଥିଲେ।

## ବୀରାରାଣୀ ଖୋର୍ଦ୍ଧା ରାଜାଙ୍କୁ ପରାସ୍ତ କରିଥିଲେ

**ରାଣୀ ଶୁକଦେଈଙ୍କ ଜୟନ୍ତୀ ପାଳିତ**

**ବାଙ୍କୀ,୧୦।୯(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଣୀ ଶୁକଦେଈ ସ୍ମୃତି ପରିଷଦ ଓ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୀରା ରାଣୀ ଶୁକଦେଈଙ୍କ ୩୩୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଥିବା ବୀରାରାଣୀଙ୍କ ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ବୀରାରାଣୀ ସ୍ୱାମୀ ହନ୍ତାର ପ୍ରତିଶୋଧ ନେଇ ଖୋର୍ଦ୍ଧା ରାଜାଙ୍କୁ ପରାସ୍ତ କରି ବାଙ୍କୀ ଗଡ଼କୁ ବାନ୍ଧି ଆଣିଥିଲେ। କିନ୍ତୁ ଦୟା, କ୍ଷମା ଓ ସହନଶୀଳତା ରାଣୀଙ୍କ ମଧ୍ୟରେ ଥିବାରୁ ଖୋର୍ଦ୍ଧା ରାଜାଙ୍କୁ ବନ୍ଦୀମୁକ୍ତ କରି ଫେରାଇ ଦେଇଥିଲେ ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ରାଣୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାଙ୍କୀ କଲେଜ ପରିସରରେ ରାଣୀ ଶୁକଦେଈ ଛାତ୍ରୀନିବାସ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ଡ.ବିଶ୍ୱରଞ୍ଜନ ସାହୁ , କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ଓ ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗ ଦେଇ ରାଣୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।




ବାଙ୍କୀ କଲେଜ ପରିସରସ୍ଥ ରାଣୀ ଶୁକଦେଈଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅଧ୍ୟାପକ ଓ ଅନ୍ୟମାନେ।

## କୃଷକର ଉନ୍ନତି ପାଇଁ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ତିଗିରିଆ,୧୦।୯(ଡି.ଏନ.ଏ)**

ତିଗିରିଆ ପଞ୍ଚାୟତ ସମିତି ପରିସରରେ ଶନିବାର ତିଗିରିଆ ବ୍ଲକର ସମସ୍ତ ପାଣି ପଞ୍ଚାୟତ ସଦସ୍ୟ ଓ ଅଗ୍ରଣୀ ଚାଷୀଙ୍କୁ ନେଇ ବନ୍ୟା କ୍ଷୟକ୍ଷତି ସମୀକ୍ଷା ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ଚଳିତ ବନ୍ୟାରେ ହୋଇଥିବା କ୍ଷୟକ୍ଷତିର ଭରଣା ପାଇଁ କୃଷି ଅଧିକାରୀ, କୃଷକସାଥୀଙ୍କୁ ସହଯୋଗ କରିବାକୁ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ଆତ୍ମା କମିଟି ସଭାପତି ହରେନ୍ଦ୍ର ଦଳେଇ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଉଠା ଜଳସେଚନ ବିଭାଗ କଟକ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ପବିତ୍ର ପଣ୍ଡା, କଟକ ଜିଲା କୃଷି ଅଧିକାରୀ ନିରଞ୍ଜନ ଦାଶ, ଶଶାଙ୍କ ଶେଖର ପଣ୍ଡା, ଅଜୟ କୁମାର ମିଶ୍ର ଓ ମନୋରଞ୍ଜନ ମିଶ୍ରଙ୍କ ସମେତ ଆଠଗଡ ଉଠା ଜଳସେଚନ ବିଭାଗର ଯନ୍ତ୍ରୀ ଯୋଗ ଦେଇ ବନ୍ୟାରେ କ୍ଷତି ହୋଇଥିବା ପ୍ରକଳ୍ପର ତୁରନ୍ତ ମରାମତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଆଠଗଡ କୃଷି ଜିଲା ଅଧିକାରୀ ପର୍ଶୁରାମ ବେହେରା ଓ ତିଗିରିଆ ବ୍ଲକ ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ପରେ ତିଗିରିଆ ବ୍ଲକରେ କାର୍ଯ୍ୟରତ ୬ ପାଣି ପଞ୍ଚାୟତର କର୍ମକର୍ତ୍ତା ଚୟନ କରାଯାଇଥିଲା।




କର୍ମଶାଳାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ପୋଖରୀରୁ ଗଳିତ ମୃତଦେହ ଜବତ

ପୁରୀ ଅଫିସ,୧୦।୯: ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରାସ୍ତା ବାଲିଗୁଆଳି ନିକଟ ଏକ ପୋଖରୀରୁ ଶନିବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ପେଣ୍ଠକଟା ମେରାଇନ ଥାନା ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋପାଳପୁର ଭୋଇସାହିର ଦାମ ଭୋଇ(୪୫)। ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୩।୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦାମ ଜଣେ ଟ୍ରଲି ଚାଳକ ଭାବେ କାର୍ଯ୍ୟ କରି ପରିବାର ଚଳାନ୍ତି ସବୁଦିନ ଭଳି କାର୍ଯ୍ୟ ସାରି ଶୁକ୍ରବାର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ହେଲେ ଶନିବାର ସକାଳେ ଲୋକମାନେ ପୋଖରୀକୁ ଯାଇଥିବା ବେଳେ ଦାମ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଘଟଣାସ୍ଥଳରେ ପେଣ୍ଠକଟା ମେରାଇନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲା। ସେପଟେ କେତେକ ଲୋକଙ୍କ କହିବାନୁସାରେ, ପାହାଚରେ ଶିଉଳି ଥିବାରୁ ଦୁର୍ଭାଗ୍ୟବଶତଃ ତାଙ୍କ ଗୋଡ଼ ଖସିଯାଇ ପୋଖରୀ ଭିତରେ ବୁଡ଼ିଯାଇଥିବେ। ରାତିରେ କେହି ପୋଖରୀକୁ ଯାଇ ନ ଥିବାରୁ ଦେଖିପାରି ନ ଥିବେ।

### ଖଣ୍ଡା ଚୋଟରେ ୫ ଆହତ, ଜଣେ ଗିରଫ

ସାକ୍ଷୀଗୋପାଳ,୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)- ସତ୍ୟବାଦୀ ଥାନା ଅନ୍ତର୍ଗତ ନହଳା ଗ୍ରାମରେ ଏକ ଖଣ୍ଡାରେ ଗ୍ରାମବାସୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଭରତ ବେହେରା ଓରଫ ଚନ୍ଦନ(୨୦)। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୦/୨୨) ରୁଜୁ କରି ତଦନ୍ତ କରି ଏକ ଖଣ୍ଡାକୁ ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଚନ୍ଦନ ଶୁକ୍ରବାର ସନ୍ଧ୍ୟାରେ ନିଶାଗ୍ରସ୍ତ ଅବସ୍ଥାରେ ଏକ ଖଣ୍ଡା ଧରି ଗାଁ ଲୋକଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ସୀତା ବେହେରା, ଲବଙ୍ଗ ବେହେରା, ଦୁଲରାଣୀ ବେହେରା, ମଗଧଜ ବେହେରା ଓ ସୁରେନ୍ଦ୍ର ବେହେରା ପ୍ରମୁଖ ଗୁରୁତର ଆହତ ହୋଇ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏପରି କି କେତେକ ବାଇକ୍, ଘର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏ ନେଇ ଆହତ ସୀତା ବେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ କରି ଶନିବାର ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରାଯାଇଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ସତ୍ୟବାଦୀ ଥାନାରେ ଦୁଇଟି ଓ ଡେଲାଙ୍ଗ ଥାନାରେ ଗୋଟିଏ କେସ ରହିଛି।

### ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ ଅଫିସ,୧୦।୯- ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ରବିବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ଦିନରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ପିତୃପକ୍ଷ ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ କରିଛନ୍ତି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ଦିନକୁ ପିତୃପକ୍ଷ କୁହାଯାଏ। ଏହି ପିତୃପକ୍ଷ ତିଥିରେ ତାଙ୍କ ଉତ୍ତର ପୁରୁଷ ତୀର୍ଥ ପୁଷ୍କରଣୀରେ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଯେଉଁମାନେ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟା ଦିନ ଶ୍ରାଦ୍ଧ ପ୍ରଦାନ କରିବାର ବିଧି ରହିଛି।

# ହବିଷିଆଳିଙ୍କ ପାଇଁ ହେଉଛି ସ୍ୱତନ୍ତ୍ର ବ୍ୟବସ୍ଥା

■ ୧୩ରୁ ପଞ୍ଜୀକରଣ, ୨୫୦୦ ହବିଷିଆଳି ରହିବେ
■ ରହଣି, ଦର୍ଶନ ଓ ମହାପ୍ରସାଦ ସେବନ ବ୍ୟବସ୍ଥା ହେବ

ପୁରୀ ଅଫିସ,୧୦।୯:



ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଆଉ ମାସେ ପରେ କାର୍ତ୍ତିକ ମାସ ଆରମ୍ଭ ହେବ। ତେବେ ୨ ବର୍ଷ ପରେ ଚଳିତବର୍ଷ କାର୍ତ୍ତିକ ମାସରେ ଅଧିକ ସଂଖ୍ୟାରେ ହବିଷିଆଳି ପୁରୀକୁ ଆସିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। କାର୍ତ୍ତିକରେ ରାଇଦାମୋଦର ବ୍ରତ ପାଳନ କରିବା ପାଇଁ ବ୍ୟବସ୍ଥା କରାଯାଉଛି। କରୋନା ଯୋଗୁ ଗତ ୨ବର୍ଷ ଧରି ରାଜ୍ୟ ସରକାରଙ୍କ ଦ୍ୱାରା ଏହି ବ୍ୟବସ୍ଥା ବନ୍ଦ ଥିବାବେଳେ ଚଳିତବର୍ଷ ପୁଣି କାର୍ଯ୍ୟକାରୀ ହେଉଛି। ହବିଷିଆଳିମାନେ ରହିବା ପାଇଁ ସ୍ଥାୟୀ କୋଠାର ବ୍ୟବସ୍ଥା ହୋଇଥିବା ବେଳେ ଦୈନିକ ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ହବିଷିଆଳିମାନେ ବିନା ମୂଲ୍ୟରେ ଏହି ସୁବିଧା ପାଇପାରିବେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏ ନେଇ ପଞ୍ଜୀକରଣ ଆସନ୍ତା ୧୩ ତାରିଖରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାରଙ୍କର ଏହି ଯୋଜନାର ସୁବିଧା ପାଇବାକୁ ଚାହୁଁଥିବା ହବିଷିଆଳିମାନେ ପଞ୍ଜୀକରଣ କରିବେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କିମ୍ବା ହ୍ୱାଟ୍ସଆପ୍ ନମ୍ବର(୯୪୩୭୩୩୩୮୨୩)ରେ ଯୋଗାଯୋଗ କରି ପଞ୍ଜୀକରଣ କରିପାରିବେ। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରି ସର୍ବସାଧାରଣଙ୍କୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷେ ପ୍ରସ୍ତୁତି ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ୨୫୦୦ରୁ ଊର୍ଦ୍ଧ୍ୱ ହବିଷିଆଳିଙ୍କ ରହଣି, ମହାପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଉଛି। ପଞ୍ଜୀକରଣ ସଂଖ୍ୟା ସ୍ପଷ୍ଟ ହେବା ପରେ ପ୍ରସ୍ତୁତିରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। ସମ୍ପ୍ରତି ଆମେ ଅଢ଼େଇ ହଜାର ବୃଦ୍ଧାଙ୍କ ପାଇଁ ବ୍ୟବସ୍ଥା କରୁଛୁ। ଜିଲା ପ୍ରଶାସନ ତରଫରୁ ଏମାନଙ୍କ ପାଇଁ ନରେନ୍ଦ୍ରପୋଖରୀ ନିକଟରେ ହୋଇଥିବା ଏକ ସ୍ୱତନ୍ତ୍ର କୋଠାର ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଶାସନ ଏମାନଙ୍କ ଯାତାୟାତ ମଧ୍ୟ ବିନା ମୂଲ୍ୟରେ ଯୋଗାଇଦେବ। ପ୍ରତ୍ୟହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ ଯାନର ବ୍ୟବସ୍ଥା କରାଯିବ। ହବିଷିଆଳିମାନେ ଏହି ଯାନରେ ଶ୍ରୀମନ୍ଦିର ଯାଇପାରିବେ। ସେହିଭଳି ଭଜନ କୀର୍ତ୍ତନର ବ୍ୟବସ୍ଥା ମଧ୍ୟ କରାଯିବ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟକ୍ତିମାନେ ପଞ୍ଜିକରଣ କରିନିଅନ୍ତୁ। ଉକ୍ତ ସମୟ ପରେ ପଞ୍ଜୀକରଣ କରାଯିବ ନାହିଁ। ସେହିଭଳି କରୋନା ପୂର୍ବ ବର୍ଷ ଜିଲା ପ୍ରଶାସନ ସଫଳ ଭାବେ ଏହି ଯୋଜନାକୁ ପରିଚାଳିତ କରିଥିଲା। କରୋନା ଆଶଙ୍କା ହଟିଯାଇଥିବା ହେତୁ ଚଳିତବର୍ଷ ଅଧିକ ହବିଷିଆଳି ପୁରୀ ଆସିବା ନେଇ ଜିଲା ପ୍ରଶାସନ ଆକଳନ କରୁଛି। ହବିଷିଆଳି କୋଠାରେ ଯଥେଷ୍ଟ ପରିମାଣର ହବିଷିଆଳି ରହିବା ନେଇ ବ୍ୟବସ୍ଥା ହୋଇଛି। ଆବଶ୍ୟକ ପଡ଼ିଲେ ଅତିରିକ୍ତ ରହଣି ବ୍ୟବସ୍ଥା ମଧ୍ୟ କରିବୁ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

# ‘ଭାରତ-କ୍ୟୁବା ମଧ୍ୟରେ ୫୦ ବର୍ଷର ସମ୍ପର୍କ ରହିଛି’



ସମ୍ମିଳନୀରେ ଉପସ୍ଥିତ କ୍ୟୁବା ରାଷ୍ଟ୍ରଦୂତ ଆଲେଜେଣ୍ଡ୍ରୋ ସିମୋନ୍ କିସ୍ ମେରିନ୍ ଓ ଅନ୍ୟ ଅତିଥି।

**ସିପିଆଇ ରାଜ୍ୟ ସମ୍ମିଳନୀରେ କ୍ୟୁବାର ରାଷ୍ଟ୍ରଦୂତ**

ପୁରୀ ଅଫିସ,୧୦।୯:

କ୍ୟୁବା ଗଣରାଜ୍ୟର ଭାରତସ୍ଥିତ ରାଷ୍ଟ୍ରଦୂତ ଆଲେଜେଣ୍ଡ୍ରୋ ସିମୋନ୍ କିସ୍ ମେରିନ୍ ସିପିଆଇ ରାଜ୍ୟ ସମ୍ମିଳନୀରେ ଯୋଗଦେବା ପାଇଁ ପୁରୀରେ ପହଞ୍ଚିଛନ୍ତି। ସିପିଆଇର ୨୩ତମ ରାଜ୍ୟ ସମ୍ମିଳନୀକୁ ସେ ଶୁଭେଚ୍ଛା ଜଣାଇଛନ୍ତି। ସିପିଆଇର ଅନୁଷ୍ଠିତ ଏହି ରାଜ୍ୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କ୍ୟୁବା ରାଷ୍ଟ୍ରଦୂତ ଆଲେଜେଣ୍ଡ୍ରୋ ଯୋଗଦେଇ ସିପିଆଇର ନୀତି ଓ ଆଦର୍ଶ ଉପରେ ବିସ୍ତୃତରେ ଆଲୋଚନା କରିଥିଲେ। ଭାରତ ପରିପ୍ରେକ୍ଷୀରେ ସିପିଆଇ କିଭଳି ଏକ ସ୍ୱତନ୍ତ୍ର ବିକଳ୍ପ ହୋଇପାରିବ ସେସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଆଲେଜେଣ୍ଡ୍ରୋ କହିଛନ୍ତି, ଭାରତ ଓ କ୍ୟୁବାର ମୈତ୍ରୀ ଦୀର୍ଘକାଳର। କ୍ୟୁବାର ମହାନାୟକ ଫିଡେଲ୍ କାଷ୍ଟ୍ରୋ ଭାରତ ସାମ୍ରାଜ୍ୟବାଦ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ନେଇଛନ୍ତି। କ୍ୟୁବାର ସଙ୍କଟ ସମୟରେ ଭାରତର ସହଯୋଗକୁ କ୍ୟୁବାର ଜନସାଧାରଣ କେବେ ହେଲେ ଭୁଲିବେ ନାହିଁ। ୧୯୭୩ରେ କମ୍ରେଡ୍ ଫିଡେଲ୍ କାଷ୍ଟ୍ରୋ ଓ ୧୯୫୯ରେ ମହାନ ସଂଗ୍ରାମୀ ଚେ-ଗୋ-ଭେରାଙ୍କ ଭାରତ ଆଗମନ ଓ କ୍ୟୁବା ଏବଂ ଭାରତର ମୈତ୍ରୀର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଶେଷ ସ୍ମୃତି ସମାରୋହ ପାଳନ କରାଯିବ। ଏହା ଉଭୟ ଦେଶ ମଧ୍ୟରେ ମୈତ୍ରୀ ଓ ଭାଇଚାରାଙ୍କୁ ଅଧିକ ସୁଦୃଢ଼ କରିବ। କ୍ୟୁବାର ରାଷ୍ଟ୍ରଦୂତଙ୍କୁ ସିପିଆଇ ରାଜ୍ୟ ସମ୍ମିଳନୀର ପ୍ରତିନିଧିମାନେ ସମ୍ବର୍ଦ୍ଧିତ କରିଥିଲେ। ସିପିଆଇର ଜାତୀୟ ସମ୍ପାଦକ ପଲ୍ଲବ ସେନଗୁପ୍ତା ସ୍ୱାଗତ ଭାଷଣ ଦେଇଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନନୁଗୋ ଓ ଅନ୍ୟ ନେତୃବୃନ୍ଦମାନେ ଅତିଥିଙ୍କୁ ଉପଢୌକନ ଓ ଉପହାର ଦେଇ ସ୍ୱାଗତ ଜଣାଇଥିଲେ। ଭାରତ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂସଦର ସାଧାରଣ ସମ୍ପାଦକ ବିଜୟ ପଢ଼ିହାରୀ, ସିପିଆଇ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଇନ୍ଦୁପୂର୍ଣ୍ଣିମା ଅବସରରେ ସିଂହଦ୍ୱାର ନିକଟରେ ଦୋଳ ଗୋବିନ୍ଦଙ୍କ ସମ୍ମୁଖରେ ଇନ୍ଦ୍ରଙ୍କ ଐରାବତ ହାତୀ ନୀତି ସମ୍ପନ୍ନ କରାଯାଉଛି।

# ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ

ପୁରୀ ଅଫିସ,୧୦।୯

ଶ୍ରୀମନ୍ଦିରରେ ଭାଦ୍ରବ ପୂର୍ଣ୍ଣିମା ତିଥି ଶନିବାର ଅବସରରେ ଇନ୍ଦୁ ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ଏହି ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇଥିଲା। ପରେ ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହସ୍ତରେ ବିଜେ କରାଇ ରତ୍ନସିଂହାସନକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରି ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ମହାଜନ ସେବକମାନେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳି ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାର୍ଶ୍ୱରେ ରଖିଥିଲେ। ସେଠାରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବରୁ ଐରାବତ ହସ୍ତୀ ସହ ଦେବରାଜ ଇନ୍ଦ୍ର ରହିଥିଲେ। ଶୀତଳ ଭୋଗ ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତୀ ହସ୍ତୀ ଉପରେ ଇନ୍ଦ୍ର ଏବଂ ମାହୁନ୍ତ ବେଶରେ ଦୁଇଜଣ ବ୍ୟକ୍ତି ବସି ସିଂହଦ୍ୱାର ନିକଟକୁ ନୀତି ସମ୍ପାଦନ ପାଇଁ ଆସିଥିଲେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଭାଗବତ ଜନ୍ମ ପାଳିତ

ପୁରୀ ଅଫସ,୧୦।୯

ଇନ୍ଦୁପୂର୍ଣ୍ଣିମା ଓ ଭାଗବତ ଜନ୍ମ ଉପଲକ୍ଷେ ସହର ଏବଂ ସହର ନିକଟସ୍ଥ ଗ୍ରାମରେ ଥିବା ଭାଗବତ ଟୁଙ୍ଗିରେ ଶନିବାର ଭାଗବତ ଜନ୍ମ ଅନୁଷ୍ଠିତ ହୋଇଛି। ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ପ୍ରତିଦିନ ଧୂପ ସମୟରେ ପୁରାଣ ପଣ୍ଡା ଭାଗବତ ପାଠ କରିଥାନ୍ତି। ସେଥିପାଇଁ ବେହେରଣ ଦ୍ୱାର ନିକଟରେ ଏକ ଭାଗବତ ଟୁଙ୍ଗୀ ବା ମନ୍ଦିର ରହିଛି। ସହରର ବଡ ଓଡ଼ିଆ ମଠ ଓ ସାନ ଓଡ଼ିଆ ମଠ, ସାତଲହଡି ମଠ, ଜଗନ୍ନାଥ ବଲ୍ଲଭ ମଠ ଏବଂ ବିଭିନ୍ନ ମଠ ମନ୍ଦିର ସହିତ ସହର ତଳି ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମର କୋଠ ଦ୍ୱାରା ପୂଜା ପାଉଥିବା ଭାଗବତ ଟୁଙ୍ଗିଘରେ ଭାଗବତ ଜନ୍ମ ପାଳନ କରାଯାଇଛି। ପ୍ରତ୍ୟେକ ଦିନ ଭାଗବତ ପାଠ କରାଯାଉଥିବା ମଠ, ଆଶ୍ରମ ତଥା ଗୃହସ୍ଥିଙ୍କ ଘରେ ଭାଗବତ ପଢା ଅନୁଷ୍ଠିତ ହୋଇଛି। ସେଥିପାଇଁ ଓଡ଼ିଆ ଭାଗବତ ସହିତ ଜଡିତ ଥିବା ଆଶ୍ରମ ଓ ମଠରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ଓ ଭୋଗ କରାଯାଇଛି। ଗାଁରେ ଭାଗବତ ଗୋସାଇଁଙ୍କୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଅର୍ପଣ କରାଯାଇ ବଣ୍ଟନ କରାଯାଇଛି।

# ନନ୍ଦନକାନନ ସ୍ଥିତି ପରଖିଲେ କେନ୍ଦ୍ରମନ୍ତ୍ରୀ

ବାରଙ୍ଗ,୧୦।୯(ଡି.ଏନ୍.ଏ.)


କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ନନ୍ଦନକାନନ ପରିଦର୍ଶନ କରୁଛନ୍ତି।

କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର ଅପରାହ୍ନ ସାଢେ ୪ଟାରେ ନନ୍ଦନକାନନ ପରିଦର୍ଶନ କରି ଫେରିଛନ୍ତି। କେନ୍ଦ୍ରମନ୍ତ୍ରୀ ବିଭିନ୍ନ ଏନକ୍ଲୋଜରରେ ଥିବା ଜୀବଜନ୍ତୁଙ୍କୁ ଦେଖିବା ସହ ବିଭିନ୍ନ କାର୍ଯ୍ୟର ସ୍ଥିତି ପରିଖିଲେ। ଏହାପରେ କର୍ତ୍ତୃପକ୍ଷଙ୍କ ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ମଧ୍ୟ କରିଥିଲେ। ମନ୍ତ୍ରୀଙ୍କ ସହିତ କେନ୍ଦ୍ରୀୟ ଚିଡ଼ିଆଖାନା ସଚିବ, ନନ୍ଦନକାନନ ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ ସମେତ ରେଞ୍ଜି ଅଫିସରମାନେ ଉପସ୍ଥିତ ଥିଲେ। ଲଘୁଚାପ ବର୍ଷା ସତ୍ତ୍ୱେ ପ୍ରାଣୀ ଉଦ୍ୟାନର ବାଘ, ଭାଲୁ, ବିଲୁଆ, ପାଦଚଲା ବିହଙ୍ଗ ସାରଣୀ, ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର ଆଦି ବୁଲି ଜୀବଜନ୍ତୁଙ୍କ ସୁରକ୍ଷା, ଚିକିତ୍ସା, ଏନକ୍ଲୋଜରର ନିର୍ମାଣ ଶୈଳୀ ଆଦି ପରଖିଥିଲେ। ଆଗାମୀ ଦିନରେ ନନ୍ଦନକାନନ ବିଶ୍ୱପ୍ରସିଦ୍ଧ ହୋଇପାରିବ ସେ ଦିଗରେ ସମସ୍ତ ପ୍ରକାରର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏଥିସହ କେନ୍ଦ୍ରୀୟ ଚିଡ଼ିଆଖାନା ସହ ଖୁବଶୀଘ୍ର ଆଲୋଚନା କରାଯାଇ ଗଣ୍ଡା ସହ ବିରଳ ଜୀବଜନ୍ତୁ ଏଠାକୁ ଆଣିବା ପାଇଁ ଚେଷ୍ଟା କରାଯାଉଛି ଏବଂ ନନ୍ଦନ କାନନ କିଭଳି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇ ଏହାର ପ୍ରଭାବ କିପରି ପ୍ରାକୃତିକ ପରିବେଶ ଉପରେ ନ ପଡ଼ିବ ସେଥିପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ।

# ସାହାଯ୍ୟର ପ୍ରତିଶ୍ରୁତି ଦେଲେ ଉପାଧ୍ୟକ୍ଷ, ସରପଞ୍ଚ

**୩ ହଜାର ୧୨୩ ହେକ୍ଟର ଚାଷଜମି ନଷ୍ଟ**

ଗୋପ,୧୦।୯(ଡି.ଏନ୍.ଏ.):

ଚଳିତ ପ୍ରଳୟଙ୍କରୀ ବନ୍ୟା ଗୋପ ବ୍ଲକ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବନ୍ୟା ଛାଡିବା ପରେ ମଧ୍ୟ ୨ ହଜାରରୁ ଊର୍ଦ୍ଧ୍ୱ ଚାଷଜମି ପଡିଆ ପଡିଛି। ଏହି ସମୟରେ ବ୍ଲକର ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଚାଷୀଙ୍କୁ ସପ୍ତାହେ ମଧ୍ୟରେ ଛୋଟ ଧାନ ତଳି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

କୁଶଭଦ୍ରା ନଦୀରେ ବନ୍ୟା ଫଳରେ ୩୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇ ଗୋପର କେତେକ ପଞ୍ଚାୟତରେ ବନ୍ୟାଜଳ ପଶିଥିଲା। ୧୦ ପଞ୍ଚାୟତର ୪୧ ଗାଁର ୨୯ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇଥିଲେ। ସପ୍ତାହ ପରେ ଲୋକେ ବନ୍ୟାଜଳରୁ ମୁକ୍ତି ପାଇଛନ୍ତି। କିନ୍ତୁ ୧୦ରୁ ଊର୍ଦ୍ଧ୍ୱ ଦିନ ଧରି ବନ୍ୟାଜଳ ଚାଷଜମିରେ ରହିବାରୁ ହଜାର ହେକ୍ଟର ଚାଷଜମିରେ ତଳି ସବୁ ଶଢ଼ିପଚି ଯାଇଥିଲା। ବନ୍ୟା ପରେ ଗୋପ ବ୍ଲକ, ତହସିଲ ଅଫିସ ଓ କୃଷି ବିଭାଗ ସହିତ ଉଦ୍ୟାନ ବିଭାଗ କର୍ମଚାରୀମାନେ ଚାଷଜମିର କ୍ଷୟକ୍ଷତି ଆକଳନ କରିଥିଲେ। ବ୍ଲକର ୧୧ ପଞ୍ଚାୟତର ୫୨ ଗାଁର ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ୩ ହଜାର ୧୨୩ ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ସରକାରୀ ଆକଳନ ରିପୋର୍ଟରୁ ଜଣାପଡିଥିଲା। ହେଲେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଏପର୍ଯ୍ୟନ୍ତ କୌଣସି ସହାୟତା ଦିଆଯାଇ ନ ଥିବା ଜଣାପଡିଛି। ଚାଷୀଙ୍କୁ ବାହାରୁ ଚଢା ଦରରେ ତଳି କିଣିବାକୁ ପଡୁଛି। ଏହି ସମୟରେ ବ୍ଲକର ଉପାଧ୍ୟକ୍ଷ ପଟ୍ଟନାୟକ ଚାଷୀଙ୍କୁ ସାହାଯ୍ୟ କରିବାକୁ କହିଛନ୍ତି। ସେ ବିହନ ବୁଣି ସପ୍ତାହକ ମଧ୍ୟରେ ତଳେ ହେଲେ ସେହି ତଳିକୁ ଚାଷୀଙ୍କୁ ପ୍ରଦାନ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅଣ୍ଡରା-ଇଚ୍ଛାପୁର ସରପଞ୍ଚ ମୀନା କୁମାରୀ ମହାନ୍ତି ଅନୁରୂପ ଭାବେ ଚାଷୀଙ୍କୁ ସହାୟତା ପ୍ରଦାନ କରିବେ ବୋଲି ଜଣାପଡିଛି। ଅନ୍ୟପଟେ ବନ୍ୟା ପ୍ରଭାବିତ ଅଞ୍ଚଳର କେତେକ ସ୍ଥାନରେ ଉପାଧ୍ୟକ୍ଷ ପଟ୍ଟନାୟକ ଏବଂ ସରପଞ୍ଚ ମହାନ୍ତି ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ବିପନ୍ନଙ୍କୁ ରନ୍ଧା ଖାଦ୍ୟ, ସ୍ୱାସ୍ଥ୍ୟସେବା ପହଞ୍ଚାଉଛନ୍ତି। ସରକାର ତୁରନ୍ତ ଚାଷଜମି ହରାଇଥିବା ଚାଷୀ ଓ ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ଦାବି କରିଛନ୍ତି।


ସହାୟତା ମିଳି ନ ଥିବାରୁ ବାହାରୁ ଅଣାଯାଇଥିବା ତଳି।

# ସ୍କୁଲ, କଲେଜ ଛାତ୍ରୀଛାତ୍ର ନେବେ ଫାଷ୍ଟଏଡ୍ ତାଲିମ

ପୁରୀ ଅଫିସ,୧୦।୯

ପୁରୀ ଜିଲାରେ ସମସ୍ତ ସ୍କୁଲ-କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ତାଲିମ୍ ପ୍ରଦାନ କରାଯିବା ସହ ପୁରୀରେ ସେଣ୍ଟ ଜନ ଆମ୍ବୁଲାନ୍ସ ଜୁନିଅର ଡିଭିଜନ ଆରମ୍ଭ କରାଯିବ ବୋଲି ଶନିବାର ବିଶ୍ୱ ଫାଷ୍ଟଏଡ୍ ଦିବସରେ ପୁରୀ ଜିଲା ସେଣ୍ଟଜନ ଆମ୍ବୁଲାନ୍ସ ପକ୍ଷରୁ ଘୋଷଣା କରାଯାଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଉପଦେଷ୍ଟା ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପଜିଲାପାଳ ଭବତାରଣ ସାହୁ, ପୁରୀ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଣବ ରଞ୍ଜନ ଦାସ, ଡ. ଅଭିମନ୍ୟୁ ଭୂୟାଁ, ଚକ୍ରଧର ମହାପାତ୍ର, ଡା. ଦେବ ଦାସ, ଡା.ପବିତ୍ର ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱର ତାଲିମ ଅଧିକାରୀ ମନୋଜ ମୁଖାର୍ଜୀ, ଡା. ପ୍ରଭାତ ଦାସ, ଜାତୀୟ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ମଧୁମିତା ମହାପାତ୍ର, ଜୟନ୍ତୀ ମହାପାତ୍ର ଓ ଡା. ପବିତ୍ର ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟର ୧୧, ବିଶ୍ୱମ୍ଭର ବିଦ୍ୟାପୀଠର ୧୬, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୧, ଜିଲା ସ୍କୁଲର ୧୧ ଓ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ୧୨ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତି, ଶୋଭାମଣି ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, ସାଗରିକା ରଥ, ଶ୍ୟାମପ୍ରକାଶ ସେନାପତି, ଚନ୍ଦନ ନାୟକ, ସୁଶୀଲ ସାହୁ, ଲାଲା ଅନନ୍ତ ସିଂହ, କେଦାରନାଥ ମହାପାତ୍ର, ଶକ୍ତିପ୍ରସାଦ ଦାସ, ସୁଶୀଲ ସାହୁ, ଚିତ୍ତରଞ୍ଜନ ମହାନ୍ତି, ନିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ନଭେମ୍ବରରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ଗୃହିଣୀଙ୍କ ପାଇଁ ତାଲିମ ବ୍ୟବସ୍ଥା କରାଯିବ ବୋଲି ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ଏହି ଅବସରରେ ସୂଚନା ଦେଇଛନ୍ତି।


ପ୍ରାଥମିକ ଚିକିତ୍ସା ଉପରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି।

# ଭକ୍ତିଭାବ ବଞ୍ଚାଇ ରଖିଛି ଭାଗବତ ଟୁଙ୍ଗି

**ବିଶ୍ୱନାଥପୁରରେ ଭାଗବତ ଟୁଙ୍ଗି ଆରମ୍ଭ**

ସାକ୍ଷୀଗୋପାଳ, ୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)

ଭାଦ୍ରବ ପୂର୍ଣ୍ଣିମା ଭାଗବତ ଜନ୍ମ ଅବସରରେ ସତ୍ୟବାଦୀ ସେବା ଟ୍ରଷ୍ଟ ସାକ୍ଷୀଗୋପାଳ ତରଫରୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତର ନୂଆସାହିରେ ଥିବା ପୁରାତନ ବାସୁଦେବ ଭାଗବତ ଟୁଙ୍ଗିକୁ ଆନୁଷ୍ଠାନିକ ଭାବେ ଶନିବାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରଥମେ ବିଶ୍ୱନାଥପୁର ଗ୍ରାମର ଶ୍ରୀଗୋପୀନାଥ ଦେବଙ୍କ ମନ୍ଦିର ପାର୍ଶ୍ୱରେ ତୁଳସୀ ଚାରା ରୋପଣ କରାଯାଇଥିଲା। ସନ୍ଧ୍ୟାରେ ଗାଦିବ୍ରହ୍ମ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଭାଗବତ ଟୁଙ୍ଗି ଘର ପରିସରରେ ନାମ ସଂକୀର୍ତ୍ତନ କରିଥିଲେ। ପରେ ଆଧ୍ୟାତ୍ମିକ ସଭା କାର୍ଯ୍ୟ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉମାବଲ୍ଲଭ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲା ବେଳେ ଅନୁଷ୍ଠାନର ରାମଶଙ୍କର ନନ୍ଦ, ସୁଦର୍ଶନ ପ୍ରଧାନ, ପ୍ରଦୀପ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭାଗବତ ଚିନ୍ତନ ବିଷୟରେ ଆଲୋଚନା କରିଥିଲେ। ଭକ୍ତି ଭାବକୁ ବଞ୍ଚାଇ ରଖିଛି ଭାଗବତ। ଓଡ଼ିଆ ଭାଗବତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନର ବାର୍ତ୍ତାବହ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସମସ୍ତ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ଦେଉଥିଲେ ମଧ୍ୟ ଏହାର ପ୍ରକୃତ କାର୍ଯ୍ୟକାରିତା ଓ ଭାଗବତ ପଠନର ପରମ୍ପରା ବାସ୍ତବ କ୍ଷେତ୍ରରେ ସଫଳ ରୂପାୟନ ହୋଇପାରିନାହିଁ। ସେଥିପାଇଁ ଟ୍ରଷ୍ଟର ମାର୍ଗ ଦର୍ଶକ ତଥା ଏସ୍ବିର ପୂର୍ବତନ ଅଧ୍ୟକ୍ଷ ଡ.ଅଶୋକ ମହାପାତ୍ର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ସତ୍ୟବାଦୀ ସେବା ଟ୍ରଷ୍ଟ ଆଗକୁ ସମସ୍ତ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟ୍ରଷ୍ଟ ସମ୍ପାଦକ ଆଇନଜୀବୀ ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନବଘନ ଶତପଥୀ, ସନ୍ତୋଷ ବେହେରା, ନୀଳକଣ୍ଠ ବାରିକ, ଚିକିନା ମିଶ୍ର, ପ୍ରଶାନ୍ତ ନାୟକ, ରିତା ତ୍ରିପାଠୀ, ଉପେନ୍ଦ୍ର ବିଶ୍ୱାଳ ଓ ସରପଞ୍ଚ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଅନ୍ୟପଟେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ହରଚଣ୍ଡୀପୁରସ୍ଥିତ ପତିତପାବନ ଦେବ ଓ ଭଗବତ ବାସୁଦେବଙ୍କ ମନ୍ଦିରରେ ଭାଗବତ ଜନ୍ମ ପାଳନ କରାଯାଇଛି।



ସତ୍ୟବାଦୀ ସେବା ଟ୍ରଷ୍ଟ ପକ୍ଷରୁ ନୂଆସାହିରେ ଭାଗବତ ଟୁଙ୍ଗିକୁ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ୧୦୪ କେଜି ଗଞ୍ଜେଇ ଜବତ, ୪ ଗିରଫ

କଟକ ଅଫିସ,୧୦।୯: ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଶନିବାର ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକ ନିକଟରେ ଚଢ଼ାଉ କରାଯାଇ ୧୦୪ କେଜି ଗଞ୍ଜେଇ ଓ ଏକ ବୋଲେରୋ ଜବତ କରାଯାଇଛି। ଏହି ଘଟଣାରେ ବିହାରର ବକ୍ସର ଥାନା ଅନ୍ତର୍ଗତ ମହାଦାହର ଚନ୍ଦନ କୁମାର ଯାଦବ, ଦୀପକ ମଲି, ଇନ୍ଦଲ କୁମାର ଓ ଚନ୍ଦ୍ରକାନ୍ତ ପାଠକଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତମାନେ ଉକ୍ତ ବୋଲେରୋରେ ବ୍ରହ୍ମପୁରରୁ ବିହାରକୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ଅବକାରୀ ଟିମ୍ ହାତରେ ଧରାପଡିଥିଲେ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି।

### କଖଡ଼ି ହାଇସ୍କୁଲରେ ପରିବେଶ ମେଳା

ଚୌଦ୍ୱାର, ୧୦।୯(ଡି.ଏନ୍.ଏ.)- କଖଡ଼ି ନୋଡାଲ ହାଇସ୍କୁଲର ଇକୋ କ୍ଲବ୍ ଓ ଭୁବନେଶ୍ୱର ପରିବେଶ ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ହାଇସ୍କୁଲ ପରିସରରେ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଣଜିତ୍ ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁରକ୍ଷା ଅଭିଯାନର ସଭାପତି ଡ. ପ୍ରଦୀପ କୁମାର ରଥ, ଡ. ନାରାୟଣ ତ୍ରିପାଠୀ, ଗୋପୀ କଲ୍ୟାଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦଇ ପରିବେଶ ସୁରକ୍ଷା ଓ ଚାରା ରୋପଣ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଏହି ଉପଲକ୍ଷେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶିବ ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ ଓ ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ। ଅତିଥି ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ସୁକାନ୍ତ ନାୟକ, ପ୍ରଶାନ୍ତ ରାଉତ, ଶ୍ରୀବତ୍ସ ପାଣି, କୈଳାସ ଦାସ, ସୁଜାତା ସାହୁ, ଇପ୍‌ସିତା ସାହୁ, ରଶ୍ମିତା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଘର ସମ୍ମୁଖରୁ ଅଟୋ ଚୋରି

ଚୌଦ୍ୱାର, ୧୦।୯(ଡି.ଏନ୍.ଏ.)- ଚୌଦ୍ୱାର ଥାନା ଅଧୀନ ସାନଚୋଙ୍ଖୋ ଗ୍ରାମର ମିହିର ପରିଡାଙ୍କ ଘର ସମ୍ମୁଖରୁ ଶୁକ୍ରବାର ବିଳମ୍ବିତ ରାତିରେ ଅଟୋ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେ ତାଙ୍କ ଅଟୋ(ନଂ. ଓଆର୍୦୫ଏଟି-୧୯୭୮)କୁ ଘର ସମ୍ମୁଖରେ ରଖି ଶୋଇଥିଲେ। ରାତି ପ୍ରାୟ ୩ଟାରେ ଉଠି ବାହାରକୁ ଆସିବା ପରେ ଅଟୋ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

### ଭାଗବତ ଜନ୍ମ ଉତ୍ସବ

କଟକ ଅଫିସ,୧୦।୯- ଅଲିଶା ବଜାରସ୍ଥିତ ପତିତପାବନ ମନ୍ଦିର ପରିସରରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜକ ରାଜୀବ ଲୋଚନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ରବୀନ୍ଦ୍ର କୁମାର ପରିଡା ଓ ସନ୍ଧ୍ୟାରାଣୀ ପରିଡ଼ା କର୍ତ୍ତାଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ସଭାପତି ପରମାନନ୍ଦ ସାହୁ, ଉପଦେଷ୍ଟା ଶିବେନ୍ଦ୍ର ସାହୁ, ବୈରାଗୀ ଚରଣ ସାହୁ, ରବି ବେହେରା, ବୁଲା ବେହେରା, ପୂର୍ବତନ ଜିଲା ଜଜ୍ ଅଜୟ କୁମାର ଦେ, ଗୋବିନ୍ଦ ଚନ୍ଦ୍ର ବେହେରା, ରଞ୍ଜନ ପରିଡ଼ା, ମଞ୍ଜୁଲତା ବେହେରା, ପ୍ରେମଲତା ପରିଡ଼ା ଉପସ୍ଥିତ ଥିଲେ।

### ଆମ୍ ଆଦ୍‌ମୀ ପାର୍ଟିର ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ

କଟକ ଅଫିସ,୧୦।୯

କଟକ ଟାଉନ୍ ହଲ୍‌ରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ଦୁର୍ବଳ ଶିକ୍ଷା, ସ୍ୱାସ୍ଥ୍ୟସେବା ସାଙ୍ଗକୁ ମାତ୍ରାଧିକ ବିଜୁଳି ବିଲ୍ ସାଧାରଣ ଲୋକଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ସଦୃଶ ହୋଇଛି ବୋଲି ବକ୍ତାମାନେ କହିଛନ୍ତି। ଓଡ଼ିଶାରେ ଦିଲ୍ଲୀ ମଡେଲ୍ ଆଣିବା ପାଇଁ ଆମ୍ ଆଦ୍‌ମୀ ପାର୍ଟି ଉଦ୍ୟମ ଅବ୍ୟାହତ ରଖିବ ବୋଲି ଦଳୀୟ କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ଜିଲା ଆବାହକ ଦୁର୍ଗା ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜିଲାର ୧୪ଟି ବ୍ଲକ ଓ କଟକ ମହାନଗର ସଭାପତିମାନେ ଯୋଗଦେଇଥିଲେ। ପର୍ଯ୍ୟବେକ୍ଷକ ଭାବରେ ରାଜ୍ୟ ସମ୍ପାଦକ ସୌମ୍ୟରଞ୍ଜନ ସ୍ୱାଇଁ ଓ ରାଜ୍ୟ ପ୍ରବକ୍ତା ଡା ଅଜୟ କୁମାର ପତି ଯୋଗଦେଇଥିଲେ। ଜିଲା ସମ୍ପାଦକ ଅମିତ୍ ମହାପାତ୍ର, ଯୁବ ସଭାପତି ଆଶୁତୋଷ ପରିଡା, ନଗର ସଭାପତି ସନ୍ତୋଷ ବେହେରା, ନଗର ସମ୍ପାଦକ ସବ୍ୟସାଚୀ ମହାନ୍ତି, ମହିଳା ମୋର୍ଚ୍ଚା ସଭାପତି ଡଲି ଜେନା ଓ ନଗର ଯୁବ ସମ୍ପାଦକ ଅଭିଷେକ ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ପ୍ରସିଦ୍ଧି ଅପେକ୍ଷାରେ 'ଅନ୍ନପୂର୍ଣ୍ଣା ଥିଏଟର'

କଟକ ଅଫିସ, ୧୦।୯






ମଞ୍ଚନାଟକ ତଥା କଳାକାର ଓ ସଂସ୍କୃତିର ଉତ୍ପତ୍ତି ସ୍ଥଳର ଅନ୍ୟନାମ ହେଉଛି ଅନ୍ନପୂର୍ଣ୍ଣା ଥିଏଟର। କଟକସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ୧୯୩୮ରେ ପ୍ରତିଷ୍ଠା ହୋଇଥିଲା। ବହୁ କଳାକାରଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ଏହି ଥିଏଟର। ରଙ୍ଗୀନ ପରଦାରେ ଆଜି ନିଜର କଳାର ଯାଦୁକରି ସାହାଯ୍ୟରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ସତୁରି ଭାଗ କଳାକାରଙ୍କ କଳାଜୀବନ ଅନ୍ନପୂର୍ଣ୍ଣା ଥିଏଟରରୁ ଆରମ୍ଭ। ହେଲେ ଏହା ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇ ନିଜର ପରିଚୟ ହରାଇବାକୁ ବସିଲାଣି।

୧୯୩୩ରେ ଜମିଦାର ସୋମନାଥ ଦାସ ନାଟ ମଣ୍ଡଳୀ ଆରମ୍ଭ କରିଥିଲେ। ପରେ ୧୯୩୮ରେ ଏହା ଅନ୍ନପୂର୍ଣ୍ଣା ଥିଏଟର ଭାବେ ପରିଚିତ ହୋଇଥିଲା। ହେଲେ କିଛି ବର୍ଷ ମଧ୍ୟରେ ଏହାର ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ପୁରୀଠାରେ ଅନ୍ନପୂର୍ଣ୍ଣା ଥିଏଟର ହୋଇଥିବା ବେଳେ ଅନ୍ନପୂର୍ଣ୍ଣା ବି କଟକ ତିନିକୋଣିଆ ବଜାର ନିକଟରେ ସ୍ଥାପିତ ହୋଇଥିଲା। ରାମଚନ୍ଦ୍ର ମିଶ୍ରଙ୍କ ଲିଖିତ 'ମ୍ୟାନେଜର' ନାଟକ ଏଠାରେ ପ୍ରଥମଥର ପାଇଁ ପରିବେଷିତ ହୋଇଥିଲା। ପରବର୍ତ୍ତୀ ସମୟରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଏହି ଥିଏଟର ଅନେକ ଘାତ ପ୍ରତିଘାତ ଦେଇ ଧାରାବାହିକ ଦୁନିଆ ସହ ଟକ୍କର ଦେଇ ଆଗକୁ ବଢ଼ିବାକୁ ପ୍ରୟାସ ଜାରି ରଖିବା ସହ କଟକର ସାଂସ୍କୃତିକ ସ୍ୱାଭିମାନକୁ ବଞ୍ଚାଇ ରଖିଛି। ସରକାରୀ ପ୍ରୋତ୍ସାହନ ଅଭାବରୁ ଏଠାରେ ଥିବା ଜନତା ରଙ୍ଗମଞ୍ଚ, କଳାଶ୍ରୀ ଥିଏଟର ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାବେଳେ ଅନ୍ନପୂର୍ଣ୍ଣା ଥିଏଟର ବନ୍ଦ ହେବା ପୂର୍ବରୁ ସରକାର ଦୃଷ୍ଟି ଦେଇ ନିଜ ଅଧୀନକୁ ନେବା ଲାଗି ସାଧାରଣରେ ଦାବି ଉଠିଛି। ମଞ୍ଚ ନାଟକର ଭିତ୍ତିଭୂମି ଥିବାରୁ ଏହି ରଙ୍ଗମଞ୍ଚରୁ ଜୟୀରାମ ସାମଲ, ହରିଶ ମହାନ୍ତି, ଲିଳା ଦୁଲାରୀ, ହର ପଟ୍ଟନାୟକ, ନମ୍ରତା ଦାସ, ତୃପ୍ତି ସିହ୍ନା, ପ୍ରଦ୍ୟୁମ୍ନ ଲେଙ୍କା ଭଳି ଭେଟେରାନ କଳାକାର ସୃଷ୍ଟି ହୋଇଛନ୍ତି। ଏବେ ପ୍ରୋତ୍ସାହନ ଅଭାବରୁ ଭିତ୍ତିଭୂମି ନ ଥିଲେ ମଧ୍ୟ ମାସକୁ ଗୋଟିଏ ନାଟକ ପରିବେଷଣ କରାଯାଉଛି, ଯାହାକି କେତେକ ବ୍ୟକ୍ତିଙ୍କ ସାହାଯ୍ୟ ସହାନୁଭୂତି ଏବଂ ଅନ୍ତେବାସୀଙ୍କ କଷ୍ଟଲବ୍ଧ ଅର୍ଥ ରାଶିରୁ। ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ 'ନାଟକ ଦେଖନ୍ତୁ ମଞ୍ଚ ବଞ୍ଚାନ୍ତୁ' ଅଭିଯାନ ଆରମ୍ଭ ହୋଇଥିଲା। ଆଜି ବି ମାସକୁ ଥରେ ଏହି ରଙ୍ଗ ମଞ୍ଚରେ ପ୍ରତ୍ୟେକ ମାସ ୨୯ ତାରିଖରେ ନାଟକ ପରିବେଷଣ ହେଉଛି। ଧାରାବାହିକ ହେଉ କି ଚଳଚ୍ଚିତ୍ର ଦୁନିଆରେ ପାଦ ଦେଉଥିବା କଳାକାର ଯଦି ମଞ୍ଚନାଟକ ପ୍ରାଥମିକ କଳା ଶିକ୍ଷା କରି ଆସନ୍ତି, ତା'ହେଲେ ପରବର୍ତ୍ତୀ ସମୟରେ ଅସୁବିଧାରେ ପଡ଼ି ନ ଥାନ୍ତି ବୋଲି ଅନେକ ପ୍ରଯୋଜକ ମତ ପ୍ରକାଶ କରିବା ସହ ମଞ୍ଚ ନାଟକ ବଞ୍ଚି ରହିବା ଜରୁରୀ ବୋଲି ଦାବି କରିଛନ୍ତି।



"ଅନ୍ନପୂର୍ଣ୍ଣା ଥିଏଟର କଳା ସଂସ୍କୃତିର ଉତ୍ପତ୍ତିସ୍ଥଳ। ଏହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ସାଂସ୍କୃତିକ ପରମ୍ପରାକୁ ଆକର୍ଷଣୀୟ କରେ ନାଟକ, ଡ୍ରାମା। ନାଟକ, ଡ୍ରାମା ଶିକ୍ଷାଲାଭ ପାଇଁ ପ୍ରକୃତ ସ୍ଥାନ ହେଉଛି ଥିଏଟର। କଟକ ଅନ୍ନପୂର୍ଣ୍ଣା ଥିଏଟର ଆଜି ଜରାଜୀର୍ଣ୍ଣ ହୋଇ ଚିର ଅବହେଳିତ କହିଲେ ଅତ୍ୟୁକ୍ତି ହେବନାହିଁ। ଏଣୁ ରାଜ୍ୟ ସରକାର ଏହାକୁ ନିଜ ଅଧୀନକୁ ନେଇ ସରକାରୀସ୍ତରରେ ଏକ କମିଟି ଗଠନ କରି ଥିଏଟର ବଞ୍ଚିରହିବା ପାଇଁ ଧ୍ୟାନ ଦେବା ଆବଶ୍ୟକ।

**– ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା ତଥା ପ୍ରଯୋଜକ**



"ସାମ୍ପ୍ରତିକ ସ୍ଥିତିରେ ନାଟକ ବଞ୍ଚାଇବାକୁ ହେଲେ ନିଜେ ବଞ୍ଚିବା କଷ୍ଟ। ନାଟକ ନ ବଞ୍ଚିଲେ ଧାରାବାହିକ ହେଉ କି ଚଳଚ୍ଚିତ୍ର ପାଇଁ ଉନ୍ନତ ମାନର କଳାକାରଟିଏ ମିଳିବେନି। କଳାପାଇଁ ଉତ୍ସର୍ଗୀକୃତ କଳାକାର ସୃଷ୍ଟି କରିବାରେ ଥିଏଟର ବା ମଞ୍ଚନାଟକର ବଡ଼ ଭୂମିକା ରହିଛି। ଅନ୍ନପୂର୍ଣ୍ଣା ଥିଏଟର ଓଡ଼ିଶାର କଳା, ସଂସ୍କୃତିର ମାଇଲଖୁଣ୍ଟ। ଏଣୁ ଏହାର ସରକାରୀ ଜମି ସମ୍ପର୍କିତ ମାମଲା ଯାହାବି ଅଛି ତାକୁ ସରକାର ସମାଧାନ କରି ସେହି କ୍ୟାମ୍ପସ୍‌ରେ ପାର୍କିଂର ବ୍ୟବସ୍ଥା କରି ଟିକସ ଆଦାୟ କରିବା ସହ ଏକ ନିୟମିତ ଅର୍ଥ ଆୟ ଓ ପ୍ରୋତ୍ସାହନ ବ୍ୟବସ୍ଥା କଲେ ଅନ୍ନପୂର୍ଣ୍ଣା ଥିଏଟର ପୂର୍ବ ପ୍ରସିଦ୍ଧି ଫେରି ପାଇବା ସହ ଆଗାମୀ ପିଢ଼ି କଳାକାର ପାଇଁ ଏକ ଆଦର୍ଶ ପ୍ରଶିକ୍ଷଣ କେନ୍ଦ୍ର ହୋଇପାରିବ।

**– ହରିଶ ମହାନ୍ତି, ସଂଳାପ ଲେଖକ ତଥା ନିର୍ଦ୍ଦେଶକ**



"ରାଜ୍ୟ ସରକାରଙ୍କ ବିନା ପ୍ରୋତ୍ସାହନରେ ୭୯ବର୍ଷ ଧରି ଚାଲିଆସିଛି ଅନ୍ନପୂର୍ଣ୍ଣା ଥିଏଟର। ସ୍ଥାୟୀ ପ୍ରୋତ୍ସାହନ ଅଭାବରୁ ବର୍ତ୍ତମାନ ସ୍ଥିତି ଅନୁଯାୟୀ ମଞ୍ଚ, ଦର୍ଶକ ଗ୍ୟାଲେରି, ବୈଦ୍ୟୁତିକ ସରଞ୍ଜାମ, ସାଉଣ୍ଡ ଉପଲବ୍ଧ ହୋଇପାରୁ ନାହିଁ। ଉନ୍ନତମାନର ନାଟକ ପରିବେଷଣ ପାଇଁଅନ୍ୟର ଆଶ୍ରୟ ନେବାକୁ ପଡୁଛି। ଚିରାଚରିତ ଢଙ୍ଗରେ ମଞ୍ଚ ନାଟକକୁ ବଞ୍ଚାଇବା ଉଦ୍ଦେଶ୍ୟରେ ମାସକୁ ଗୋଟିଏ ନାଟକ ମଞ୍ଚସ୍ଥ ହେଉଛି। ଗୋଟିଏ ନାଟକ ଗୋଟିଏ ଦିନ ପାଇଁ ୩୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏଣୁ ସଂସ୍କୃତି ବିଭାଗ ଏହାକୁ ହାତକୁ ନେଇ ସରକାରୀ ପ୍ରୋତ୍ସାହନ ଯୋଗାଇବାକୁ ଦାବି କରୁଛୁ।

**– ଆଲ୍ଲାଉଦ୍ଦିନ କର, କଳାକାର ତଥା ସମ୍ପାଦକ, ଅନ୍ନପୂର୍ଣ୍ଣା ଥିଏଟର କଟକ**



"ରାଜ୍ୟ ସରକାରଙ୍କୁ ସରକାରୀ ରାଶି ସହାୟତା ପାଇଁ ବାରମ୍ବାର ଦାବି ଜଣାଉଛୁ। ଚଳିତ ଥର ସଂସ୍କୃତି ବିଭାଗ ସହ ଯୋଗାଯୋଗ କରିଛୁ। ଆବଶ୍ୟକ କାଗଜପତ୍ର ଉପସ୍ଥାପନ କରିବାକୁ ଜିଲା ସଂସ୍କୃତି ଅଧିକାରୀ କହିଛନ୍ତି। ବର୍ଷକୁ ୬ଟି ନାଟକ ପରିବେଷଣର ଅନୁମତି ଓ ପ୍ରୋତ୍ସାହନ ଯୋଗାଇବାକୁ ଦାବି କରିଛୁ। ସରକାର ପ୍ରୋତ୍ସାହନ ଯୋଗାଇଦେଲେ ଅନ୍ନପୂର୍ଣ୍ଣା ଥିଏଟର ପୁଣି କଳାକାର ତିଆରି କରିବା ସହ କଟକର ସ୍ୱାଭିମାନ ଆଗକୁ ନେବାରେ ସହାୟକ ହେବ।

**– ପ୍ରଣବ କର, ସଭାପତି, ଅନ୍ନପୂର୍ଣ୍ଣା ଥିଏଟର ପରିଚାଳନା କମିଟି**



"ମୋ ବାପା ଜଳନ୍ଧର ମହାନ୍ତି, ଅନ୍ନପୂର୍ଣ୍ଣା ଥିଏଟରରେ ମଞ୍ଚ ସଜ୍ଜାରେ ନିୟୋଜିତ ଥିଲେ। ଏବେ ସେହି କଳାକୁ ପେସାଭାବେ ଆପଣେଇ ମୁଁ ଶିଖିବା ଆରମ୍ଭ କରିଛି। ମାତ୍ର ଏ ଅନୁଷ୍ଠାନର ଭବିଷ୍ୟତକୁ ନେଇ ସନ୍ଦିହାନ ମନେ ହେଉଛି। ପେସାକୁ ଆପଣେଇ ଆଗକୁ ବଢ଼ିବି ନା ଏଥିରୁ ମୁହଁ ଫେରାଇ ଅନ୍ୟ ବାଟ ଦେଖିବି, ସେ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି।

**– ଜଗନ୍ନାଥ ମହାନ୍ତି, ଯୁବ କଳାକାର**

## ମହାନଦୀରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଚୌଦ୍ୱାର, ୧୦।୯(ଡି.ଏନ୍.ଏ.)

ମହାନଦୀର ନୂଆପାଟଣାସ୍ଥିତ ମଧୁସେତୁ ତଳୁ ଜଣେ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ଶନିବାର ସକାଳେ ଉକ୍ତ ସେତୁ ଉପରେ କେତେଜଣ ଲୋକ ଯାଉଥିବାବେଳେ ତଳେ ଶିଶୁପୁତ୍ରଟି କାନ୍ଦୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଚୌଦ୍ୱାର ପୋଲିସ ସେଠାରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ କଟକ ଶିଶୁଭବନକୁ ନେଇଛି। ସେସଠାରେ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡିଛି। ତେବେ ଶିଶୁଟିକୁ କିଏ ଓ କେଉଁ ପରିସ୍ଥିତିରେ ନଦୀବାଲିରେ ଫିଙ୍ଗି ପଳାଇଯାଇଛି ତାହାର କାରଣ ଜଣାପଡିନାହିଁ। ଏ ନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

**ଯୋବ୍ରା ହାଇସ୍କୁଲରେ ଅଭିଭାବକ ଓ ଶିକ୍ଷକଙ୍କ ବୈଠକ**

କଟକ ଅଫିସ,୧୦।୯

କଟକ ଯୋବ୍ରାସ୍ଥିତ ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୫-ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଗୁଣାତ୍ମକ ଶିକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସିଆର୍‌ସିସି ଭାରତୀ ପଦ୍ମଜା ମହାନ୍ତି ଓ ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା ପରିଷଦର ଅଧକ୍ଷା ମାନସୀ ବେଉରା ଓ ଶୁଭେନ୍ଦୁ ମହାନ୍ତି ଯୋଗଦେଇ ରୂପାନ୍ତରଣ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ, ମନୋଜ ସାହୁ, ତରୁଣ ପ୍ରଧାନ, ପୀତବାସ ବିଦ୍ଧାଣୀ ଓ ଭାରତୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମାଣିକେଶ୍ୱରୀ ଜେନା ଧନ୍ୟବାଦ ଦେଇଥିଲେ।

# ସୃଜନଶୀଳତା ସହ ଅନ୍ତର୍ଦୃଷ୍ଟିର ବିକାଶ ଜରୁରୀ



ହାଇକୋର୍ଟ ପରିଦର୍ଶନରେ ଆସିଥିବା ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ।

କଟକ ଅଫିସ,୧୦।୯

**ହାଇକୋର୍ଟ ବୁଲିଲେ ଡିଏଭି ଛାତ୍ରୀଛାତ୍ର**

ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲର ୨୫ ଜଣ ଛାତ୍ରୀଛାତ୍ର ଶନିବାର ହାଇକୋର୍ଟ ପରିଦର୍ଶନ କରିଛନ୍ତି। ଆଇନଜୀବୀ ସାଗରିକା ସାହୁ ଓ ଶୈଳେନ ଦାସ ସେମାନଙ୍କୁ ଐତିହାସିକ କୋଠାରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଓ ଚ୍ୟାମ୍ବର ବୁଲି ଦେଖାଇଥିଲେ। ଏଥିସହ ନୂତନ କୋଠାରେ ବିଚାରପତିମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠାଗାର ଓ ସମ୍ମିଳନୀ କକ୍ଷକୁ ସେମାନେ ଦେଖିଥିଲେ। ବିଚାରପତିଙ୍କ ଶପଥ ଗ୍ରହଣ ଓ ବିଚାରପ୍ରକ୍ରିୟା ଭିଡିଓ କ୍ଲିପ୍ ଦେଖିବା ସହ ତାହାର ପ୍ରକ୍ରିୟା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ସେହିପରି ଜୁଡିସିଆଲ ଏକାଡେମୀରେ ବିଚାରପତି ଅରିନ୍ଦମ ସିହ୍ନାଙ୍କ ସହ ବିଚାର ପ୍ରକ୍ରିୟା ସମ୍ପର୍କରେ କଥୋପକଥନ କରିଥିଲେ। ଏହି ସମୟରେ ଛାତ୍ରୀଛାତ୍ରମାନେ ନ୍ୟାୟିକ ପ୍ରକ୍ରିୟା ସମ୍ପର୍କରେ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପିଲାମାନଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି ନିମନ୍ତେ ଅନ୍ତର୍ଦୃଷ୍ଟିର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସିହ୍ନା ପରାମର୍ଶ ଦେଇଥିଲେ।

## ପୋଷା କୁକୁରକୁ ମାରିଦେବା ଘଟଣା, ଥାନାରେ ମାମଲା ରୁଜୁ

କଟକ ସଦର, ୧୦।୯(ଡି.ଏନ୍.ଏ.)

କିଶନନଗର ଥାନା ଅନ୍ତର୍ଗତ ବାରଦା ପଞ୍ଚାୟତ ଚାଞ୍ଚପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ପୋଷା କୁକୁରକୁ ଗୁଳି କରି ହତ୍ୟା କରାଯାଇଥିବା ଶୁକ୍ରବାର ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏ ନେଇ ଶନିବାର ଥାନାରେ ଏକ ମାମଲା(ନଂ.୧୬୨/୨୨) ରୁଜୁ ହୋଇଛି। ଏଥିସହ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ କୁକୁରର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ଶୁକ୍ରବାର କୁକୁରଟି ପଡୋଶୀ ଘରକୁ ଯାଇ ପରିବାର ଲୋକଙ୍କୁ କାମୁଡ଼ିବାରୁ ତାକୁ ଗୁଳି କରି ହତ୍ୟା କରାଯାଇଥିବା ମାଲିକ ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ ସୁଦ୍ଧା ବନ୍ଧୁକ ଜବତ କରିପାରି ନଥିଲା। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ୨୦୨୪ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଲେ କେନ୍ଦ୍ରମନ୍ତ୍ରୀ

କଟକ ଅଫିସ,୧୦।୯

କେନ୍ଦ୍ର ସରକାର ଓଡ଼ିଶାବାସୀଙ୍କ ପାଇଁ ପ୍ରଚୁର ଅନୁଦାନ ଯୋଗାଉଛନ୍ତି। ବିଭିନ୍ନ ଯୋଜନାରେ ଦିଆଯାଉଥିବା ବିପୁଳ ଅର୍ଥ ଜନହିତକର କାର୍ଯ୍ୟ ପାଇଁ ଅଭୂତପୂର୍ବ ସୁଯୋଗ ସୃଷ୍ଟି କରିଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଶନିବାର କଟକ ସର୍କିଟ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ପରେ କଟକ ସଦର ବ୍ଲକ ଅଧୀନ ଜରିପଡାସ୍ଥିତ ଡିଭାଇନ୍ ପ୍ୟାଲେସ୍‌ରେ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। କଟକ ସଦର ସଙ୍ଗଠନ ସଭାପତି ପ୍ରକାଶ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ରାୟ ଯୋଗଦେଇ ୨୦୨୪ ନିର୍ବାଚନ ପାଇଁ ଦଳର କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବୁଥ୍ କମିଟି, ଶକ୍ତିକେନ୍ଦ୍ରଗୁଡ଼ିକୁ ଶତ ପ୍ରତିଶତ ପ୍ରସ୍ତୁତ କରି ଜନତାଙ୍କ ପାଖକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ପହଞ୍ଚାଇବାକୁ କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ପୀତାମ୍ବର ଆଚାର୍ଯ୍ୟ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ମଲ୍ଲିକ, ଲୋକସଭା ପ୍ରଭାରୀ ପ୍ରତାପ ମିଶ୍ର, ସଂଯୋଜକ ସୁକାନ୍ତ ବିଶ୍ୱାଳ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଧାକୁଲେଇ ମଣ୍ଡପରେ ସଂଯୁକ୍ତ ମୋର୍ଚ୍ଚାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ରାୟ ଯୋଗଦେଇ ଦଳର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ନୂତନ ମତଦାତାଙ୍କୁ ଭାଜପାରେ ସାମିଲ କରାଇ ମୋର୍ଚ୍ଚାଗୁଡିକର କଳେବର ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଗସ୍ତ ପରିପ୍ରେକ୍ଷୀରେ ମନ୍ତ୍ରୀ ରାୟ ପୂର୍ବାହ୍ନରେ କଟକ ଚଣ୍ଡୀଙ୍କ ଦର୍ଶନ କରିଥିଲେ। ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ମହାପାତ୍ର ଓ ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାସଙ୍କ ନେତୃତ୍ୱରେ ମହିଳାମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମନ୍ତ୍ରୀ ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମୀଧର ପ୍ରଧାନ, କର୍ପୋରେଟର ଗଗନ ଓଝା ଓ ଲକ୍ଷ୍ମୀଧର ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ମନ୍ତ୍ରୀଙ୍କୁ ନେତାଜୀ ସଂଗ୍ରହାଳୟ ପରିସର ବୁଲାଇଥିଲେ। କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବସ୍ତ୍ର, ସାଧାରଣ ସମ୍ପାଦକ ବୈଦେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ମିଶ୍ର ଓ ବିବେକାନନ୍ଦ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସହ ଦଳୀୟ କର୍ମୀମାନେ ।

# କେମିକାଲ କମ୍ପାନୀ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବାଙ୍କୀ,୧୦।୯(ସ୍ୱ.ପ୍ର.)

- ପରିବେଶ ଉପରେ କୁପ୍ରଭାବ ପକାଇବ
- ନିର୍ମାଣ କାର୍ଯ୍ୟ ସ୍ଥଗିତ

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ପଞ୍ଚାୟତର ନୂଆସାହି ଅଞ୍ଚଳରେ ଏକ କେମିକାଲ କମ୍ପାନୀ ନିର୍ମାଣ କାର୍ଯ୍ୟକୁ ଶନିବାର ଅଞ୍ଚଳବାସୀ ବିରୋଧ କରିଛନ୍ତି। ପ୍ରଶାସନ ପକ୍ଷରୁ ଜନଶୁଣାଣି କରା ନ ଯାଇ ଏଠାରେ ଉକ୍ତ ଘରୋଇ କମ୍ପାନୀ ନିର୍ମାଣ କରିବାକୁ ଅନୁମତି ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ତହସିଲ କର୍ମଚାରୀ ଓ ବାଙ୍କୀ ପୋଲିସ ସହ ସ୍ଥାନୀୟ ଲୋକେ ମୁହାଁମୁହିଁ ହୋଇଥିଲେ। ନୂଆସାହି ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଏଭଳି କମ୍ପାନୀ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ଗଢି ଉଠିଲେ ତାହାର ପ୍ରଭାବ ଜନସାଧାରଣଙ୍କ ସମେତ ଶହ ଶହ ହେକ୍ଟରରେ ହୋଇଥିବା ଡାଲୁଅ ଧାନ ଚାଷ ଉପରେ ପଡ଼ିବାର ଆଶଙ୍କା ରହିଛି।



ତହସିଲ ପ୍ରଶାସନ ସହିତ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ନିକଟରେ ଥିବା ଚନ୍ଦକା -ଡମପଡା ଅଭୟାରଣ୍ୟ ଉପରେ ତାହାର ପ୍ରଭାବ ମଧ୍ୟ ପଡିବ ବୋଲି ପରିବେଶବିତ୍‌ମାନେ ମତ ପୋଷଣ କରିଥିଲେ। ଏନେଇ କମ୍ପାନୀ ତିଆରି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ଅନ୍ୟତ୍ର ସୁରକ୍ଷିତ ସ୍ଥାନରେ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେମାନେ କହିଛନ୍ତି, କମ୍ପାନୀ ନିର୍ମାଣ ହେଲେ ପରିବେଶ ଉପରେ ଏହାର କୁପ୍ରଭାବ ପଡିବ। ଏହାଦ୍ୱାରା ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବାଆଁରା, ଭଗିପୁର , ମୁଣ୍ଡଳୀ ଆଦି ପଞ୍ଚାୟତର ଜନସାଧାରଣ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବେ।

ଅପରପକ୍ଷେ କମ୍ପାନୀ ନିର୍ମାଣ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ସେଠାରେ ୩ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ମାତ୍ର ଅଞ୍ଚଳବାସୀଙ୍କ ବିରୋଧ ପରେ ଏହି କାର୍ଯ୍ୟ ସ୍ଥଗିତ ହୋଇଯାଇଛି। ଏସମ୍ପର୍କରେ ତହସିଲ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବାକୁ ଦାବି କରାଯାଇଛି। ଏନେଇ ପ୍ରଶାସନ ପକ୍ଷରୁ ୨ ଦିନ ମହଲତ ନିଆଯାଇଛି।

## ସଂକ୍ଷେପରେ

### ବଟି ଆଦାୟ ଅଭିଯୋଗରେ ୩ ଗିରଫ

ପୁରୀ ଅଫିସ,୧୦।୯- ବାସେଳି ସାହି ଥାନା ଅଞ୍ଚଳରେ ବଟି ଆଦାୟ କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ୩ଜଣ ଅଭିଯୁକ୍ତକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ସେହି ଥାନା ଅନ୍ତର୍ଗତ ଲୋକନାଥ ଘାଟର ବାବୁନି ଭୋଇ (୨୫), ଜିବରାମଜୀ ପଲ୍ଲିର ପାପୁଡି ଦାସ ଓରଫ ବାସୁ (୩୦) ଏବଂ ନାରାୟଣ ଦାସ (୨୨)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଛୁରି, ଗୋଟିଏ ଲାଠି ଓ ନଗଦ ୪ଶହ ଟଙ୍କା ଜବତ କରିଛି। ଏ ନେଇ ପୋଲିସ କେସ ନଂ. ୨୧୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନାନୁଯାୟୀ, ଛପନ ଛକ ନିକଟରେ ଗତ କିଛିଦିନ ହେବ ବିଭିନ୍ନ ଦୋକାନୀ, ପର୍ଯ୍ୟଟକଙ୍କ ଗାଡି, ଶ୍ରଦ୍ଧାଳୁମାନଙ୍କଠାରୁ କେତେଜଣ ଯୁବକ ମାରଣାସ୍ତ୍ର ଦେଖାଇ ବଟି ଆଦାୟ କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପ୍ରାଥମିକ ତଦନ୍ତ ପରେ ଅଭିଯୁକ୍ତମାନେ ବଟି ଆଦାୟ କଥା ସ୍ୱୀକାର କରିଥିଲେ।

### ବିଜେଡିର ମାରାଥନ ବୈଠକ

ଅସ୍ତରଙ୍ଗ,୧୦।୯(ଡି.ଏନ୍.ଏ.): ଆସନ୍ତା ୨୦୨୪ରେ ବିଜେଡିର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ଏବେଠାରୁ ବିଜେଡି ରୋଡ ମ୍ୟାପ ପ୍ରସ୍ତୁତ କରି ବ୍ଲକର ୧୫ ପଞ୍ଚାୟତରେ ମାରାଥନ କର୍ମୀ ବୈଠକ କରିବା ଆରମ୍ଭ କରିଛି। ଗାଁ ଗାଁରେ ବୈଠକ କରି କ୍ରୀଡା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଉଛନ୍ତି। ପଞ୍ଚାୟତରେ ନେତା, କର୍ମୀ, ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଦୁଇ ଜିଲା ପରିଷଦ ସଭ୍ୟ, ଯୁବ ଓ ଛାତ୍ର ଜନତା କର୍ମକର୍ତ୍ତାଙ୍କୁ ନେଇ ବୈଠକ କରାଯାଉଛି। ବିଭିନ୍ନ ଯୋଜନାରେ ଗ୍ରାମର ବିକାଶ, ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପ ପାଇଁ ଆର୍ଥିକ ମଞ୍ଜୁରୀ, ସ୍ମାର୍ଟ ବିଦ୍ୟାଳୟ ଯୋଜନାରେ ବିଦ୍ୟାଳୟ ନବୀକରଣ, ସ୍କୁଲ କଲେଜର ଭିତ୍ତିଭୂମିର ବିକାଶ ସମ୍ପର୍କରେ ଅବଗତ କରାଇବା ସହ ସ୍ୱଚ୍ଛ ଶାସନର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଉଛନ୍ତି। ସରିପୁର, ଛୁରିଅନା, ଝାଡ଼ଲିଙ୍ଗ, କେନ୍ଦ୍ରାପାଟି, ଶିଶୁଅ ପ୍ରଭୃତି ପଞ୍ଚାୟତରେ ହଜାର ହଜାର କର୍ମୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗକୁ ମଧ୍ୟ ଅସ୍ତରଙ୍ଗ, ତାଳଦା, ନଈଗୁଆଁ, ଆଲଙ୍ଗପୁର, ଆଳସାହି, ନଗର, ପାଟଳଦା, ମାଣ୍ଡୁକି, ନୂଆଗଡ, କୋରଣା ଆଦି ପଞ୍ଚାୟତରେ ବୈଠକ ହେବ ବୋଲି ମନ୍ତ୍ରୀ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ବୈଠକରେ ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳ, ବିଜେଡି ସଭାପତି ପ୍ରଶାନ୍ତ ନାୟକ, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁ, କୁଞ୍ଜବିହାରୀ ପ୍ରଧାନ, ପୁରନ୍ଦର ମହାନ୍ତି, ସରପଞ୍ଚ ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ମାର୍ଟ ବିଦ୍ୟାଳୟ ପରିଦର୍ଶନ କଲେ ଜିଲା ଶିକ୍ଷା ଅଧିକାରୀ

କୃଷ୍ଣପ୍ରସାଦ,୧୦।୯(ଡି.ଏନ୍.ଏ.): ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ୍ କୃଷ୍ଣପ୍ରସାଦ ବ୍ଲକର ସ୍ମାର୍ଟ ବିଦ୍ୟାଳୟ ପରିଦର୍ଶନ କରି ଶୈକ୍ଷିକ ବାତାବରଣ ପରଖିଛନ୍ତି। ରୂପାନ୍ତରୀକରଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା



ନାରାୟଣ ବିଦ୍ୟାପୀଠ, ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ, କମଳେଶ୍ୱର ବିଦ୍ୟାପୀଠ, ସାନସୀମା ହାଇସ୍କୁଲ, ମାଲୁଦ ଉଚ୍ଚ ବିଦ୍ୟାଳୟ, ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ଆଦି ଘୋଷ୍ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶର ସ୍ଥିତି ପରଖିଥିଲେ। ମାଲୁଦ ବାଲିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ସହିତ ନିଜର ଅଧ୍ୟାପନା ଜୀବନର ଅନୁଭୂତି ବାଣ୍ଟିଥିଲେ। ୫-ଟି ଯୋଜନାରେ ନିର୍ମାଣ ହେଉଥିବା ବିଦ୍ୟାଳୟଗୁଡ଼ିକର ପରିଚାଳନା କମିଟି ଏବଂ ସ୍ଥାନୀୟ ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର, ବିଆର୍‌ସିସି ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ବାଲିରେ କଂକ୍ରିଟ ଉପରେ ପଡୁଛି ପେଭର ବ୍ଲକ୍

■ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନି
■ ଯାଞ୍ଚ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି

ପୁରୀ ଅଫିସ,୧୦।୯:

ସହରର ଗଳିକନ୍ଦି ରାସ୍ତାଗୁଡ଼ିକୁ ଏବେ ଉନ୍ନତଧରଣର କଂକ୍ରିଟ ରାସ୍ତା କରାଯାଉଛି। ଯାହାଦ୍ୱାରା ଡ୍ରେନ ପାଣି ସହଜରେ ନିଷ୍କାସନ ହୋଇପାରିବ। ହେଲେ ପ୍ରଶାସନ ପକ୍ଷରୁ କରାଯାଉଥିବା ଏହି ରାସ୍ତାଗୁଡ଼ିକରେ କଂକ୍ରିଟ୍ ନ ଥିବା ସ୍ଥାନରେ ମଧ୍ୟ ପେଭର ବ୍ଲକ୍ ପକାଉଛି। ଉଭୟ ପୂର୍ତ୍ତ ଓ ପୌରସଂସ୍ଥା ପକ୍ଷରୁ ଏହି କାର୍ଯ୍ୟ କରାଯାଉଛି। ବଡ଼ଦାଣ୍ଡ ସଂଲଗ୍ନ ଗଳିକନ୍ଦିଠାରୁ ଆରମ୍ଭ କରି ସହରର ବଳିଆପଣ୍ଡା ଓ ପେଣ୍ଠକଟା ଭଳି ସ୍ଥାନରେ ମଧ୍ୟ ପେଭର ବ୍ଲକ୍ ପକାଇବା ନେଇ ପୁରୀ ମ୍ୟୁନିସିପାଲିଟି ଯୋଜନା କରିଛି। ବିଶେଷ ଭାବେ ପୁରୀ ସହରର ଡ୍ରେନେଜ୍ ସମସ୍ୟାର ସମାଧାନ ଦିଗରେ ପେଭର୍ ବ୍ଲକ୍ ବିଶେଷ ସହାୟକ ହେବ ବୋଲି ପ୍ରଶାସନ ଆକଳନ କରୁଛି। ମାତ୍ର ପେଭର ବ୍ଲକ୍‌କୁ ବ୍ୟବସ୍ଥିତ ଢଙ୍ଗରେ ପକାଯାଉ ନ ଥିବା ହେତୁ ଭବିଷ୍ୟତରେ ଏନେଇ ଉତ୍କଟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

ସହରର ଡ୍ରେନେଜ୍ ବ୍ୟବସ୍ଥା ଏବେ ଅଚଳ ହୋଇପଡ଼ିଛି। ଏଭଳି ସ୍ଥଳରେ ବର୍ଷା ଜଳକୁ କିଭଳି ଭାବେ ମାଟି ସହଜରେ ଶୋଷିନେବ ସେନେଇ ପୌରସଂସ୍ଥାର ପେଭର ବ୍ଲକ ପକାଇବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଭଳି ଦେଖାଯାଉ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା କଂକ୍ରିଟ ହେବା ଫଳରେ ପାଣି ମାଟି ତଳକୁ ଯାଇପାରୁ ନାହିଁ। ଅପରପକ୍ଷେ ନଳାରେ ଜଳ ନିଷ୍କାସନ ହୋଇପାରୁ ନ ଥିବା ହେତୁ ପାଣି ରାସ୍ତାରେ ଜମି ରହୁଛି। ମାତ୍ର ପେଭର ବ୍ଲକ୍ କ୍ଷେତ୍ରରେ ମାଟି ସହଜରେ ପାଣି ଶୋଷିପାରେ। ପ୍ରଥମେ ବାଲିର ଏକ ସ୍ତର କରାଯାଇ, ଏହା ଉପରେ ପେଭର ବ୍ଲକ୍ ପଡ଼େ। ଫଳରେ ମାଟି ପେଭର ବ୍ଲକ୍ ଦେଇ ବାଲିକୁ ଚାଲିଯାଏ। ବାଲି ଦେଇ ମାଟି ପାଣିକୁ ଶୋଷିନିଏ। ମାତ୍ର ପୁରୀ ସହରର ଅଧିକାଂଶ ସ୍ଥାନରେ ପୁରୁଣା କଂକ୍ରିଟ ଉପରେ ହିଁ ପେଭର ବ୍ଲକ୍ ପକାଇଦିଆଯାଉଛି। କଂକ୍ରିଟ ଉପରେ ପେଭର ବ୍ଲକ୍ ପଡ଼ିବା ଫଳରେ ପାଣି ପେଭର ବ୍ଲକ ଦେଇ କଂକ୍ରିଟ ଯାଏଁ ପହଞ୍ଚୁଥିଲେ ମଧ୍ୟ କଂକ୍ରିଟ ଦେଇ ମାଟି ତଳକୁ ଯିବା ସମ୍ଭବପର ହେଉନାହିଁ। ଫଳରେ ପେଭର୍ ବ୍ଲକ୍ ନିଜର ମୁଖ୍ୟ



ବିନା ବାଲିରେ ପଡିଥିବା ପେଭର ବ୍ଲକ୍ ।

ଉଦ୍ଦେଶ୍ୟ ସାଧନ କରିପାରୁନାହିଁ ବୋଲି ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି। ସେହିଭଳି କାର୍ଯ୍ୟଭାର ନେଇଥିବା ଠିକାଦାରମାନଙ୍କ ଅବହେଳା କାରଣରୁ ଏଭଳି ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି।

ଏ ନେଇ ସ୍ଥାନୀୟ ବାସିନ୍ଦା ଚିରଞ୍ଜୀବୀ ପରିଡ଼ା କହିଛନ୍ତି, ବାଲି ଦର ବଢ଼ିବା ଫଳରେ ଠିକାଦାରମାନେ ଶସ୍ତାରେ କାର୍ଯ୍ୟ ସାରିବା ପାଇଁ ବିନା ବାଲିରେ ପେଭର ବ୍ଲକ୍ ପକାଉଛନ୍ତି। ସେହିଭଳି କେଉଁ ସ୍ଥାନରେ ପେଭର ବ୍ଲକ୍ ପଡ଼ିବା କଥା ଓ କେଉଁ ସ୍ଥାନରେ ପେଭର ବ୍ଲକ୍ ପଡ଼ିବା ଉଚିତ ନୁହେଁ ସେନେଇ ମଧ୍ୟ ଧ୍ୟାନ ଦିଆଯାଉ ନାହିଁ। ଅନେକ ସ୍ଥାନରେ ପିଚୁ ଓ କଂକ୍ରିଟ ରାସ୍ତା ଏବେ ମଧ୍ୟ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ପେଭର୍ ବ୍ଲକ୍ ପଡ଼ିବା ଆବଶ୍ୟକ। ଫଳରେ ପାଣି ରାସ୍ତାରୁ ଗଡ଼ି ଦୁଇ ପାର୍ଶ୍ୱରେ ପଡ଼ିବ। ପେଭର ବ୍ଲକ୍‌ରେ ପାଣି ପଡ଼ିଲେ, ମାଟିକୁ ପାଣି ଯିବା ସହଜ ହେବ। ଏଭଳି ବୈଷୟିକ ଦିଗ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। କେଉଁଠାରେ ରାସ୍ତାର ଉଚ୍ଚତା କେତେ ଓ ରାସ୍ତାକୁ ନିଚ୍ଚା ରଖି ପେଭର ବ୍ଲକ୍ ସ୍ଥାନକୁ ଉଚ୍ଚା କରାଯିବା ଦିଗରେ ଧ୍ୟାନ ଦିଆଯିବା ଦରକାର। ସମ୍ପ୍ରତି ବାଲି ଦର ଅଧିକ ଥିବା ହେତୁ ଠିକାଦାରମାନେ ଏଭଳି ଠକେଇ କରିଥାଇପାରନ୍ତି। ତେଣୁ ବାଲି ଦର ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ପ୍ରଶାସନ କାର୍ଯ୍ୟ ଉପରେ ରହିତାଦେଶ ଲଗାଇଦିଅନ୍ତୁ। ଅନ୍ୟପକ୍ଷରେ ପୁରୀ ସହରରେ ୧୫ରୁ ଊର୍ଦ୍ଧ୍ୱ ସାହି ଗଳିକନ୍ଦିଠାରୁ ଆରମ୍ଭ କରି ରେଡକ୍ରସ୍ ରୋଡ୍ ଭଳି ପ୍ରମୁଖ ସ୍ଥାନରେ ସମ୍ପ୍ରତି ପେଭର ବ୍ଲକ୍ ପକାଯାଉଛି। ଜଳକୁ ମାଟି ତଳକୁ ରାସ୍ତା ଦେବା ପାଇଁ ଏହା ଏକ ଭଲ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସୁବ୍ୟବସ୍ଥିତ ଢଙ୍ଗରେ ଏହାକୁ କାର୍ଯ୍ୟକାରୀ କରାଯାଇ ନ ପାରିଲେ, କୌଣସି ମୂଲ୍ୟ ନାହିଁ ବୋଲି ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ପେଭର ବ୍ଲକ୍ ପକାଯାଉଥିବା ସ୍ଥାନକୁ ମ୍ୟୁନିସିପାଲିଟିର ଟିମ୍ ସମୟ ସମୟରେ ଯାଞ୍ଚ କରୁଛନ୍ତି। କଂକ୍ରିଟ୍ ଉପରେ ପେଭର ବ୍ଲକ୍ ପକାଯାଉଥିବା ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

କଣାସ,୧୦।୯(ସ୍ୱ.ପ୍ର.): ଓଡ଼ିଶା ରାଜ୍ୟ ସେଣ୍ଟଜନ୍ ଆମ୍ବୁଲାନ୍‌ସ ଅଧ୍ୟକ୍ଷ ସନତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶନିବାର କଣାସ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏଥିରେ କଣାସ ମଣ୍ଡଳ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ବିଶ୍ୱରଞ୍ଜନ ଜେନା, ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ଚୌଧୁରୀ, ଆମ୍ବୁଲାନ୍‌ସ ଅଫିସର ସମୀର ସୁନ୍ଦରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନର ସମାଜରେ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱ ଉପରେ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ବିଭୂତି ଭୂଷଣ ମହାପାତ୍ର, ଶିଶିର ମହାନ୍ତି, ସୂର୍ଯ୍ୟକାନ୍ତ ନାୟକ, ସୁଲେଖା ମହାପାତ୍ର, ବିଭୂତି ଭୂଷଣ ରାଉତ, ଜିତେନ୍ଦ୍ର ପେଣ୍ଢୋଇ, ସନ୍ତୋଷ ବେହେରା, ବାସନ୍ତୀ ଆଚାର୍ଯ୍ୟ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଥମିକ ଚିକିତ୍ସା ବିଷୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସିରେଇ ଗ୍ରାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନର ସେଣ୍ଟଜନ୍ ଆମ୍ବୁଲାନସ୍ ଡିଭିଜନ ପ୍ରଶିକ୍ଷକ ବାଳକୃଷ୍ଣ ସାହା ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଇନ୍ଦୁପୂର୍ଣ୍ଣିମା ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ପୁରୀର ଗୋବର୍ଦ୍ଧନ ମଠକୁ ଯାଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟୁଛନ୍ତି ।

## ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୦।୯(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିଥିଭାବେ ଅଙ୍ଗନୱାଡି କର୍ମୀ କବିତାରାଣୀ ବିଶ୍ୱାଳ, ସହାୟିକା ରେବତୀ ସାହୁ, ମାତୃ କମିଟି ସଦସ୍ୟା ମମତା ତରେଇ, ଯାଞ୍ଚ କମିଟି ସଦସ୍ୟ ସଞ୍ଜୀୟ କୁମାର ବାରିକ, ଦିଗମ୍ବର ପଲେଇଙ୍କ ସମେତ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକା ଯୋଗଦେଇଥିଲେ। ସବୁଜ ପନିପରିବା ଖାଇବା ଦ୍ୱାରା ପିଲାମାନଙ୍କର ଶରୀର ବୃଦ୍ଧି ହେବା ସହିତ ସୁସ୍ଥ ସବଳ ହୋଇ ଜ୍ଞାନରେ ମଧ୍ୟ ଉନ୍ନତି ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ପୋଷଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ପଞ୍ଚାୟତସ୍ତରରେ ଆୟୋଜନ କରାଯିବ ବୋଲି କୃଷ୍ଣପ୍ରସାଦ ସିଡିପିଓ ମନୋରମା ଦେବୀ କହିଛନ୍ତି।

# ପୁରୀ ପ୍ରଶାସନ ଟୁଇଟର୍ ଆକାଉଣ୍ଟ ହ୍ୟାକ୍

ପୁରୀ ଅଫିସ,୧୦।୯:

ପୁରୀ ପ୍ରଶାସନର ଟୁଇଟର୍ ଆକାଉଣ୍ଟ







'ପୁରୀ ଅଫିସିଆଲ'କୁ ହ୍ୟାକରମାନେ ହ୍ୟାକ କରିନେଇଥିଲେ। ଏହି ଆକାଉଣ୍ଟକୁ ହ୍ୟାକ କରି ପ୍ରୋଫାଇଲ ଫଟୋ ସହ ନାମ ମଧ୍ୟ ବଦଳାଇ ଦେଇଥିଲେ। ପୂର୍ବରୁ ଏହି ଟୁଇଟର୍ ଆକାଉଣ୍ଟଟି 'ପୁରୀ ଅଫିସିଆଲ' ନାମରେ ଥିବାବେଳେ ଏହାକୁ 'ୟିନ ୟାଙ୍ଗ ଗ୍ୟାଙ୍ଗ' କରିଦେଇଥିଲେ। ଏଥିସହ ବିଭିନ୍ନ ପ୍ରକାରର କାର୍ଟୁନ ଫଟୋ ପୋଷ୍ଟ କରି ଲୋକଙ୍କୁ ଆକର୍ଷିତ କରାଉଥିଲେ। ଜିଲା ପୋଲିସ ପକ୍ଷରୁ ଶନିବାର ଏହି ଆକାଉଣ୍ଟକୁ ହ୍ୟାକରମାନଙ୍କ କବଳରୁ ରକ୍ଷା କରିବାକୁ ଚେଷ୍ଟା କରାଯାଇ ରାତିରେ ଆକାଉଣ୍ଟଟି ହ୍ୟାକରମୁକ୍ତ ହୋଇପାରିଛି। ଟୁଇଟର୍ ପକ୍ଷରୁ ଏହି ସରକାରୀ ଆକାଉଣ୍ଟକୁ ଭେରିଫାଏଡ ହୋଇଥିଲେ ବି ଆକାଉଣ୍ଟ ହ୍ୟାକ ହୋଇଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଯଦି ଭେରିଫାଏ ଆକାଉଣ୍ଟ ସୁରକ୍ଷିତ ନାହିଁ ତେବେ ଟୁଇଟରେ ଅନ୍ୟମାନଙ୍କ ଆକାଉଣ୍ଟ କିଭଳି ସୁରକ୍ଷିତ ବୋଲି ସାଧାରଣଲୋକେ ପ୍ରଶ୍ନ କରିଛନ୍ତି। ପୁରୀ ଅଫିସିଆଲ ଟୁଇଟର୍ ଆକାଉଣ୍ଟରେ ଏବେ ୧୦୯ ହଜାର ଫଲୋଅର୍ସ ଥିବାବେଳେ ୧୧୮ଜଣଙ୍କୁ ଏହି ଆକାଉଣ୍ଟରୁ ଫଲୋ କରାଯାଇଛି।

## ଗାୟକ ମାର୍କଣ୍ଡ ବାହିନୀପତିଙ୍କ ଶତବାର୍ଷିକୀ

କଣାସ,୧୦।୯(ସ୍ୱ.ପ୍ର.):

ଗାୟକ ବିଶାରଦ ମାର୍କଣ୍ଡ ବାହିନୀପତିଙ୍କ ଶତବାର୍ଷିକ ଶନିବାର କଣାସ ବ୍ଲକର ଦୋଛିଆଁଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅଜୟ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବକୁ କବି କାଶୀନାଥ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ପାଲା ଗାୟକ ଚକ୍ରଧର ବାରିକ, ନିରଞ୍ଜନ ବାହିନୀପତି, ରବୀନ୍ଦ୍ର ସାମନ୍ତରାୟ, ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାହିନୀପତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପଲ୍ଲିପଲ୍ଲଭ ସାହିତ୍ୟ ସଂସଦ ପକ୍ଷରୁ ପ୍ରତିବର୍ଷ ଏହି ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ସଂସଦ ସଭାପତି ମୃତ୍ୟୁଞ୍ଜୟ ଦକ୍ଷିଣରାୟ, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂସଦର ୩ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଅଭିଭାବକ ଯତ୍ନଶୀଳ ହୁଅନ୍ତୁ



ବୈଠକରେ ଉପସ୍ଥିତ ଶିକ୍ଷକ ଓ ଅଭିଭାବକ ।

### ଅଭିଭାବକ, ଶିକ୍ଷକ ବୈଠକ

ପିପିଲି,୧୦।୯(ଡି.ଏନ୍.ଏ.):

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଶନିବାର ଜବାହର ବିଦ୍ୟାପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୀତବାସ ସେଠୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏବଂ ସମସ୍ତ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଶିକ୍ଷକ ସାରଦା ପ୍ରସାଦ ମହାନ୍ତି ଏବଂ ଶାନ୍ତିଲତା ସାହୁ ସରକାରଙ୍କ ୫-ଟି ଯୋଜନା ସମ୍ବନ୍ଧରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ନବନିର୍ମିତ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରି, ସ୍ମାର୍ଟ ବିଜ୍ଞାନ ପରୀକ୍ଷାଗାର ଓ ପରିମଳ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ଓ ବୌଦ୍ଧିକ ବିକାଶ ଦିଗରେ ସ୍ମାର୍ଟ ସ୍କୁଲର ଭୂମିକା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ପାଇଁ ଅଭିଭାବକମାନେ ଯତ୍ନଶୀଳ ହେବାକୁ ସାମାଜିକ କର୍ମୀ ଜବାର୍ ଖାଁ ପରାମର୍ଶ ଦେଇଥିଲେ। ଅଭିଭାବକ ଅଧିକ ସଂଖ୍ୟାରେ ବିଦ୍ୟାଳୟ ସହ ଜଡ଼ିତ ରହି ବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅଭିଭାବକ କମିଟି ସଭାପତି ପର୍ଶୁରାମ ପ୍ରଧାନ ଅନୁରୋଧ କରିଥିଲେ। ଶିକ୍ଷକ ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ

ପୁରୀ ଅଫିସ,୧୦।୯

୫-ଟି ସଚିବ ଭି.କେ.ପାଣ୍ଡିଆନ ଶନିବାର ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଓ ପୁରୀ ସହରର ବିକାଶ ଦିଗରେ ୫-ଟି ସଚିବଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ରହିଛି। ପୂର୍ବ ଅପେକ୍ଷା ଅଧିକରୁ ଅଧିକ ଭକ୍ତ ଏବେ ପୁରୀକୁ ଆସି ସୁରୁଖୁରୁରେ ଦର୍ଶନ କରି ଫେରୁଛନ୍ତି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଦୃଷ୍ଟିରେ ରଖି ସୌଜନ୍ୟମୂଳକ ଭାବେ ପାଣ୍ଡିଆନଙ୍କୁ ସାମାଜିକ ଅନୁଷ୍ଠାନ ଟୁଇଟର ଅଫ୍ ଆସୋସିଏଶନର ସଦସ୍ୟ ସନ୍ଦୀପ ମହାପାତ୍ର, ସତ୍ୟନାରାୟଣ ସାହୁ ଓ ବିପିନ ମହାନ୍ତି ଭେଟିଛନ୍ତି। ୫-ଟି ସଚିବଙ୍କୁ ଅନୁଷ୍ଠାନ ପକ୍ଷରୁ ପାଣ୍ଡିଆନଙ୍କ ପ୍ରତିଛବି ଥିବା କାନଭାସ ଉପହାର ପ୍ରଦାନ କରିଛନ୍ତି। ଏହି ପ୍ରତିଛବିଟିକୁ ଅନୁଷ୍ଠାନର ସଦସ୍ୟା ଦିବ୍ୟଜ୍ୟୋତି ମାର୍ଥା ପ୍ରସ୍ତୁତ କରିଛନ୍ତି।



ପୁରୀର ଟୁଇଟର ଅଫ୍ ଆସୋସିଏଶନ ପକ୍ଷରୁ ୫-ଟି ସଚିବଙ୍କୁ ଫଟୋଚିତ୍ର ଦିଆଯାଉଛି ।

# ଓଡ଼ିଶାର ଅର୍ଥନୀତି ଉପରେ ଅନ୍ତର୍ଜାତୀୟ ସେମିନାର

### ଏସ୍‌ସିଏସ୍ କଲେଜରେ ଦ୍ୱିଦିବସୀୟ ସେମିନାର

ପୁରୀ ଅଫିସ,୧୦।୯

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଅର୍ଥନୀତି ବିଭାଗ ତରଫରୁ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ସେମିନାର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସେମିନାରରେ ''ଓଡ଼ିଶାର ଅର୍ଥନୀତି'' ବିଷୟ ଉପରେ ବିଶିଷ୍ଟ ଅର୍ଥନୀତିଜ୍ଞ ଓ ଗବେଷକମାନେ ନିଜର ଗବେଷଣାଲବ୍ଧ ପ୍ରବନ୍ଧ ପାଠକରି ଭବିଷ୍ୟତ ଓଡ଼ିଶାର ଅର୍ଥନୈତିକ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଛନ୍ତି। ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର ଏହି ପାଠଚକ୍ର ଉଦ୍‌ଘାଟନ କରିଥିଲେ। ପାଠଚକ୍ରରେ ମୁଖ୍ୟ ଅତିଥି ଭାବରେ ନବକୃଷ୍ଣ ଚୌଧୁରୀ ଗବେଷଣା ପ୍ରତିଷ୍ଠାନର ପ୍ରଫେସର କିଶୋର ଚନ୍ଦ୍ର ସାମଲ ଯୋଗଦେଇଥିବା ବେଳେ ବକ୍ତା ଓ ଗବେଷକ ଭାବରେ ଭୁବନେଶ୍ୱର ନାଇଜରର ଅର୍ଥନୀତି ପ୍ରାଧ୍ୟାପକ ଡ. ଅମରେନ୍ଦ୍ର ଦାଶ ଯୋଗଦେଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର କାର୍ତ୍ତିକ ପ୍ରସାଦ ଜେନା,




ସେମିନାରରେ ଯୋଗ ଦେଇଥିବା ଅତିଥିମାନେ ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି ।

ପ୍ରାଧ୍ୟାପକ ଡ.ସନ୍ଦୀପ ଚାନ୍ଦ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ଆଇଆଇଟି ତିରୁପତିର ସହ ପ୍ରଫେସର ଡ. ଚନ୍ଦ୍ରଶେଖର ବାହିନୀପତି ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ମାଥୁ ବିଶ୍ୱବିଦ୍ୟାଳୟ, ଇଥିଓପିଆର ପ୍ରଫେସର ଅକ୍ଷୟ କୁମାର ମହାନ୍ତି ଓଡ଼ିଶାର ଅର୍ଥନୀତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପାଠଚକ୍ରର ତୃତୀୟ ଅଧିବେଶନ ଡ.ଅମରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ହୋଇଥିଲା। ଏଥିରେ ନୂଆଦିଲ୍ଲୀର ପ୍ରଫେସର ସୌଦାମିନୀ ଦାଶ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିବା ବେଳେ ନାଇଜର ଗବେଷକ ସସ୍ମିତା ବେହେରା, ଲକ୍ଷ୍ମୀକାନ୍ତ ଗୁଆଲ ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଅତିଥିମାନେ ଏକ ମୁଖପତ୍ରକୁ ଉନ୍ମୋଚନ କରିଥିଲେ । ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଡ. ରୁବିୟା ପର୍‌ବିନ୍ ଓ ଶାଶ୍ୱତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅର୍ଥନୀତି ବିଭାଗର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ଥିଲେ।